୫୧
ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୮/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, December 18/2024 | Page 16 | ₹ 7.00
୫୧ଶ ଭାଗ ୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 25 | ମୂଲ୍ୟ ₹୭/-

# ଅଲିଭ୍ ରିଡ୍ଲେଙ୍କୁ ବାଉଁଶ ଟାୱାର ବିପଦ

ଗହୀରମଥାର ବିସ୍ତୃତ ବେଳାଭୂମିରେ ପ୍ରତିବର୍ଷ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ଅଲିଭ୍ ରିଡ୍ଲେଙ୍କ ଗଣ ଅଣ୍ଡାଦାନ ଅନେକଙ୍କୁ ଆକର୍ଷିତ କରିଥାଏ। ସାମୁଦ୍ରିକ ଅଭୟାରଣ୍ୟରେ ବିରଳ କଇଁଛଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରି ମାଛଧରା ଉପରେ ୭ ମାସ ପାଇଁ କଟକଣା ଜାରି କରାଯାଇଛି। ଏହାସତ୍ତ୍ୱେ ରାଜ୍ୟ ତଥା ବାହାର ମତ୍ସ୍ୟଜୀବୀ ଲୋଭରେ ଏଠାକୁ ମାଛ ଧରିବାକୁ ଆସୁଛନ୍ତି। ପୋଲିସ ଓ ବନ ବିଭାଗ କର୍ମଚାରୀ ପାଟ୍ରୋଲିଂ ପାଇଁ ଉପକୂଳକୁ ଯିବା ପୂର୍ବରୁ ମତ୍ସ୍ୟଜୀବୀଙ୍କୁ ସେମାନଙ୍କ ଗତିବିଧି ସମ୍ପର୍କରେ କେତେଜଣ ସ୍ଥାନୀୟ ଲୋକ ଗୁପ୍ତ ସୂଚନା ଦେଇ ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଛନ୍ତି। ଏହି ସୂଚନା ପ୍ରେରଣର ମାଧ୍ୟମ ପାଲଟିଛି ବାଉଁଶ ଟାୱାର। ବାଉଁଶରେ ଭେରି ହାଇ ଫ୍ରିକ୍ୱେନ୍ସି (ଭିଏଚ୍ଏଫ୍)ଯୁକ୍ତ ଟ୍ରାଞ୍ଜିଷ୍ଟର ଯନ୍ତ୍ର ଖଞ୍ଜି ତଥ୍ୟ ପ୍ରେରଣ କରାଯାଉଥିବାରୁ ପାଟ୍ରୋଲିଂ ସମ୍ପର୍କରେ ଆଗୁଆ ଜାଣିପାରି ମତ୍ସ୍ୟଜୀବୀମାନେ ସତର୍କ ହୋଇଯାଉଛନ୍ତି। ଫଳରେ ଅଧିକାରୀମାନେ ଉପକୂଳରୁ ସମୁଦ୍ରକୁ ଯାଇ ଖାଲିହାତରେ ଫେରୁଛନ୍ତି। ଏହା ଅଲିଭ୍ ରିଡ୍ଲେଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସହ ସାମୁଦ୍ରିକ, ଆଞ୍ଚଳିକ ଓ ଜାତୀୟ ନିରାପତ୍ତା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ପରିବେଶବିତ୍‌ମାନେ ସତର୍କ କରାଇଛନ୍ତି। ତେବେ ପୋଲିସ ପ୍ରଶାସନ କିମ୍ବା ବନବିଭାଗ ଏ ନେଇ ଟେର ନ ପାଇବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।





ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ କାର୍ଯ୍ୟାଳୟ ସଂଲଗ୍ନ ରଟପଙ୍କ ଗାଁରେ ଥିବା ବାଉଁଶ ଟାୱାର।

## ମତ୍ସ୍ୟଜୀବୀଙ୍କୁ ଗୁପ୍ତ ସୂଚନା ପଠାଉଛନ୍ତି ସ୍ଥାନୀୟ ଲୋକେ

ମହାକାଳପଡ଼ା, ୧୭।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥାରେ ଅଲିଭ୍ ରିଡ୍ଲେ କଇଁଛଙ୍କ ପାଇଁ ସାମୁଦ୍ରିକ ଅଭୟାରଣ୍ୟକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଅଲିଭ୍ ରିଡ୍ଲେ କଇଁଛଙ୍କ ଜୀବନ ପ୍ରତିବିପଦ ଆଶଙ୍କା କରି ୨୦୨୪ ନଭେମ୍ବର ୧ରୁ ୨୦୨୫ ମେ ୩୧ ପର୍ଯ୍ୟନ୍ତ ୭ ମାସ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଏହି ସମୟ ମଧ୍ୟରେ ମାଛ ଧରିବାକୁ ଟ୍ରଲର, ଡଙ୍ଗା ଓ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି। ହେଲେ ବ୍ଲକର ତନ୍ତିଆପାଳ, ରଟପଙ୍କ, ଶାସନପେଟା, ନରସିଂହପୁର ଓ ସୁନିତି ଗାଁର କେତେଜଣ ମତ୍ସ୍ୟଜୀବୀ ଓ ଗହୀରମଥା ରେଞ୍ଜ କାର୍ଯ୍ୟାଳୟରେ ଥିବା ଅସ୍ଥାୟୀ କର୍ମଚାରୀଙ୍କ ଘରେ ୨୦ରୁ ଊର୍ଦ୍ଧ୍ୱ ବାଉଁଶରେ ବେତାର ଯନ୍ତ୍ର ଖଞ୍ଜି ସେଥିରୁ ବାହାରକୁ ଗୁପ୍ତରେ ତଥ୍ୟ ଓ ବାର୍ତ୍ତା ପହଞ୍ଚାଯାଉଛି। ଟାୱାର ଭାବେ ବ୍ୟବହୃତ ଏହି ଉଚ୍ଚ କ୍ଷମତାସମ୍ପନ୍ନ ଯନ୍ତ୍ର ଜରିଆରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭୌଗୋଳିକ ଅବସ୍ଥିତିର ଟିକିନିଖି ଖବର ବାହାର ଅଞ୍ଚଳ ଟ୍ରଲରର ମତ୍ସ୍ୟଜୀବୀଙ୍କୁ ଜଣାଇ ଦିଆଯାଉଛି। ସେହିପରି ଟାୱାର ନିର୍ମାଣଠାରୁ ତନ୍ତିଆପାଳ ସାମୁଦ୍ରିକ ଥାନା ୧ କି.ମି. ଦୂରରେ ରହିଛି। ଏଥିରେ ପୋଲିସର ନୀରବତା ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ ଗୋଇନ୍ଦା ବିଭାଗ ପାଖରେ ମଧ୍ୟ କୌଣସି ସୂଚନା ନ ଥିବାରୁ ରାଜ୍ୟ ଓ ଦେଶ ପାଇଁ ବିପଦ ସୃଷ୍ଟି ହୋଇଛି। ଏହାକୁ ନେଇ ବନ ବିଭାଗ ଚିନ୍ତାରେ ପଡ଼ିଛି।

ସୂଚନାଯୋଗ୍ୟ, ଉପରୋକ୍ତ ୫ଟି ଗାଁର ପରିବାରର ୫୦୦ ମତ୍ସ୍ୟଜୀବୀ ବାଲେଶ୍ୱର, ଭଦ୍ରକ, ଦୀଘା, ପଶ୍ଚିମବଙ୍ଗ ଅଞ୍ଚଳ ଟ୍ରଲରରେ କାମ କରୁଛନ୍ତି। ନିଷିଦ୍ଧାଞ୍ଚଳ ମଧ୍ୟରେ କୌଣସି ଟ୍ରଲର ମାଛ ଧରୁଥିବା ସୂଚନା ପାଇ ବନ ବିଭାଗର ପାଟ୍ରୋଲିଂ ଟିମ୍ ସମୁଦ୍ରକୁ ଯିବାବେଳକୁ ଏମାନେ ଉକ୍ତ ☞ପୃଷ୍ଠା-୪

# ଲୋକ ସଭାରେ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍ ଆଗତ

■ 'ଏକଚ୍ଛତ୍ରବାଦ' କହିଲେ ବିରୋଧୀ
■ ଜେପିସିକୁ ପଠାଯିବ: ଶାହା

ନୂଆଦିଲ୍ଲୀ, ୧୭।୧୨ (ପି.ଟି.)

ଦେଶରେ ଏକସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ଲକ୍ଷ୍ୟରେ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍‌କୁ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମଙ୍ଗଳବାର ପାର୍ଲାମେଣ୍ଟର ନିମ୍ନ ସଦନରେ ଉପସ୍ଥାପନ କରିଛନ୍ତି। ତେବେ ବିପକ୍ଷ ଦଳଗୁଡ଼ିକ ଏହାକୁ ସଂଘବାଦ ଉପରେ ଆକ୍ରମଣ ଏବଂ ଏକଚ୍ଛତ୍ରବାଦ କହି ଦୃଢ଼ ବିରୋଧ କରିଥିଲେ। ଏହି ବିଲ୍ ରାଜ୍ୟଗୁଡ଼ିକ ଉପଭୋଗ କରୁଥିବା କ୍ଷମତାରେ ହସ୍ତକ୍ଷେପ କରିବ ନାହିଁ ବୋଲି ଜବାବରେ ମେଘୱାଲ କହିଥିଲେ।

ଲୋକ ସଭାରେ ପ୍ରାୟ ୯୦ ମିନିଟ୍‌ର ବିତର୍କ ଏବଂ ଡିଭିଜନ ଭୋଟ ପରେ ୧୨୯ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରାଯାଇଥିଲା। ଆବଶ୍ୟକ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଲ୍ ବିଫଳ ହୋଇଛି। ଗୃହରେ ମୋଟ ୪୬୧ ସଦସ୍ୟ ଉପସ୍ଥିତ ଥିବା କୁହାଯାଉଥିବାବେଳେ ବିଲ୍ ସପକ୍ଷରେ ୨୬୯ ସଦସ୍ୟ ଭୋଟ ଦେଇଥିଲେ। ତେବେ ବିଲ୍‌କୁ ୧୯୮ ସଦସ୍ୟ ବିରୋଧ କରିଥିଲେ। ବିଲ୍ ଗୃହୀତ ହେବା ପାଇଁ ଦୁଇ-ତୃତୀୟାଂଶ ଅର୍ଥାତ୍ ୩୦୭ ଜଣ ସଦସ୍ୟଙ୍କ ଆବଶ୍ୟକତା ରହିଛି। ନୂଆ ପାର୍ଲାମେଣ୍ଟରେ ପ୍ରଥମ ଥର ପାଇଁ ଇଲେକ୍ଟ୍ରୋନିକ୍ ଭୋଟିଂ ବ୍ୟବସ୍ଥା ଜରିଆରେ ଡିଭିଜନ ଭୋଟ ହୋଇଥିଲା।

| ଗୃହରେ ଉପସ୍ଥିତ ଥିଲେ | |
|---|---|
| ୪୬୭ | |
| ବିଲ୍ ପାରିତ ପାଇଁ ଆବଶ୍ୟକ | |
| ୩୦୭ ଭୋଟ | |
| ସପକ୍ଷରେ | ବିରୋଧରେ |
| ୨୬୯ | ୧୯୮ |

ବ୍ୟବସ୍ଥାପିକା ପ୍ରକ୍ରିୟା, ଦକ୍ଷତା ବୃଦ୍ଧି ଏବଂ ଭୋଟିଂରେ ସ୍ୱଚ୍ଛତା ପାଇଁ ଆଧୁନିକୀକରଣ ଦିଗରେ ଏହା ଏକ ଉଲ୍ଲେଖନୀୟ ପରିବର୍ତ୍ତନ ବୋଲି କୁହାଯାଉଛି।

ୱାନ୍ ନେଶନ, ୱାନ୍ ଇଲେକ୍ସନ ବିଲ୍ ସମେତ ଆଇନ ମନ୍ତ୍ରୀ ମେଘୱାଲ ପଣ୍ଡିଚେରୀ, ଦିଲ୍ଲୀ ଏବଂ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଲୋକ ସଭା ନିର୍ବାଚନ ସହ କରାଇବା ପାଇଁ କେନ୍ଦ୍ରଶାସିତ ଅଞ୍ଚଳ ସଂଶୋଧନ ବିଲ୍ ଆଗତ କରିଥିଲେ। ପ୍ରସ୍ତାବିତ ବିଲ୍‌ଗୁଡ଼ିକ ମୌଳିକ ଢାଞ୍ଚା ସିଦ୍ଧାନ୍ତ ଉପରେ ଆକ୍ରମଣ ନୁହେଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ବିଲ୍‌ଗୁଡ଼ିକ ସମ୍ବିଧାନ ଉପରେ ଆକ୍ରମଣ ଏବଂ ଗଣତନ୍ତ୍ରର ହତ୍ୟା ତଥା ଅଧିନାୟକବାଦ ଓ ଏକଚ୍ଛତ୍ରବାଦ ଆଣିବା ପାଇଁ ଉଦ୍ୟମ ବୋଲି ବିରୋଧୀ ଅଭିଯୋଗ କରିବା ସହ ତୁରନ୍ତ ପ୍ରତ୍ୟାହାର କରିନେବାକୁ ଦାବି କରିଥିଲେ। ଜୋରଦାର ବିରୋଧ ମଧ୍ୟରେ ବିଲ୍ ଉପରେ ଅଧିକ ବିଚାରବିମର୍ଶ ପାଇଁ ଏହାକୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇବା ପାଇଁ ସରକାର ପ୍ରସ୍ତୁତ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ବିଲ୍‌କୁ ଜେପିସିକୁ ପଠାଇବା ନିମନ୍ତେ ପରାମର୍ଶ ଦେଇଥିବାବେଳେ କେନ୍ଦ୍ର କ୍ୟାବିନେଟ ମଧ୍ୟ ଏହାକୁ ଅନୁମୋଦନ କରିଥିଲା। ଜେପିସିରେ ବିଚାରବିମର୍ଶ ପରେ ଗୃହରେ ପୁନର୍ବାର ଆଲୋଚନା କରାଯିବ ବୋଲି ଶାହା କହିଥିଲେ।

ବିପକ୍ଷ ଦଳଗୁଡ଼ିକରୁ ଏନ୍‌ସିପି (ଶରଦ ପାୱାର ଗୋଷ୍ଠୀ)ର ଏମ୍‌ପି ସୁପ୍ରିୟା ସୁଲେ, କଂଗ୍ରେସର ମନୀଷ ତିୱାରୀ, ତୃଣମୂଳ କଂଗ୍ରେସର କଲ୍ୟାଣ ବାନାର୍ଜୀ, ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ ଏବଂ ଡିଏମ୍‌କେର ଟି.ଆର୍. ବାଲୁ ପ୍ରମୁଖ ବିରୋଧର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସ୍ନୋ ପାଉଡର ଲଗାଅ ନାହିଁ

# ଜିଏ ଓଏସ୍‌ଡି ହେଲେ ବିଷ୍ଣୁପଦ

ଭୁବନେଶ୍ୱର, ୧୭।୧୨ (ଅନିଲ ଦାସ)

୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ସଚିବ ବିଷ୍ଣୁପଦ ସେଠୀଙ୍କୁ ରାଜ୍ୟ ସରକାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପ୍ରମୁଖ ସଚିବ ପଦବୀରୁ ହଟାଇ ଦେଇଛନ୍ତି। ତାଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ବଦଳି କରାଯାଇଛି।



ବିଷ୍ଣୁପଦ ସେଠୀ

ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତାଙ୍କ ନାମରେ ଟେଣ୍ଡର ଫିକ୍ସିଂ ଭଳି ମାମଲାରେ ଅଭିଯୋଗ ଆସିବା ପରେ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ☞ପୃଷ୍ଠା-୪

# ବିସ୍ଫୋରଣରେ ରୁଷିଆ ଜେନେରାଲ ନିହତ



ଇଗୋର କିରିଲୋଭ୍

ମସ୍କୋ, ୧୭।୧୨

ବୋମା ବିସ୍ଫୋରଣରେ ରୁଷିଆର ବରିଷ୍ଠ ଜେନେରାଲ ଇଗୋର କିରିଲୋଭ୍‌ଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ମସ୍କୋସ୍ଥିତ ତାଙ୍କ ଆପାର୍ଟମେଣ୍ଟ ବିଲ୍ଡିଂ ବାହାରେ ଏକ ସ୍କୁଟରରେ ଲୁଚାଇ ରଖାଯାଇଥିବା ବୋମା ବିସ୍ଫୋରଣ ହୋଇଥିଲା। ରୁଷିଆ ସେନାର ଆଣବିକ, ଜୈବ ଏବଂ ରାସାୟନିକ ସୁରକ୍ଷା ବଳର ମୁଖ୍ୟ ଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ କିରିଲୋଭ୍‌ଙ୍କ ବିରୋଧରେ ୟୁକ୍ରେନ୍‌ର ସୁରକ୍ଷା ସେବା ବିଭାଗ ଆପରାଧିକ ଅଭିଯୋଗ ଆଣିବାର ଦିନକ ପରେ ବିସ୍ଫୋରଣରେ ସେ ନିହତ ହୋଇଛନ୍ତି। ସିକ୍ରେଟ୍ ସର୍ଭିସ୍ ଏହି ଆକ୍ରମଣ କରାଇଥିବା ୟୁକ୍ରେନ୍‌ର ଜଣେ ଅଧିକାରୀ କହିଛନ୍ତି। କିରିଲୋଭ୍‌ଙ୍କ ସହାୟକ ମଧ୍ୟ ବିସ୍ଫୋରଣରେ ପ୍ରାଣ ହରାଇଛନ୍ତି।

ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ୫୪ ବର୍ଷୀୟ କିରିଲୋଭ୍‌ଙ୍କ କାର୍ଯ୍ୟ ପାଇଁ ବ୍ରିଟେନ୍, କାନାଡା ସମେତ ଅନେକ ଦେଶ ତାଙ୍କ ବିରୋଧରେ କଟକଣା ଲଗାଇଥିଲେ। ସେ ଯୁଦ୍ଧରେ ବେଆଇନ ରାସାୟନିକ ଅସ୍ତ୍ର ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗରେ ସୋମବାର ୟୁକ୍ରେନ୍ ସିକ୍ୟୁରିଟି ସେବା (ଏସ୍‌ବିୟୁ) ତାଙ୍କ ବିରୋଧରେ ଆପରାଧିକ ମାମଲାର ତଦନ୍ତ ଆରମ୍ଭ କରିଥିଲା। ତାଙ୍କୁ ଯୁଦ୍ଧ ଅପରାଧୀ ଭାବେ ଅଭିଯୁକ୍ତ କରାଯାଇଛି। ୨୦୨୨ ଫେବୃଆରୀରୁ ରୁଷିଆ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଚଳାଇଥିବାବେଳେ ୪,୮୦୦ରୁ ଅଧିକ ଥର ରାସାୟନିକ ଅସ୍ତ୍ର ବ୍ୟବହାର କରିଥିବା ଏସ୍‌ବିୟୁ ରେକର୍ଡ କରିଛି। ପ୍ରଥମ ବିଶ୍ୱଯୁଦ୍ଧରେ ପ୍ରଥମ ଥର ବ୍ୟବହୃତ ହୋଇଥିବା ବିଷାକ୍ତ ଗ୍ୟାସ୍ କ୍ଲୋରୋପିକ୍ରିନ୍‌କୁ ରୁଷିଆ ୟୁକ୍ରେନ୍ ସୈନ୍ୟଙ୍କ ବିରୋଧରେ ବ୍ୟବହାର କରିଥିବା ଗତ ମେ'ରେ ଆମେରିକା ପରରାଷ୍ଟ୍ର ବିଭାଗ କହିଥିଲା। ତେବେ ମସ୍କୋ ଅଭିଯୋଗକୁ ଖଣ୍ଡନ କରିବା ସହ କିଭ୍ ଯୁଦ୍ଧରେ ବିଷାକ୍ତ ସାମଗ୍ରୀ ☞ପୃଷ୍ଠା-୪

# କେଜିରୁ ପିଜି ସାନ୍ତାଳୀ ଭାଷାରେ ଶିକ୍ଷା: ମୁଖ୍ୟମନ୍ତ୍ରୀ



ଅଲ୍ ଇଣ୍ଡିଆ ସାନ୍ତାଳୀ ରାଇଟର୍ସ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ କରାଯାଉଛି।

କେନ୍ଦୁଝର, ୧୭।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ସାନ୍ତାଳୀ ଭାଷା ଭାରତର ଅନ୍ୟ ଆଦିବାସୀ ଭାଷା ତୁଳନାରେ ୧ ନମ୍ବର ସ୍ଥାନ ଅଧିକାର କରିଛି। ଏହି ଭାଷାଭାଷୀ ଲୋକେ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅବସ୍ଥାପିତ ହୋଇଛନ୍ତି। ସାନ୍ତାଳୀ ଭାଷାର ବିକାଶ ପାଇଁ ବାଜପାୟୀ ସରକାରରେ ପ୍ରଥମେ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ନରେନ୍ଦ୍ର ମୋଦି ମଧ୍ୟ ଏହି ସମ୍ପ୍ରଦାୟର ବିକାଶ ପାଇଁ ବଦ୍ଧପରିକର। ତେଣୁ ଓଡ଼ିଶାରେ କେଜିରୁ ପିଜି (ପ୍ରାଥମିକସ୍ତରରୁ ବିଶ୍ୱବିଦ୍ୟାଳୟ) ପର୍ଯ୍ୟନ୍ତ ସାନ୍ତାଳୀ ଭାଷାରେ ଶିକ୍ଷା ଦିଆଯିବ ବୋଲି ୩ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସାନ୍ତାଳୀ ଭାଷାରେ ଅଭିଭାଷଣ ପ୍ରଦାନ କରିଥିଲେ। କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଜିଲାରେ ସାନ୍ତାଳ ସମ୍ପ୍ରଦାୟର ଆଦିବାସୀମାନେ ବସବାସ କରୁଛନ୍ତି। ଦୀର୍ଘଦିନ ହେଲା ଏହି ଜାତିର ଲୋକେ ଯେଉଁ ଦାବି କରିଆସୁଛନ୍ତି ତାହା ପୂରଣ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ମୁଖ୍ୟମନ୍ତ୍ରୀ ରାଇସୁଆଁ ଏୟାରଷ୍ଟ୍ରିପ୍‌ରେ ପହଞ୍ଚି ପ୍ରଥମେ ଅଲ୍ ଇଣ୍ଡିଆ ସାନ୍ତାଳୀ ରାଇଟର୍ସ ଆସୋସିଏଶନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏୟାରଷ୍ଟ୍ରିପ୍‌ଠାରେ ପ୍ରଶାସନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପରେ ଦଳୀୟ କର୍ମୀ, ନେତା, ସ୍ଥାନୀୟ ଲୋକେ ତାଙ୍କୁ ସ୍ୱାଗତକରିବା ସହ ଏକ ଶୋଭାଯାତ୍ରାରେ ବାଲିଆଗୋଡ଼ା ଗ୍ରାମସ୍ଥିତ ଅଲ୍ ଇଣ୍ଡିଆ ସାନ୍ତାଳୀ ରାଇଟର୍ସ ଆସୋସିଏଶନର ୭ମ ବାର୍ଷିକ ଉତ୍ସବସ୍ଥଳକୁ ପାଛୋଟି ନେଇଥିଲେ। ଆସୋସିଏଶନ ପକ୍ଷରୁ ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସାନ୍ତାଳ ସମ୍ପ୍ରଦାୟର ଉନ୍ନତି ଲାଗି ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୁକୁନା ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇଥିଲେ। ☞ପୃଷ୍ଠା-୪



## ସଂକ୍ଷେପରେ

### ୨୦୨୫ରେ ପୁନର୍ଗଠନ ହେବ ଏନ୍‌ଟିଏ

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ୨୦୨୫ରୁ ସବୁ ନିଯୁକ୍ତି ପରୀକ୍ଷା ପରିଚାଳନା କରିବ ନାହିଁ। ଏହା କେବଳ ଉଚ୍ଚତର ଶିକ୍ଷା ପ୍ରବେଶିକା ପରୀକ୍ଷା ଉପରେ ଧ୍ୟାନ କେନ୍ଦ୍ରିତ କରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଘୋଷଣା କରିଛନ୍ତି। ଆସନ୍ତାବର୍ଷ ଏନ୍‌ଟିଏ ପୁନର୍ଗଠିତ ହେବା ସହ ନୂଆ ପଦବୀ ସୃଷ୍ଟି ହେବ। ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଗତବର୍ଷ ଅନୁଷ୍ଠିତ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ରେ ପ୍ରଶ୍ନପତ୍ର ଲିକ୍ ହେବା ଓ ଅନ୍ୟାନ୍ୟ ତ୍ରୁଟି କାରଣରୁ ପରୀକ୍ଷାକୁ ବାରମ୍ବାର ବାତିଲ କରିବାକୁ ପଡ଼ିଥିଲା। ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଇସ୍ରୋର ପୂର୍ବତନ ମୁଖ୍ୟ ଆର୍. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସକ୍ରମେ ସରକାର ଏନ୍‌ଟିଏ ପୁନର୍ଗଠନ କରିବାକୁ ଯାଉଛନ୍ତି। ଏନ୍‌ଇଇଟି ପୂର୍ବଭଳି କାଗଜ କଲମରେ ହେବ ନା କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା (ସିବିଟି)କୁ ପରିବର୍ତ୍ତନ କରାଯିବ, ସେନେଇ ଶିକ୍ଷା ମନ୍ତ୍ରଣାଳୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ପରାମର୍ଶ କରୁଛି। କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ-ଅଣ୍ଡରଗ୍ରାଜୁଏଟ୍ (ସିୟୁଇଟି-ୟୁଜି) ପୂର୍ବଭଳି ବର୍ଷକୁ ଥରେ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ସ୍କୁଲରେ ଗୁଳି, ୩ ମୃତ

ୱାଶିଂଟନ, ୧୭।୧୨

ଆମେରିକାର ୱିସ୍କୋନ୍ସିନ୍ ରାଜ୍ୟ ମେଡିସନ୍‌ସ୍ଥିତ ଏକ ଘରୋଇ ଖ୍ରୀଷ୍ଟିଆନ ସ୍କୁଲରେ ମଙ୍ଗଳବାର ଗୁଳିକାଣ୍ଡ ଘଟି ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ସ୍କୁଲ ପରିସରରେ ଗୁଳି ଚଳାଇଥିବା ଆତତାୟୀର ମୃତଦେହ ମିଳିଥିବା ପୋଲିସ କହିଛି। ସେହିପରି ଜଣେ ଛାତ୍ର ଓ ଜଣେ ଶିକ୍ଷକଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଆହତଙ୍କ ମଧ୍ୟରେ ୫ ଜଣ ଛାତ୍ର ଓ ଜଣେ ଶିକ୍ଷକ ରହିଛନ୍ତି। ଉକ୍ତ ପ୍ରାଇଭେଟ୍ ସ୍କୁଲରେ ପ୍ରାୟ ୪୦୦ ଛାତ୍ର ପଢୁଥିଲେ। ଗୁଳିକାଣ୍ଡ ଘଟିବା ସମୟରେ ସ୍କୁଲ ମଧ୍ୟରେ ଛାତ୍ରମାନେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଟ୍ରକ୍‌କୁ ପିଟିଲା ବସ୍: ୬ ମୃତ



ଭାବନଗର, ୧୭।୧୨

ଗୁଜରାଟର ଭାବନଗରରୁ ମହୁବା ଯାଉଥିବା ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦ ଜଣ ଆହତ ହୋଇଛନ୍ତି। ଭାବନଗର ଜିଲା ଟ୍ରାପାଜ୍ ଗ୍ରାମ ନିକଟସ୍ଥ ଏକ ହାଇୱେରେ ଏକ ଟ୍ରକ୍‌କୁ ପଛପଟୁ ଉକ୍ତ ଯାତ୍ରୀବାହୀ ବସ୍ ଧକ୍କା ଦେଇଥିଲା। ସମସ୍ତ ଆହତଙ୍କୁ ଭାବନଗର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି।

### ବାପାଙ୍କୁ ଜିଅନ୍ତା ଜାଳିଦେଲେ ପୁଅ

ଲକ୍ଷ୍ନୌ,୧୭।୧୨

ଉତ୍ତରପ୍ରଦେଶର ନିଗୋହାନ ଅଞ୍ଚଳ ଅନ୍ତର୍ଗତ ରାମପୁର ଗ୍ରାମରେ ସମ୍ପତ୍ତି ବିବାଦକୁ ନେଇ ଜଣେ ୨୬ ବର୍ଷୀୟ ଯୁବକ ତାଙ୍କ ବାପାଙ୍କୁ ଜିଅନ୍ତା ଜାଳିଦେଇଛନ୍ତି। ପୋଲିସ ଧର୍ମେଶ ରାୱତ ଏବଂ ତାଙ୍କୁ ହତ୍ୟାରେ ସହଯୋଗ କରିଥିବା ବାନ୍ଧବୀ ସଙ୍ଗୀତା (୨୪)ଙ୍କୁ ଗିରଫ କରିଛି। ରାମୁ ରାୱତ୍ ଗୁରୁବାର ରାତିରେ ଚାଷଜମି ଜଗିବାକୁ ଯାଇଥିଲେ। ଶୁକ୍ରବାର ସକାଳେ ତାଙ୍କ ଦଗ୍ଧ ମୃତଦେହ ଜମିରେ ଥିବା ବୋର୍‌ୱେଲରୁ ମିଳିଥିଲା। ଏନେଇ ରାମୁଙ୍କ ଝିଅ ଜୁଲି ପୋଲିସରେ ଏତଲା ଦେଇଥିଲେ। ପୋଲିସ ଧର୍ମେଶ ଓ ଅନ୍ୟମାନଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେ ଅପରାଧ ମାନିଯାଇଥିଲେ। ପରିବାରର ୨.୫ ବିଘା ଚାଷଜମିରୁ ବାପା ତାଙ୍କୁ ବଞ୍ଚିତ କରିଥିବା ସନ୍ଦେହ କରି ଧର୍ମେଶ ତାଙ୍କୁ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

# କଂଗ୍ରେସ ଅଭିବ୍ୟକ୍ତି ସ୍ୱାଧୀନତା ସଙ୍କୁଚିତ କରିଥିଲା: ଶାହା

ନୂଆଦିଲ୍ଲୀ,୧୭।୧୨(ପି.ଟି.)

**ରାଜ୍ୟ ସଭାରେ ସମ୍ବିଧାନ ବିତର୍କ**

- କଂଗ୍ରେସ ସୃଷ୍ଟ ସ୍ଥିତି ପାଇଁ ଏକସଙ୍ଗେ ନିର୍ବାଚନ ବିଲ୍ ଆଣିବାକୁ ବାଧ ହେଲୁ: ନଡ୍ଡା
- ମଣିପୁରରେ ସାମ୍ବିଧାନିକ ଅଧିକାର ନିଲମ୍ବିତ ହୋଇଛି: ବିରୋଧୀ

ଭାରତୀୟ ସମ୍ବିଧାନର ୭୫ବର୍ଷର ଗୌରବମୟ ଯାତ୍ରା ଉପରେ ମଙ୍ଗଳବାର ରାଜ୍ୟ ସଭାରେ ଆଲୋଚନାରେ ଭାଗନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ଏହି ଦଳ ୭୭ ଥର ସମ୍ବିଧାନ ବଦଳାଇପାରିଥିବାବେଳେ ଅଭିବ୍ୟକ୍ତି ସ୍ୱାଧୀନତାକୁ ସଙ୍କୁଚିତ କରିବା ପାଇଁ ଏକ ଧାରା ଯୋଡ଼ିଥିଲା। 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍ ପାଇଁ ସମ୍ବିଧାନ ସଂଶୋଧନର ଆବଶ୍ୟକ ଥିବାବେଳେ କଂଗ୍ରେସ ଏହାକୁ ବିରୋଧ କରିପାରିବ ନାହିଁ ବୋଲି ଶାହା କହିଛନ୍ତି। ଇନ୍ଦିରା ଗାନ୍ଧୀ ସମ୍ବିଧାନରେ ଆଉ ଏକ ସଂଶୋଧନ ଆଣି ପାର୍ଲାମେଣ୍ଟ ନାଗରିକମାନଙ୍କୁ ଦେଇଥିବା ମୌଳିକ ଅଧିକାରକୁ ସଙ୍କୁଚିତ କରିଥିଲେ। ଅନୁଚ୍ଛେଦ ୧୯ଏ କ'ଣ ପାଇଁ ଅଣାଯାଇଥିଲା ବୋଲି ଶାହା ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ସଂଶୋଧନର ଆବଶ୍ୟକତା ସମ୍ପର୍କରେ ଶାହା ଗୃହକୁ ଅବଗତ କରାଇଥିଲେ।

ସମ୍ବିଧାନ ବିତର୍କରେ ଭାଗନେଇ ରାଜ୍ୟ ସଭାରେ ଗୃହର ନେତା ଜେ.ପି. ନଡ୍ଡା କହିଥିଲେ, କଂଗ୍ରେସ ଏହାର ନିଜସ୍ୱ ଫାଇଦା ପାଇଁ ସମ୍ବିଧାନ ସଂଶୋଧନ କରୁଥିଲା। ଏହାର ପୂର୍ବବର୍ତ୍ତୀ କାର୍ଯ୍ୟ ରାଜ୍ୟଗୁଡ଼ିକରେ ସରକାର ଭାଙ୍ଗିଦେଉଥିଲା ଏବଂ ବିଭିନ୍ନ ସମୟରେ ନିର୍ବାଚନ କରିବାକୁ ପଡୁଥିଲା। ସେଥିପାଇଁ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍ ଆଣିବା ଜରୁରୀ ହୋଇପଡ଼ିଛି ବୋଲି ନଡ୍ଡା କହିଛନ୍ତି। ସେ ଆହୁରି କହିଥିଲେ, କଂଗ୍ରେସ ତୁଷ୍ଟୀକରଣ ରାଜନୀତି କରୁଛି ଏବଂ ଧର୍ମ ଆଧାରିତ ସଂରକ୍ଷଣ ଆଣିବାକୁ ଉଦ୍ୟମ ଚଳାଇଛି। ଜରୁରିକାଳୀନ ସ୍ଥିତି ଜାରି ପାଇଁ କଂଗ୍ରେସ କ୍ଷମା ମାଗିଥିବା କଥା କହୁଥିବାବେଳେ ଭାଜପା ଅଧ୍ୟକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ଯଦି କଂଗ୍ରେସ ଏହାର କାର୍ଯ୍ୟ ପାଇଁ ଅନୁତପ୍ତ, ତେବେ ଏମର୍ଜେନ୍ସି ଜାରିର ୫୦ତମ ବର୍ଷରେ ଆସନ୍ତା ବର୍ଷ ଜୁନ୍ ୨୫ରେ ହେବାକୁ ଥିବା 'ସମ୍ବିଧାନ ହତ୍ୟା ଦିବସ' ପାଳନରେ ସାମିଲ ହେବା ଉଚିତ ବୋଲି ନଡ୍ଡା କହିଛନ୍ତି।



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା

ବିରୋଧୀ ସଦସ୍ୟମାନେ ମଣିପୁରରେ ସାମ୍ବିଧାନିକ ଅଧିକାର ନିଲମ୍ବିତ ହୋଇଥିବା ପ୍ରସଙ୍ଗ ଉଠାଇଥିଲେ। ଭାଜପା ଏମ୍‌ପିମାନେ ସମ୍ବିଧାନ ବିତର୍କ ବେଳେ ଏହି ପ୍ରସଙ୍ଗ ଉଠାଉ ନ ଥିବାରୁ ଟିଏମ୍‌ସି ଏବଂ ସିପିଆଇ(ଏମ୍) ସଦସ୍ୟମାନେ ନିନ୍ଦା କରିଥିଲେ। ସମ୍ବିଧାନ ଜନସାଧାରଣଙ୍କୁ ଦେଇଥିବା ସମସ୍ତ ଅଧିକାର ମଣିପୁରବାସୀଙ୍କୁ ଫେରାଇବାରେ ବିଫଳ ହୋଇଥିବା ଉତ୍ତରପୂର୍ବାଞ୍ଚଳର ଶାସକ ଦଳ ଏମ୍‌ପିମାନେ ଇସ୍ତଫା ଦେବା ଆବଶ୍ୟକ ବୋଲି ଟିଏମ୍‌ସି ସଦସ୍ୟ ସୁସ୍ମିତା ଦେବ କହିଥିଲେ। ଆସାମରେ ନାଗରିକମାନଙ୍କୁ ଭାଜପା ଶ୍ରେଣୀବଦ୍ଧ କରି ସେମାନଙ୍କୁ ଭିନ୍ନ ଭିନ୍ନ ଅଧିକାର ଦେଇଥିବା ସେ ଅଭିଯୋଗ କରିଥିଲେ। ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଯେଉଁଭଳି ପରିଚାଳିତ ହେଉଛି, ସେଥିରେ ସମାନତା ନାହିଁ। ସରକାର ଗୋଟିଏ ନିର୍ବାଚନ, ଜଣେ ନେତା ଓ ଗୋଟିଏ ଧର୍ମ ଚାହାନ୍ତି ବୋଲି ଟିଏମ୍‌ସି ନେତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ଦାୟିତ୍ୱ ନିର୍ବାହ ପାଇଁ ମଣିପୁର ଯାଇ ଗୃହରେ ଏମ୍‌ପିମାନଙ୍କୁ ଦେଉଥିବା ୧୧ ମନ୍ତ୍ରକୁ ସେଠାରେ କାର୍ଯ୍ୟକାରୀ କରନ୍ତୁ ବୋଲି ସିପିଆଇ(ଏମ୍) ସଦସ୍ୟ ଜନ୍ ବ୍ରିଟାସ୍ କହିଥିଲେ।

ଭାଜପା ବାରମ୍ବାର ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରୁଥିବାରୁ ଆର୍‌ଜେଡି ନେତା ମନୋଜ କୁମାର ଝା ଏହି ଦଳକୁ ସମାଲୋଚନା କରିଥିଲେ। ଜବାହରଲାଲ୍ ନେହେରୁ ସଂସଦୀୟ ଗଣତନ୍ତ୍ରର ପ୍ରତୀକ ଥିଲେ। ଘରର ତଳ ମହଲା ନିର୍ମାଣ ସବୁଠୁ କଷ୍ଟକର ହୋଇଥାଏ। ନେହେରୁ, ଆମ୍ବେଦ୍‌କର, ପଟେଲ ମୂଳଦୁଆ ନିର୍ମାଣ କରିଥିଲେ। ଭାଜପା-ଏନ୍‌ଡିଏ ଦ୍ୱିତୀୟ ଏବଂ ତୃତୀୟ ମହଲା ନିର୍ମାଣ କରୁଛନ୍ତି। ଆପଣମାନେ ଆଉ ୫ ମହଲା ନିର୍ମାଣ କରିପାରନ୍ତି, କିନ୍ତୁ ମୂଳଦୁଆ ବିନା ସେଗୁଡ଼ିକ କୌଣସି କାମକୁ ନୁହେଁ, ଏହାକୁ ସବୁବେଳେ ମନେ ରଖିବାକୁ ହେବ ବୋଲି ଝା କହିଥିଲେ।

## ୨୨ ବର୍ଷ ପରେ ଫେରିଲେ ପାକିସ୍ତାନରେ ଫସିଥିବା ଭାରତୀୟ ମହିଳା



ପୋଲିସ ଅଧିକାରୀଙ୍କ ସହ ହମିଦା ବାନୋ।

ମୁମ୍ବାଇ, ୧୭।୧୨

ମୁମ୍ବାଇର ହମିଦା ବାନୋ ୨୨ ବର୍ଷ ପରେ ଭାରତ ଫେରିଛନ୍ତି। ୨୦୦୨ରେ ଦୁବାଇରେ ଚାକିରି ଦେବାର ଲାଳସା ଦେଖାଇ ଜଣେ ଟ୍ରାଭେଲ ଏଜେଣ୍ଟ ତାଙ୍କୁ ପାକିସ୍ତାନ ପଠାଇ ଦେଇଥିଲେ। ଦୁବାଇରେ ଜଣେ ରୋଷେୟା ଭାବେ ତାଙ୍କୁ ନିଯୁକ୍ତି ମିଳିବ ବୋଲି ହମିଦାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏହା ବଦଳରେ ତାଙ୍କୁ ପାକିସ୍ତାନର ସିନ୍ଧ୍ ରାଜ୍ୟ ହାଇଦ୍ରାବାଦ ଜିଲାକୁ ନିଆଯାଇଥିଲା। ସୋମବାର ହମିଦା କରାଚିରୁ ଫ୍ଲାଇଟ ଯୋଗେ ଲାହୋର ଆସିଥିଲେ ଓ ପରେ ସେ ୱାଘା ବର୍ଡର ଦେଇ ଭାରତ ଫେରିଥିଲେ। ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରାଳୟର ଅଧିକାରୀମାନେ ତାଙ୍କୁ ବିଦାୟ ଦେଇଥିଲେ।

ପୂର୍ବରୁ ହମିଦା ମୁମ୍ବାଇର କୁର୍ଲା ରେଲୱେ ଷ୍ଟେଶନ ନିକଟରେ ରହୁଥିଲେ। ହମିଦା ୪ ପିଲାଙ୍କ ମା' ଥିଲେ ଏବଂ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ପରିବାରର ଖର୍ଚ୍ଚ ସମ୍ଭାଳୁଥିଲେ। ତେଣୁ ବେଶି ରୋଜଗାର କରିବା ପାଇଁ ସେ ଦୁବାଇ ଯିବାକୁ ଇଚ୍ଛା ପ୍ରକାଶ କରିଥିଲେ। ହମିଦାଙ୍କ ଅନୁପସ୍ଥିତିରେ ପରିବାରର ଅନ୍ୟ ସଦସ୍ୟ ତାଙ୍କ ଝିଅ ମାନଙ୍କର ଲାଳନପାଳନ କରିଥିଲେ। ଭାରତ ଫେରିବା ପରେ ହମିଦା କହିଛନ୍ତି, ସେ କେବେ ଭାରତ ଫେରିବାକୁ ସକ୍ଷମ ହେବେ ବୋଲି ଭାବି ନ ଥିଲେ। ୨୨ ବର୍ଷ ପରେ ନିଜ ପରିବାର ଓ ଝିଅମାନଙ୍କୁ ପାଇ ସେ ବେଶ୍ ଖୁସି। ପ୍ରକାଶ ଯେ, ହମିଦା ପାକିସ୍ତାନରେ ଜଣେ ବ୍ୟକ୍ତିଙ୍କୁ ବିବାହ ମଧ୍ୟ କରିଥିଲେ। ତାଙ୍କର କୋଭିଡ୍‌ରେ ମୃତ୍ୟୁ ହୋଇଯାଇଥିଲା। ଏହାପରେ ସେ କରାଚୀରେ ତାଙ୍କ ସାବତ ପୁଅଙ୍କ ସହ ରହୁଥିଲେ।

## ବାଂଲାଦେଶ ସଂଖ୍ୟାଲଘୁଙ୍କୁ କଂଗ୍ରେସ ଏମ୍‌ପିଙ୍କ ସମର୍ଥନ





ବାଂଲାଦେଶର ସଂଖ୍ୟାଲଘୁଙ୍କ ସମର୍ଥନରେ ପାର୍ଲାମେଣ୍ଟ ପରିସରରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ବିରୋଧୀ ଏମ୍‌ପି ବିକ୍ଷୋଭ କରୁଛନ୍ତି।

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନେକ କଂଗ୍ରେସ ଏମ୍‌ପି ବାଂଲାଦେଶରେ ଅତ୍ୟାଚାରର ସମ୍ମୁଖୀନ ହୋଇଥିବା ହିନ୍ଦୁ ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ନ୍ୟାୟ ଦାବିରେ ମଙ୍ଗଳବାର ପାର୍ଲାମେଣ୍ଟ ଭବନ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। 'ବାଂଲାଦେଶର ସଂଖ୍ୟାଲଘୁଙ୍କ ସହ ରହିଛୁ' ଲେଖାଥିବା ହ୍ୟାଣ୍ଡବ୍ୟାଗ୍ ଧରି ସେମାନେ ବିକ୍ଷୋଭ କରିଥିଲେ। ପାଲେଷ୍ଟିନୀୟଙ୍କୁ ସମର୍ଥନ କରି ପ୍ରିୟଙ୍କା ସୋମବାର ପାଲେଷ୍ଟାଇନ୍ ଲେଖାଥିବା ବ୍ୟାଗ୍ ନେଇ ପାର୍ଲାମେଣ୍ଟ ଯାଇଥିବାବେଳେ ମଙ୍ଗଳବାର ବାଂଲାଦେଶ ସଂଖ୍ୟାଲଘୁଙ୍କ ସମର୍ଥନରେ ବ୍ୟାଗ୍ ନେଇଥିଲେ। ବାଂଲାଦେଶରେ ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ସରକାର ସମର୍ଥନ ଯୋଗାଇ ଦିଅନ୍ତୁ ଓ ବାଂଲାଦେଶ ଅନ୍ତରୀଣ ସରକାରଙ୍କ ନିକଟରେ ପ୍ରସ୍ତାବ ଉଠାନ୍ତୁ ବୋଲି ସୋମବାର ଶୂନ୍ୟକାଳରେ ପ୍ରିୟଙ୍କା କହିଥିଲେ।

## ସମ୍ଭଲ ମନ୍ଦିର ଅଞ୍ଚଳରୁ ହିନ୍ଦୁ ପରିବାର ୧୯୭୮ ଦଙ୍ଗାରେ ପଳାୟନ କରିଥିଲେ

ବରେଲୀ,୧୭।୧୨

୧୯୭୮ ଦଙ୍ଗା ପରେ ୪୬ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ସମ୍ଭଲର ଶିବ-ହନୁମାନ ମନ୍ଦିର ଗତ ୧୪ ତାରିଖରେ ଖୋଲିବା ପରେ ସେଠାରେ ଭଜନ କୀର୍ତ୍ତନ ଲାଗିରହିଛି। ଖଗୁ ସରାଇରେଥିବା ଏହି ମନ୍ଦିର ୧୯୭୮ ଦଙ୍ଗା ସମୟରୁ ତାଲା ପଡ଼ିଥିଲା। ଦଙ୍ଗା ଯୋଗୁ ସେଠାରେ ରହୁଥିବା ହିନ୍ଦୁ ପରିବାରଗୁଡ଼ିକ ପଳାୟନ କରିବାକୁ ବାଧ ହୋଇଥିଲେ। ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ୮୨ ବର୍ଷୀୟ ବିଷ୍ଣୁ ଶରନ ରସ୍ତୋଗୀ ଦଙ୍ଗା ସମୟର ଭୟାବହତାକୁ ମନେ ପକାଇଛନ୍ତି। ଦଙ୍ଗା ହେବା ଯୋଗୁ ଆମେ ସୁରକ୍ଷା ପାଇଁ ମନ୍ଦିର ଛାଡ଼ି ପଳାଇଲୁ। ମନ୍ଦିରରେ କେହି ଅନୁପ୍ରବେଶ କରି ନ ଥିବାବେଳେ ତାହା ପରିତ୍ୟକ୍ତ ହୋଇ ପଡ଼ିରହିଥିଲା। ରସ୍ତୋଗୀ ତାଙ୍କ ପୈତୃକ ସମ୍ପତ୍ତି ବିକ୍ରି କରିଦେଇଥିଲେ। ସେହି ସମୟରେ ସେଠାରେ ୨୫ରୁ ୩୦ ହିନ୍ଦୁ ପରିବାର ରହୁଥିଲେ ବୋଲି ରସ୍ତୋଗୀ କହିଛନ୍ତି।

## ନାବାଳକଙ୍କୁ ୧୭ ଖଣ୍ଡ କରି ପୋତିଦେଲେ

ଲକ୍ଷ୍ନୌ,୧୭।୧୨

ଉତ୍ତରପ୍ରଦେଶରେ ଜଣେ ୧୫ ବର୍ଷର ବାଳକ କ୍ଷେତରେ କାମ କରୁଥିବାବେଳେ ହାର୍ଭେଷ୍ଟରରେ ଫସିଯାଇ ପ୍ରାଣ ହରାଇଥିଲେ। ତଙ୍କର ଶରୀର ୧୭ ଖଣ୍ଡ ହୋଇଥିବାବେଳେ ଅପରାଧ ଲୁଚାଇବା ପାଇଁ ବିଭିନ୍ନ ସ୍ଥାନରେ ପୋତିଦିଆଯାଇଛି। ଏହି ଘଟଣାରେ ସଞ୍ଜୟ ବର୍ମା (୨୪) ଏବଂ ଲବକୁଶ (୧୮)ଙ୍କୁ ଗିରଫ କରାଯାଇଛି। ବାହାରିଚ୍‌ର ଗାୟତ୍ରୀ ନଗରରେ ରହୁଥିବା ବିକ୍ରମ ନାମକ ଉକ୍ତ ବାଳକ ୧୦ ଦିନ ହେଲା ନିଖୋଜ ଥିଲେ। ବାହାରିଚ୍ ଏସ୍‌ପିଙ୍କ କହିବା ଅନୁଯାୟୀ, ଗତ ୬ ତାରିଖରେ ବିକ୍ରମ କ୍ଷେତରେ ସଞ୍ଜୟ ବର୍ମାଙ୍କୁ ସହାୟତା କରୁଥିଲେ। ଟ୍ରାକ୍ଟର ଅପରେଟିଂ ବେଳେ ବିକ୍ରମ ଖସିପଡ଼ି ହାର୍ଭେଷ୍ଟର ଭିତରେ ରହିଯାଇଥିଲେ। ଆହତ ବିକ୍ରମଙ୍କୁ ସାହାଯ୍ୟ କରିବା ବଦଳରେ ଅଭିଯୁକ୍ତ ତାଙ୍କୁ ଖଣ୍ଡଖଣ୍ଡ କରିଦେବା ପାଇଁ ହାର୍ଭେଷ୍ଟରରେ ଘୋଷାଡ଼ିଥିଲେ। ପ୍ରମାଣ ନଷ୍ଟ ପାଇଁ ସେହି ଖଣ୍ଡଗୁଡ଼ିକୁ ସଞ୍ଜୟ ଜମିରେ ବିଭିନ୍ନ ସ୍ଥାନରେ ପୋତିଦେବା ସହ ତାଙ୍କ ପୋଷାକ ଓ ଜୋତାକୁ ପାଖରେ ଥିବା ଏକ ପୋଖରୀରେ ଫିଙ୍ଗିଦେଇଥିଲେ। ଗତ ୧୫ ତାରିଖରେ ବିକ୍ରମଙ୍କ ପୋଷାକ ଓ ଜୋତା ମିଳିବା ପରେ ନିଖୋଜ ମାମଲା ନୂଆ ମୋଡ଼ ନେଇଥିଲା। ପୋଲିସ ସଞ୍ଜୟ ଏବଂ ଲବକୁଶଙ୍କୁ ଗିରଫ କରି ପଚରାଉଚରା କରିବାରୁ ସେମାନେ ଅପରାଧ ସ୍ୱୀକାର କରିଥିଲେ। ପୋଲିସ ଦିନସାରା ଜମିକୁ ଖୋଳି ୧୭ ଖଣ୍ଡ ମୃତଦେହ ବାହାର କରିଛି। ପରିଚୟ ସ୍ପଷ୍ଟହେବା ପାଇଁ ଡିଏନ୍‌ଏ ପରୀକ୍ଷା ନିମନ୍ତେ ପଠାଯିବା ସହ ବ୍ୟବଚ୍ଛେଦ ଚାଲିଛି।

## ୧.୭ କେ.ଜି. ସୁନା ଚୋରାଚାଲାଣ: ଏୟାର ଇଣ୍ଡିଆ କ୍ରିଉ ସଦସ୍ୟ ଗିରଫ

ଚେନ୍ନାଇ, ୧୭।୧୨

ତାମିଲନାଡୁର ଚେନ୍ନାଇ ଏୟାରପୋର୍ଟରେ କଷ୍ଟମ ବିଭାଗର ଅଧିକାରୀମାନେ ମଙ୍ଗଳବାର ୨ଟି ପୃଥକ୍ ଚୋରାଚାଲାଣ ଘଟଣାର ପର୍ଦ୍ଦାଫାଶ କରିଛନ୍ତି। ଦୁବାଇରୁ ଚେନ୍ନାଇ ଆସିଥିବା ଏୟାର ଇଣ୍ଡିଆର ଏକ ଫ୍ଲାଇଟର କ୍ରିଉ ସଦସ୍ୟ ସୁନା ଚୋରାଚାଲାଣ କରୁଥିବାବେଳେ ଅଧିକାରୀମାନେ ତାଙ୍କୁ ଧରିଥିଲେ। ସେ ୧.୭ କେ.ଜି.ର ୨୪ କ୍ୟାରେଟ ସୁନା ଅନ୍ତର୍ବସ୍ତ୍ର ମଧ୍ୟରେ ଲୁଚାଇ ଆଣିଥିଲେ। ଏହି ଚୋରାଚାଲାଣ ପାଇଁ ଉକ୍ତ କ୍ରିଉ ସଦସ୍ୟ ଓ ଅନ୍ୟ ଜଣେ ଯାତ୍ରୀଙ୍କୁ ଗିରଫ କରାଯାଇଛି। ସେହିପରି ଚେନ୍ନାଇ ଏୟାରପୋର୍ଟରେ କୋକେନ୍ ଚୋରାଚାଲାଣ କରୁଥିବାବେଳେ କଷ୍ଟମ ବିଭାଗର ଅଧିକାରୀମାନେ କେନିଆର ଜଣେ ମହିଳାଙ୍କୁ ଗିରଫ କରିଛନ୍ତି। ତାଙ୍କଠାରୁ ୧.୪ କେ.ଜି.ର କୋକେନ୍ ହସ୍ତଗତ ହୋଇଛି। ଉକ୍ତ ମହିଳା ଜଣକ ଇଥୋପିଆନ୍ ଏୟାରଲାଇନ୍ସର ଏକ ବିମାନ ଯୋଗେ ଇଥୋପିଆର ରାଜଧାନୀ ଆଦିସ୍ ଆବାବାରୁ ଚେନ୍ନାଇ ଆସିଥିଲେ।

## କାର୍ଯ୍ୟରେ ଅବହେଳା, ୩୦ ମିନିଟ୍ ଠିଆହୋଇ କାମକଲେ କର୍ମଚାରୀ

ନଏଡା, ୧୭।୧୨

ଉତ୍ତରପ୍ରଦେଶର ନଏଡା ଅଥରିଟି କାର୍ଯ୍ୟାଳୟ ଅନ୍ତର୍ଗତ ଆବାସିକ ପ୍ଲଟ୍ ବିଭାଗରେ ଏକ ବୃଦ୍ଧ ଦମ୍ପତିଙ୍କ କାମ ଠିକ୍ ଭାବେ ନ କରିବାରୁ ବିଭାଗର ସମସ୍ତ କର୍ମଚାରୀଙ୍କୁ ୩୦ ମିନିଟ ଧରି ଠିଆହୋଇ କାମ କରିବା ଦଣ୍ଡ ଦିଆଯାଇଛି। ମଙ୍ଗଳବାର ଉକ୍ତ ବୃଦ୍ଧ ଦମ୍ପତି ନିଜ ଘର ସମ୍ବନ୍ଧୀୟ ଏକ ଫାଇଲରେ ଅଧିକାରୀଙ୍କ ସ୍ୱାକ୍ଷର ନିମନ୍ତେ ନଏଡା ଅଥରିଟି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେମାନେ ଆବାସିକ ପ୍ଲଟ୍ ବିଭାଗରେ ନିଜ ସମସ୍ୟା ଜଣାଇଥିଲେ ମଧ୍ୟ ଏହାର ତୁରନ୍ତ ସମାଧାନ ହୋଇପାରି ନ ଥିଲା। ପ୍ରାୟ ୫୦ ମିନିଟ୍ ଧରି ବୃଦ୍ଧ ଦମ୍ପତି ନିଜ କାର୍ଯ୍ୟ ପୂରଣ ନିମନ୍ତେ ଠିଆହୋଇ



ରହିଥିଲେ। ନଏଡା ଅଥରଟି କାର୍ଯ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଲୋକେଶ ଏମ୍. ନିଜ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି କ୍ୟାମେରାରୁ ଉକ୍ତ ବୃଦ୍ଧ ଦମ୍ପତି ଦୀର୍ଘ ସମୟ ଧରି ଫାଇଲ ସହ ଠିଆ ହୋଇଥିବାର ଲକ୍ଷ୍ୟ କରିଥିଲେ। ତେଣୁ ସେ ତୁରନ୍ତ ବୃଦ୍ଧ ଦମ୍ପତିଙ୍କ ସମସ୍ୟାର ସମାଧାନ ପାଇଁ ଆବାସିକ ପ୍ଲଟ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାପରେ ମଧ୍ୟ ବୃଦ୍ଧ ଦମ୍ପତିଙ୍କ ସମସ୍ୟାର ସମାଧାନ ହୋଇ ନ ଥିଲା। ୧୫ରୁ ୨୦ ମିନିଟ୍ ପରେ ଲୋକେଶ ପୁଣି ଥରେ ସିସିଟିଭି ଯାଞ୍ଚ କରିଥିଲେ। ସେତେବେଳେ ମଧ୍ୟ ବୃଦ୍ଧ ଦମ୍ପତି ଠିଆହୋଇ ରହିଥିଲେ। ଏଥିରେ କ୍ଷୁବ୍ଧ ହୋଇ ଲୋକେଶ ଆବାସିକ ପ୍ଲଟ ବିଭାଗରେ ପହଞ୍ଚି କାର୍ଯ୍ୟରେ ଅବହେଳା ପାଇଁ କର୍ମଚାରୀମାନଙ୍କୁ ତାଗିଦ କରିଥିଲେ। ଦଣ୍ଡସ୍ୱରୂପ ବିଭାଗର ସମସ୍ତ କର୍ମଚାରୀଙ୍କୁ ସେ ୩୦ ମିନିଟ୍ ଧରି ଠିଆହୋଇ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଠିଆହୋଇ କାମ କଲେ ସମସ୍ତ କର୍ମଚାରୀ ବୟସ୍କ ଲୋକଙ୍କ ସମସ୍ୟାକୁ ବୁଝିପାରିବେ ବୋଲି ଲୋକେଶ କହିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଫୁର୍‌ସତ



ସୋନାକ୍ଷୀ ସିହ୍ନା

## ସୋନାକ୍ଷୀ-ମୁକେଶ କଳି

**ମୁମ୍ବାଇ:** କିଛି ବର୍ଷ ତଳେ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଲୋକପ୍ରିୟ ଟିଭି ଧାରାବାହିକ 'କୌନ୍ ବନେଗା କରୋଡ଼ପତି'ରେ ରାମାୟଣ ସହ ଜଡ଼ିତ ଏକ ପ୍ରଶ୍ନର ଉତ୍ତର ଦେଇ ନ ପାରି ଟ୍ରୋଲ୍‌ର ସମ୍ମୁଖୀନ ହୋଇଥିଲେ। ଶକ୍ତିମାନ ଭାବେ ଘରେ ଘରେ ପରିଚିତ ଲୋକପ୍ରିୟ ଅଭିନେତା ମୁକେଶ ଖାନ୍ନା ନିକଟରେ ଏକ ସାକ୍ଷାତ୍‌କାର ଦେଇ ସୋନାକ୍ଷୀଙ୍କୁ କଟାକ୍ଷ କରିଥିଲେ। ଭେଟେରାନ ଅଭିନେତା ଶତ୍ରୁଘ୍ନ ସିହ୍ନାଙ୍କ ଦ୍ୱାରା ଝିଅ ସୋନାକ୍ଷୀଙ୍କୁ ହିନ୍ଦୁଧର୍ମର ପ୍ରକୃତ ସଂସ୍କାର ମିଳିନାହିଁ ବୋଲି ମୁକେଶ କହିଥିଲେ। ମଙ୍ଗଳବାର ସୋନାକ୍ଷୀ ଏନେଇ ମୁକେଶଙ୍କୁ କଡ଼ା ଜବାବ ଦେଇଛନ୍ତି। ସେ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ପୋଷ୍ଟ କରି ମୁକେଶଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, "ରାମାୟଣ ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ଭୁଲିଯିବା ତାଙ୍କର ଏକ ମାନବଗତ ତ୍ରୁଟି ଥିଲା। ସମୟ ସମୟରେ ପ୍ରତ୍ୟେକ ବ୍ୟକ୍ତି ଦ୍ୱାରା ସେପରି ତ୍ରୁଟି ହୋଇଯାଇଥାଏ। ଏତେ ବର୍ଷ ବିତିଯିବା ପରେ ଉକ୍ତ ଘଟଣାକୁ ମନେପକାଇବାର କୌଣସି କାରଣ ନାହିଁ। ରାମାୟଣରୁ ଆମେ ଜାଣିଛେ ଭଗବାନ ରାମ ସମସ୍ତଙ୍କୁ କ୍ଷମା ଦିଅନ୍ତି। ସେ ମନ୍ଥରା ଓ କୈକେଇଙ୍କୁ ମଧ୍ୟ କ୍ଷମା କରିଦେଇଥିଲେ। କିନ୍ତୁ ବୋଧହୁଏ ମୁକେଶ ଭଗବାନ ରାମଙ୍କଠାରୁ କିଛି ମଧ୍ୟ ଶିଖିବାକୁ ଚାହାନ୍ତି ନାହିଁ। ଅତ୍ୟନ୍ତ ଛୋଟ ଭୁଲ୍‌କୁ ଏତେ ବର୍ଷ ପରେ ମନେ ପକାଇ ସେ ଭଗବାନ ରାମଙ୍କୁ ଅସମ୍ମାନ କରିଛନ୍ତି। " ସୋନାକ୍ଷୀ ମୁକେଶଙ୍କ ଉଦ୍ଦେଶ୍ୟରେ ଆହୁରି ଲେଖିଛନ୍ତି, ତାଙ୍କ କ୍ଷମାକୁ ସେ ଅନାଇ ବସି ନାହାନ୍ତି। କିନ୍ତୁ ଉକ୍ତ ଘଟଣାକୁ ସେ ଭୁଲିଯିବା ଆବଶ୍ୟକ। ବାପାଙ୍କଠାରୁ ସଂସ୍କାର ପାଇ ଏସବୁ କହିବାକୁ ସେ ସମର୍ଥ ହୋଇଛନ୍ତି। ସେ ଜଣେ ହିନ୍ଦୁ ଥିଲେ ଓ ସର୍ବଦା ହିନ୍ଦୁ ହୋଇ ରହିବେ। ଏଥିପାଇଁ ମୁକେଶଙ୍କ ସାର୍ଟିଫିକେଟ ଦରକାର ନାହିଁ ବୋଲି ସୋନାକ୍ଷୀ କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଶତ୍ରୁଘ୍ନ ମଧ୍ୟ ମଙ୍ଗଳବାର ମୁକେଶଙ୍କୁ ସମାଲୋଚନା କରିଛନ୍ତି।



ମୁକେଶ ଖାନ୍ନା

## 'ଏକତା ହିଁ ସର୍ବୋପରି'





ଦେଶର ବିକାଶରେ ପ୍ରତିଟି ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ। ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଦ୍ ଭାବ ଏବଂ ଭାଇଚାରା ଦ୍ୱାରା ଦେଶର ଏକତା ବୃଦ୍ଧି ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଡିସେମ୍ବର ୧୮ରେ ସଂଖ୍ୟାଲଘୁ ଅଧିକାର ଦିବସ ପାଳନ କରାଯାଇଥାଏ। ବିଶ୍ୱସ୍ତରରେ ବିଭିନ୍ନ ଦେଶରେ ସଂଖ୍ୟାଲଘୁମାନଙ୍କୁ ନିର୍ଭୟରେ ବାସ କରିବା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏହି ଅବସରରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ। ୧୯୯୨ ଡିସେମ୍ବର ୧୮ରେ ମିଳିତ ଜାତିସଂଘ ସହଯୋଗରେ ଏହି ଦିବସ ପାଳନ କରାଯାଉଛି। ଭାରତ ହେଉଛି ବିଶ୍ୱର ଏକ ଅନନ୍ୟ ରାଷ୍ଟ୍ର, ଯେଉଁଠାରେ ବିଭିନ୍ନ ସମ୍ପ୍ରଦାୟ, ଜାତି ଏବଂ ଧର୍ମର ଲୋକମାନେ ବାସ କରିଥାନ୍ତି। ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ଏକ ସ୍ୱତନ୍ତ୍ର ପରିଚିତି। ଭାରତରେ ଏକତାକୁ ହିଁ ସର୍ବୋପରି ଭାବେ ଗ୍ରହଣ କରାଯାଇଥାଏ।



cbc 19101/13/0036/2425
ପାର୍ଟ-ଟାଇମ୍ ଚାକିରି ସ୍କାମ୍‌ରୁ ନିଜକୁ ସୁରକ୍ଷିତ ରଖନ୍ତୁ
ଅଜଣା କଲର୍, ସୋସିଆଲ ମିଡିଆ ବିଜ୍ଞାପନ କିମ୍ବା ଗ୍ରୁପ୍ ତରଫରୁ ସରଳ କାମ ପାଇଁ ସହଜରେ ଟଙ୍କା ରୋଜଗାର କରିବାର ଅଫର
ଆପଣଙ୍କ ବ୍ୟାଙ୍କ ଖାତାକୁ ପୋଛି ନେଇପାରେ
☑ ଅନ୍‌ଲାଇନ୍ ଚାକିରି ଅଫରର ସତ୍ୟାସତ୍ୟ ଭଲଭାବେ ଯାଞ୍ଚ କରନ୍ତୁ
☑ ନିଜର ବ୍ୟକ୍ତିଗତ କିମ୍ବା ଆର୍ଥିକ ସୂଚନା କଦାପି କାହାକୁ ଦିଅନ୍ତୁ ନାହିଁ
गृह मंत्रालय MINISTRY OF HOME AFFAIRS
Indian Cyber Crime Coordination Centre
ରୁହନ୍ତୁ, ଭାବନ୍ତୁ, ପଦକ୍ଷେପ ନିଅନ୍ତୁ
www.cybercrime.gov.in କିମ୍ବା 1930ରେ କଲ୍ କରି ନିଜର ଅଭିଯୋଗ ଦାଏର କରନ୍ତୁ ।
ଅଧିକ ସୂଚନା ପାଇଁ CyberDost କୁ ଫଲୋ କରନ୍ତୁ ।


# ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଜିଏମ୍‌ଙ୍କୁ ସିବିଆଇ ଜେରା

**ଲାଞ୍ଚ କାରବାର ବେଳେ କାର୍‌ରୁ ୧୦ ଲକ୍ଷ ଜବତ ଘଟଣା**

▪ **ଆଜି ସିବିଆଇରେ ହାଜର ହୋଇପାରନ୍ତି ବିଷ୍ଣୁପଦ**

ଭୁବନେଶ୍ୱର,୧୭।୧୨
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଲାଞ୍ଚ କାରବାର ବେଳେ ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଜଣଙ୍କ ପରେ ଜଣଙ୍କୁ ମାରାଥନ୍ ଜେରା କରୁଛି। ମଙ୍ଗଳବାର ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ(ଇଣ୍ଡିଆ) ଲିଃର ଇଷ୍ଟ୍ କୋଷ୍ଟ ଜେନେରାଲ ମ୍ୟାନେଜର ବି. କେ. ସିଂଙ୍କୁ ଜେରା କରାଯାଇଛି। ନୋଟିସ୍ ପାଇ ସିଂ ଭୁବନେଶ୍ୱରସ୍ଥିତ ସିବିଆଇ ଅଫିସରେ ହାଜର ହେବା ପରେ ତାଙ୍କୁ ପଚରାଉଚରା କରାଯାଇଛି। ଡିସେମ୍ବର ୭ରେ ସିବିଆଇ ଚଢ଼ାଉ ହୋଇଥିବାବେଳେ ଏହାର ୩ ଦିନ ପୂର୍ବରୁ ଅର୍ଥାତ ୪ ତାରିଖରେ ପ୍ରମୁଖ ସଚିବ ବିଷ୍ଣୁପଦଙ୍କୁ ଭେଟିବା ପାଇଁ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ କମ୍ପାନୀ ପକ୍ଷରୁ ଏକ ଅନୁମତି ପତ୍ର ଦିଆଯାଇଥିଲା। ଏହାର ପରଦିନ ଅର୍ଥାତ୍ ୫ତାରିଖରେ ଲୋକସେବା ଭବନରେ ବିଷ୍ଣୁପଦଙ୍କୁ ସଂସ୍ଥାର ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ଚଞ୍ଚଲ ଓ ଇଷ୍ଟ୍ କୋଷ୍ଟ ଜେନେରାଲ ମ୍ୟାନେଜର ବି.କେ. ସିଂ ସାକ୍ଷାତ କରି ବିଭିନ୍ନ ପ୍ରକଳ୍ପ ବାବଦରେ ଆଲୋଚନା କରିଥିଲେ। ତେବେ ଏହି ଭେଟଘାଟ ବେଳେ କ'ଣ କ'ଣ ଆଲୋଚନା ହୋଇଥିଲା, ଅନ୍ୟ କିଛି ଡିଲ୍ ହୋଇଥିଲା କି ଏଭଳି ଦିଗକୁ ନେଇ ସିବିଆଇର ତଦନ୍ତ ଅଧିକାରୀ ସିଂଙ୍କୁ ପଚରାଉଚରା କରି ତଥ୍ୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ସମନ୍ କରିଥିବା ସତ୍ତ୍ୱେ ସେ ଏଯାଏ ହାଜର ହୋଇ ନିଜ ପକ୍ଷ ରଖିନାହାନ୍ତି। ତେବେ ବୁଧବାର ବିଷ୍ଣୁପଦ ଭୁବନେଶ୍ୱରସ୍ଥିତ ସିବିଆଇ ଅଫିସରେ ହାଜର ହୋଇପାରନ୍ତି ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ବଦଳରେ ଦିଲ୍ଲୀ ସିବିଆଇ ଅଫିସରେ ବିଷ୍ଣୁପଦ ହାଜର ହେବେ ବୋଲି ଚିଠି ଲେଖି ଜଣାଇଥିଲେ। ହେଲେ ସିବିଆଇ ପକ୍ଷରୁ ତାଙ୍କୁ ଏଥିପାଇଁ ଅନୁମତି ଦିଆଯାଇ ନ ଥିଲା। ମାମଲାର ତଦନ୍ତ ଅଧିକାରୀ ଭୁବନେଶ୍ୱରରେ ଥିବାରୁ ତାଙ୍କୁ ଭୁବନେଶ୍ୱର ସିବିଆଇ ଅଫିସରେ ହାଜର ହେବାକୁ କୁହାଯାଇଛି। ଏପରି କି ମଧ୍ୟାହ୍ନ ୧୨ଟା ସୁଦ୍ଧା ବିଷ୍ଣୁପଦଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ରହିଥିବା ସୂଚନା ମିଳିଛି। ଅପରପକ୍ଷରେ ଗିରଫ ହୋଇ ଜେଲରେ ଥିବା ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଜିଜିଏମ୍ ଚଞ୍ଚଲ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ତଥା କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା ଓ ମଧ୍ୟସ୍ଥ ଦେବଦତ୍ତ ମହାପାତ୍ରଙ୍କ ଜାମିନ ଆବେଦନର ଶୁଣାଣି ବୁଧବାର ହେବାର ଅଛି।

# ଆଜି ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି

**ସାଢ଼େ ୩ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ**

ପୁରୀ,୧୭।୧୨
(ଅଜିତ୍ କୁମାର ମହାନ୍ତି)

ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଦୀର୍ଘ ୧ ମାସ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଇଥାଏ। ପହିଲି ଭୋଗ ମାସରେ ଦୈନିକ ଦିବା ପହୁଡ଼ ନୀତି ହେବାର ପରମ୍ପରା ରହିଛି। ତେବେ ପହିଲି ଭୋଗ ମାସରେ ଦର୍ଶନାର୍ଥୀଙ୍କ ଅତ୍ୟଧିକ ଭିଡ଼ ରହିବା ସହିତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପାଇଁ ସମୟ ଆବଶ୍ୟକ ହେଉଥିବାରୁ ଦୈନିକ ଦିବା ପହୁଡ଼ କରାନଯାଇ କେବଳ ପରମ୍ପରାର ପ୍ରତୀକ ସ୍ୱରୂପ ପହିଲି ଭୋଗ ମାସରେ ଗୋଟିଏ ଦିନ ଦିବାପହୁଡ଼ କରାଯିବାକୁ ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ବୁଧବାର ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି କରାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେଣୁ ବୁଧବାର ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦିବା ପହୁଡ଼ ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଉକ୍ତ ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ବିଶିଷ୍ଟ ତବଲା ଉସ୍ତାଦ ଜାକିର ହୁସେନଙ୍କୁ ମଙ୍ଗଳବାର ପୁରୀ ବେଳାଭୂମିରେ ବାଲୁକାକଳା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ।

## ମିଲରଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ କଡ଼ା ଚେତାବନୀ

ନବରଙ୍ଗପୁର,୧୭।୧୨
(ସଦାଶିବ ପ୍ରହରାଜ)

ଧାନକିଣା ପ୍ରକ୍ରିୟା ପାଇଁ ଜିଲା ଯୋଗାଣ ବିଭାଗ ସହ ଏଗ୍ରିମେଣ୍ଟ କରୁ ନ ଥିବା ମିଲରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ ଦିନକିଆ ନବରଙ୍ଗପୁର ଗସ୍ତରେ ଆସି ମଙ୍ଗଳବାର ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ କରିଥିବା ସମୀକ୍ଷା ବୈଠକରେ ଏଭଳି ଚେତାବନୀ ଦେଇଛନ୍ତି। ଯେଉଁ ମିଲରମାନେ ଏଗ୍ରିମେଣ୍ଟ କରିବେ ନାହିଁ, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏପରିକି ଧାନ ସଂଗ୍ରହ ପ୍ରକ୍ରିୟାରେ ଯେଉଁମାନେ ଅବରୋଧ କରିବାକୁ ଚେଷ୍ଟା କରିବେ, ସେମାନେ କଳ୍ପନା କରି ନ ଥିବା ଭଳି ଦଣ୍ଡ ସରକାର ଦେବେ ବୋଲି କହିଛନ୍ତି ।

# ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଆରମ୍ଭ

**ପ୍ରଥମ ଦିନରେ ଭାରାବନ୍ଧା କାମ ସରିଲା**

ପୁରୀ,୧୭।୧୨
(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ମରାମତି ସଂକ୍ରାନ୍ତ ସର୍ଭେ ରିପୋର୍ଟ ମିଳିବା ପରେ ଶ୍ରୀମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗର ନିଷ୍ପତ୍ତି କ୍ରମେ ତଥା ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରଥମ ଦିନରେ ଭିତର ରତ୍ନଭଣ୍ଡାରରେ ଲୁହାଭାରା ବନ୍ଧାଯାଇଛି। ଫଳରେ ଏ ନେଇ ଦୀର୍ଘଦିନ ଧରି ଚାଲିଥିବା କଳ୍ପନାଜଳ୍ପନା ଏବଂ ଅପେକ୍ଷାର ଅନ୍ତ ଘଟିଛି। ତେବେ ବୁଧବାର ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି ରହିଥିବାରୁ ମରାମତି କାର୍ଯ୍ୟ ବନ୍ଦ ରହିବ। ସେହିପରି ମରାମତି ସମୟରେ ଭକ୍ତମାନେ ବାହାରକାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ମଙ୍ଗଳବାର ମରାମତି କାର୍ଯ୍ୟ ପୂର୍ବରୁ ଶ୍ରୀମନ୍ଦିର ନୀତି ପ୍ରଶାସକ ଯାଇ ଜିଲା ଟ୍ରେଜେରିରୁ ରତ୍ନଭଣ୍ଡାର ଚାବି ଆଣିଥିଲେ। ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ପରେ ୧୫ରୁ ୨୦ ଜଣ କୁଶଳୀ ଶ୍ରମିକ ରତ୍ନଭଣ୍ଡାରକୁ ଯାଇ କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନଙ୍କ ସହ ଏକ୍ସପର୍ଟ ଟିମ୍, ଶ୍ରୀମନ୍ଦିର ବୈଷୟିକ ଟିମ୍, ଏଏସ୍‌ଆଇ ପୁରୀ ସର୍କଲର ଅଧିକାରୀମାନେ ମଧ୍ୟ ରହିଥିଲେ। ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଏବଂ ଏସ୍‌ପି ଭିତରକୁ ଯାଇ କାର୍ଯ୍ୟର ସମୀକ୍ଷା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାର ତଦାରଖ କରିଥିଲେ। ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ କହିଛନ୍ତି, ପ୍ରଥମ ଦିନ ଭିତର ଭଣ୍ଡାରରେ ଭାରା ବନ୍ଧା ସରିଛି। ପ୍ରାୟ ୨୦ ଫୁଟ୍ ଉଚ୍ଚର ଲୁହାଭାରା ବନ୍ଧାଯାଇଛି। ଭାରା ବ୍ୟବହାର କରି କାନ୍ଥ, ଛାତ ଓ ବିଭିନ୍ନ ସ୍ଥାନରେ ଥିବା କ୍ରାକ୍ ବା ଫାଟ ମରାମତି କରାଯିବ। ଏଥିଲାଗି ଏଏସ୍‌ଆଇ ଦ୍ୱାରା ନିଯୁକ୍ତ କୁଶଳୀ କାରିଗରମାନଙ୍କୁ ନିୟୋଜିତ କରାଯାଇଛି। ଦିନକୁ ୪ରୁ ୫ ଘଣ୍ଟା କାର୍ଯ୍ୟ ହେବ। ବୁଧବାର ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି ରହିଥିବାରୁ ମରାମତି କାର୍ଯ୍ୟ ବନ୍ଦ ରହିବ। ପରଦିନଠାରୁ ପୁଣି କାମ ଆରମ୍ଭ ହେବ। ପ୍ରାଥମିକ ଭାବେ ଚୂନ ପ୍ଲାଷ୍ଟରକୁ ହଟାଯିବ। ପରେ ଫାଟ ଥିବା ପଥରଗୁଡ଼ିକ ପ୍ରତିସ୍ଥାପନ କରାଯିବ। ନୀଳଗିରିରୁ ଆସୁଥିବା ଉନ୍ନତମାନର ପଥରରେ ମରାମତି କାର୍ଯ୍ୟ ହେବ ବୋଲି ଗଡ଼ନାୟକ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ମରାମତି ସମୟରେ ଭକ୍ତମାନେ ବାହାର କାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଶୃଙ୍ଖଳିତ ନୀତିକାନ୍ତି ଓ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଏଏସ୍‌ଆଇ ୩ମାସ ସମୟ ମାଗିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା କାର୍ଯ୍ୟ ସାରିବାକୁ କୁହାଯାଇଛି। ଯେଉଁଦିନ ମହାପ୍ରଭୁଙ୍କ ନୀତି ରହିବ ତଥା ଭକ୍ତଙ୍କ ଅଧିକ ସମାଗମ ହେବ, ସେହିଦିନ କାର୍ଯ୍ୟ ବନ୍ଦ ରହିବ। ଏସ୍‌ପି ବିନିତ୍ କୁମାର ଅଗ୍ରୱାଲ କହିଛନ୍ତି, ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମରାମତି କାମ ଆରମ୍ଭ ହୋଇଛି।, ଯେତେଶୀଘ୍ର ସମ୍ଭବ କାମ ସାରିବାକୁ କୁହାଯାଇଛି। ଏହାପରେ ଅଳଙ୍କାର ଗଣତିମଣତି ପ୍ରକ୍ରିୟା ଆରମ୍ଭ ହେବ। ଅନ୍ୟପକ୍ଷରେ ଦୀର୍ଘସ୍ଥାୟୀ ମରାମତି ନିମନ୍ତେ ବିଭିନ୍ନ ମହଲରେ ଦାବି କରାଯାଇଛି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମରାମତି କାମ ଆରମ୍ଭ ହୋଇଛି। ଯେତେଶୀଘ୍ର ସମ୍ଭବ କାମ ସାରିବାକୁ କୁହାଯାଇଛି। ଏହାପରେ ଅଳଙ୍କାର ଗଣତିମଣତି ପ୍ରକ୍ରିୟା ଆରମ୍ଭ ହେବ। ଅନ୍ୟପକ୍ଷରେ ଦୀର୍ଘସ୍ଥାୟୀ ମରାମତି ନିମନ୍ତେ ବିଭିନ୍ନ ମହଲରେ ଦାବି କରାଯାଇଛି। ରତ୍ନଭଣ୍ଡାର ମରାମତି ପାଇଁ ରାଜ୍ୟ ସରକାର ଅତିରିକ୍ତ ବଜେଟରେ ୫ କୋଟି ଟଙ୍କା ଘୋଷଣା କରିଛନ୍ତି। ମରାମତି ଗଣତିମଣତି କରାଯିବାକୁ ଥିବାବେଳେ ୧୯୭୮ ଗଣତିମଣତି ତଥ୍ୟ ଆଧାରରେ ମେଳକ କରାଯିବ। ସେପ୍ଟେମ୍ବର ୧୮ରେ ରତ୍ନଭଣ୍ଡାର ଲେଜର ସ୍କାନିଂ ଏବଂ ୨୧ ଓ ୨୨ ତାରିଖରେ ଏନ୍‌ଜିଆର୍‌ଆଇ ଏବଂ ଏଏସ୍‌ଆଇ ପକ୍ଷରୁ ମିଳିତ ଭାବେ ଜିପିଆର୍‌ଏସ୍ ସର୍ଭେ କରାଯାଇଥିଲା। ନଭେମ୍ବର ୨୩ରେ ଶ୍ରୀମନ୍ଦିର ପ୍ରଶାସନର ସର୍ଭେ ରିପୋର୍ଟ ହସ୍ତଗତ ହୋଇଥିଲା। ଏଥିରେ ଭିତର ରତ୍ନଭଣ୍ଡାର କାନ୍ଥ ଓ ଚଟାଣ ଦୁର୍ବଳ ଥିବା ଉଲ୍ଲେଖ ରହିଥିଲା।

# ଆହତ ମୟୂରକୁ ଉଦ୍ଧାରକଲେ ସତ୍ୟଜିତ୍


ସତ୍ୟଜିତ୍ ଗଡୁଆ

ଭୁବନେଶ୍ୱର,୧୭।୧୨(ବନ୍ଦନା ସେଠୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ୍‌ର ପ୍ରକୃତିପ୍ରେମୀ ସତ୍ୟଜିତ୍ ଗଡୁଆ ଏକ ଆହତ ମୟୂର ଉଦ୍ଧାର କରିଛନ୍ତି। ଖଜୁରିଆପାଲି ଗ୍ରାମର ପାର୍ଶ୍ୱବର୍ତ୍ତୀ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲ ନିକଟରେ ଉକ୍ତ ମୟୂରଟି କୌଣସି କାରଣରୁ ଅସୁସ୍ଥ ଅବସ୍ଥାରେ ପଡିରହିଥିଲା। ଏନେଇ ଖବର ପାଇ ସତ୍ୟଜିତ୍ ସେହି ସ୍ଥାନକୁ ଯାଇ ମୟୂରଟିକୁ ଉଦ୍ଧାରକରି ତୁରନ୍ତ ଘରୋଇ ଚିକିତ୍ସା ଆରମ୍ଭ କରିଥିଲେ। ଆହତ ମୟୂରକୁ ଗ୍ଲୁକୋଜ ପାଣି ପିଆଇବା ସହ ତା'ର ଡେଣାରେ ଆଘାତ ଲାଗିଥିବା ସ୍ଥାନରେ ବଟା ହଳଦୀ ପ୍ରଲେପ ଦେଇ ପରଗୁଡିକ ପୁନଃ ସଜାଡ଼ିଥିଲେ। କିଛି ସମୟ ରଖିବା ପରେ ମୟୂରଟିକୁ ତା'ର ଉପଯୁକ୍ତ ବାସସ୍ଥଳୀରେ ଛାଡ଼ି ଦେଇଥିଲେ। 'ଜୀବେ ଦୟା ପରମ ଧର୍ମ'କୁ ପାଥେୟକରି ନିଜ କର୍ତ୍ତବ୍ୟ ଜାରି ରଖିଛନ୍ତି ବୋଲି ସତ୍ୟଜିତ୍ କହିଛନ୍ତି। ଏବେ ଜଙ୍ଗଲ ନିଆଁ, ବନ୍ୟପ୍ରାଣୀଙ୍କ ସୁରକ୍ଷା, ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ପ୍ରକୃତିର ସଂରକ୍ଷଣ ପ୍ରତି ସମସ୍ତେ ଦାୟିତ୍ୱବାନ୍ ରହିବା ପାଇଁ ସେ ନିବେଦନ କରିଛନ୍ତି। ପ୍ରକୃତିପ୍ରେମୀ ସତ୍ୟଜିତ୍‌ଙ୍କ ଏଭଳି କାର୍ଯ୍ୟକୁ ଜନସାଧାରଣରେ ପ୍ରଶଂସା କରାଯାଉଛି।

## ଟ୍ରେନ୍ ଧକ୍କାରେ ୨ ମୃତ

ରାଉରକେଲା,୧୭।୧୨(ସଙ୍ଗୀତା ଜେନା)

ରାଉରକେଲା ସହର ଉପକଣ୍ଠ କଲୁଙ୍ଗା ରେଳ ଫାଟକ ନିକଟରେ ମଙ୍ଗଳବାର ରାତିରେ ଟ୍ରେନ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ରାଉରକେଲା ଜିଆର୍‌ପି ଓ ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ କରୁଛି। ଜିଆର୍‌ପି କୌଣସି ସୂଚନା ଦେଉ ନ ଥିବାରୁ ମୃତାହତଙ୍କ ଠିକ୍ ସଂଖ୍ୟା ଜଣାପଡ଼ିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରାତିରେ ରେଳଫାଟକ ବନ୍ଦ ଥିବା ସମୟରେ ବାଇକ୍‌ରେ କିଛି ଲୋକ ରେଳଲାଇନ ଅତିକ୍ରମ କରୁଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ଯାତ୍ରୀବାହୀ ଟ୍ରେନ ବାଇକଗୁଡ଼ିକୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଥିଲେ। ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବାଇକ୍‌ଗୁଡ଼ିକ ଭାଙ୍ଗିରୁଜି ରେଳଧାରଣାରେ ପଡ଼ି ରହିଛି। ମୃତାହତଙ୍କ ପରିଚୟ ମିଳିନାହିଁ।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀ ଅସୁସ୍ଥ



ଭବାନୀପାଟଣା,୧୭।୧୨
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ଶତପଥୀ ଅସୁସ୍ଥ ହୋଇପଡିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ କର୍କଟ ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କୁ ବ୍ରେନ୍ ଷ୍ଟ୍ରୋକ ମଧ୍ୟ ହୋଇଥିବା ଜଣାପଡିଛି। ଗତ ଅକ୍ଟୋବର ୧ ତାରିଖଠାରୁ ଦେହ ଅସୁସ୍ଥ ଥିବା ନେଇ ସେ ବିଶ୍ୱବିଦ୍ୟାଳୟରୁ ଛୁଟି ନେଇଛନ୍ତି। ତାଙ୍କ ଅସୁସ୍ଥତା ଖବର ଶୁଣି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ କର୍ତ୍ତୃପକ୍ଷ, ଭାରପ୍ରାପ୍ତ କୁଳପତି ଦୁଃଖପ୍ରକାଶ କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ୨୦୨୧ ଏପ୍ରିଲ ମାସରେ ସେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଯୋଗଦାନ କରିଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟରେ ରହୁଥିବା ସୂଚନା ମିଳିଛି। ସେ ଏକାଧାରାରେ ଜଣେ ଶିକ୍ଷାବିତ୍, ପ୍ରବଚକ, ସୁସାହିତ୍ୟିକ ସର୍ବୋପରି ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ବେଶ୍ ଜଣାଶୁଣା। ରାଜ୍ୟର ବିଭିନ୍ନ ଧର୍ମାନୁଷ୍ଠାନ ସହ ସେ ଦୀର୍ଘବର୍ଷ ହେଲା ଜଡ଼ିତ ରହିଛନ୍ତି।

# ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଲେ ପୂର୍ତ୍ତମନ୍ତ୍ରୀ

ଭୁବନେଶ୍ୱର, ୧୭।୧୨(ସୁନିତ୍ ମିଶ୍ର)

ପୂର୍ତ୍ତ ବିଭାଗ ଅଧୀନ ବିଭିନ୍ନ ନିର୍ମାଣ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଓ କାର୍ଯ୍ୟର ଅଗ୍ରଗତି ନେଇ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନସ୍ଥିତ କନ୍‌ଭେନସନ ହଲ୍‌ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋନପୁର-ବିନିକା-ରାମପୁର-ଡୁଙ୍ଗୁରିପାଲି ରାସ୍ତା, ମାର୍ଶାଘାଇ-ଜମ୍ବୁ ରାସ୍ତା, ବ୍ରହ୍ମପୁର ରିଂ ରୋଡ୍, କଟକ ରିଂ ରୋଡ୍ (ଖାନନଗରଠାରୁ ଲିଙ୍କ୍ ରୋଡ୍ ପର୍ଯ୍ୟନ୍ତ) ଅଗ୍ରଗତି ନେଇ ସମୀକ୍ଷା ହୋଇଛି। ସେହିପରି ଗୋବରଘାଟଠାରେ ଥିବା ସୁବର୍ଣ୍ଣରେଖା ନଦୀ ଉପରେ ହାଇଲେଭଲ ସେତୁ, ବୌଦ୍ଧ ଜିଲା ବାଉଁଶୁଣୀଠାରେ ଥିବା ମହାନଦୀ ଉପରେ ୨ୟ ହାଇଲେଭଲ ସେତୁ, ଖରସ୍ରୋତା ନଦୀ ଉପରେ ନୂଆବଜାରରେ ଥିବା ହାଇଲେଭଲ ସେତୁ, ସୁବର୍ଣ୍ଣରେଖା ନଦୀ ଉପରେ ପାନ୍‌ଟେଲଠାରେ ହାଇଲେଭଲ୍ ସେତୁର ପ୍ଲାନ୍ ଅନୁମୋଦନ ଓ ନିର୍ମାଣ ଅଗ୍ରଗତି ନେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାଠାରୁ ପଚାରି ବୁଝିଛନ୍ତି। ରାଜ୍ୟର ସମସ୍ତ ବଡ଼ ପ୍ରକଳ୍ପ ଯଥା-ରାସ୍ତା, ବ୍ରିଜ୍, ବିଲ୍ଡିଂ, ନ୍ୟାଶନାଲ ହାଇୱେ ତଥା ଓବିସିସିର ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା ହୋଇଛି। ଏଥିରେ ପ୍ରଥମ ଥର ପାଇଁ ବିଭାଗୀୟ ଅଧିକାରୀ, କନ୍‌ସଲଟାଣ୍ଟ ଏବଂ କଣ୍ଟ୍ରାକ୍ଟରମାନେ ଯୋଗଦେଇଥିଲେ। ବାଲେଶ୍ୱର, ବାରିପଦା, କୋରାପୁଟ, ଫୁଲବାଣୀ ଏବଂ ପୁରୀ ସ୍ଥିତ ଟିଚିଂ ହସ୍ପିଟାଲ, କ୍ୟାପିଟାଲ ହସ୍ପିଟାଲର ଭିତ୍ତିଭୂମିର ଉନ୍ନତୀକରଣ ଏବଂ ନିର୍ମାଣାଧୀନ ଏସିବି ମେଡିକାଲ କଲେଜର ସ୍ଥିତିର ସମୀକ୍ଷା କରି ମନ୍ତ୍ରୀ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ନେଇ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେବା ସହ କାର୍ଯ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଇଆଇସି (ସିଭିଲ) ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଫିକ୍ସଡ ଆନୁଇଟୀ ରେଟ୍‌ସ ପଲିସୀ ଆରମ୍ଭରୁ
ମଲ୍‌ଟିପଲ୍ ଆନୁଇଟୀ ବିକଳ୍ପସବୁ
ଇନ୍‌କ୍ରୀଜିଙ୍ଗ ଡେଥ୍ ବେନିଫିଟ ଡିଫରମେଣ୍ଟ ପିରିଅଡ୍ ବେଳେ
ଆମର ହ୍ୱାଟ୍‌ସଆପ୍ ନଂ: 8976862090 'Hi' କୁହନ୍ତୁ
ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ: (022) 6827 6827
ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ/ ଦେଖନ୍ତୁ: www.licindia.in ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ
ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512
LIC ଲାଇଫ ଇନସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
LIC/P1/2024-25/23/Ori

**ଆଜିର ମନ୍ତବ୍ୟ**
କଂଗ୍ରେସ ସବୁବେଳେ ଚାଷୀଙ୍କ ସ୍ୱାର୍ଥ ସମ୍ପର୍କରେ ବଡ଼ ବଡ଼ କଥା କହୁଛି। କିନ୍ତୁ ନିଜେ କିଛି କରୁନାହିଁ କି ଅନ୍ୟମାନଙ୍କୁ କରିବାକୁ ଦେଉନାହିଁ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନୀ, ସ୍ଥାନ: ବେଣ୍ଟପୁର, ବାଲିଅନ୍ତା ବ୍ଲକ, ସମୟ: ସକାଳ ୮ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଏଜି ରିକ୍ରେସନ କ୍ଲବ ପଡ଼ିଆ, ପୁରୁଣା ଏଜି କଲୋନୀ, ୟୁନିଟ୍-୪, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ସରଗିଫୁଲ ଉତ୍ସବ, ସ୍ଥାନ: ଆଦିବାସୀ ମେଳା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ୧୪ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ବିଜେବି ୭୩ର ୩୪ତମ ବନ୍ଧୁମିଳନ, ସ୍ଥାନ: ଅନ୍ଧମୂକବଧିର ସଭାଗୃହ, ସତ୍ୟନଗର, ସମୟ: ପୂର୍ବାହ୍ନ ୧୧ଟା।
- ଉଇ ଫର୍ ୟୁ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୧୦୮ ଫୁଟର ସ୍ମାରକୀ ପତାକା ଉତ୍ତୋଳନ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୧୫।
- ବ୍ୟଙ୍ଗ ସାହିତ୍ୟାସର, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ସମୟ: ଅପରାହ୍ନ ୫ଟା ୩୦।
- ସଙ୍ଗୀତ କାର୍ଯ୍ୟକ୍ରମ 'ଚିର ସବୁଜ ଗୀତ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ନାଗରିକ ସମାଜର ଷୋଡ଼ଶ ସ୍ୱନକ୍ଷତ୍ର ଦିବସ, ସ୍ଥାନ: ହୋଟେଲ କେଶରୀ, ସମୟ: ସନ୍ଧ୍ୟା ୬ଟା।

## କଟକ
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସର, ନୂଆପାଟଣା, ଟିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।
- ନେହେରୁ ଯୁବକେନ୍ଦ୍ର ସଂଗଠନ ପକ୍ଷରୁ ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଖ୍ରୀଷ୍ଟ କଲେଜ ପକ୍ଷରୁ ଖ୍ରୀଷ୍ଟମାସ୍ କ୍ୟାରୋଲ, ସ୍ଥାନ: କଲେଜ ପରିସର, ସମୟ: ଅପରାହ୍ନ ୫ଟା।

## ପୁରୀ
- ଭୀମ ଭୋଇ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।
- ସତ୍ୟବାଦୀ ମହୋତ୍ସବ ନିମନ୍ତେ ସମନ୍ୱୟ ବୈଠକ, ସ୍ଥାନ: ସତ୍ୟବାଦୀ ବ୍ଲକ ନିକଟସ୍ଥ କଲ୍ୟାଣ ମଣ୍ଡପ, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ରଘୁନାରାୟଣ ବିଦ୍ୟାଳୟ ପଡିଆ, ମାର୍କୋଣା, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ:ବରୀ ସରକାରୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଗରାଇ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭୁଷଣ୍ଡେଶ୍ୱର ମହାଦେବ ପରିସର, ଭୋଗରାଇ, ସମୟ: ଅପରାହ୍ନ ୨ଟା।

## ଭଦ୍ରକ
- ଏସ୍‌ୟୁଜେର ଜିଲାସ୍ତରୀୟ ବୈଠକ, ସ୍ଥାନ: ଚାରିଘରିଆ ରୋଟାରୀ ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୟ ଦିବସ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଲାୟନ୍ସ କ୍ଲବ୍ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଅଛି ଯଦି ଦିଅ ନାହିଁ ଯଦି ନିଅ', ସ୍ଥାନ: ଟାଉନ ଥାନା ଛକ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଅଭିରାମ ପଣ୍ଡା ସ୍ମୃତି ସଂସଦର ବାର୍ଷିକୋତ୍ସବ, ସ୍ଥାନ: ଚିଙ୍ଗୁଡ଼ିପୁର ସ୍ୱାମୀ ବିବେକାନନ୍ଦ ଗୁରୁକୁଳ ଆଶ୍ରମ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ଭଦ୍ରକ ତ୍ୟାଗଭୂମି ମହୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ଦି ମାତୃଭାରତୀ ବୈଠକ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଲପାଳ ବଡସାହି ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ମେରି ଖ୍ରୀଷ୍ଟମାସ, ସ୍ଥାନ: ବୁଗୁଡା ଶୋଭନୀୟ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- କୁଜଙ୍ଗ ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଅଲିଭରିଡ୍‌ଲେ କଇଁଛ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମାଛଧରା ବନ୍ଦର, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ ମ୍ୟାଚରେ ଗୋପବନ୍ଧୁ କ୍ରିକେଟ କ୍ଲବ ବନାମ କେନ୍ଦ୍ରାପଡ଼ା ଟାଇଗର୍ସ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଜ୍ଞାନଯଜ୍ଞ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ଛତିଆ ଇସ୍କନ ଗ୍ରୁପ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ସମଗ୍ର ଶିକ୍ଷା ନୟାଗଡ଼ ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ:ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ରାଜପାଟଣା ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ଉପଖଣ୍ଡସ୍ତରୀୟ ଚଇତି ଉପଲକ୍ଷେ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ଗୁଣପୁର , ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଚଇତି ମହୋତ୍ସବ, ସ୍ଥାନ: ଆଇଓବି ବ୍ୟାଙ୍କ ପଛ ପଡ଼ିଆ, ବିଷମକଟକ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ଜିଲାସ୍ତରୀୟ ସ୍କାଉଟ ଓ ଗାଇଡର ପ୍ରଶିକ୍ଷଣ ଶିବିର, ସ୍ଥାନ : କିଂଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ : ସକାଳ ୭ଟା।
- ସମ୍ବଲପୁର ଲୋକ ମହୋତ୍ସବ ପ୍ରେକ୍ଷାଳୟ ଉପସମିତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର
- ୫୩ ତମ ବାର୍ଷିକ କ୍ରୀଡା ମହୋତ୍ସବ ୨୦୨୪, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର
- ଜିଲାସ୍ତରୀୟ ସ୍କାଉଟ ଗାଇଡ କ୍ୟାମ୍ପର ଦ୍ୱିତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବାଳକ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: କାନପୁର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ ଟା।
- ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧୀଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସରକାରୀ ବାଳକ ହାଇସ୍କୁଲ ଖେଳ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୧୧ଟା।
- ପଦ୍ମପୁର ଲୋକ ମହୋତ୍ସବ ପର୍ବ, ସ୍ଥାନ: ଅଶୋକ ପଡ଼ିଆ, ପଦ୍ମପୁର, ସମୟ: ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବାଳକ ହାଇସ୍କୁଲ ଖେଳ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା
- ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଭିକାମପାଲି ଖେଳ ପଡ଼ିଆ, ସମୟ: ସକାଳ ୮ଟା ୩୦।
- ସେଣ୍ଟ ଥୋମାସ ଇଂଲିଶ ସ୍କୁଲ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କାଳୀ ମନ୍ଦିର ରୋଡ଼ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ହନୁମାନ କଥାର ୧୦୫ତମର
- ଅନ୍ତିମ ଦିବସ, ସ୍ଥାନ: ଶ୍ରୀ ରାଣୀସତୀ ଦାଦି ମନ୍ଦିର, ସରବାହାଲ ରୋଡ଼, ସମୟ: ଅପରାହ୍ନ ୩ଟା।

## ରାଉରକେଲା
- ରାଉରକେଲାରେ ବାର୍ଷିକ କ୍ରୀଡ଼ା ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର ଖବରଦାତା ସମ୍ମିଳନୀ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ବିଦ୍ୟା ବିକାଶ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ସକାଳ ୮ଟା ୩୦।
- ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେବଗଡ଼ର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଅପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ଦେବଗଡ଼, ସମୟ: ସକାଳ ୯ଟା।
- ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ବୃଷ୍ଟି ବ୍ୟାୟାମକୁ ନେଇ ୫ ଦିନିଆ ପ୍ରଶିକ୍ଷଣ ଶିବିର, ସ୍ଥାନ: ରିଆମାଳ ବ୍ଲକ, ଖିଲେଇ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାଥମିକ ଚିକିତ୍ସା ତାଲିମ ଶିବିର, ସ୍ଥାନ: ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ସମାଧି ପୀଠର ବାର୍ଷିକ ଉତ୍ସବ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ଜୁନାଗଡ଼ ଶ୍ରୀଅରବିନ୍ଦ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।

## ବୌଦ୍ଧ
- ଅଷ୍ଟମ ଗଡଜାତ ଲୋକ ମହୋତ୍ସବ ପଲ୍ଲିଶ୍ରୀ ମେଳା ଚତୁର୍ଥ ଦିନ, ସ୍ଥାନ: ସାଧୁଚରଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ବୀରନରସିଂହପୁର, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ସାହାଯ୍ୟ ପାଇ କାମ ତ୍ୱରାନ୍ୱିତ କରିବାର ନିଷ୍ପତ୍ତି ନେବେ। କଠୋର ପରିଶ୍ରମ ଓ ଅନିଦ୍ରାଜନିତ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ, ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ଅଶ୍ୱିନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**ବୃଷ** ସହକର୍ମୀଙ୍କ ଦ୍ୱାରା ପ୍ରଭାବିତ ହୋଇ ନୂତନ ଯୋଜନା ଆରମ୍ଭ ସକାଶେ ମନ ବଳାଇବେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ସହ ମନୋମାଳିନ୍ୟ ଘଟିବାରୁ ଉଦ୍‌ବେଗ ବଢ଼ିପାରେ। କୃତ୍ତିକା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଗୁଡ଼ିଏ କାମ ହାତକୁ ନେଇ ଟେନ୍‌ସନ ବୃଦ୍ଧି ପାଇବ। କଚେରି ମାମଲାର ଶୁଣାଣି ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି।

**ମିଥୁନ** ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ସହଯୋଗ ଲୋଡ଼ିପାରନ୍ତି। ବନ୍ଧୁଙ୍କୁ ମନକଥା ଲୁଚାଇ ପାରିବେ ନାହିଁ। କିନ୍ତୁ ପରେ ତାହା ହିଁ ସମସ୍ୟାର କାରଣ ହେବ। ରାଜନୀତି କିମ୍ବା ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** ଆଜି ଯାହା ଇଚ୍ଛା କରୁଛନ୍ତି, କରି ଚାଲନ୍ତୁ କୌଣସି ଅସୁବିଧା ହେବ ନାହିଁ। ସବୁ କଥାରେ ହଁ ଭରିଲେ ଶେଷ ସମୟରେ ବନ୍ଧୁ ବିଶ୍ୱାସ ଘାତକତା କରିପାରନ୍ତି। ପୁଷ୍ୟା ନକ୍ଷତ୍ର ଆନୁଷ୍ଠାନିକ କାମରେ ସ୍ଥଗିତ କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ବ୍ୟବସାୟରେ ସଫଳତା ହାସଲ କରିବେ ଏବଂ ବିଳାସ ଉପକରଣ କିଣିପାରନ୍ତି।

**ସିଂହ** ଆଜି ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିବାକୁ ପଡ଼ିପାରେ। ମାତ୍ର ମଘା ନକ୍ଷତ୍ର ଅଭିଳଷିତ ଜିନିଷଟି ପ୍ରାପ୍ତି ସକାଶେ ଉଚ୍ଚ ଆଶା କରି ନିରାଶ ହେବେ। ଆର୍ଥିକ ସ୍ୱଚ୍ଛଳତା ସତ୍ତ୍ୱେ ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ଆବଶ୍ୟକୀୟ ସହଯୋଗ ଲାଭକରି ସ୍ଥଗିତ କାମଟି ସମ୍ପୂର୍ଣ୍ଣ କରିପାରନ୍ତି।

**କନ୍ୟା** ପରିବାରରେ ସାଧାରଣ କଥା ଜଟିଳ ଆକାର ଧାରଣ କରିପାରେ। କୌଣସି କାମ ନ କରି ଘରେ ବସି ରହିଥିବା ଭାଇଙ୍କ ପାଇଁ ଚିନ୍ତା କରିବେ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ଅଭାବନୀୟ ପରିସ୍ଥିତିକୁ ସାମନା କରି କାମ କରିବାକୁ ବାଧ ହେବେ। ଶତ୍ରୁତା ରହିଥିଲେ ମଧ୍ୟ ଆପଣଙ୍କ ବ୍ୟବସାୟ ପାଇଁ କୌଣସି ସମସ୍ୟା ସୃଷ୍ଟି କରିପାରିବ ନାହିଁ।

**ତୁଳା** ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନକଲେ ପଶ୍ଚାନ୍ତେ ଚିନ୍ତା କରିବାକୁ ସମୟ ପାଇବେ ନାହିଁ। ଉପସ୍ଥିତ ବୁଦ୍ଧି ଖଟାଇ ପାରିବାରିକ ସମସ୍ୟାକୁ ସମ୍ଭାଳି ନେବେ। ବ୍ୟବସାୟରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇପାରେ। ଚିତ୍ରା ନକ୍ଷତ୍ର ସକାଶେ ବନ୍ଧୁଙ୍କ ବିଷୟରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**ବିଛା** ନୂତନ ସ୍ଥାନ ଓ ନୂତନ ପରିବେଶରେ ଏକ ଅନିର୍ବଚନୀୟ ଆନନ୍ଦ ଅନୁଭବ କରିବେ। କିଛି ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ଅତୀତ କଥାକୁ ଆଲୋଚନା କରି ଆଜି ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଅନୁରାଧା ନକ୍ଷତ୍ର କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି।

**ଧନୁ** ପାରିବାରିକ କ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ପୂର୍ବାଷାଢ଼ା ନକ୍ଷତ୍ର ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବା ସହ ସନ୍ତାନ ହେତୁକ ନିଜକୁ ଗୌରବାନ୍ୱିତ ମନେକରିବେ।

**ମକର** ଆଜି ସ୍ତ୍ରୀଙ୍କ ଅନୁରାଗ, ବନ୍ଧୁଙ୍କ ଆଦର ସଙ୍ଗକୁ ଯାତ୍ରାରେ ଆଶା ପୂରଣ ହେତୁ ଖୁସି ରହିବେ। ସାମାଜିକ ସ୍ତରରେ ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କର୍ମ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ, ମାତ୍ର ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଶ୍ରବଣା ନକ୍ଷତ୍ର ବକେୟା ଆଦାୟରେ ସକ୍ଷମ ହେବେ।

**କୁମ୍ଭ** ଅସ୍ଥିରତା ହେତୁ ରୁକ୍ଷ ବ୍ୟବହାରଜନିତ ଆତ୍ମୀୟ ଦୂରେଇ ଯାଇପାରନ୍ତି। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ହେତୁ ମାନସିକ ସ୍ଥିତି ଅପରିବର୍ତ୍ତିତ ରହିବ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ଶତଭିଷା ନକ୍ଷତ୍ର ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମୀନ** ଆଜି ଅପ୍ରିୟ ସତ୍ୟଭାଷଣରୁ ଦୂରେଇ ରହିବା ଭଲ ହେବ। ଗଣତନ୍ତ୍ରର ପ୍ରତୀକ ଶନିଙ୍କ ପ୍ରଭାବରୁ ରାଜନୀତିରେ ସାଂଗଠନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି। ଉତ୍ତରଭାଦ୍ର ନକ୍ଷତ୍ର ଆଜି ତରବରିଆ ଭାବେ କୌଣସି କାମ କରିବା ଠିକ୍ ହେବ ନାହିଁ।

ଆଜି ଡିସେମ୍ବର ୧୮ ତାରିଖ, ପୌଷ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ବୁଧବାର, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୯ମି. ଗତେ ଘ.୦୮.୨୮ମି. ମଧ୍ୟେ, ଘ.୧୦.୩୮ମି. ଗତେ ଘ.୧୧.୪୩ମମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୦୪ମି. ମଧ୍ୟେ ରାହୁ କାଳ।

# ସର୍ବାଧିକ ବୟସସୀମା କୋହଳ ପାଇଁ ହାଇକୋର୍ଟଙ୍କ ଆଦେଶ

### ଓଡ଼ିଶା ପୋଲିସରେ ଡ୍ରାଇଭର ନିଯୁକ୍ତି ମାମଲା

**କଟକ,୧୭।୧୨(କାର୍ତ୍ତିକ ସାହୁ)**

ଓଡ଼ିଶା ପୋଲିସରେ ଡ୍ରାଇଭର ନିଯୁକ୍ତି ସମ୍ପର୍କିତ ମାମଲାର ଶୁଣାଣି କରି ସର୍ବାଧିକ ବୟସସୀମା କୋହଳ କରିବାକୁ ହାଇକୋର୍ଟ ମଙ୍ଗଳବାର ଆଦେଶ ଦେଇଛନ୍ତି। ଆବେଦନକାରୀ ଆଦିତ୍ୟ ମିର୍ଦ୍ଧା ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଏକାଧିକ ଆବେଦନର ଶୁଣାଣି କରି ବିଚାରପତି ଡ. ଏସ୍. କେ. ପାଣିଗ୍ରାହୀ ଏହି ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ପୋଲିସରେ ୪୦୫ଟି ଡ୍ରାଇଭର ପଦରେ ନିଯୁକ୍ତି ପାଇଁ ପୋଲିସ ସିଲେକ୍ସନ ବୋର୍ଡ ପକ୍ଷରୁ ଗତ ଅକ୍ଟୋବର ୭ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିରେ ଦର୍ଶାଯାଇଥିଲା ଯେ, ଓଡ଼ିଶା ପୋଲିସରେ ଡ୍ରାଇଭର ନିଯୁକ୍ତି ନିମନ୍ତେ ଗତ ଜାନୁଆରୀ ୧ ତାରିଖ ସୁଦ୍ଧା ପ୍ରାର୍ଥୀଙ୍କ ବୟସ ୧୮ରୁ ୨୩ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ତଦନୁଯାୟୀ ପ୍ରାର୍ଥୀମାନେ ଏହି ପଦବୀ ନିମନ୍ତେ ଆବେଦନ କରିଥିଲେ। କରୋନା ସମୟରେ ନିଯୁକ୍ତି ବନ୍ଦ ଥିବାବେଳେ ୨୦୨୧ ମସିହା ପରେ ପ୍ରଥମ ଥର ପାଇଁ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ନିୟମିତ ଭାବେ ନିଯୁକ୍ତି ପ୍ରକ୍ରିୟା ହୋଇ ନ ଥିବାରୁ ଓଡ଼ିଶା ପୋଲିସରେ ଡ୍ରାଇଭର ନିଯୁକ୍ତି ନିମନ୍ତେ ବୟସ ସୀମା କୋହଳ କରିବାକୁ ଏକାଧିକ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନିଯୁକ୍ତି ନିମନ୍ତେ ନିୟମିତ ଅନ୍ତରରେ ବିଜ୍ଞପ୍ତି ପ୍ରକାଶ ପାଉ ନ ଥିବାରୁ ସେମାନେ ବଞ୍ଚିତ ହେଉଥିବା ଦର୍ଶାଇଥିଲେ। ହାଇକୋର୍ଟ ସର୍ବାଧିକ ବୟସ ସୀମା କୋହଳ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ଏକାଧିକ ଆବେଦନକୁ ଗ୍ରହଣ କରି ମଙ୍ଗଳବାର ଉପରୋକ୍ତ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରିୟରଞ୍ଜନ ସିଂ, ଯୁଗଳ କିଶୋର ପଣ୍ଡା, ବିପ୍ଳବ ପି. ବାହାଲି, କ୍ଷୀରୋଦ ରାଉତ, ଅନୁରାଗ ପତି, ମନୋରଞ୍ଜନ ପାଢ଼ୀ ଏବଂ ଅନ୍ୟମାନେ ମାମଲା ପରିଚାଳନା କରୁଥିଲେ।

# ଭତ୍ତା ନେବାକୁ ଆସି ବୃଦ୍ଧଙ୍କ ମୃତ୍ୟୁ

**ସମ୍ବଲପୁର,୧୭।୧୨**
**(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ବରଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ମଙ୍ଗଳବାର ଭତ୍ତା ନେବାକୁ ଆସିଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛଟାନାପାଲି ଗ୍ରାମର ରବିନ ଧରେଇ(୬୫)। ପୂର୍ବାହ୍ନ ପ୍ରାୟ ୧୧ଟାରେ ରବିନ ବାର୍ଦ୍ଧକ୍ୟ ଭତ୍ତା ବାବଦ ଟଙ୍କା ନେଇ ସାରିବା ପରେ ହଠାତ୍ ତଳେ ପଡ଼ିଯାଇଥିଲେ। ତାଙ୍କୁ ପାଖରେ ଥିବା ଲୋକେ ଓ ପଞ୍ଚାୟତ କର୍ମଚାରୀ ସମ୍ବଲପୁର ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧମା ଥାନା ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ବରଗାଁ ସରପଞ୍ଚ ପ୍ରଭାସିନୀ ହୋତା କହିଛନ୍ତି, ସକାଳେ ରବିନ ପଞ୍ଚାୟତ କାର୍ଯ୍ୟାଳୟ ଆସି ଭତ୍ତା ଟଙ୍କା ନେଇଥିଲେ। ତେବେ କେହି କିଛି ବୁଝିବା ପୂର୍ବରୁ ସେଠାରେ ସେ ପଡ଼ିଯାଇଥିଲେ। ସରକାରଙ୍କ ନିର୍ଦ୍ଦେଶରେ ଯେଉଁମାନେ ଭତ୍ତା ନେବାକୁ ଆସିପାରୁ ନାହାନ୍ତି ସେମାନଙ୍କ ଘରକୁ ଯାଇ ପଞ୍ଚାୟତ କର୍ମଚାରୀ ଭତ୍ତା ଟଙ୍କା ଯାଇ ପ୍ରଦାନ କରୁଛନ୍ତି। ତେବେ ରବିନ ସୁସ୍ଥ ଥିଲେ ଓ ନିଜେ ଭତ୍ତା ନେବାକୁ ଆସୁଥିଲେ। ଏହି ଦୁଃଖଦ ଖବର ପରେ ତାଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଅଲିଭ୍ ରିଡ୍‌ଲେଙ୍କୁ...

ଟ୍ରଲରକୁ ଆଗୁଆ ସୂଚନା ଦେଇଦେଉଛନ୍ତି। ଫଳରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ସମୁଦ୍ରରେ ପହଞ୍ଚିବାବେଳକୁ ଟ୍ରଲରଗୁଡ଼ିକ ନିଷିଦ୍ଧାଞ୍ଚଳ ଛାଡ଼ି ବାହାରକୁ ଚାଲି ଯାଉଛନ୍ତି। ସେମାନେ ନିରାଶ ହୋଇ ଫେରୁଛନ୍ତି। ଏହି ଟ୍ରଲର ମାଡ଼ ଓ ଗାଞ୍ଜ ଜାଲରେ ଫସି ଅଲିଭ୍ ରିଡ୍‌ଲେ କଇଁଛଙ୍କ ଜୀବନ ଯାଉଛି। ଗତ ସପ୍ତାହରେ ଗହୀରମଥା ଅଭୟାରଣ୍ୟ ଅଞ୍ଚଳର ଲଞ୍ଚଖୋଲା ସମୁଦ୍ର ବେଳାଭୂମିରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତଦେହ ଲାଗିଥିଲା। ଏହି କାର୍ଯ୍ୟରେ ଟାୱାର କରିଥିବା ଅସ୍ଥାୟୀ ବନ କର୍ମଚାରୀ ଓ ମତ୍ସ୍ୟଜୀବୀଙ୍କ ପରିବାର ଲୋକ ସହଯୋଗ କରୁଥିବା ସୋମବାର ବନ ବିଭାଗ ପକ୍ଷରୁ ହୋଇଥିବା କଇଁଛ ସୁରକ୍ଷା ସଚେତନତା ଶିବିରରେ ପାରମ୍ପରିକ ମତ୍ସ୍ୟଜୀବୀମାନେ ଅଭିଯୋଗ କରିଥିଲେ।

ପୂର୍ବରୁ ମଧ୍ୟ ଏଠାରେ ବାଂଲାଦେଶୀମାନେ ଜମ୍ବୁ ଓ କଳତୁଙ୍ଗାଠାରେ ନକଲି ରେଡିଓ ଷ୍ଟେଶନ, ପିତାପାଟରେ ନକଲି ଟଙ୍କା ଛପାଯିବା, ୨୦୦୪-୦୫ ମସିହାରେ ସ୍କୁଲ ଘେରିଠାରେ ନିଶାଦ୍ରବ୍ୟ ବ୍ୟବସାୟୀ ସହ ବନ୍ଧୁକ, ଚରସ୍, କୋକେନ୍ ଆଦି ସିଧା ବାଂଲାଦେଶରୁ ଅଣାଯାଇ ଏହି ଅଞ୍ଚଳରେ ବେଆଇନ କାରବାର ଚାଲିଥିଲା। ଏ ସମ୍ପର୍କରେ ପରିବେଶବିତ୍ ସମରେନ୍ଦ୍ର ମାହାଳି କହିଛନ୍ତି, ଗହୀରମଥା ନିଷିଦ୍ଧାଞ୍ଚଳ ମଧ୍ୟରେ ବେଆଇନ ଭାବେ ଟାୱାର ନିର୍ମାଣ ହେବା ଦ୍ୱାରା ସାମୁଦ୍ରିକ ଅଭୟାରଣ୍ୟ ପାଇଁ ବିପଦ ସୃଷ୍ଟି କରିଛି। ତୁରନ୍ତ ଜିଲା ପ୍ରଶାସନ ପଦକ୍ଷେପ ନେଉ ବୋଲି ସେ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ପଚାରିବାରେ ଏହା ଏକ ଗୁରୁତର ସମ୍ବେଦନଶୀଳ ଘଟଣା। ଏସ୍‌ପି ଏବଂ ଡିଏଫ୍‌ଓଙ୍କ ସହ କଥା ହୋଇ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ଏସ୍‌ପିଙ୍କୁ ଜଣାଇଛି ବୋଲି ସେ କହିଛନ୍ତି। ଏ ନେଇ ତନ୍ତିଆପାଳ ସାମୁଦ୍ରିକ ଥାନା ସବ୍‌ଇନ୍ସପେକ୍ଟର ଲକ୍ଷ୍ମଣ ମିଶ୍ରଙ୍କୁ ପଚାରିବାରେ ଆମ ପାଖକୁ ଏ ନେଇ ଉପରୁ କୌଣସି ସୂଚନା ଆସିନାହିଁ। ଯଦି ଆସେ, ତେବେ ତଦନ୍ତ କରିବୁ ବୋଲି ସେ କହିଛନ୍ତି।

## ଲୋକ ସଭାରେ...

ନେତୃତ୍ୱ ନେଇଥିଲେ। ଏହା ସମ୍ବିଧାନର ମୌଳିକ ଢାଞ୍ଚା ପ୍ରତି ଆହ୍ୱାନ ବୋଲି କହି ମନୀଷ ବିଲ୍‌କୁ ବିରୋଧ କରିଥିବାବେଳେ ଭାଜପା ସରକାର ଏକଛତ୍ରବାଦ ଲଦି ଦେଉଛି ବୋଲି ଅଖିଳେଶ ଯାଦବଙ୍କ ଦଳରୁ ଧର୍ମେନ୍ଦ୍ର ଯାଦବ କହିଥିଲେ। ଏହି ବିଲ୍ ଭାରତର ବିବିଧତା ଏବଂ ସଂଘୀୟ ଢାଞ୍ଚାକୁ ଶେଷ କରିଦେବ ବୋଲି ସେ ମତ ରଖିଥିଲେ। ଲୋକ ସଭା କାର୍ଯ୍ୟକାଳ ସହ ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳକୁ ବିଲ୍‌ରେ ଲିଙ୍କ୍ କରାଯାଇଥିବାରୁ ଏହା ଜନାଦେଶ ପ୍ରତି ଅଣଦେଖା ବୋଲି କଲ୍ୟାଣ ବାନାର୍ଜୀ କହିଥିଲେ। ରାଜ୍ୟ ସରକାର କେନ୍ଦ୍ର କିମ୍ବା ପାର୍ଲାମେଣ୍ଟର ଅଧସ୍ତନ ନୁହନ୍ତି। ଏକ ରାଷ୍ଟ୍ର, ଏକ ନିର୍ବାଚନ ବିଲ୍ ରାଜ୍ୟ ବିଧାନସଭାର ସ୍ୱାୟତ୍ତତାକୁ ଛଡ଼ାଇନେବ। ଏହା ନିର୍ବାଚନ ସଂସ୍କାର ନୁହେଁ ବରଂ ଜଣେ ଭଦ୍ରବ୍ୟକ୍ତିଙ୍କ ଅଭିଳାଷ ଓ ସ୍ୱପ୍ନ ପୂରଣ କରିବା ପାଇଁ ଉଦ୍ଦିଷ୍ଟ ବୋଲି କଲ୍ୟାଣ କହିଥିଲେ। ୫ ବର୍ଷ ପାଇଁ ସରକାର ବାଛିବା ଅଧିକାର ଭୋଟରମାନଙ୍କର ରହିଛି। ଏକସଙ୍ଗେ ନିର୍ବାଚନ ଦ୍ୱାରା ଉକ୍ତ ଅଧିକାରକୁ କାଟଛାଣ୍ଟ କରାଯାଇପାରିବ ନାହିଁ ବୋଲି ଡିଏମ୍‌କେର ବାଲୁ କହିଥିଲେ। ବାଚସ୍ପତି ଶାସକ ଦଳର ସଦସ୍ୟମାନଙ୍କୁ ବିଲ୍ ଉପରେ କହିବା ପାଇଁ ଡାକିବାରୁ ବିରୋଧୀ ସଦସ୍ୟ ବାଚସ୍ପତି ଓମ୍ ବିର୍ଲାଙ୍କୁ ପ୍ରତିବାଦ ଜଣାଇଥିଲେ, ଯାହାକୁ ନେଇ ହଟ୍ଟଗୋଳ ହୋଇଥିଲା। ତେବେ ଗୃହର ସମସ୍ତ ଦଳର ନେତାମାନଙ୍କୁ ବିଲ୍ ଉପରେ କହିବାକୁ ବାଚସ୍ପତି ଅନୁମତି ଦେଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ। ଟିଡିପି ଏବଂ ଶିବସେନା ନିର୍ବାଚନ ସଂସ୍କାର ବିଲ୍‌କୁ ସମର୍ଥନ ଜଣାଇଥିଲେ। ୩୨ଟି ଦଳ ବିଲ୍‌କୁ ସମର୍ଥନ କରୁଥିବାବେଳେ ୧୫ଟି ଦଳ ବିରୋଧ କରୁଥିବା ଦେଖାଯାଇଥିଲା। ଜଗନ ମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍‌ସିପି ବିଲ୍‌କୁ ସମର୍ଥନ କରିଥିଲା।

## ଜିଏ ଓଏସ୍‌ଡି ହେଲେ...

ସେହିପରି ନିକଟରେ କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୧୯୯୭ ବ୍ୟାଚ୍ ଆଇଏଏସ୍ ଅଫିସର ସଞ୍ଜୀବ କୁମାର ମିଶ୍ରଙ୍କୁ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ଏଥିସହିତ ସେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଏଠାରେ ଉଲ୍ଲେଖଯୋଗ୍ୟ, ଲାଞ୍ଚ କାରବାର ଓ ଟେଣ୍ଡର ଫିକ୍ସିଂ ମାମଲାରେ ସିବିଆଇ ଗତ ୧୦ ତାରିଖରେ ବିଷ୍ଣୁପଦ ସେଠୀଙ୍କୁ ହାଜର ପାଇଁ ନୋଟିସ୍ ଦେଇଥିବା କୁହାଯାଉଛି। ତେବେ ବିଷ୍ଣୁପଦ ସିବିଆଇ ନିକଟରେ ହାଜର ହୋଇ ନ ଥିଲେ। ଗଣମାଧ୍ୟମରେ ଚର୍ଚ୍ଚା ପରେ ରାଜ୍ୟ ସରକାର ତାଙ୍କ ଉପରେ ନ୍ୟସ୍ତ ଥିବା ସମସ୍ତ ବିଭାଗରୁ ହଟାଇ ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ଭାବେ ଅବସ୍ଥାପିତ କରିଛନ୍ତି। ବିଷ୍ଣୁପଦଙ୍କୁ ମଧ୍ୟ ପୂର୍ବରୁ ଏଭଳି ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୨୩ରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଥିବାବେଳେ ବିଷ୍ଣୁପଦଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ତତ୍କାଳୀନ ସରକାର ତାଙ୍କୁ ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ଭାବେ ବଦଳି କରି ଦେଇଥିଲେ। ୨୦୨୩ ଜୁନ୍‌ରୁ ଅକ୍ଟୋବର ପର୍ଯ୍ୟନ୍ତ ସେ ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ଭାବେ ନିଯୁକ୍ତି ପାଇଥିଲେ। ପରେ ତାଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଥିଲା।

### ମନୋଜ କୁମାର ସାହୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ

ଆନ୍ତଃରାଜ୍ୟ କ୍ୟାଡର ଡେପୁଟେଶନରୁ ଫେରିଥିବା ୨୦୦୬ ବ୍ୟାଚ୍ ଆଇଏଏସ୍ ଅଫିସର ମନୋଜ କୁମାର ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ କେନ୍ଦ୍ର ସରକାର ମନୋଜଙ୍କୁ ଓଡ଼ିଶାକୁ ଫେରାଇ ଦେଇଛନ୍ତି।

## ବିସ୍ଫୋରଣରେ ରୁଷିଆ...

ବ୍ୟବହାର କରୁଥିବା କହିଛି। ୨୦୧୭ରେ କିରିଲୋଭ୍ ଲ୍ୟୁଟେନାଣ୍ଟ ଜେନେରାଲ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅଭିଯୁକ୍ତ ହେବାରେ ସେ ଜଣେ ସର୍ବୋଚ୍ଚ ହାଇପ୍ରୋଫାଇଲ୍ ଅଫିସର। ମଙ୍ଗଳବାର ସେ ବାସଭବନରୁ ବାହାରୁଥିବାବେଳେ ସ୍କୁଟରରେ ପୂର୍ବରୁ ଖଞ୍ଜାଯାଇଥିବା ବୋମାକୁ ରିମୋଟ୍ ସହାୟତାରେ ବିସ୍ଫୋରଣ କରାଯାଇଥିଲା। ଆକ୍ରମଣ ପଛରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରି ରୁଷିଆର ଶୀର୍ଷ ତଦନ୍ତକାରୀ ସଂସ୍ଥା ତଦନ୍ତ ଚଳାଇଛି। ଆକ୍ରମଣ ପାଇଁ ୟୁକ୍ରେନ୍‌କୁ ଦଣ୍ଡ ମିଳିବ ବୋଲି ମସ୍କୋରେ ଜଣେ ଅଧିକାରୀ କହିଛନ୍ତି। ୟୁକ୍ରେନ୍ ଏହାର ସାମରିକ ବିଫଳତାରୁ ଲୋକଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ଏଭଳି ଆକ୍ରମଣ କରିଥିବା ରୁଷିଆ ସୁରକ୍ଷା ପରିଷଦର ଉପମୁଖ୍ୟ ଡିମିଟ୍ରି ମେଡ୍‌ଭେଡେଭ୍ କହିଛନ୍ତି। ରୁଷିଆ ଆକ୍ରମଣ କରିବା ଦିନଠାରୁ ଏହାର ବହୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ୟୁକ୍ରେନ୍ ଟାର୍ଗେଟ କରି ଆକ୍ରମଣ କରିଛି। କ୍ରେମ୍‌ଲିନ୍ ସହ ଜଡ଼ିତ ରାଷ୍ଟ୍ରବାଦୀ ବିଚାରଧାରାର ବ୍ୟକ୍ତିତ୍ୱ ଆଲେକଜାଣ୍ଡାର ଡୁଗିନ୍‌ଙ୍କୁ ଟାର୍ଗେଟ କରି ୨୦୨୨ରେ କାର୍ ବିସ୍ଫୋରଣ କରାଯାଇଥିବାବେଳେ ଏଥିରେ ତାଙ୍କ ଝିଅ ତଥା ରୁଷିଆ ଟିଭି ଚ୍ୟାନେଲ ଉପସ୍ଥାପିକା ଦର୍ୟା ଡୁଗିନ୍‌ଙ୍କର ମୃତ୍ୟୁ ଘଟିଥିଲା। ୨୦୨୩ ଏପ୍ରିଲରେ ଲୋକପ୍ରିୟ ସାମରିକ ବ୍ଲଗର ଭ୍ଲାଡଲେନ୍ ଟାଟାରସ୍କି ବିସ୍ଫୋରଣରେ ନିହତ ହୋଇଥିଲେ। ରୁଷିଆ ପଳାଇଥିବା ମସ୍କୋ ସପକ୍ଷବାଦୀ ପୂର୍ବତନ ୟୁକ୍ରେନ୍ ଆଇନ ପ୍ରଣେତା ଇଲିଆ କିଭାଙ୍କୁ ୨୦୨୩ ଡିସେମ୍ବରରେ ଗୁଳିକରି ହତ୍ୟା କରାଯାଇଥିଲା।

## କେଜିରୁ ପିଜି ସାନ୍ତାଳି...

ପରେ ମଇଦାନକେଲ ପଞ୍ଚାୟତ ତାଳପଦା ଫୁଟ୍‌ବଲ ଫାଇନାଲ ମ୍ୟାଚରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ବାର୍ଷିକୋତ୍ସବରେ ଯୋଗଦେଇ ସ୍ଥାନୀୟ ସର୍କିଟ ହାଉସରେ ବିଶ୍ରାମ ନେଇଥିଲେ।

ବୁଧବାର କେନ୍ଦୁଝର ପୁରୁଣାସହର ନିକଟସ୍ଥ ସିଦ୍ଧମଠକୁ ଯାଇ ଠାକୁର କେଶବଙ୍କ ଆଶ୍ରମରେ ଏକ ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେବେ। ମଧ୍ୟାହ୍ନ ୧୨ଟା୧୫ ମି.ରେ କେନ୍ଦୁଝର ଅଡିଟୋରିୟମରେ ସ୍ୱେଚ୍ଛାସେବୀ ସଂସ୍ଥା ଇଣ୍ଡିଆନ ବାୟ ବାର୍ଥର କାର୍ଯ୍ୟକ୍ରମରେ ଯୋଗଦେବା ସହ ସନ୍ଧ୍ୟାରେ ଗୋନାସିକା-କେନ୍ଦୁଝର ମହୋତ୍ସବରେ ଉପସ୍ଥିତ ରହିବେ। ୧୯ ତାରିଖ ପୂର୍ବାହ୍ନ ୧୧ଟାରେ ଚମ୍ପୁଆ ମହତାବ ହାଇସ୍କୁଲକୁ ଯାଇ ଏହାର ହୀରକ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେଠାରୁ ସେ ଅପରାହ୍ନ ୩ଟା ୫ରେ ରାଇସୁଆଁ ଏୟାରଷ୍ଟ୍ରିପ୍‌କୁ ଯାଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି କେନ୍ଦୁଝରେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।


DSPL-260
ODISHA
NEW OPPORTUNITIES
Shri Narendra Modi
Prime Minister
Shri Mohan Charan Majhi
Chief Minister, Odisha
UTKARSH
ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025
REGISTER NOW
TO BE PART OF ODISHA'S JOURNEY
AS THE GROWTH ENGINE OF THE NATION
NETWORKING OPPORTUNITIES
CULTURAL EVENTS
B2B AND B2G MEETINGS
MAKE IN ODISHA EXPO
START-UP ODISHA
VISION VIKSIT ODISHA 2036
OIPR-14005/13/0016/2425
Scan to Register
INVEST IN ODISHA, INVEST IN FUTURE
Or visit us at https://mio.investodisha.gov.in/
Investment Intention Form
Schedule a Meeting
Follow us on @InvestInOdisha /InvestOdisha

କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କର ନାହିଁ। ସେଗୁଡିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର । କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ- ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ। -ଶ୍ରୀମା



# ସ୍ନୋ ପାଉଡର ଲଗାଅ ନାହିଁ

ଧନର ଦେବୀ ଲକ୍ଷ୍ମୀ। ତାଙ୍କର ଅନ୍ୟନାମ ଚଞ୍ଚଳା। ଅର୍ଥାତ୍ ସେ ଗୋଟିଏ ଜାଗାରେ ରହିପାରନ୍ତି ନାହିଁ। ଯଦି ଲୋକଙ୍କ ପାଖରେ ଧନ ଅଛି ତେବେ ତାହାକୁ ଅନ୍ୟ ଲୋକ ପାଇଲେ କ୍ଷତି କ'ଣ। ସରକାର ଯେଉଁ ବ୍ୟବସ୍ଥା କରିଛନ୍ତି ସେଥିରେ ଏବେ ଅଳ୍ପ କିଛି ମୁଷ୍ଟିମେୟ ଲୋକ ଧନୀ ହୋଇଯାଉଛନ୍ତି। ସେମାନଙ୍କ ଧନ ଗରିବଙ୍କ ପାଖକୁ ଆସିଲେ ଅସୁବିଧା କ'ଣ। ଦେଶରେ ୧୪୦ କୋଟି ଲୋକଙ୍କ ମଧ୍ୟରୁ ୮୦ କୋଟି ଲୋକଙ୍କୁ ସରକାର ଯେଉଁ ମାଗଣା ରାଶନ ବାଣ୍ଟୁଛନ୍ତି ସେମାନେ ତ ଭିକାରି। ତେଣୁ ଇନ୍ଦୋରରେ ଲୋକେ ଗରିବ ଭିକାରିଙ୍କୁ ଦାନ ଅର୍ଥାତ୍ ଟଙ୍କା ଦେଲେ ଯେଉଁ କାର୍ଯ୍ୟାନୁଷ୍ଠାନ ହେବା କଥା କୁହାଯାଉଛି, ପ୍ରଥମେ ସରକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ଉପରଠାଉରିଆ ଭାବେ ସ୍ନୋ ପାଉଡର ଲଗାଅ ନାହିଁ। ଏହାଦ୍ୱାରା କୌଣସି ସମସ୍ୟାର ସମାଧାନ ହେବ ନାହିଁ। ମନେପଡ଼େ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରଥମ ପାଳିରେ ଭାରତ ଗସ୍ତରେ ଆସିଥିବା ସମୟରେ ବିଭିନ୍ନ ସ୍ଥାନରେ ପଲିଥିନ ଜରି ପକାଇ ବସ୍ତିଗୁଡ଼ିକୁ ଘୋଡ଼ାଇ ଦିଆଯାଇଥିଲା। ଏସବୁ ଏକପ୍ରକାର ନକାରାତ୍ମକ କାର୍ଯ୍ୟ। ତେଣୁ ପୂର୍ବରୁ ଆମେ ଶୁଣିଥିଲୁ ଯେ, ଲୋକଙ୍କ ହାତରେ ଛଉ ହେଉଥିଲେ ସେତେବେଳେ ଡାକ୍ତରଙ୍କୁ ଦେଖାଇବା ବଦଳରେ ଲମ୍ବା ହାତବାଲା ପାଇଜାମା ପିନ୍ଧି ତାହାକୁ ଘୋଡ଼ାଇ ଦେଉଥିଲେ। ପରବର୍ତ୍ତୀ ସମୟରେ ତାହା କୁଷ୍ଠ ରୋଗ ବୋଲି ଜଣାପଡ଼ିଲାବେଳକୁ ଡେରି ହୋଇ ଯାଉଥିଲା। ସେହିଭଳି ଗରିବଙ୍କୁ ଲୁଚାଇବାକୁ ଉଦ୍ୟମ କରିବା ପରିବର୍ତ୍ତେ ଅର୍ଥନୀତିର ସୁବଣ୍ଟନ କରାଯିବା ଦରକାର। ତାହା ହେଲେ ଏହି ୮୦ କୋଟିଙ୍କ ସଂଖ୍ୟା ହ୍ରାସ ପାଇପାରିବ। ନଚେତ୍ ଦାରିଦ୍ର୍ୟ କୁଷ୍ଠ ରୋଗ ଭଳି ଆମ ସମାଜକୁ ଗ୍ରାସ କରିବାରେ ଲାଗିବ।

ମଧ୍ୟପ୍ରଦେଶର ଇନ୍ଦୋର ସହରକୁ ଭିକାରି ମୁକ୍ତ କରିବା ସକାଶେ ଜିଲା ପ୍ରଶାସନ ଏକ ଅଭିନବ ଉପାୟ ଆପଣାଇଛି। ଯେଉଁମାନେ ଭିକାରିଙ୍କୁ ଭିକ ଦେବେ ସେମାନଙ୍କ ବିରୋଧରେ ଜାନୁଆରୀ ୧ରୁ ଏତଲା ଦାୟର ହେବ ବୋଲି ଜିଲାପାଳ ଆଶିଷ ସିଂ କହିଛନ୍ତି। ଉଲ୍ଲେଖନୀୟ ଯେ, ଜାନୁଆରୀ ୨୦୨୪ରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଦେଶରେ ଅଯୋଧ୍ୟା, ଉଜ୍ଜୟିନୀ, ଥିରୁଭାନନ୍ଥପୁରମ, ଉଦୟପୁର, ଅମୃତସର, ଶିମଲା, ପୁଡୁଚେରୀ, ଇନ୍ଦୋର ଓ ମଦୁରାଇ ସମେତ ୩୦ଟି ପ୍ରମୁଖ ସହରକୁ ୨୦୨୬ ସୁଦ୍ଧା ଭିକାରି ମୁକ୍ତ କରିବାର ଯୋଜନା କରିଥିଲା। ଏହାକୁ ସାକାର କରିବା ପାଇଁ ଇନ୍ଦୋର ଏଭଳି ପଦକ୍ଷେପ ନେଇଛି। ଡିସେମ୍ବର ଶେଷ ତାରିଖ ପର୍ଯ୍ୟନ୍ତ ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରାଯିବା ସହ କୌଣସି ଲୋକ ଭିକାରିଙ୍କୁ ଭିକ ଦେଇ ପାପରେ ଭାଗୀଦାରି ନ ହେବା ଲାଗି ଜିଲାପାଳ ସିଂ ଅନୁରୋଧ କରିଛନ୍ତି। ଏହା ପୂର୍ବରୁ କେନ୍ଦ୍ର ସରକାର ୨୦୨୧ରେ ଦିଲ୍ଲୀ ସମେତ ମୁମ୍ବାଇ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ଆଦି ୧୦ଟି ସହରକୁ ଭିକାରି ମୁକ୍ତ କରିବାକୁ ଏକ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। କିନ୍ତୁ ଗତବର୍ଷ ଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମ୍ମିଳନୀ ପୂର୍ବରୁ ପୁନର୍ବାର ଭିକାରୀଙ୍କୁ ଠାବ କରାଯାଇଥିଲା।

ବାସ୍ତବ କଥା ହେଲା ଭିକାରି ମୁକ୍ତ ଯୋଜନା ଆରମ୍ଭ କରିଦେଲେ ରାତାରାତି ସଫଳତା ମିଳିଯିବ ବୋଲି ଦାବି କରାଯାଇପାରିବ ନାହିଁ। ମନେରଖିବାକୁ ହେବ ଯେ, ଭିକାରି ସୃଷ୍ଟି ହେବା ପଛରେ ଅର୍ଥନୈତିକ ଓ ସାମାଜିକ କାରଣ ରହିଛି। ଦେଖାଯାଏ କୌଣସି ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟକ୍ରମ ପୂର୍ବରୁ ସହରରୁ ଭିକାରିଙ୍କୁ ବାହାର କରିଦେବା ପାଇଁ ତତ୍ପରତା ପ୍ରକାଶ ପାଇଥାଏ। ପରେ ପୁନର୍ବାର ସେମାନେ ସହରକୁ ଫେରି ଆସୁଛନ୍ତି, କାରଣ ଭିକାରିଟିଏ ମାଗିଲେ ଯାଇ ବଞ୍ଚେ। ବହୁ ସମୟରେ ଦେଖାଯାଉଛି ଅନେକ ସକ୍ଷମ ବ୍ୟକ୍ତି ଭିକ ମାଗି ସମ୍ପତ୍ତି ଠୁଳ କରୁଛନ୍ତି। ଏଭଳି ସ୍ଥିତି ମଧ୍ୟ ଇନ୍ଦୋରରେ ଭିକ୍ଷା ବୃତ୍ତି ବିରୋଧୀ ଅଭିଯାନ ସମୟରେ ଦେଖିବାକୁ ମିଳିଛି। ତେଣୁ ଭିକ୍ଷା ବୃତ୍ତି ଆପଣାଇଥିବା ଅକ୍ଷମ ଓ ଅସହାୟ ବ୍ୟକ୍ତିଙ୍କ ସାମାଜିକ ଓ ଆର୍ଥିକ ନିରାପତ୍ତା ଭାରତରେ ସବୁବେଳେ ଚିନ୍ତାଜନକ ହୋଇରହିଛି।

କୌଣସି ରାଜ୍ୟର ନିର୍ଦ୍ଦିଷ୍ଟ ସହରରେ ଯେତେବେଳେ ଭିକାରି ମୁକ୍ତ ଅଭିଯାନ ଆରମ୍ଭ କରାଯାଏ, ସେତେବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ୟ ସହର କିମ୍ବା ଗ୍ରାମାଞ୍ଚଳକୁ ଓ ସ୍ଥଳବିଶେଷରେ ରାଜ୍ୟ ବାହାରକୁ ଚାଲିଯାଇଥାନ୍ତି। ଫଳରେ ଯେଉଁ କେତେଜଣ ହାତଗଣତି ଭିକାରି ରହିଯାଆନ୍ତି ସେମାନଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀରେ ରଖି ପ୍ରକୃତ ଘଟଣାକୁ ଲୁଚାଇ ରଖିବାର ପ୍ରୟାସ କରାଯାଉଥିବାରୁ ଅଭିଯାନର ସଫଳତା ହାର ବହୁତ କମ୍ ରହୁଛି। ଉଦାହରଣ ସ୍ୱରୂପ ଭୁବନେଶ୍ୱରକୁ ଭିକାରି ମୁକ୍ତ କରିବା ପାଇଁ ୨୦୨୩ରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଭିଯାନ ଆରମ୍ଭ କରି ଏହାକୁ କେତେକାଂଶରେ ନିୟନ୍ତ୍ରଣ କରିଥିଲେ ସୁଦ୍ଧା ରେଳଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳ କିମ୍ବା ଗଳିକନ୍ଦିରେ ଥିବା ମନ୍ଦିରରେ ଏମାନଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି।

ଉଲ୍ଲେଖନୀୟ ଯେ, ୨୦୧୧ ପରେ ଜନଗଣନା ହୋଇପାରି ନ ଥିବାରୁ ଦେଶରେ ଭିକାରିଙ୍କ ସଂଖ୍ୟା ବର୍ତ୍ତମାନ କେତେ ରହିଛି ତାହା କହିବା କଷ୍ଟକର। ୨୦୧୧ ଜନଗଣନାରେ ଭାରତରେ ମୋଟ ୪,୧୩,୬୭୦ ଭିକାରି ଥିଲେ। ଏବେ ଦେଶରେ ଏହି ସଂଖ୍ୟା ହ୍ରାସ ବୃଦ୍ଧିର ତଥ୍ୟ ପ୍ରକାଶ ପାଉଥିଲେ ବି ତାହା ସନ୍ଦେହ ସୃଷ୍ଟି କରେ। କାରଣ ବୈଶ୍ୱିକ କ୍ଷୁଧା ସୂଚକାଙ୍କରେ ଭାରତ ୧୨୭ ଦେଶ ମଧ୍ୟରେ ୧୦୫ ସ୍ଥାନରେ ରହିଛି। ବିଶ୍ୱରେ ଜାପାନ, ଇଣ୍ଡୋନେସିଆ, ସିଙ୍ଗାପୁର, ନରୱେ, ଫିନ୍‌ଲାଣ୍ଡ, ଦକ୍ଷିଣ କୋରିଆ, ୟୁଏଇ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଭିକାରି ସଂଖ୍ୟା ବହୁତ କମ୍। ସେହିସବୁ ଦେଶରେ ଲୋକସଂଖ୍ୟା ମଧ୍ୟ କମ୍। ଏହି ଦେଶଗୁଡ଼ିକ ଉଚିତ ମାର୍ଗରେ ଦାରିଦ୍ର୍ୟ ଦୂରୀକରଣ ଯୋଜନା କିମ୍ବା କଠୋର ଆଇନ ପ୍ରଣୟନ କରି ବହୁ ଚେଷ୍ଟାରେ ଏହାକୁ ନିୟନ୍ତ୍ରଣକୁ ଆଣିପାରିଛନ୍ତି। ବାସ୍ତବରେ ବିଶ୍ୱର ସବୁଠୁ ଜନବହୁଳ ଦେଶ ଭାରତର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ଦେଖିଲେ ଏଠାରେ ଭିକାରିମୁକ୍ତ ଯୋଜନା ସଫଳ ହେବା ନିଶ୍ଚିତ ଭାବେ ସମୟସାପେକ୍ଷ। ତେଣୁ ବାସ୍ତବଧର୍ମୀ ପଦକ୍ଷେପ ସ୍ୱରୂପ, ପ୍ରକୃତ ଭିକାରିଙ୍କ ପାଇଁ ସ୍ଥାୟୀ ଥଇଥାନ ବ୍ୟବସ୍ଥା କରାଯିବା ଦରକାର, ଯାହା ଏଯାବତ୍ କେନ୍ଦ୍ର ପକ୍ଷରୁ ସମ୍ପୂର୍ଣ୍ଣ କରାଯାଇନାହିଁ। ଏମାନଙ୍କୁ ପ୍ରଶାସନ ଠିକ୍ ଭାବରେ ଚିହ୍ନଟ କରି ସ୍ଥାୟୀ ଭାବେ ଥଇଥାନ କରିବା ଦରକାର। ସେମାନଙ୍କ ପାଖରେ ସରକାରୀ ସହାୟତା ପହଞ୍ଚୁଛି କି ନାହିଁ, ସେ ସମ୍ପର୍କରେ ପ୍ରଶାସନ ସଚେତନ ହେବା ଜରୁରୀ। ବଳ ଓ ବୟସ ଥିବା ବ୍ୟକ୍ତି କାମକୁ ଡରି ଭିକ୍ଷା ମାଗିବାକୁ ସହଜ ଉପାୟ ଧରି ନେଇଥିବାରୁ ସେମାନଙ୍କୁ ବାସ୍ତବ ଭିକାରିଙ୍କଠାରୁ ଅଲଗା କରାଯାଇପାରିଲେ ସଂଖ୍ୟା ହ୍ରାସ ହେବା ସହ ଭିକାରିମୁକ୍ତ ସହର ଯୋଜନା କେତେକାଂଶରେ ସଫଳ ହୋଇପାରନ୍ତା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | 5 | |
| | | 4 | | 2 | | | 6 | |
| 2 | | | 3 | | | | | 9 |
| | | | | 4 | 7 | 8 | | |
| 1 | 3 | | | | 2 | 9 | | |
| | 8 | 5 | | | | | | |
| | | | | | 3 | 6 | | 4 |
| | | | | | | 1 | | |
| | 1 | 3 | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 3 | 1 | 6 | 8 | 7 | 2 | 4 |
| 7 | 8 | 1 | 3 | 2 | 4 | 5 | 6 | 9 |
| 6 | 4 | 2 | 9 | 7 | 5 | 1 | 3 | 8 |
| 3 | 9 | 7 | 5 | 8 | 6 | 2 | 4 | 1 |
| 8 | 2 | 6 | 4 | 9 | 1 | 3 | 7 | 5 |
| 4 | 1 | 5 | 7 | 3 | 2 | 9 | 8 | 6 |
| 2 | 7 | 4 | 8 | 1 | 9 | 6 | 5 | 3 |
| 1 | 6 | 8 | 2 | 5 | 3 | 4 | 9 | 7 |
| 5 | 3 | 9 | 6 | 4 | 7 | 8 | 1 | 2 |

ଗତକାଲିର ଉତ୍ତର

# ବିଶ୍ୱ ବିଧାତା



ରିତେଶ କୁମାର ଶିଶୁ

ବିଶ୍ୱ ନିଅନ୍ତାଙ୍କୁ ଆମେ ଭଗବାନ୍ ବୋଲି ବିବେଚନା କରିଥାଉ। ଅବଶ୍ୟ ସେହି ଭଗବାନ୍‌ଙ୍କ ସ୍ୱରୂପକୁ ଅନେକ ଗୋଷ୍ଠୀ ଅନେକ ପ୍ରକାର ବର୍ଣ୍ଣନା କରନ୍ତି। ଆଜି ବିଜ୍ଞାନର ଅଗ୍ରଗତି ସହ ମଣିଷ ବିଶ୍ୱ ବ୍ରହ୍ମାଣ୍ଡର ଅନେକ ରହସ୍ୟ ଉନ୍ମୋଚନ କରାଗଲାଣି, ଆଉ ଆଗକୁ ମଧ୍ୟ ଏହା ଜାରି ରହିବ। ତେବେ କ'ଣ ମଣିଷ ସେହି ବିଶ୍ୱ ବିଧାତାର ସ୍ଥାନ ନେଇପାରିବ ନା ସେହି ବିଶ୍ୱ ବିଧାତାର ସ୍ୱରୂପକୁ ବିଜ୍ଞାନ ମାଧ୍ୟମରେ ଆବିଷ୍କାର କରିପାରିବ। ଯଦି ବାସ୍ତବରେ ସେଭଳି କୌଣସି ବିଶ୍ୱ ନିଅନ୍ତାଙ୍କର ସତ୍ତା ଥାଏ ତେବେ ବିଜ୍ଞାନ ଦୃଷ୍ଟିକୋଣରୁ ତାଙ୍କର ସ୍ୱରୂପ କିପରି ହେବ ଆସନ୍ତୁ ଆଲୋଚନା କରିବା। ପ୍ରଥମତଃ ବସ୍ତୁ, ଶକ୍ତି ଓ ମହାଶୂନ୍ୟର ସରଞ୍ଜନାକୁ ବିଚାରକୁ ନେଲେ ମଣିଷ କେବଳ ବସ୍ତୁରୁ ଶକ୍ତି ସୃଷ୍ଟିକରି ନିଜ କାର୍ଯ୍ୟରେ ଲଗାଇ ପାରୁଛି, କିନ୍ତୁ ପୁନଶ୍ଚ ଶକ୍ତିକୁ ବସ୍ତୁରେ ପରିଣତ କରିବାର କୌଶଳ ମଣିଷ ଅବିଷ୍କାର କରିପାରିନାହିଁ। ଉଦାହରଣ ସ୍ୱରୂପ, କାଠକୁ ଜଳିଲେ ତାହା ପାଉଁଶ, ନିଆଁ (ତାପଶକ୍ତି) ଓ ଧୂଆଁରେ ପରିଣତ ହେଉଛି। କିନ୍ତୁ ପୁନର୍ବାର ସେହି ପାଉଁଶ, ତାପ ଓ ଧୂଆଁକୁ ସଂଗ୍ରହକରି ସେହି ସମାନ କାଠ ତିଆରି କରିବା ଆମ କ୍ଷମତା ବାହାରେ। ଅର୍ଥାତ୍ ବସ୍ତୁ, ଶକ୍ତି ଓ ମହାଶୂନ୍ୟର ସମସ୍ତ ପ୍ରକାର ରୂପାନ୍ତର ପ୍ରକ୍ରିୟା ସେହି ମହାଶକ୍ତି ବିଶ୍ୱ ନିଅନ୍ତାଙ୍କ ଦ୍ୱାରା ସମ୍ଭବ, ଯାହା ଫଳରେ ଏପରି ଏକ ସୁବ୍ୟବସ୍ଥିତ ବିଶ୍ୱ ଗଠନ ସମ୍ଭବ ହୋଇପାରିଛି। ଦ୍ୱିତୀୟତଃ, ବିଶ୍ୱ ବ୍ରହ୍ମାଣ୍ଡରେ ଅତି କ୍ଷିପ୍ରଗତିରେ ପରିଭ୍ରମଣ କରିବାର କ୍ଷମତା ପାଇଁ ଆବଶ୍ୟକ ବେଗକୁ ଯଦି ବିଚାରକୁ ନେବା, ତେବେ ମଣିଷ ଦ୍ୱାରା ଏପର୍ଯନ୍ତ ଅନ୍ତରିକ୍ଷକୁ ପଠାଯାଇଥିବା ଯାନଗୁଡ଼ିକ ମଧ୍ୟରୁ ସର୍ବାଧିକ ଗତି ପ୍ରାପ୍ତ ହୋଇଥିବା ପାର୍କର ସୋଲାର ଯାନର ଗତି ଥିଲା ୧୭୭୫ କି.ମି. ପ୍ରତି ସେକେଣ୍ଡ, ଯେଉଁ ସ୍ଥାନରେ ବ୍ରହ୍ମାଣ୍ଡର ସର୍ବାଧିକ ବେଗଗାମୀ କଣିକା ହେଲା ଆଲୋକ ରଶ୍ମି ବା ଫୋଟନ ଯାହାର ଗତି ୨,୯୯,୭୯୨ କି.ମି. ପ୍ରତି ସେକେଣ୍ଡ। ବିଜ୍ଞାନ ମତରେ ବିଶ୍ୱର କୌଣସି ବି ବସ୍ତୁଯୁକ୍ତ କଣିକା ଆଲୋକର ବେଗରେ ଯିବା ଅସମ୍ଭବ। କିନ୍ତୁ ବିଶ୍ୱ ନିଅନ୍ତାଙ୍କ ପାଖର ଏପରି କ୍ଷମତା ବା ବୈଷୟିକ କୌଶଳ ଥାଇପାରେ ଯାହା ଦ୍ୱାରା ସେମାନେ କୌଣସି ବସ୍ତୁ ବା ଜୀବକୁ ବିଶ୍ୱର ଏକ କୋଣରୁ ଅନ୍ୟ କୋଣକୁ ଅତି ସହଜରେ ସ୍ୱଳ୍ପ ସମୟ ମଧ୍ୟରେ ଭ୍ରମଣ କରାଇପାରିବେ। ଯାହା ବସ୍ତୁରୁ ଶକ୍ତିରେ ପରିଣତ କରି ଅତି କ୍ଷିପ୍ର ବେଗଯୁକ୍ତ କଣିକା ମାଧ୍ୟମରେ ପ୍ରେରଣକରି ଓ ନିର୍ଦ୍ଧାରିତ ସ୍ଥାନରେ ପୁନର୍ବାର ଶକ୍ତିରୁ ବସ୍ତୁକୁ ରୂପାନ୍ତରଣ ଦ୍ୱାରା ସମ୍ଭବ ହୋଇପାରୁଥିବ। ଏପରି ବି ହୋଇପାରେ ଜୀବ ମଧ୍ୟରେ ଅବସ୍ଥାପିତ ଆତ୍ମା ବା ଚେତନାକୁ ସେମାନେ ଡିଜିଟାଲ ପଦ୍ଧତିରେ ବିଶ୍ୱର କୋଣ ଅନୁକୋଣକୁ ପ୍ରେରଣ କରିବାର କୌଶଳ ଜାଣିଥାଇ



ପାରନ୍ତି ଯାହା ମଣିଷ ସମାଜକୁ ଏପର୍ଯ୍ୟନ୍ତ ଅଗୋଚର ଅଛି। ଆମେ ପୃଥିବୀରେ ୩ ଆୟାମ ବିଶିଷ୍ଟ ଏକ ବ୍ୟବସ୍ଥା ଭିତରେ କାର୍ଯ୍ୟ କରୁଛେ ତାହା ହେଲା ଲମ୍ବ, ପ୍ରସ୍ଥ ଓ ଉଚ୍ଚତା। ଏହା ବ୍ୟତୀତ କେତେଜଣ ବୈଜ୍ଞାନିକ ସମୟକୁ ଅନ୍ୟ ଏକ ୪ର୍ଥ ଆୟାମ ହିସାବରେ ଗ୍ରହଣ କରନ୍ତି, କିନ୍ତୁ ଏହି ସମୟ ରୂପକ ଚତୁର୍ଥ ଆୟାମ ଉପରେ ମଣିଷର କୌଣସି କର୍ତ୍ତୃତ୍ୱ ନାହିଁ। ବୈଜ୍ଞାନିକମାନେ ଆକଳନ କରନ୍ତି, ଏହି ସୀମାହୀନ ବିଶ୍ୱ ବହୁ ଆୟାମ ବିଶିଷ୍ଟ ହୋଇଥାଇପାରେ ଯାହା ୧୦ କିମ୍ବା ୧୪ଟି ଆୟାମ ଏପରି କି ଏହା ଅସୀମ ଆୟାମ ବିଶିଷ୍ଟ ବି ହୋଇପାରେ। ଏହାକୁ ପରିଚାଳନା କରିବାର କ୍ଷମତା ସେହି ବିଶ୍ୱ ବିଧାତାଙ୍କର ଥାଇପାରେ ଯାହାକୁ କଳ୍ପନା କରିବା ମଣିଷ ପକ୍ଷରେ ସମ୍ଭବପର ନୁହେଁ। ଆମ ଆଖିକୁ ଦୃଶ୍ୟମାନ ଆଲୋକ ରଶ୍ମି ସମୁଦାୟ ବିଦ୍ୟୁତ୍ ତରଙ୍ଗୀୟ ବିକିରଣର ମାତ୍ର ୦.୦୦୩୫ ପ୍ରତିଶତ ଅର୍ଥାତ୍ ପାଖାପାଖି ୯୯.୯୯ ପ୍ରତିଶତ ବିକିରଣ ଆମ ଆଖିକୁ ଅଦୃଶ୍ୟ ଯାହା ଅବଲୋହିତ ରଶ୍ମି, ଅତି ବାଇଗଣୀ ରଶ୍ମି, ଏକ୍ସ-ରେ, ଗାମା-ରେ ଇତ୍ୟାଦିରେ ବିଭକ୍ତ ହୋଇଛି। ସେଥିମଧ୍ୟରୁ କେତେକ ରଶ୍ମି ଆମ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ଯେପରି କି ଏକ୍ସ-ରେ, ଗାମା-ରେ ଆଦି। ଏହା ବ୍ୟତୀତ ବୈଜ୍ଞାନିକମାନଙ୍କ ଆକଳନ ଅନୁଯାୟୀ ବିଶ୍ୱର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସମୁଦାୟ ଶକ୍ତି ଓ ବସ୍ତୁ ମଧ୍ୟରେ ଆମକୁ ଅଦୃଶ୍ୟ ଡାର୍କ ଏନର୍ଜି ପାଖାପାଖି ୬୯ ପ୍ରତିଶତ ଓ ଡାର୍କ ମ୍ୟାଟର ପାଖାପାଖି ୨୬ ପ୍ରତିଶତ ଏବଂ ବାକି ଦୃଶ୍ୟମାନ ବସ୍ତୁ ଓ ଆଲୋକ ପାଖାପାଖି ୫ ପ୍ରତିଶତ। ଅର୍ଥାତ୍ ବିଶ୍ୱର ସଂରଚନାର ୯୫ ପ୍ରତିଶତ ଆମକୁ ଆଜି ବି ଅଦୃଶ୍ୟ। ଯଦି ବିଶ୍ୱ ନିଅନ୍ତା କେହି ଏହି ବିଶ୍ୱକୁ ସୃଷ୍ଟି କରିଥାନ୍ତି ତେବେ ସେମାନେ ଏହିସବୁ ଅଦୃଶ୍ୟମାନ ଶକ୍ତି ଓ ବସ୍ତୁଗୁଡ଼ିକୁ ସୃଷ୍ଟି ଓ ନିୟନ୍ତ୍ରଣ କରିପାରୁଥିବେ।

କେତେଜଣ ବୈଜ୍ଞାନିକ ମତ ଦିଅନ୍ତି ଆମ ବିଶ୍ୱ ବ୍ରହ୍ମାଣ୍ଡ ବ୍ୟତୀତ ଏହା ବାହାରେ ଅଗଣିତ ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟ ଥାଇପାରେ ଯାହାର ନିୟନ୍ତ୍ରଣ କୌଣସି ଅତି ବୁଦ୍ଧିମାନ ଓ ଶକ୍ତିଶାଳୀ ଆଧିଦୈବିକ ସତ୍ତା ଦ୍ୱାରା ହେଉଥାଇପାରେ। ବିଚିତ୍ରତାରେ ଭରା ଏହି ବ୍ରହ୍ମାଣ୍ଡରେ କିଛି ସମ୍ଭବ ହୋଇପାରେ ଯାହା ଆମ ପକ୍ଷରେ କଳନା କରିବାକୁ ଆମର ମସ୍ତିଷ୍କର କ୍ଷମତାର ସୀମା ବାହାରେ। ଆମ ମସ୍ତିଷ୍କ ଯାହା ଅନେକ ଜଟିଳ କାର୍ଯ୍ୟ କରିବାକୁ ସମର୍ଥ ଏହାଠାରୁ ଆହୁରି ଅନେକ ଗୁଣ ଅଧିକ ଉନ୍ନତତର ମସ୍ତିଷ୍କ ଥିବା ଜୀବ ମଧ୍ୟ ବିଶ୍ୱର ଅନ୍ୟ କୌଣସି କୋଣରେ ନ ଥିବେ କିଏ କହିପାରିବ। ଯେଉଁମାନେ ଆମେ କମ୍ପ୍ୟୁଟରରେ କରୁଥିବା ପ୍ରୋଗ୍ରାମ ଭଳି, ଏ ସାରା ବିଶ୍ୱକୁ କୌଣସି ଏକ ବିଶେଷ ଉନ୍ନତ ପ୍ରକାର ବୈଷୟିକ ଜ୍ଞାନ ଦ୍ୱାରା ସୃଷ୍ଟି ଓ ବିନାଶ କରୁଥାଇ ପାରନ୍ତି। ଆମେ ଯେପରି ସିସିଟିଭି ଓ ସାଟେଲାଇଟ୍ ମାଧ୍ୟମରେ କ୍ୟାମେରାରେ ଦୃଶ୍ୟ ସବୁ ରେକର୍ଡିଂ ସହ ତାହାର ବିଶ୍ଳେଷଣକରି ତାହାର ବ୍ୟବହାର କରିପାରୁଛେ, ସେହିପରି ଅତି ଉନ୍ନତ ଜ୍ଞାନକୌଶଳ ସହ ସେହି ବିଶ୍ୱ ବିଧାତା ସମଗ୍ର ବିଶ୍ୱର ଘଟଣାବଳୀଗୁଡ଼ିକୁ ରେକର୍ଡକରି ତାହାର ତର୍ଜମା କରିପାରୁଥାଇପାରନ୍ତି ଓ ଆମର ପ୍ରତ୍ୟେକ କାର୍ଯ୍ୟର ମୂକସାକ୍ଷୀ ହୋଇ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନିୟନ୍ତ୍ରଣ କରିବାର କ୍ଷମତା ତାଙ୍କର ଥାଇପାରେ। ଏପରି ବି ହୋଇପାରେ କି ବିଶ୍ୱକୁ ସୃଷ୍ଟି କରିଥିବା ଆଧିଦୈବିକ ସତ୍ତା ଉଭୟ ସୂକ୍ଷ୍ମ ଓ ସ୍ଥୂଳ ରୂପ ଧାରଣ କରିବାର କ୍ଷମତା ରଖନ୍ତି। ସେହି ଅତି ଶକ୍ତିଶାଳୀ ସତ୍ତା ଆମ ଗହଣରେ ସୂକ୍ଷ୍ମ ଭାବରେ ବିଚରଣ କରୁଥାଇ ପାରନ୍ତି ଓ ଆମର ସମସ୍ତ କାର୍ଯ୍ୟ ଓ ଧୀଶକ୍ତି ସେମାନେ ନିୟନ୍ତ୍ରଣ କରିବାରେ ମଧ୍ୟ ସେ ସକ୍ଷମ ହେଉଥାଇପାରନ୍ତି। ଏପରି ବି ହୋଇପାରେ ଆମ ଧୀଶକ୍ତି ମଧ୍ୟରେ ସେ ନିଜକୁ ପରିପ୍ରକଶ କରୁଥାଇପାରନ୍ତି।

ବିଶ୍ୱ ନିଅନ୍ତା ଜଣେ ସତ୍ତା ନ ହୋଇ ଅତି ଉନ୍ନତ ମସ୍ତିଷ୍କଧାରୀ ଏକ ସମୂହ ହୋଇପାରନ୍ତି, ଯେଉଁମାନେ ନିଜ ମଧ୍ୟରେ ଅତି କ୍ଷିପ୍ର ଗତିରେ ଯୋଗାଯୋଗ ଓ ସମନ୍ୱୟର କ୍ଷମତା ସହ ବିଶ୍ୱର ବିଭିନ୍ନ ପ୍ରକାର ପ୍ରକ୍ରିୟାକୁ ଦଳଗତ ଭାବରେ ସମ୍ପାଦାନ କରୁଛନ୍ତି। କିନ୍ତୁ ତାହା ଆମ ପୃଥିବୀବାସୀଙ୍କୁ ଅଜଣା। ତେଣୁ ଆମେ ନିଜ ନିଜ ଭିତରେ ଅନେକ ଗୋଷ୍ଠୀ କରି ଭଗବାନ୍‌ଙ୍କର ଅନେକ ପ୍ରକାର ଆକାର ପ୍ରକାର ବର୍ଣ୍ଣନା କରିବା ସହ ନିଜ ନିଜ ଭିତରେ ବିଭେଦ, ମତାନ୍ତର ଓ ମନାନ୍ତର ବଢ଼ାଇ ଚାଲିଛେ। ହିନ୍ଦୁଧର୍ମର ଧର୍ମଗ୍ରନ୍ଥ ଅନୁଯାୟୀ ବ୍ରହ୍ମାଙ୍କର ୧ ବର୍ଷ ପୃଥିବୀର ଅନେକ ଶହ ବର୍ଷ ସହ ସମାନ ଓ ଏହି ଆମ ବିଶ୍ୱ ଭଳି ଅନେକ ବିଶ୍ୱର ଅନେକ ବ୍ରହ୍ମା ଅଛନ୍ତି ଯାହା ବିଜ୍ଞାନର ଆପେକ୍ଷିକ ତତ୍ତ୍ୱର ମତ ଅନୁଯାୟୀ ଆମେ ଆଲୋକର ବେଗରେ ଗଲେ ସମୟର ଗତି କମ୍ ହୋଇଯିବା ଭଳି ରହସ୍ୟ ସହ ମେଳ ଖାଏ। ଏପରି ପରିପ୍ରେକ୍ଷୀରେ ଏକ ଅଦୃଶ୍ୟମାନ ସତ୍ତାକୁ ଦ୍ୱାହିଦେଇ ଅନେକ ଧର୍ମଗ୍ରନ୍ଥ ଅନେକ ପ୍ରକାର କାହାଣୀ, ନିୟମ, ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ ଦେବା ଅପେକ୍ଷା ଆମ ଧୀଶକ୍ତିକୁ ଉପଯୋଗକରି ଯୁକ୍ତିସଙ୍ଗତ ଲାଗୁଥିବା ମତବାଦକୁ ଆପଣାଇବା ଶ୍ରେୟସ୍କର।

ସାଇଲୋ ବଡ଼ବିଲ, କଟକ
ମୋ: ୮୦୧୮୮୩୪୭୩୪

# ଲେଖନ୍ତି ବହୁତ, ପଢ଼ୁଛି କିଏ



ଭଗବାନ ଦାଶ

ଏବେଳ ତ କମ୍ପ୍ୟୁଟରର। ମୋବାଇଲ ତ ଜୀବନ ଧାରା ବଦଳାଇଦେଲାଣି। ସୁଇଚ୍ ଟିପିଦେଲେ ଆଖି ଆଗରେ ନାଚି ଉଠୁଛି ବହୁତ କିଛି। କାଲିକଥା ଆଜି କି ନାହିଁ। କାଲିକି ଯେ ଥିବ ତା' ବି ଅନିଶ୍ଚିତ! ମୋବାଇଲରେ ହ୍ୱାଟ୍ସଆପ, ମେସେଜ ବ୍ୟବସ୍ଥା ପରଠାରୁ ଟେଲିଗ୍ରାମରେ ଖବର ବନ୍ଦ ହେଲା। ଟେଲିଗ୍ରାମ ବି ଦେଶରୁ ଉଠିଗଲା। ଚିଠିର ଆଦାନ ପ୍ରଦାନ ଉଭେଇଗଲା। ପଢ଼ିବାକୁ ବା କାହା ପାଖରେ ସମୟ ଅଛି। ଲେଖକ ତା' ମନ ଖୁସି କରିବାକୁ କ'ଣ ଦି' ଧାଡି ଆଙ୍କୁଚି। ପାଠକ ପଢୁନି ନୁହେଁ, ପଢୁଛି ସତ ହେଲେ ଖାଦ୍ୟରେ ଚଟଣି ପରି। ସୁଆଦ ଲାଗିଲେ ସବୁତକ ପାଇ ଯାଉଛି। ନଚେତ୍ ଚାଖିଲା ପରେ ଆଉ ଛୁଉଁନି। ରମ୍ୟରଚନା, ପ୍ରବନ୍ଧ, ଗୀତ ଓ କବିତା ତା' ପୁଣି ପଢ଼ିବା ନିର୍ଭର କରେ ପାଠକର ବ୍ୟକ୍ତିଗତ ଆଗ୍ରହ ଉପରେ। ଆଧୁନିକ କବିତାର ଅର୍ଥ ଜାଣିବାକୁ ବା ଉଦ୍ଦେଶ୍ୟ ବୁଝିବାକୁ ଏତେ ପ୍ରୟାସ କରିବାକୁ ତା'ର ମନ କୁହେନି। ଲେଖକ ବା କବି ନିଜର ଯଥୋଚିତ ଜ୍ଞାନକୁ ଯଦିଓ ପରଷି ଦେଇଥାନ୍ତି ତାଙ୍କ ଲେଖନୀ ମୁନରେ, ହେଲେ ଏତେ ଗଭୀରତାକୁ ସ୍ପର୍ଶ କରିବାକୁ ସମୟ ତ ଥିଲେ ହେଲା। ନ ହେଲେ ଲେଖା ଫାଳେରୁ ମାତ୍ର ଦୁଇ ଚାରି ଧାଡ଼ି ପଢ଼ିବା ପରେ ଆଖିକୁ ବିରାମ। ପାଠକଙ୍କ ଉଦ୍ଦେଶ୍ୟରେ ତ ରଚନା। ଯଦି ତାହା ପାଠକଙ୍କର ମନରୁଚି ନ ହୁଏ, ଲେଖା ଯେତେ ଉନ୍ନତ, ଭାଷାଯୁକ୍ତ, ଭାବପୂର୍ଣ୍ଣ ହେଲେ ବି ଶେଷ ଧାଡ଼ି କେବେ ମଧ୍ୟ ଆଖିର ସ୍ପର୍ଶତା ପାଏନି। ଏତଦ୍‌ବ୍ୟତୀତ ଯଦି କାହା ଥାଳିରେ ସ୍ୱାଦିଷ୍ଟ ବ୍ୟଞ୍ଜନମାନ ପରଷା ଯାଇଥାଏ ଏବଂ ସେ ଭୋକିଲା ଥାଏ, ତେବେ ଦେଖିବେ ସେ ପେଟପୂରିବା ଯାଏ ଖାଇଚାଲିବ। ପେଟ ପୂରିଗଲା ପରେ ଅମୃତ ତୁଲ୍ୟ ଖାଦ୍ୟ ଥିଲେ ବି ଛାଡ଼ିବାକୁ ବାଧ୍ୟ ହେବ। କାରଣ ତାଙ୍କ ପାଇଁ ଆଉ ଆବଶ୍ୟକ ନାହିଁ।

ରଚନା ଓ ପାଠକଙ୍କର ଅନୁଭବରେ ଆଦରତା ଭିନ୍ନ ଭିନ୍ନ। ତେଣୁ ଜଣେ ଲେଖକ ଏତେଟା ବାଛି ଚିତ୍ରିତ କରିବା ବଡ଼ ଦୁରୂହ। ଏ ଲେଖକର ଅନୁଭବ ଯେ, ଯେତେଟା ବହି ନଜରରେ ଆସିଛି ତା'ର ଶେଷ ପୃଷ୍ଠା ପର୍ଯ୍ୟନ୍ତ ପହଞ୍ଚୁଥିବା ପାଠକଙ୍କ ସଂଖ୍ୟା ଅତି ନ୍ୟୂନ। ପଇସା ବହି କିଣିପାରେ, ଘରେ ପୁସ୍ତକାଳୟର ପରିବେଶ ପରିପ୍ରକାଶ କରିପାରେ, କିନ୍ତୁ ପାଠକର ଗ୍ରାହ୍ୟତାରେ ସମ୍ପୂର୍ଣ୍ଣତା ଆଣିବାରେ ସଫଳତା ପରିବର୍ତ୍ତେ ବାଧକ ସାଜିଥାଏ। ବଡ଼ ବଡ଼ ବହି ଛୋଟ ଛୋଟ ଗଳ୍ପ ଗୁଚ୍ଛରେ ଭରାହେଲେ ତା'ର ଆଦର କିଛିଟା ଅଧିକା ବୋଲି ଏ ଲେଖକ ସାମାଜିକ ପଠନରୁ ଅନୁଭବରେ ଆଣେ। ଏ କାନ ଶୁଣିଛି, ଯେ ସେ ପୁସ୍ତକଟି ଅମୁକଙ୍କର ଏତେ ସୁନ୍ଦର ଯେ, ମୁଁ ତାକୁ ଏକ ନିଃଶ୍ୱାସରେ ପଢ଼ିଦେଲି। ପଢ଼ା ଛାଡ଼ି ଯିବାକୁ ମନ କହିଲାନି। କିନ୍ତୁ ଏବେ ଆଉ ସେକାଳ ପଖାଳ ନାହିଁ। ଯେତେ ତରକାରି ଥାଉ, ଚଟଣି ଟିକେ ନ ଥିଲେ ଗୁଣ୍ଡା ଚଳିବା ଭାରି କଷ୍ଟ। ଲେଖକ ନଜରରେ ଆସୁଥିବା ବହୁ ସୁନ୍ଦର କଳ୍ପନାପ୍ରସୂତ ରଚନା ଲେଖକ ଅବହେଳା ନ କଲେ ମଧ୍ୟ ଅନୁଭବ କରେ ଆହା ଏ ସୁନ୍ଦର ଲେଖାଟି ସିନା ସମାଜ ପଢିଲେ ସମାଜର ବହୁ ଉପକାରରେ ଲାଗନ୍ତା । କିନ୍ତୁ ତାହା ଯଥାର୍ଥରେ ପ୍ରତିପାଦିତ ହୁଏ ନାହିଁ। ପଢ଼ା ତ ଦୂରର କଥା, ଯଦି କାହାର ଭାଷଣ ମନମୁଗ୍ଧକର ହୁଏ, ଶ୍ରୋତାଶୁଣେ, ମନେ ମନେ ରୋମନ୍ଥନ କରେ ସତ୍ୟ, କିନ୍ତୁ ମାତ୍ର କେଇଦିନ ପରେ ତାକୁ ଏପରି ଭୁଲିଯାଏ ଯେ ତାହା ମନକୁ ଆଉ ଆସି ପାରେନା।



ପାଠକଙ୍କୁ ବୁଝି ଲେଖନୀ ଚଳାଇବା ଓ ଲେଖକର ଅନ୍ତର୍ନିହିତ ଭାବନାକୁ ପାଠକଙ୍କ ଆଦରରେ ଆଣିବା ସମ୍ପୂର୍ଣ୍ଣ ଭିନ୍ନ। ବେଳେବେଳେ ଶସ୍ତାକଥା ଚାରିଆଡ଼େ ବ୍ୟାପିଯାଏ। ଜ୍ଞାନୀ ରାଜନୀତି କଲେ ଲୋକପ୍ରିୟ ହେବାଟା ଯେପରି ବାଞ୍ଛନୀୟ ନୁହେଁ, ସେହିପରି ଜ୍ଞାନଗର୍ଭକ ବା ମୂଲ୍ୟଭିତ୍ତିକ ଲେଖା ସବୁ ସମୟରେ ସବୁ ସ୍ଥାନରେ ଗ୍ରହଣଯୋଗ୍ୟ ହୋଇପାରେନା। ମୂଲ୍ୟବାନ ମୂଲ୍ୟହୀନ ହେବା ଏବଂ ମୂଲ୍ୟହୀନ ମୂଲ୍ୟବାନ ହେବା ରାଜନୀତିଆଙ୍କଠାରେ ବେଳେ ବେଳେ ପରିଲକ୍ଷିତ ହୁଏ। ପୂର୍ବ ସମୟରେ ଭଦ୍ର, ଜ୍ଞାନୀ, ସମସ୍କାରକ ସମାଜକୁ ବଦଳାଇ ପାରୁଥିଲେ, ଏବେ କିନ୍ତୁ ଏତେଟା ସହଜ ନୁହେଁ। ସବୁ ପରସ୍ପରର ଗ୍ରହଣୀୟତାର ସାମାଜିକ ତଥା ଆର୍ଥିକ ବ୍ୟବସ୍ଥା ଚୟନ ଉପରେ ନିର୍ଭରଶୀଳ। ଯେଉଁଠି ଟେଲି ପ୍ରମ୍ପଟର ଉପସ୍ଥିତ ଜନତାଙ୍କ ଆବଶ୍ୟକତାକୁ ଭିତ୍ତିକରି କ୍ଷଣକରେ ପ୍ରସ୍ତୁତି ପ୍ରକାଶିତ କରିପାରୁଛି, ସେଠି ସ୍ଥାନ କାଳ ପାତ୍ରର ମୂଲ୍ୟବୋଧ କେତେ ତାହା ଅନୁମେୟ। ଜାଣି ନ ଥିବା ଲୋକ ଜଣାଇ ପାରୁଛି। ସବୁ ସମ୍ଭବ ଏ ଯୁଗରେ। ନିର୍ଭୀକତାର ଅଭାବ, ଭୟ ସୃଷ୍ଟିକାରୀ ପ୍ରତି ଅନାଦରରୁ ଆଦର, ଧନୀକର ପୂଜନ, ନେତାଙ୍କର କପୋଳକଳ୍ପିତ ଗର୍ଜନ ଏବଂ ସର୍ବୋପରି ଶ୍ରୋତାଙ୍କ ଉପକୃତ ହେବା ଭଳି ବ୍ୟବସ୍ଥାର ପ୍ରଚାର ଆଜି ଲୋକପ୍ରିୟତା ଆଣିବାରେ ଖୁବ୍ ସହାୟକ।

ତେଣୁ ଲେଖକ ଆଖି ଖୋଲୁ। ସମାଜକୁ ଦେଖି ରେଖା ଟାଣୁ। ଚଟଣି ପରି ଅଳ୍ପ ଓ ସୁସ୍ୱାଦୁ ବନଉ। ମଧୁମକ୍ଷୀ ସାଜୁ। ଯୁଗ ବଦଳିବା ସହ ନିଜକୁ ଖାପ ଖୁଆଉ। ତେବେ ଲେଖାଟି ପାଠ୍ୟ, ଗ୍ରାହ୍ୟ ଓ ରୁଚିସମ୍ପନ୍ନ ହେବ, ଏହା ଏହି ଲେଖକର ଅଭିମତ। ଭୁଲ୍‌ଥିଲେ ପ୍ରକାଶ୍ୟପୂର୍ବକ କ୍ଷମା ପ୍ରାର୍ଥନୀୟ।

ଗୁଣ୍ଡିଚା ବିହାର, ପୁରୀ
ମୋ: ୮୨୪୯୦୮୨୪୦୦

## ଏଇ ଭାରତରେ

ସ୍ୱଚ୍ଛତା କ୍ଷେତ୍ରରେ ଗୋଷ୍ଠୀଗତ ସଫଳତାର ପରିଚୟ ଦେଇଛନ୍ତି ଚେନ୍ନାଇର ଚିଟଲାପକମ ବାସିନ୍ଦା। ସେମାନେ '#ସେଭିଂ ଚିଟଲାପକମ ଲେକ୍' ଅଭିଯାନ ଆରମ୍ଭ କରି ୫୦ ଏକର ପରିମିତ ୧୦୦ ବର୍ଷର ହ୍ରଦକୁ ପୁନରୁଦ୍ଧାର କରିପାରିଛନ୍ତି। ଉକ୍ତ ଅଭିଯାନରେ ପିଲାଠାରୁ ଆରମ୍ଭ କରି ୯୦ ବର୍ଷ ବୟସର ଲୋକ ସାମିଲ ହୋଇ ଚିଟଲାପକମ ରାଇଜିଂ ଟିମ୍ ଗଠନ କରି ଏହି କାର୍ଯ୍ୟ କରୁଛନ୍ତି। ଏହି ସଫଳତା ପାଇଁ ସେମାନେ ବର୍ଷେ କିମ୍ବା ଦୁଇ ବର୍ଷ ନୁହେଁ, ୭ ବର୍ଷର ନିରବଚ୍ଛିନ୍ନ ପ୍ରୟାସ କରିଆସିଛନ୍ତି। ବିଭିନ୍ନ ସରକାରୀ ଓ ବେସରକାରୀ ଉତ୍ସରୁ ଅର୍ଥ ଯୋଗାଡ଼ କରି ସେମାନେ ଏହି କାର୍ଯ୍ୟ ସମ୍ପାଦନ କରିଛନ୍ତି। ହ୍ରଦ ସଫେଇ କାର୍ଯ୍ୟ ଆରମ୍ଭ ବେଳେ ଚିଟଲାପକମର ପ୍ରତ୍ୟେକ ପରିବାର ୧୦୦ ଟଙ୍କା ଲେଖା ଦେଇଥିଲେ। ସେମାନେ ୨୦୧୭ରେ ପୋଷ୍ଟକାର୍ଡ କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ଓ ଗୀତ ମାଧ୍ୟମରେ ଏହି ହ୍ରଦର ସୁରକ୍ଷା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ଆରମ୍ଭ କରିଥିଲେ। ମାତ୍ର ଦୁଇ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୯ ବେଳକୁ ସେମାନଙ୍କ ସହିତ ୨୦୦୦ ଲୋକ ସାମିଲ ହୋଇଥିଲେ। ହ୍ରଦ ସଫା କରିବା ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ପରେ ସେମାନେ ହ୍ରଦକୁ ଖୋଳିବା ଓ ସଫା କରିବା କାର୍ଯ୍ୟ ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଡିସେମ୍ବର ୧୯୭୫

- ଆଙ୍ଗୋଲାରେ ଲଢୁଥିବା ତିନି ପକ୍ଷଙ୍କ ଭିତରେ ଗୋଟିଏ ପକ୍ଷରେ ଦକ୍ଷିଣ ଆଫ୍ରିକାର ସୈନ୍ୟ ଲିପ୍ତ ଥିବା ଦକ୍ଷିଣ ଆଫ୍ରିକା ସ୍ୱୀକାର କରିଛି।
- ଆରବ ଅଧିକୃତ ଅଞ୍ଚଳରେ ଇସ୍ରାଏଲ ସମ୍ପ୍ରସାରଣବାଦୀ ନୀତି ଅନୁସରଣ କରୁଥିବାରୁ ଜାତିସଂଘ ସାଧାରଣ ଆସେମ୍ବ୍ଲିରେ ତୀବ୍ର ନିନ୍ଦା କରାଯାଇଛି।
- ଚାଇନା କମ୍ୟୁନିଷ୍ଟ ପାର୍ଟିର ଭାଇସ ଚେୟାରମ୍ୟାନ କାଙ୍ଗ ସେଙ୍ଗ୍‌ଙ୍କର ପେକିଂଠାରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଅନାବଶ୍ୟକ ପ୍ରଶାସନିକ ବ୍ୟୟ

ମହାଶୟ,

ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନାବଶ୍ୟକ ଭାବେ ଶହ ଶହ କୋଟି ଟଙ୍କାର ପ୍ରଶାସନିକ ବ୍ୟୟ କରୁଛନ୍ତି। ନେତା ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅମଲାଗଣ ବିଭିନ୍ନ ସ୍ଥାନକୁ ଅନାବଶ୍ୟକ ଗସ୍ତ କରି ଦେଶବାସୀଙ୍କ ପ୍ରଦତ୍ତ ଟିକସ ଅର୍ଥର ଅପବ୍ୟୟ କରିଚାଲିଛନ୍ତି। ସ୍ୱାଧୀନତାର ଦୀର୍ଘ ୭୭ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ଦେଶର ଅନେକ ଗରିବ ଲୋକ ଖାଇବାକୁ ଓ ପିଇବାକୁ ବିଶୁଦ୍ଧ ପାନୀୟଜଳ ପାଉନାହାନ୍ତି। ଦେଶର ଅନେକ ଅଞ୍ଚଳରେ ଲୋକେ ମୌଳିକ ଆବଶ୍ୟକତାରୁ ବଞ୍ଚିତ। ଲୋକେ ଅଖାଦ୍ୟ ଖାଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଏପରି ସ୍ଥିତିରେ ଦେଶ ଓ ରାଜ୍ୟରେ କ୍ଷମତାପାଗଳ ନେତାନେତ୍ରୀଗଣ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉଡ଼ାଜାହାଜ ଓ ହେଲିକପ୍ଟରରେ ଯାଇ ସଭାସମିତି କରିବା ଦେଖାଯାଉଛି, ଯାହା ଅତ୍ୟନ୍ତ ଉଦ୍‌ବେଗଜନକ ତଥା ଲଜ୍ଜାର ବିଷୟ। ଦେଶବାସୀଙ୍କ ଅର୍ଥକୁ ଶ୍ରାଦ୍ଧ କରି କେଉଁଠି ଶିଳାନ୍ୟାସ ତ ଅନ୍ୟ କେଉଁଠି ପ୍ରକଳ୍ପର ଲୋକାର୍ପଣ କରିବା ପାଇଁ ପ୍ରତି ବର୍ଷ ଶହ ଶହ କୋଟି ଟଙ୍କା ଉଡାଇ ଦେଉଛନ୍ତି। ଏହା ଭାରତ ପରି ଏକ ଗରିବ ରାଷ୍ଟ୍ରର ଆଦର୍ଶର ପରିପନ୍ଥୀ। ସୁତରାଂ, ଦେଶର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଗଣ ଏଭଳି ଅର୍ଥ ଅପବ୍ୟୟ ନ କରିବାକୁ ସେମାନଙ୍କ ନେତା ଓ ମନ୍ତ୍ରୀମାନଙ୍କୁ ପରାମର୍ଶ ଦିଅନ୍ତୁ।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ,ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବାତାୟନ ପଥେ ଉଡ଼ିଥିଲା ଚାରୁ ପଣତ
ଦେଖି ତାହା
ପରମ ପୁଲକେ ଏ ପରାଣ ହେଲା ଆନତ
ସେ କି ମାୟା !
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଭିମନ୍ୟୁ



@ ବନ୍ଦନକୁମାର



@ ମନୋରଞ୍ଜନ



@ ଗାୟତ୍ରୀ



@ ମାମାଲି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଆ ଜାତି ପାଇଁ ସମର୍ପିତ ଥିଲେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

## ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୧୭।୧୨(ସୌମ୍ୟରଞ୍ଜନ ରାଉତ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ମଙ୍ଗଳବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କହିଲେ, ମହାରାଜା ଭଞ୍ଜଦେଓ ଓଡ଼ିଆ ଜାତିର ଉନ୍ନତି ପାଇଁ ନିଜକୁ ସମର୍ପିତ କରିଥିଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଦିଗରେ ତାଙ୍କର ଉଦ୍ୟମ ଚିରସ୍ମରଣୀୟ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଭାଷା ଆନ୍ଦୋଳନ, ଅରଣ୍ୟ ଓ ଖଣିଜ ସମ୍ପଦର ପୁନଃମୂଲ୍ୟାୟନ, ଶିଳ୍ପାୟନ ଆଦି କ୍ଷେତ୍ରରେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଓ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ସ୍ପଷ୍ଟ ଭାବେ ପ୍ରତିଫଳିତ। ସେ ଜଣେ ଯୁଗଜନ୍ମା ପୁରୁଷ ଓ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ମନ୍ତ୍ରୀ ଡା. ପାତ୍ର କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ଲେଖକ ଭାଗବତ ଶୁକ୍ଳା ଯୋଗଦେଇ କହିଲେ, ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଉତ୍କଳ ଆକାଶର ଉଜ୍ଜ୍ୱଳ ତାରକା। ସେ ଥିଲେ ପ୍ରଜା ବତ୍ସଳ ରାଜା। ତାଙ୍କର ବ୍ୟକ୍ତିତ୍ୱ, ଚରିତ୍ର, ସୁଶାସନ ପ୍ରତି ବ୍ରିଟିଶମାନେ ପ୍ରଭାବିତ ହୋଇ ତାଙ୍କୁ ମହାରାଜା ଉପାଧି ଦେଇଥିଲେ। ତାଙ୍କ ଜ୍ଞାନାଲୋକରେ କେବଳ ମୟୂରଭଞ୍ଜ ନୁହେଁ, ସମଗ୍ର ଓଡ଼ିଶା ଆଲୋକିତ ହୋଇଥିଲା ବୋଲି ସେ ପ୍ରକାଶ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣରେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କୁ ଭାରତ ମାଟିର ଜଣେ ଜାତୀୟତାବାଦୀ ଜନନାୟକ ବୋଲି ଅଭିହିତ କରିଥିଲେ। ୨୦ ବର୍ଷ ଶାସନକାଳରେ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇ ଭାରତ ମାନଚିତ୍ରରେ ଓଡ଼ିଶାକୁ ଏକ ସତନ୍ତ୍ର ସ୍ଥାନ ଦେଇଥିଲେ। ଆଜିର ଯୁବପିଢ଼ି ତାଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହେଲେ ବିକଶିତ ଓଡ଼ିଶାର ସ୍ୱପ୍ନ ଓ ରାଜ୍ୟର ସୁନାମ ବହୁଗୁଣିତ ହେବ ବୋଲି ସାମଲ କହିଥିଲେ। ପରେ ୟୁନିଟ-୨ସ୍ଥିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଜନଜାତି ନୃତ୍ୟ ପରିବେଷଣ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।




ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉତ୍ସବରେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଅନ୍ୟମାନେ।

## ରସୁଲଗଡ଼ ଛକରେ ମହିଳାଙ୍କୁ ଆକ୍ରମଣ

ଭୁବନେଶ୍ୱର,୧୭।୧୨(ସତ୍ୟଜିତ୍ ରାଉତ)– ରସୁଲଗଡ଼ ଛକ ନିକଟରେ ମଙ୍ଗଳବାର ମଧ୍ୟରାତ୍ରି ପ୍ରାୟ ୧୨ଟା ୧୦ବେଳେ ଜଣେ ମହିଳାଙ୍କୁ ଆକ୍ରମଣ ହୋଇଛି। ମହିଳାଙ୍କ ନାକ ଫାଟିଯାଇଥିବା ବେଳେ ଶରୀରର ଅନ୍ୟାନ୍ୟ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଛି। ଆହତ ଅବସ୍ଥାରେ ଭୟରେ ମଞ୍ଚେଶ୍ୱର ଥାନାକୁ ଦୌଡ଼ି ଯାଇଥିବାବେଳେ ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏନେଇ ପୋଲିସ ପ୍ରାଥମିକ ତଦନ୍ତ ଜାରି ରଖିଛି। ତେବେ ମହିଳା ଜଣଙ୍କୁ ତାଙ୍କ ବାପା ମଦ୍ୟପାନ କରି ମାଡ଼ ମାରିଛନ୍ତି ବୋଲି ପୋଲିସ ଆଗରେ ମହିଳା ଜଣକ କହିଥିବା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

## ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)

୨୦୨୫ ଜାନୁଆରୀ ୨୮ ଓ ୨୯ ତାରିଖରେ ଭୁବନେଶ୍ୱରଠାରେ 'ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍' ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱରଠାରେ କନ୍‌କ୍ଲେଭ୍ ପାଇଁ ଅଫିସିଆଲ ୱେବ୍‌ସାଇଟ୍ http://mio.investodisha.gov.in ଉନ୍ମୋଚିତ ହୋଇଯାଇଛି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାକୁ ଉନ୍ମୋଚନ କରି କହିଲେ, 'ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍' ଓଡ଼ିଶାରେ ଶିଳ୍ପ ସମ୍ଭାବନା ସହିତ ଆମ ସାଂସ୍କୃତିକ, ବୈଷୟିକ ଏବଂ ଭିତ୍ତିଭୂମି ବିକାଶକୁ ପ୍ରଦର୍ଶିତ କରିବ। ତେଣୁ ଆମେ ସମସ୍ତେ ମିଳିମିଶି ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭକୁ ସଫଳ କରିବା ଏବଂ ଏହା ମାଧ୍ୟମରେ ଓଡ଼ିଶାକୁ ଏକ ଶିଳ୍ପୋନ୍ନତ ତଥା ବିକଶିତ ପ୍ରଦେଶରେ ପରିଣତ କରିବା। ବିଦେଶରୁ ଅଂଶଗ୍ରହଣ କରିବା ପାଇଁ ଇନ୍‌ଟ୍ୟୁଟିଭ୍ ଇଣ୍ଟରଫେଶ୍ ମାଧ୍ୟମରେ ରିଅଲ୍ ଟାଇମ୍ ଅପଡେଟ୍‌ସ ଏବଂ ଭର୍ଚୁଆଲ ଏନ୍‌ଗେଜ୍‌ମେଣ୍ଟ ଭଳି ସୁବିଧା ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ୱେବସାଇଟ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ଇପିକଲ୍ ଏବଂ ଇଡ୍‌କଲର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆ ପ୍ରମୁଖ ଯୋଗଦେଇ କନ୍‌କ୍ଲେଭ ସମ୍ପର୍କରେ ଆଲୋଚନା କରିଥିଲେ।



ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ୱେବ୍‌ସାଇଟ୍ ଉନ୍ମୋଚନ କରୁଛନ୍ତି।

## ୧୦୧ ରେଳ କର୍ମଚାରୀ ପାଇବେ 'ଅତିବିଶିଷ୍ଟ ରେଳ ସେବା ପଦକ'

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)

ଭାରତୀୟ ରେଳ ପକ୍ଷରୁ ୧୦୧ ରେଳ କର୍ମଚାରୀଙ୍କୁ ଅତିବିଶିଷ୍ଟ ରେଳ ସେବା ପଦକ ପ୍ରଦାନ କରାଯିବ। ନୂଆଦିଲ୍ଲୀସ୍ଥିତ ଭାରତୀୟ ମଣ୍ଡପରେ ଆସନ୍ତା ୨୧ ତାରିଖରେ ହେବାକୁ ଥିବା ସମାରୋହରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସମ୍ମାନ ପ୍ରଦାନ କରିବେ। ଏହି ପଦକ ପାଇବାକୁ କେନ୍ଦ୍ରୀୟ ରେଳପଥରୁ ୭ଜଣ, ପୂର୍ବତଟ ରେଳପଥରୁ ୩ଜଣ, ପୂର୍ବ କେନ୍ଦ୍ରୀୟ ରେଳପଥରୁ ୮ଜଣ, ପୂର୍ବ ରେଳପଥରୁ ୮ଜଣ, ଉତ୍ତର କେନ୍ଦ୍ରୀୟ ରେଳପଥରୁ ୫ଜଣ, ଉତ୍ତର-ପୂର୍ବ ରେଳପଥରୁ ୪ ଜଣ, ପୂର୍ବ-ଉତ୍ତରରୁ ୨ଜଣ, ଉତ୍ତର ରେଳପଥରୁ ୧୨ଜଣ, ଉତ୍ତର-ପଶ୍ଚିମ ରେଳପଥରୁ ୪ଜଣ, ଦକ୍ଷିଣ କେନ୍ଦ୍ରୀୟ ରେଳପଥରୁ ୬ଜଣ, ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳପଥର ୨ଜଣ, ଦକ୍ଷିଣ-ପୂର୍ବ ରେଳପଥର ୭ ଜଣ, ଦକ୍ଷିଣ ରେଳପଥର ୮ଜଣ, ଦକ୍ଷିଣ-ପଶ୍ଚିମ ରେଳପଥର ୪ଜଣ, ପଶ୍ଚିମ କେନ୍ଦ୍ରୀୟ ରେଳପଥର ୨ଜଣ, ପଶ୍ଚିମ ରେଳପଥର ୨ଜଣ କର୍ମଚାରୀ ଓ ଅଧିକାରୀ ମନୋନୀତ ହୋଇଛନ୍ତି। ରେଳପଥର ବିଭିନ୍ନ କ୍ଷେତ୍ରରେ ନୂଆ ନୂଆ କୌଶଳ ବିଶେଷକରି ସ୍ୱଦେଶୀ କୌଶଳ ପ୍ରୟୋଗ ସହ ରାଜସ୍ୱ ଓ କାର୍ଯ୍ୟଦକ୍ଷତା ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫ ଜଣଙ୍କୁ, ରେଳଜନିତ ଦୁର୍ଘଟଣାରେ ଜନଜୀବନ ତଥା ସମ୍ପତ୍ତିର ସୁରକ୍ଷା ଦିଗରେ ସାହସିକତା ପ୍ରଦର୍ଶନ ପାଇଁ ୧୬ ଜଣ, ଟିକେଟ୍ ବିହୀନ ଯାତ୍ରା ତଥା ରାଜସ୍ୱ ଠକେଇରୁ ରେଳପଥକୁ ସୁରକ୍ଷା ଦେବା କ୍ଷେତ୍ରରେ ୧୭ ଜଣଙ୍କୁ ସମ୍ମାନିତ କରାଯିବ। ଏହିପରି ବିଭିନ୍ନ ବର୍ଗରେ ମୋଟ୍ ୧୦୧ଜଣ ସମ୍ମାନିତ ହେବେ।

### ପୂର୍ବତଟ ରେଳପଥର ୩ଜଣ ମନୋନୀତ

## ୩ କୋଟିରୁ ଅଧିକ ଟଙ୍କାର ବହି ବିକ୍ରି



ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ 'ଫକୀରନାମା'କୁ ଉନ୍ମୋଚନ କରୁଛନ୍ତି।

### ସରିଲା ୬ଷ୍ଠ ରାଜ୍ୟ ପୁସ୍ତକ ମହୋତ୍ସବ

ଭୁବନେଶ୍ୱର,୧୭।୧୨ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ମଙ୍ଗଳବାର ଶେଷ ହୋଇଛି। ଏହି ୧୨ଦିନରେ ମୋଟ ୩ କୋଟିରୁ ଅଧିକ ଟଙ୍କାର ବହି ବିକ୍ରି ହୋଇଥିବା ସୂଚନା ଦିଆଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, ଆମ ସମାଜରେ ପୁସ୍ତକର ସ୍ଥାନ ଅନନ୍ୟ। ପାଠକ ମନରେ ଶାନ୍ତି ଓ ପ୍ରଶାନ୍ତିର ଭାବ ଆଣିଥାଏ ପୁସ୍ତକ। ବହିର ଅନ୍ୟ କୌଣସି ବିକଳ୍ପ ନାହିଁ। ଆଜିର ସୋସିଆଲ ମିଡ଼ିଆ ଯୁଗରେ ମଧ୍ୟ ପୁସ୍ତକର ଚାହିଦା ବଢ଼ିଛି। ଚଳିତବର୍ଷ ପୁସ୍ତକ ମେଳାରେ ବିଶେଷ ଭାବରେ ଯୁବପିଢ଼ି ବହି କିଣିବା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ପୁସ୍ତକ ଏବଂ ସାହିତ୍ୟ ସମାଜ ପାଇଁ ସଦାସର୍ବଦା ମାର୍ଗଦର୍ଶକ ଭାବେ କାର୍ଯ୍ୟ କରୁଥିବ ବୋଲି ସଂସ୍କୃତି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ତଥା ସ୍ତମ୍ଭକାର ଅଧ୍ୟାପକ ବିଶ୍ୱ ରଞ୍ଜନ ଯୋଗଦେଇ କହିଲେ, ଭାଷା, ସାହିତ୍ୟ, ସଂସ୍କୃତି ଏବଂ ବୌଦ୍ଧିକ ବିକାଶରେ ପୁସ୍ତକ ପଠନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏଥିସହିତ ସେ ସାମ୍ପ୍ରତିକ ଯୁଗରେ ପୁସ୍ତକ ପଠନର ଗୁରୁତ୍ୱ ଏବଂ ଆବଶ୍ୟକତା ସମ୍ବନ୍ଧରେ କହିଥିଲେ। ଏହି ଅବସରରେ ଅତିଥିମାନେ 'ଫକୀରନାମା', 'ମାଦଳାପାଞ୍ଜିର ସାମଗ୍ରିକ ରୂପଲେଖ', 'ବହିକଥା', 'ପ୍ରଜ୍ଞାପୁରୁଷ ନାରାୟଣ ପୃଷ୍ଟେଠ' ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏଥିସହିତ ପୁସ୍ତକ ପ୍ରକାଶକ ସଂସ୍ଥାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଓ ଯୁଗ୍ମ ସଚିବ ଦେବ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପୁସ୍ତକ ମେଳାରେ ପ୍ରାୟ ୧୫୦ ପ୍ରକାଶକ ସଂସ୍ଥା ଓ ପୁସ୍ତକ ବିକ୍ରେତାମାନେ ଯୋଗଦେଇଥିବାବେଳେ ୪୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ନିର୍ମିତ ହୋଇଥିଲା।

**ପୂର୍ବ ତଟ ରେଳପଥ**

ଲେଟର ସଂ.S&T/OT/AMC/IPS/HBL-444, ତା.12.12.2024ରିଖ

**କାର୍ଯ୍ୟର ନାମ :** 36(ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର 79 ସ୍ଥାନଗୁଡ଼ିକଠାରେ ମେସର୍ସ HBL ପାୱାର ସିଷ୍ଟମ୍ସ ଲିମିଟେଡ୍, ହାଇଦ୍ରାବାଦ ଦ୍ୱାରା ଉତ୍ପାଦିତ ସମନ୍ୱିତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 3,74,44,613.55, EMD (ଟଙ୍କାରେ): 3,37,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-(18% GST ସହିତ) ।

ବିଡ୍ ଆରମ୍ଭ ହେବା ତାରିଖ: ତା.20.12.2024ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.01.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-804/P/24-25

FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A NO.: 104/2024**

State Bank of India, SARB, Bhubaneswar ....Applicant
Versus
Shradhanjali Khuntia ...Defendant(s)

To,
**Mrs. Shradhanjali Khuntia,** W/o.: Pradip Kumar Khuntia, Plot No.: 294, K-9A, Kalinga Vihar, Patrapada, Khandagiri, Bhubaneswar, PIN-751019, Khurda, Odisha

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 104/2024** in the court of the Debts of Recovery Tribunal, Cuttack for recovery of **Rs.35,66,394.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **28/01/2025** at **10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **26th day of November 2024.**

Sd/- (Nikhila Ranjan Pati)
REGISTRAR

**ସର୍ବସାଧାରଣ ବିଜ୍ଞପ୍ତି**

ଫର୍ମ ନଂ. ଆଇଏନ୍‌ସି-୨୬

[କମ୍ପାନୀ (ଇନ୍‌କର୍ପୋରେସନ୍) ନିୟମ ୨୦୧୪ର ରୁଲ୍ ୩୦] ଅନୁଯାୟୀ ଏକ ରାଜ୍ୟରୁ ଅନ୍ୟ ରାଜ୍ୟକୁ କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟରେ ପରିବର୍ତ୍ତନ ନିମନ୍ତେ ଖବରକାଗଜରେ ପ୍ରକାଶିତ ବିଜ୍ଞାପନ ।

କେନ୍ଦ୍ର ସରକାର
ପୂର୍ବାଞ୍ଚଳ (ଆଞ୍ଚଳିକ ନିର୍ଦ୍ଦେଶକ)
ନିଜାମ୍ ପ୍ୟାଲେସ୍, ଏମ୍‌ଏସ୍‌ଓ ବିଲ୍ଡିଂ, ତୃତୀୟ ମହଲା, ୨୩୪/୪, ଏ. ଜେ. ସି. ବୋଷ ରୋଡ, କୋଲକାତା ୭୦୦୦୨୦, ପଶ୍ଚିମବଙ୍ଗ

କମ୍ପାନୀ ଅଧିନିୟମ ୨୦୧୩ ର ଧାରା ୧୩ ଅନ୍ତର୍ଗତ ଉପଧାରା ୪ ଏବଂ କମ୍ପାନୀ (ଇନ୍‌କର୍ପୋରେସନ୍) ନିୟମ ୨୦୧୪ ରୁଲ୍ ୩୦ର ଉପଧାରା (୫)ର ଧାରା (କ) ପ୍ରସଙ୍ଗରେ
ଏବଂ
ମେସର୍ସ ଉତ୍କଳ ଫିଡ୍ସ ପ୍ରାଇଭେଟ୍ ଲିମିଟେଡ୍ ର ପଞ୍ଜିକୃତ କାର୍ଯ୍ୟାଳୟ: ସେଡ୍ ନଂ.୧୬୭, ସେକ୍ଟର ଏ, ଜୋନ-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଖୋର୍ଦ୍ଧା, ଓଡିଶା-୭୫୧୦୧୦ ........... ଆବେଦନକାରୀ

ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସୋମବାର, ୨୫ ନଭେମ୍ବର ୨୦୨୪ ରିଖ ଦିନ କମ୍ପାନୀର ସଦସ୍ୟମାନଙ୍କର ଏକ ଅତିରିକ୍ତ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟକୁ **"ଓଡିଶା" ରାଜ୍ୟ ରୁ "ପଶ୍ଚିମବଙ୍ଗ" ରାଜ୍ୟ** କୁ ପରିବର୍ତ୍ତନ କରିବା ନିମନ୍ତେ ପ୍ରସ୍ତାବ ପାରିତ ହୋଇଛି । କମ୍ପାନୀ ଅଧିନିୟମ ୨୦୧୩ ର ଧାରା ୧୩ ଅନୁଯାୟୀ କମ୍ପାନୀ କେନ୍ଦ୍ର ସରକାରଙ୍କୁ ଏହି ପ୍ରସ୍ତାବ ଆବେଦନ କରିଛି ।

କୌଣସି ବ୍ୟକ୍ତି ଯଦି ଏହି ପ୍ରସ୍ତାବିତ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଅଛି, ସେ ନିବେଶକଙ୍କ ଅଭିଯୋଗ ଫର୍ମ ପୂରଣ କରି **MCA** ପୋର୍ଟାଲ **(www.mca.gov.in)** ରେ ବିତରଣ କରିପାରନ୍ତି କିମ୍ବା ତାଙ୍କର ଆପତ୍ତି ଅଭିଯୋଗକୁ **ଏହି ବିଜ୍ଞାପନ ପ୍ରକାଶନର ୧୪ ଦିନ ମଧ୍ୟରେ** ଆଫିଡେଭିଟ୍ ଦ୍ୱାରା ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଠିକଣା: **ନିଜାମ୍ ପ୍ୟାଲେସ୍, ଏମ୍‌ଏସ୍‌ଓ ବିଲ୍ଡିଂ, ତୃତୀୟ ମହଲା, ୨୩୪/୪, ଏ ଜେ ସି ବୋଷ ରୋଡ, କୋଲକାତା ୭୦୦୦୨୦, ପଶ୍ଚିମବଙ୍ଗ** କୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ପଠାଇ ପାରିବେ ଏବଂ ଏହାର ନକଲ ଆବେଦନକାରୀ କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟ ଠିକଣାରେ ଦାଖଲ କରିବେ ।

ପଞ୍ଜିକୃତ କାର୍ଯ୍ୟାଳୟ: ସେଡ୍ ନଂ.୧୬୭, ସେକ୍ଟର ଏ, ଜୋନ-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଖୋର୍ଦ୍ଧା, ଓଡିଶା-୭୫୧୦୧୦।

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୮.୧୨.୨୦୨୪

ଉତ୍କଳ ଫିଡ୍ସ ପ୍ରାଇଭେଟ୍ ଲିମିଟେଡ୍
ସମୀର ଅଗରୱାଲ୍
(ନିର୍ଦ୍ଦେଶକ)
ଡିଆଇଏନ୍: ୦୦୧୨୯୫୨୯

**ODISHA PUBLIC SERVICE COMMISSION**
19, DR. P.K. PARIJA ROAD, CUTTACK-753001
**NOTICE**

No.7322/ PSC, Dt.17.12.24
(DR-IV) (2PS-01-2024-25)

No.D-: The **Written Examination** for recruitment to the posts of Assistant Chemist, pursuant to Advertisement No.26 of 2023-24 shall be conducted as per the following programme.

| Date | Time | Paper / Subject | Subject Code |
|---|---|---|---|
| 05.01.2025 (Sunday) | 10.00 A.M. to 11.30 A.M. | Paper - I (Organic & Analytical Chemistry | 01 |
| | 01.30 P.M. to 03.00 P.M. | Paper-II (Physical & Inorganic Chemistry) | 02 |

The PwD candidates will be given 20 minutes per hour in each sessions (i.e. 10.00 A.M. to 12.00 P.M. for 1st session & 01.30 P.M. to 03.30 P.M. for 2nd Session)

The list of Examination Centres are given below:-

| Sl.No. | Name of the Examination Centres |
|---|---|
| | CUTTACK |
| 1 | Saraswati Shishu Vidya Mandir, Tulasipur, Chahata Nagar (Mahanadi Ring Road) Cuttack-753008 |
| | BHUBANESWAR |
| 1 | D R Nayapally College, Nayapally, BBSR |
| 2 | Sthitiprajna Higher Secondary School, Behind TCS Ltd., BBSR/Mind Tree, Patharagadia, BBSR |
| 3 | P.G. Deptt. of Political Science, Utkal University, Vani Vihar, BBSR |
| 4 | Saraswati Shishu Vidya Mandir, Bhimatangi, BBSR |

The candidates admitted are required to download their **"Admission Certificates"** and **"Instructions to Candidates"** from website of the Commission at www.opsc.gov.in from **30.12.2024 onwards.**

OIPR-12002/11/0109/2425
Sd./- Secretary

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIREMENT**
For a Construction site in Bhubaneswar
**SITE ENGINEER**
(Drainage & Road experienced only)
(3 to 5 Yrs. experienced)
**Ph.: 7381207777**

**ଆବଶ୍ୟକ/WANTED**
1. A LADY COOK / ମହିଳା ରୋଷେୟା
2. A DRIVER
For my House at:
TANKAPANI ROAD, BHUBANESWAR
Contact/ଯୋଗାଯୋଗ
**8917380932, 8917516693**

See Career Appointment on every Wednesday & Saturday

**WANTED**
ପ୍ରତିଷ୍ଠିତ **SHRIRAM** ଗ୍ରୁପ ର ମୋଟର ବୀମା ମାର୍କେଟିଂ ଗ୍ରୁପ ପାଇଁ ଅଟୋମୋବାଇଲ କିମ୍ବା ସାଧାରଣ ବୀମା କ୍ଷେତ୍ରରେ ଅଭିଜ୍ଞତା ଥିବା **Business Development Managers** ଆବଶ୍ୟକ । **Salary as per the Industry.** ସ୍ଥାନ: ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, ବରଗଡ଼, ଭୁବନେଶ୍ୱର, କେନ୍ଦୁଝର, ରାଉରକେଲା, ଅନୁଗୁଳ, ଭବାନୀପାଟଣା, ଜୟପୁର
Send your CV at **resume@skiretail.in** and **jpmisra@skiretail.in, Call : 9437064772**

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION, JASHPUR (C.G.)**
**e-PROCUREMENT TENDER NOTICE**
eProcurement Portal: https://eproc.cgstate.gov.in
**(1st Call)**

**System Tender No.: 162827** **NIT No.:10/SAC/2024-25** **Dated: 16.12.2024**

Online tenders are invited for the following works upto 06.01.2025 (17.30 hours IST).
Name of Work : Construction of Khijurbahar Stopdam Scheme
Probable Amount of Contract : Rs.218.47 Lakhs

The details can be viewed and downloaded online directly from the Government of Chhatisgarh Integrated e-Procurement Portal **(https://eproc.cgstate.gov.in)** from **Date 23.12.2024 at 17.31 hours (IST) onwards**.

**NOTE:** 1. All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier registration in order to download the tender documents and participate in the subsequent bidding process.
2. Probable Amount of Contract (P.A.C.) is as per S.O.R. 01.08.2010. (As Amendments 01.08.2022).

Sd./- Executive Engineer
Water Resources Division, Jashpur (C.G.)
for, Chief Engineer, Hasdeo Ganga Basin
Ambikapur (C.G.)

G-242504629/2

**MCL ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ :www.mahanadicoal.in

ସନ୍ଦର୍ଭ ସଂଖ୍ୟା: MCL/GM(KA)/2024/ ତା.07.12.2024ରିଖ

**ଛଅ ମାସର ଅବଧି ନିମନ୍ତେ ରାଜସ୍ୱ କର୍ମଚାରୀଙ୍କ ସେବାଜନିତ ନିଯୁକ୍ତି ପାଇଁ ବିଜ୍ଞପ୍ତି/ବିଜ୍ଞାପନ**

କଣିହା ଏରିଆ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ନିମ୍ନବର୍ଣ୍ଣିତ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଛଅ (୬) ମାସ ଅବଧି ନିମନ୍ତେ ସାନ୍ତ୍ୱନାମୂଳକ ପାରିଶ୍ରମିକ ଭିତ୍ତିରେ ନିଯୁକ୍ତିଜନିତ ସେବା ପାଇଁ ଦରଖାସ୍ତ ଆହ୍ୱାନ କରୁଛି । ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯାହାକି ତା.୨୨.୧୨.୨୦୨୪ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ ମହାପ୍ରବନ୍ଧକ, କଣିହା ଏରିଆ, ଏମ.ସି.ଏଲ, ପୋଷ୍ଟ-କଣିହା, ଜିଲ୍ଲା-ଅନୁଗୁଳ, ଓଡ଼ିଶା-୭୫୯୧୧୭ଙ୍କ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ପହଞ୍ଚ ପାରୁଥିବା ଆବଶ୍ୟକ।

| କ୍ରମ ସଂ. | ପଦ ର ନାମ | ସାନ୍ତ୍ୱନାମୂଳକ ପାରିଶ୍ରମିକ (ମାସିକ) | ଆବଶ୍ୟକ କର୍ମଚାରୀ ସଂଖ୍ୟା |
|---|---|---|---|
| 1. | ଅମିନ | ₹15,000.00 (ମାସିକ) | 03 |

ଦରଖାସ୍ତ ଫର୍ମ, ଯୋଗ୍ୟତା ମାନଦଣ୍ଡ, ବୟସ, ଦରଖାସ୍ତ ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ଅନ୍ୟ ନିୟମ ତଥା ସର୍ତ୍ତାବଳୀ ସମ୍ବନ୍ଧୀୟ ବିସ୍ତୃତ ବିଜ୍ଞାପନ/ବିଜ୍ଞପ୍ତି ଏମସିଏଲ ୱେବ୍‌ସାଇଟ୍ www.mahanadicoal.in "କ୍ୟାରିୟର" ସେକ୍ସନରେ ଖୁବ୍‌ଶୀଘ୍ର ଉପଲବ୍ଧ ହୋଇପାରିବ । ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.୨୨.୧୨.୨୦୨୪ରିଖ ସୁଦ୍ଧା ଡାକ ଦ୍ୱାରା ଦାଖଲ କରାଯାଇ ପାରିବ। ଏ ସମ୍ପର୍କିତ କୌଣସି ପ୍ରକାର ସଂଯୋଗପତ୍ର/ଶୁଦ୍ଧିପତ୍ର କେବଳ ଏମ୍‌ସିଏଲ୍ ୱେବ୍‌ସାଇଟ୍ ଏବଂ ଏରିଆ ସୂଚନା ଫଳକରେ ଦେଖାଯାଇ ପାରିବ।

ସ୍ୱା/-
ମହାପ୍ରବନ୍ଧକ,
କଣିହା ଏରିଆ, ଏମ୍‌ସିଏଲ

R-5231

# ଆନ୍ଧ୍ର, କୋଲକାତା ଫୁଲ ପାଇଁ ଅଧିକ ଅର୍ଡର

## ଖ୍ରୀଷ୍ଟମାସ, ନୂଆବର୍ଷ ପାଇଁ ଉତ୍ସାହିତ ବ୍ୟବସାୟୀ

ଭୁବନେଶ୍ୱର,୧୭।୧୨ (ସୌମ୍ୟରଞ୍ଜନ ରାଉତ)

ଦିନ କେଇଟା ପରେ ବଡ଼ଦିନ ଓ ନୂଆବର୍ଷ। ଏଥିଲାଗି ଭଲ ବ୍ୟବସାୟ ଆଶାରେ ବେଶ୍ ଉତ୍ସାହିତ ଅଛନ୍ତି ରାଜଧାନୀର ଫୁଲ ବ୍ୟବସାୟୀ। ଏବେଠୁ ଗ୍ରାହକମାନେ ଫୁଲ ବରାଦ ଦେଉଥିବାବେଳେ ବ୍ୟବସାୟୀମାନେ ମଧ୍ୟ ଅନ୍ୟ ରାଜ୍ୟରୁ ଫୁଲ ଆଣିବାକୁ ଅର୍ଡ ଦେଇ ସାରିଲେଣି। ବିଶେଷକରି ଆନ୍ଧ୍ର ଓ କୋଲକାତାରୁ ଅଧିକ ଅର୍ଡର ଦିଆଯାଇଥିବା ଜଣାପଡିଛି।

ଖ୍ରୀଷ୍ଟମାସ, ବଡ଼ଦିନ ଓ ନୂଆବର୍ଷରେ ଫୁଲର ଭଲ ବେପାର ହୋଇଥାଏ। ସାଜସଜ୍ଜା ସହ ସ୍ୱାଗତ ଓ ଶୁଭେଚ୍ଛା ଲାଗି ଫୁଲର ଚାହିଦା ଅଧିକ ରହିଥାଏ। ଏବେଠୁ ମଧ୍ୟ ଫୁଲ ବେପାର ବଢ଼ିବାରେ ଲାଗିଥିବାବେଳେ ଆଗକୁ ଆହୁରି ଅଧିକ ବେପାର ହେବ ବୋଲି ବ୍ୟବସାୟୀମାନେ ଆଶାବାନ୍ଧି ବସିଛନ୍ତି। ବିଶେଷକରି ଡିସେମ୍ବର ୨୫ ଖ୍ରୀଷ୍ଟମାସ ପାଇଁ ରାଜଧାନୀର ସମସ୍ତ ଖ୍ରୀଷ୍ଟିଆନ କମ୍ୟୁନିଟି ପକ୍ଷରୁ ଫୁଲ ତୋଡା ସହ ଅନ୍ୟାନ୍ୟ



ଫୁଲ ବରାଦ ଦିଆସରିଲାଣି। ସେହିପରି ନୂଆବର୍ଷ ଲାଗି ବଡ଼ ବଡ଼ ହୋଟେଲ ଓ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ସଂସ୍ଥା ମଧ୍ୟ ଆଗୁଆ ଫୁଲ ଅର୍ଡର ଦେଲେଣି। ଅଫିସ୍ କର୍ମଚାରୀ, କଲେଜ ପଢୁଆ ଛାତ୍ରୀଛାତ୍ର, ପ୍ରେମୀଯୁଗଳ ଓ ବ୍ୟକ୍ତିବିଶେଷଙ୍କ ଲାଗି ମଧ୍ୟ ଆଗୁଆ ଅଧିକ ଫୁଲତୋଡା, ବୁକେ ଓ ଅନ୍ୟାନ ଫୁଲ ଆଣିବାକୁ ଆନ୍ଧ୍ର ପ୍ରଦେଶ, କୋଲକାତା, ମୁମ୍ବାଇ ଆଦି ସହରରେ ଥିବା ଡିଲରଙ୍କୁ ଅର୍ଡର ଦେଇ ସାରିଲେଣି ଭୁବନେଶ୍ୱର ବ୍ୟବସାୟୀ। ପଟିଆ ଛକର ଫୁଲ ବ୍ୟବସାୟୀ ନଳିନୀକାନ୍ତ ଜେନା କହିଛନ୍ତି, ଗୋଲାପ, ଅର୍‌କିଡ୍, ଜିନିଆ, ଗ୍ରାଡୋଲା, ଲିଲିୟମ୍ ଆଦି ଫୁଲର ଚାହିଦା ଥିବାରୁ ଅଧିକ ଅର୍ଡର ଦିଆଯାଇଛି। ନାଲି ଗୋଲାପର ବୁକେ ସବୁଠୁ ଅଧିକ ବରାଦ ରହୁଛି। ବର୍ତ୍ତମାନ ନାଲି ଗୋଲାପ ଗୋଟା ୨୦ରୁ ୩୦ ଟଙ୍କା ରହିଥିବାବେଳେ ସେବତୀ ଓ ଜିନିଆ ୨୦ ଟଙ୍କା ରହିଛି। ରଜନୀଗନ୍ଧା ଷ୍ଟିକ୍ ଗୋଟାକୁ ୩୦ ଟଙ୍କା ରହିଛି। ଆଉ କିଛିଦିନ ପରେ ଏସବୁର ମୂଲ୍ୟ ଉଚ୍ଚା ରହିବ ବୋଲି ସେ କହିଛନ୍ତି। ସେହିପରି ୟୁନିଟ୍-୧ର ଫୁଲ ବ୍ୟବସାୟୀ ସୁବ୍ରତ ମହାନ୍ତି କହିଛନ୍ତି, ଫୁଲତୋଡା ଗୋଟାର ଦାମ୍ ଶହେ ଟଙ୍କାରୁ ଆରମ୍ଭ କରି ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିବାବେଳେ ବାସ୍କେଟ୍ ତୋଡାର ମୂଲ୍ୟ ୫୦ ହଜାରରୁ ଅଧିକ ରହିଛି । ଏଥର ନୂଆବର୍ଷ ସବୁ ଫୁଲ ବ୍ୟବସାୟୀଙ୍କୁ ଭଲ ରୋଜଗାର ଦେବ। ଆଗକୁ ଫୁଲ ଦର ବୃଦ୍ଧି ସମ୍ଭାବନା ଥିବାରୁ ଲୋକମାନେ ମଧ୍ୟ ଆଗୁଆ ଅର୍ଡର ଦେଲେଣି ବୋଲି ସେ କହିଛନ୍ତି।



**ଆସୁଛି ଖ୍ରୀଷ୍ଟମାସ**
ଭୁବନେଶ୍ୱର ସତ୍ୟନଗର ଚର୍ଚ୍ଚ ନିକଟ ଏକ ଦୋକାନରେ ବିକ୍ରି ପାଇଁ ରହିଥିବା ଖ୍ରୀଷ୍ଟମାସ ଟ୍ରି ଓ ସାଣ୍ଟା କ୍ଲସ୍‌କୁ ଲୋକେ ଦେଖୁଛନ୍ତି।

## ୨୦ରେ ଆୟୁଷ ଚିକିତ୍ସକ ମହାସଂଘର ଧାରଣା

ଭୁବନେଶ୍ୱର, ୧୭।୧୨ (ବନ୍ଦନା ସେଠୀ) - ଦୀର୍ଘ ୨୫ବର୍ଷ ହେବ ରାଜ୍ୟରେ ମାତ୍ର ୫୬୨ଟି ହୋମିଓପ୍ୟାଥିକ ମେଡ଼ିକାଲ ଅଫିସର ଏବଂ ୬୧୯ଟି ଆୟୁର୍ବେଦ ମେଡ଼ିକାଲ ଅଫିସର ପଦବୀ ସ୍ଥାୟୀ ଭାବେ ରହିଛି। ୨୩ ବର୍ଷ ହେବ ରାଜ୍ୟ ସରକାର ପଦବୀ ସଂଖ୍ୟା ବୃଦ୍ଧି ନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଅନ୍ୟ ବିଭାଗଗୁଡ଼ିକରେ ନୂତନ ପଦବୀ ସୃଷ୍ଟି କରାଯାଉଥିଲେ ମଧ୍ୟ ଆୟୁଷ ବିଭାଗରେ ଡିସ୍‌ପେନସାରି ଓ ମେଡ଼ିକାଲ ଅଫିସର ପଦବୀ ବୃଦ୍ଧି ପାଉନାହିଁ ବୋଲି ଆୟୁଷ ଚିକିତ୍ସକ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏହିକ୍ରମରେ ମହାସଂଘ ପକ୍ଷରୁ ଡିସେମ୍ବର ୨୦ରେ ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏଥିରେ ରାଜ୍ୟରେ କାର୍ଯ୍ୟରତ ଆୟୁଷ, ଆର୍‌ବିଏସ୍‌କେ, ମୋବାଇଲ ହେଲ୍‌ଥରେ କାର୍ଯ୍ୟରତ ଡାକ୍ତରମାନେ ଯୋଗଦେବେ। ସେହିପରି ଆଗାମୀ ଦିନରେ ରାଜ୍ୟର ସମସ୍ତ ପିଏସ୍‌ସି ଓ ସିଏସ୍‌ସିରେ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅପରପକ୍ଷେ ରାଜ୍ୟ ସରକାର ନୂତନ ପଦବୀ ସୃଷ୍ଟି କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଓଡ଼ିଶା ଆୟୁଷ ବିକାଶ ପରିଷଦ, ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ମିଶନ ଯୁଗ୍ମସଚିବ ଏଲରା ଜେନାଙ୍କ ସହିତ ଆଲୋଚନା କରାଯାଇଥିଲେ ହେଁ ତାହା ବିଫଳ ହୋଇଥିବା ଆୟୁଷ ବିକାଶ ପରିଷଦର ସମ୍ପାଦକ ଡା. ତ୍ରୈଲୋକ୍ୟ ନାଥ ମହାରଣା ସୂଚନା ଦେଇଛନ୍ତି।

# ସରପାରୀ-ଛଣଗିରି ରାସ୍ତାରେ ହାତୀ



ଟାଙ୍ଗୀ,୧୭।୧୨(ରଘୁନାଥ ସାହୁ)

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ରେଞ୍ଜ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। କିଛିଦିନ ହେବ ଏହି ରେଞ୍ଜ ଅଧୀନ ସରପାରୀ-ଟାଙ୍ଗୋଳ ଜଙ୍ଗଲରେ ୧୭ଟିକିଆ ହାତୀପଲ ଜଙ୍ଗଲରୁ ବାହାରି ସରପାରୀ ଗାଁ ନିକଟରେ ଆତଙ୍କ ଖେଳାଇଛନ୍ତି। ଫଳରେ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ରହିଛନ୍ତି। ମଙ୍ଗଳବାର ସକାଳେ ଏହି ହାତୀପଲ ସରପାରୀ-ଛଣଗିରି ମଧ୍ୟବର୍ତ୍ତୀ ରାସ୍ତାରେ ବହୁ ସମୟ ଧରି ଛିଡ଼ା ହୋଇ ରହିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପରେ ହାତୀପଲ ନିକଟ ଜଙ୍ଗଲ ଅଭିମୁଖେ ପଳାଇଥିଲେ। ଏଥିସହ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ବନ ବିଭାଗ ହାତୀପଲକୁ ପଟିଆ ଜଙ୍ଗଲକୁ ଘଉଡ଼ାଇବା ପାଇଁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି।

## 'ଜଗତର କଲ୍ୟାଣରେ ସାନ୍ନିଧ୍ୟ ପ୍ରାପ୍ତି ହୁଏ'

ପୁରୁଣା ଭୁବନେଶ୍ୱର,୧୭।୧୨(ସୁବାସ ଚନ୍ଦ୍ର ପ୍ରଧାନ): ଜଗତର କଲ୍ୟାଣ କରିବା ଦ୍ୱାରା ସାନ୍ନିଧ୍ୟ ପ୍ରାପ୍ତି ହୋଇଥାଏ। ଜଗତ ହିତରେ ପରଂବ୍ରହ୍ମଙ୍କ ଶୁଭାଶୀର୍ବାଦ ଲାଭ କରିଥାଏ ମାନବ। ପ୍ରତ୍ୟେକ ମଣିଷ ଭଗବାନଙ୍କ ନିକଟତର ହେବା ପାଇଁ ଜଗତର କଲ୍ୟାଣ ସାଧନ କରିବା ଜରୁରୀ ବୋଲିପ୍ରଫେସର ପ୍ରଭାକର ମିଶ୍ର କହିଛନ୍ତି। ସ୍ଥାନୀୟ ହାଟସାହି ସ୍ଥିତ ଶ୍ୟାମାଶଙ୍କର ମଠ ପରିସରରେ ଅନୁଷ୍ଠିତ ଗୀତାଜ୍ଞାନ ପଠନ ଏବଂ କ୍ରିୟାଯୋଗ କାର୍ଯ୍ୟକ୍ରମରେ ପ୍ରବଚନ ଦେବା ଅବସରରେ ସେ ଏହା କହିଛନ୍ତି। ଏଥିରେ ମଠ ମୁଖ୍ୟ ପରିଚାଳକ ଅରୁଣ କୁମାର ଗାଙ୍ଗୁଲି ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଜଗନ୍ନାଥ ସାହୁ, ଆଇନଜୀବୀ ଶ୍ରୀକାନ୍ତ ମିଶ୍ର, ଶିବ ସୁନ୍ଦର ମହାପାତ୍ର, ସୁମିତା ଠାକୁର, କଲ୍ୟାଣୀ ମହାନ୍ତି, ସଂଯୁକ୍ତା ସାମନ୍ତରାୟ, ନମିତା ମିଶ୍ର, ଟୁଟୁ ତ୍ରିବେଣୀ ଗାଙ୍ଗୁଲି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆଜିଠୁ ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ

ଭୁବନେଶ୍ୱର,୧୭।୧୨(ସୁଚିସ୍ମିତା ସାହୁ)

**ସମ୍ବର୍ଦ୍ଧିତ ହେବେ ୧୦୦ ବିଦ୍ୟାର୍ଥୀ**

ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ ୨୦୨୪ ବୁଧବାରଠାରୁ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଆରମ୍ଭ ହେବ। ତିନିଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଉତ୍ସବରେ ଦଶମ ବୋର୍ଡ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନ ସ୍କୁଲର ୧୦୦ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ବୋର୍ଡ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଥିବା ୫୦ଟି ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ସମ୍ମାନିତ କରାଯିବ। ଚଳିତବର୍ଷ ଏହି ଉତ୍ସବରେ ୩୦ ଜିଲାରୁ ୩୫୧ ଛାତ୍ର, ୭୩୧ ଛାତ୍ରୀ, ୧୩୯ଜଣ କ୍ରୀଡ଼ା ଓ ମାର୍ଗଦର୍ଶୀ ଶିକ୍ଷକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ପତ୍ରିକା 'ସର୍ଗିଫୁଲ-୨୦୨୪' ଲୋକାର୍ପିତ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ଉଦ୍‌ଯାପନୀ ସମାରୋହରେ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ଏହି ରାଜ୍ୟସ୍ତରୀୟ ଉତ୍ସବରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରାୟ ୨୪ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଇଛି। ସାଧାରଣ ଜ୍ଞାନ, ସଙ୍ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ବାଦନ, ବିଜ୍ଞାନ ପ୍ରଦର୍ଶନୀ, ଶିଶୁ ସାମ୍ବାଦିକ, ବକ୍ତୃତା, ଅଭିନୟ, ସୃଜନଶୀଳ ଲେଖନ, ଚିତ୍ରାଙ୍କନ, ନାଟ୍ୟଶାଳା ଆଦି ପ୍ରତିଯୋଗିତା ଓ କର୍ମଶାଳା ଅନୁଷ୍ଠିତ ହେବା ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

# ୪ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୧୭।୧୨( ସୌମ୍ୟରଞ୍ଜନ ରାଉତ)




କବି ହରପ୍ରସାଦ ଦାସଙ୍କ କବିତା ପୁସ୍ତକ 'ବ୍ୟଥା ସହିତ ବାର୍ତ୍ତାଳାପ', ବିଜୟଲକ୍ଷ୍ମୀ ମହାନ୍ତିଙ୍କ କବିତା ପୁସ୍ତକ 'ମହାନାୟକ ଶ୍ରୀକୃଷ୍ଣ', ସମାଲୋଚକ ହିମାଂଶୁ ପରିଡ଼ାଙ୍କ ପୁସ୍ତକ 'ମୋ ଲେଖକୀୟ ଯାତ୍ରା' ଏବଂ ପରେଶ୍ୱର ଦାସଙ୍କ କବିତା ପୁସ୍ତକ 'ପ୍ରତିଦିନ ପଦୁଟିଏ' ରବିବାର ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହରପ୍ରସାଦ ଦାସ, ହିମାଂଶୁ ପରିଡା ଓ ପରେଶ୍ୱର ଦାସ ଉପସ୍ଥିତ ଥିଲେ। ପୁସ୍ତକଗୁଡ଼ିକ ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପ୍ରକାଶିତ ହୋଇଥିବାବେଳେ ସମ୍ପାଦକ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭିନ୍ନକ୍ଷମଙ୍କୁ ବୈଦ୍ୟୁତିକ ହାତ ପ୍ରଦାନ

ଭୁବନେଶ୍ୱର,୧୭।୧୨(ଅଭୟ ଦାଶ): ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରେଡ୍ ସ୍ୱସ୍ତିକ ସୋସାଇଟିର ଓଡ଼ିଶା ଶାଖା ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ମାସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଭୁବନେଶ୍ୱରର ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜିଲାରୁ ୧୨୦ ଭିନ୍ନକ୍ଷମଙ୍କୁ ସ୍ୱୟଂଚାଳିତ ବୈଦ୍ୟୁତିକ ହାତ ଯୋଗାଇ ଦିଆଯାଇଛି। ଏହା ସହ ୬୦ଜଣଙ୍କୁ କମ୍ବଳ ଓ ୧୦ଜଣଙ୍କୁ ଜରିପାଲ ମଧ୍ୟ ବଣ୍ଟନ କରାଯାଇଥିଲା। ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଓ ଇନାଲି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ମୋ ଜିଲାରେ ଅନୁଷ୍ଠାନ ପକ୍ଷରୁ ଯେଉଁ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି, ତାହା ବେଶ୍ ପ୍ରଶଂସନୀୟ ଏବଂ ରେଡ ସ୍ୱସ୍ତିକ ଏହିଭଳି କାର୍ଯ୍ୟ ଆଗକୁ ଚାଲୁ ରଖିବ ବୋଲି ମୁଁ ଆଶା ପ୍ରକଟ କରୁଛି। ମୁଁ ସଦା ସର୍ବଦା ଆପଣଙ୍କ ସହ ରହିଛି ଓ ରହିବି। ସମ୍ମାନିତ ଅତିଥି ଭାବେ ଏସଏନଏମ୍ ଗ୍ରୁପର ନର୍ଦ୍ଦେଶକ ଡ.ପ୍ରବୋଧ ମହାନ୍ତି ଯୋଗ ଦେଇଥିଲେ। ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶାଖା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭିନ୍ନକ୍ଷମଙ୍କ ତଥ୍ୟ ସଂଗ୍ରହ କରି ଏହି ପଦକ୍ଷେପ ହାତକୁ ନେଇଛି। ରାଜ୍ୟରେ ଭିନ୍ନକ୍ଷମମାନଙ୍କ ଉନ୍ନତୀକରଣ ନିମନ୍ତେ ବିବିଧ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି ଓ ଆଗକୁ ନିଆଯିବ ବୋଲି ରେଡ୍ ସ୍ୱସ୍ତିକ ସୋସାଇଟିର ଓଡ଼ିଶା ଶାଖା ସଚିବ ଦେବାଶିଷ ପଟ୍ଟନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ପ୍ରମୋଦ ପାତ୍ର, କଣ୍ଠଶିଳ୍ପୀ ଅନିନ୍ଦିତା ଦାସ, ଅଭିନେତ୍ରୀ କାଜଲ ଶତପଥୀ, ଫିଜିଓଥେରାପିଷ୍ଟ ପ୍ରଭଞ୍ଜନ ରାୟସାମନ୍ତ, ଗ୍ରୀନ୍ ଚିଲିଜ୍‌ର ପ୍ରତିଷ୍ଠାତା ଏମ୍ କେଶବ ରାଓଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ବିଭିନ୍ନ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ରେଡ୍ ସ୍ୱସ୍ତିକ ସୋସାଇଟିର ଓଡିଶା ଶାଖା ଅଧ୍ୟକ୍ଷ ବିଜୟ ଆଚାର୍ଯ୍ୟ ଓ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଆଇଟି ପ୍ଲସ୍ ପଏଣ୍ଟ ସଲ୍ୟୁଶନର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)

ସଫ୍ଟୱେର କମ୍ପାନୀ ଆଇଟି ପ୍ଲସ ପଏଣ୍ଟ ସଲ୍ୟୁଶନ ପ୍ରାଇଭେଟ ଲିମିଟେଡ୍‌ର ଦଶମ ବାର୍ଷିକ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରିଆନ ଜୟଶ୍ରୀ ମହାନ୍ତି ଓ ମଙ୍ଗେସ ଦାସଙ୍କ ସହ ନାଲ୍‌କୋର ପୂର୍ବତନ ପ୍ରକଳ୍ପ ଜିଏମ୍ ଦିଲୀପ ଚୌଧୁରୀ, ପ୍ରଭାତ ସାହୁ, ସପନ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ସହ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାସହ କିଛି ନୂଆ ଗ୍ରାହକଙ୍କ ସହିତ କମ୍ପାନୀ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। କମ୍ପାନୀ କିପରି ଆଇଟି ମାଧ୍ୟମରେ ଆପାର୍ଟମେଣ୍ଟ ସୁରକ୍ଷା, ଏଚ୍‌ଆର୍ ପରିଚାଳନା, ବୃହତ୍ ଯୋଜନା ଓ ତା'ର ସୁରକ୍ଷା ନେଇ କିପରି ନୂଆ କୌଶଳ ଦ୍ୱାରା ସମାଧାନ ଓ ପ୍ରକଳ୍ପ ପରିଚାଳନା କରାଯିବ ସେନେଇ ଆଲୋଚନା ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଆଇଟି ପ୍ଲସ୍ ପଏଣ୍ଟ ସଲ୍ୟୁଶନର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

# ଉଠାଦୋକାନୀଙ୍କୁ ଉଚ୍ଛେଦ କରା ନ ଯାଇ ଥଇଥାନ କରାଯିବ

**ପ୍ରତିଶ୍ରୁତି ଦେଲେ ବିଏମ୍‌ସି କମିଶନର**

ଭୁବନେଶ୍ୱର,୧୭।୧୨(ସୁଚିସ୍ମିତା ସାହୁ)

ଜୀବନଜୀବିକା ହେଉଛି ଉଠାଦୋକାନୀଙ୍କ ଅଧିକାର। ସେମାନଙ୍କ ଅଧିକାରକୁ କେହି ଛଡ଼ାଇ ନେଇପାରିବେ ନାହିଁ। ବିଏମ୍‌ସି ସବୁବେଳେ ଉଠାଦୋକାନୀଙ୍କ ସହିତ ରହିଛି। ଉଠାଦୋକାନୀଙ୍କୁ ଉଚ୍ଛେଦ କରା ନ ଯାଇ ଥଇଥାନ କରାଯିବ। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସହିତ ହାତ ମିଳାଇ ସହରର ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି। ବିଏମ୍‌ସି ଓ ବିଡିଏର ମିଳିତ ଉଚ୍ଛେଦକାରୀ ଟିମ୍ ରାଜଧାନୀର ୮ ହଜାରରୁ ଊର୍ଦ୍ଧ୍ୱ ଦୋକାନୀଙ୍କୁ ଉଠାଇବା ପାଇଁ ପ୍ରଚାର କରିଛନ୍ତି। ଏନେଇ ଉଠା ଦୋକାନୀମାନେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ



ଦୁଇ ବିଧାୟକଙ୍କ ସହ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର କର୍ମକର୍ତ୍ତା କମିଶନରଙ୍କୁ ଦାବିପତ୍ର ଦେଉଛନ୍ତି।

ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଥିଲେ। ଏନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସହିତ ଦୁଇ ବିଧାୟକ ମଙ୍ଗଳବାର ବିଏମ୍‌ସି କମିଶନରଙ୍କୁ ଭେଟି ଉଠାଦୋକାନୀଙ୍କ ସମସ୍ୟା ସମ୍ବନ୍ଧରେ ଜଣାଇଥିଲେ। ଉଠାଦୋକାନୀଙ୍କୁ ସେହି ଜାଗାରେ ଥଇଥାନ କରିବା ଓ ସମ୍ପୂର୍ଣ୍ଣ ଉଚ୍ଛେଦ ବନ୍ଦ କରିବା, ନୂତନ ଟାଉନ ଭେଣ୍ଡିଂ କମିଟି ଗଠନ କରିବା, ଉଠାଦୋକାନୀଙ୍କୁ ପରିଚୟ ପତ୍ର ଓ ସାର୍ଟିଫିକେଟ ପ୍ରଦାନ କରିବା, ଥଇଥାନ ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା, ମାଷ୍ଟର ପ୍ଲାନ୍‌ରେ ଉଠାଦୋକାନୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆଦି ନେଇ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଥମେ ଉଚ୍ଛେଦ ବନ୍ଦ କରି ସେମାନଙ୍କୁ ସେହି ଜାଗାରେ ଭେଣ୍ଡିଂଜୋନ୍ ପ୍ରଦାନ କରିବାକୁ ଦୁଇ ବିଧାୟକ କମିଶନରଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନାରେ ବିଏମ୍‌ସିର ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ମହାସଂଘର ସାଧାରଣ ସମ୍ପାଦକ ଅନୁଜ ପ୍ରଧାନ, ସୂର୍ଯ୍ୟମଣି ସାହୁ, ବିପିନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୧୨।୨୦୨୪

| | |
|---|---|
| ୬,୦୭,୮୫୬ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୮୮.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ଗାଡ଼ି ଚୋରି ଅଭିଯୋଗରେ ଜଣେ ଗିରଫ

ପୁରୀ, ୧୭।୧୨(ଅଜିତ୍ କୁମାର ମହାନ୍ତି)

ଗାଡ଼ି ଚୋରି କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ହରଚଣ୍ଡୀ ସାହିରେ ରହୁଥିବା ଗୋପ ଥାନା ଅନ୍ତର୍ଗତ ନୂଆହାଟ ଅଞ୍ଚଳର କେଦାର ସେଠୀ (୨୬)।ପୋଲିସ ତାଙ୍କ ନିକଟରୁ ଗୋଟିଏ ସ୍କୁଟି ଓ ଗୋଟିଏ ବାଇକ ଜବତ କରାଯାଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୪୧୯/୨୪) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ମଧୁବନ ପଞ୍ଚମ ଲେନରେ ରହୁଥିବା ଡେଲାଙ୍ଗ ଅଞ୍ଚଳର ସ୍ମୃତିରଞ୍ଜନ ଦାସ ଥାନାରେ ଅଭିଯୋଗ କରିଥିଲେ ଯେ, ଗତ ୧୪ ତାରିଖରେ ସେ ତାଙ୍କ ସ୍କୁଟିକୁ ରେଡକ୍ରସ ରୋଡ ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ପାର୍କିଂ କରିଥିଲେ। ତେବେ କେହି ଅଭିଯୁକ୍ତ ସେଠାରୁ ତାଙ୍କ ଗାଡ଼ି ଚୋରି କରିନେଇଥିଲେ।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ନିମାପଡ଼ା, ୧୭।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଗୋଲେଇ ଛକ ନିକଟ ଝାମ୍ପୁଲାକୁଦ ଗ୍ରାମର ଜଗବନ୍ଧୁ ମାଣିକ ନାମକ ଜଣେ ବ୍ୟକ୍ତିଙ୍କ ଘରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୨ ବଖରା ଚାଳଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଅଗ୍ନିକାଣ୍ଡରେ ଧାନ, ଚାଉଳ, ଲୁଗାପଟା, ବାସନ, କାଠ ସାମଗ୍ରୀ ସମେତ ପ୍ରାୟ ୮୦ ହଜାର ଟଙ୍କା ମୂଲ୍ୟର ବିଭିନ୍ନ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ଅଧିକାରୀ ସରୋଜକାନ୍ତ ସାହୁ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନଠାରେ ଦାବି କରିଛନ୍ତି। ଘରେ ପରିବାରବର୍ଗ କେହି ନ ଥିବାବେଳେ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ଜଣାପଡ଼ିଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ପିପିଲି, ୧୭।୧୨(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ସହଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ବସ୍ତିଆ(୫୮)ଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। କୃଷ୍ଣଚନ୍ଦ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ପ୍ରଥମେ ନିକଟସ୍ଥ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ବିଜେଡିର ଜଣେ ଆଗ ଧାଡ଼ିର ଦକ୍ଷ ସଙ୍ଗଠକ ଏବଂ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଅନୁଗାମୀ ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁଅ, ବୋହୂ, ନାତିଙ୍କ ସମେତ ପରିବାର ସ୍ୱଜନ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଦେବାଶିଷ ନନ୍ଦ, ଜିଲା ପରିଷଦ ସଦସ୍ୟ ଧରଣୀଧର ସାହୁ, ପୁରୀ ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ବରିଷ୍ଠ ବିଜେଡି ନେତା ସଦାଶିବ ଦାଶ, ମାଗୁଣି ପରିଡ଼ା, ଆର୍ତ୍ତବନ୍ଧୁ ସାମନ୍ତରାୟ, ପ୍ରକାଶ ଧଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ପୁଅ ସହଜପୁର ସରପଞ୍ଚ ସତ୍ୟନାରାୟଣ ବସ୍ତିଆ ମୁଖାଗ୍ନି ଦେଇଥିଲେ।

# କୃଷକଙ୍କ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ପୁରୀ, ୧୭।୧୨(ଅଜିତ୍ କୁମାର ମହାନ୍ତି)

କୃଷି ଆମ ଦେଶର ଆତ୍ମା ସଦୃଶ। କୃଷକଙ୍କ ଉନ୍ନତିରେ ହିଁ କୃଷିର ଉନ୍ନତି। ତେଣୁ କୃଷି ଓ କୃଷକର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ଶରଧାବାଲିଠାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ତଥା ପୁରୀ ଜିଲା ପ୍ରଶାସନ ସହଯୋଗରେ ୫ଦିନିଆ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ପଟ୍ଟନାୟକ ଯୋଗଦେଇ ଉପରୋକ୍ତ କଥା କହିବା ସହ କୃଷକମାନେ ଆଧୁନିକ କୃଷି ପ୍ରଣାଳୀ ସହ ଯନ୍ତ୍ରପାତିର ଉପଯୋଗ କରି ଅଧିକ ଲାଭବାନ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ



ଶରଧାବାଲିଠାରେ ଅନୁଷ୍ଠିତ କୃଷି ଯନ୍ତ୍ରପାତି ମେଳାରେ ବିଧାୟକ ଓ ଅନ୍ୟ ଅତିଥିମାନେ ।

ବିଧାୟକ ଓମ୍‌ପ୍ରକାଶ ମିଶ୍ର ଯୋଗଦେଇ କହିଥିଲେ, ସରକାର ବଜେଟରେ କୃଷି ପାଇଁ ସର୍ବାଧିକ ଆର୍ଥିକ ବ୍ୟବସ୍ଥା କରିଛନ୍ତି। ଆଧୁନିକ ଯନ୍ତ୍ରପାତିର ବ୍ୟବହାର ଆମ


ମେଳାରେ ପ୍ରଦର୍ଶିତ ହେଉଥିବା ଶଗଡ଼ ସହ କୃଷି ଯନ୍ତ୍ରପାତି ।

### ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

କୃଷିକୁ ଅଧିକ ଋଦ୍ଧିମନ୍ତ କରିବ। ସେହିପରି ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପଞ୍ଚାୟତ ସ୍ତରରେ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ମୁଖ୍ୟଯନ୍ତ୍ରୀ ମୁକ୍ତିକାନ୍ତ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ବର୍ଷ କୃଷି ଯନ୍ତ୍ରପାତି ବିକ୍ରୟର ଧାର୍ଯ୍ୟ ଲକ୍ଷ୍ୟ ୨୫୫ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୧୦ ପ୍ରକଳ୍ପ ପୂରଣ ହୋଇ ୮କୋଟି ୪୦ ଲକ୍ଷ ଟଙ୍କା ସବ୍‌ସିଡି ଦିଆଯାଇଛି। ୯୬୦ ଜଣ ଚାଷୀ ୪ କୋଟି ୫୫ ଲକ୍ଷ ଟଙ୍କାର ସବ୍‌ସିଡି ପାଇଛନ୍ତି। ସେହିପରି ୨୬୦ ସ୍ୱୟଂ ସହାୟକ ଗୋଷ୍ଠୀ ୧ କୋଟି ୬୬ ଲକ୍ଷ ଟଙ୍କାର ସବ୍‌ସିଡି ପାଇଛନ୍ତି ବୋଲି ମୁଖ୍ୟଯନ୍ତ୍ରୀ କହିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ପରିଡା ଧନ୍ୟବାଦ ଦେଇଥିଲେ। ଏହି ମେଳାରେ କୃଷକଙ୍କୁ ବିଭିନ୍ନ ଆଧୁନିକ ଯନ୍ତ୍ରପାତିର ପ୍ରଦର୍ଶନ, ତାହାର ଉପଯୋଗ ଓ ବିକ୍ରୟର ବ୍ୟବସ୍ଥା କରାଯାଇଛି। ମେଳାରେ ୪୫ଟି ଷ୍ଟଲ ଖୋଲାଯିବା ସହ ଆଲୋଚନାଚକ୍ରର ବ୍ୟବସ୍ଥା ହୋଇଛି।

# ଦେବାଶିଷ ମିଶ୍ର ଗୁଡ୍‌ୱିଲ ଆମ୍ବାସାଡର ଭାବେ ସମ୍ମାନିତ

ପୁରୀ, ୧୭।୧୨(ଅଜିତ୍ କୁମାର ମହାନ୍ତି)




ସ୍କାଉଟ୍ ଆଣ୍ଡ୍ ଗାଇଡ୍ ବିଶ୍ୱ ସଂଗଠନ ଆସୋସିଏଶନ୍ ଅଫ୍ ଟପ୍ ଆଚିଭର ସ୍କାଉଟ୍ (ଆଟାଶ୍) ପକ୍ଷରୁ ଛତିଶଗଡ଼ର ରାୟପୁରରେ ତ୍ରିବାର୍ଷିକ ଅନ୍ତଃରାଷ୍ଟ୍ରୀୟ ତଥା ଅଷ୍ଟମ ରାଷ୍ଟ୍ରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲା ସ୍କାଉଟ ସଂଗଠକ ଦେବାଶିଷ ମିଶ୍ରଙ୍କୁ ଗୁଡ୍‌ୱିଲ ଆମ୍ବାସାଡର ଭାବେ ସମ୍ମାନିତ କରାଯାଇଛି। ଭାରତ ସ୍କାଉଟ ଓ ଗାଇଡ ସଂଗଠନରେ ଦୀର୍ଘଦିନ ଧରି ନିଃସ୍ୱାର୍ଥପର ଭାବେ ନିରନ୍ତର ସେବା ପ୍ରଦାନ କରୁଥିବାରୁ ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ବିଭିନ୍ନ ଦେଶରୁ ଆସିଥିବା ୨୪ ଜଣ ପ୍ରତିନିଧିଙ୍କୁ ଉକ୍ତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଅନ୍ତଃରାଷ୍ଟ୍ରୀୟ ସଭାପତି ସାଇମନ ହାଁବକ୍ ରି, ଦକ୍ଷିଣ କୋରିଆର ପ୍ରତିନିଧି କିମ୍ ସିୟାଙ୍ଗସୁ, ଅନ୍ତଃରାଷ୍ଟ୍ରୀୟ ସଚିବ ମାକ୍ ମିକି, ଶ୍ରୀଲଙ୍କାସ୍ଥିତ କିଙ୍ଗ ଆଣ୍ଡ କୁଇନ ସ୍କାଉଟ୍‌ର ପ୍ରେସିଡେଣ୍ଟ କ୍ୟାପଟେନ ଜ୍ଞାନ ପ୍ରସାଦ କୁମାରା, ଆଟାଶ ଇଣ୍ଡିଆ ରାଷ୍ଟ୍ରୀୟ ସଂଗଠନ ମୁଖ୍ୟ ଜଷ୍ଟିସ କଲ୍ଲେଶ ଜାଭେରୀ ଏବଂ ଛତିଶଗଡ଼ ରାଜ୍ୟ ସ୍କାଉଟ ଓ ଗାଇଡ୍‌ର ରାଜ୍ୟ ମୁଖ୍ୟ କମିଶନର ସୋମନାଥ ଯାଦବ ଉପସ୍ଥିତ ଥିଲେ।

# ୨୪ରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ




ବଳଙ୍ଗା, ୧୭।୧୨(କେଦାରେଶ୍ୱର ନନ୍ଦ)

ଲଙ୍କେଶ୍ୱରୀ ଫୁଟ୍‌ବଲ କ୍ଲବ ବଳଙ୍ଗା ପକ୍ଷରୁ ରାଜ୍ୟସ୍ତରୀୟ ମା' ଲଙ୍କେଶ୍ୱରୀ ଫୁଟ୍‌ବଲ କପ୍ ଟୁର୍ଣ୍ଣାମେଣ୍ଟ ବଳଙ୍ଗା ମିନିଷ୍ଟାଡିୟମରେ ଆସନ୍ତା ୨୪ରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ୍ ମ୍ୟାଚ ୩୦ରେ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚରେ ଫ୍ରେଣ୍ଡସ ପାରାଡାଇଜ୍ ଜଟଣୀ ଓ ବଜରଙ୍ଗୀ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ୨୫ରେ ଆୟୋଜକ ଲଙ୍କେଶ୍ୱରୀ ସ୍ପୋର୍ଟ୍ସ କ୍ଲବ ବଳଙ୍ଗା ସହିତ ଭଦ୍ରକ ୟୁନାଇଟେଡ୍ ଭଦ୍ରକ, ୨୬ରେ ଜଗା ୟୁନାଇଟେଡ୍ ଭୁବନେଶ୍ୱର ଓ ନାଇଜର୍ ଭୁବନେଶ୍ୱର, ୨୭ରେ ୟୁନାଇଟେଡ୍ କ୍ଲବ ଗଣ୍ଡରପୁର ଓ ଭଞ୍ଜନଗର ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ୨୮ ଓ ୨୯ରେ ସେମିଫାଇନାଲ୍ ଓ ୩୦ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା ବେଳେ ମଙ୍ଗଳବାର ସନ୍ଧ୍ୟାରେ କ୍ଲବ ପକ୍ଷରୁ ସ୍ପୋର୍ଟ୍ସ ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କ୍ଲବର ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ ସମସ୍ତ ସୂଚନା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି କୃପାସିନ୍ଧୁ ଦତ୍ତ, ତୋଫାନ ପ୍ରଧାନ, ରଜନୀକାନ୍ତ ଶତପଥୀ, ପ୍ରଦୀପ୍ତ ଘଡ଼େଇ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଧ୍ୟାତ୍ମିକ ଚେତନା ସମାଜର ଜାଗ୍ରତ ପ୍ରହରୀ

ଗୋପ, ୧୭।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

### ୧୧ ଦିନ ବ୍ୟାପୀ ରାମଚରିତ ମାନସ ଉଦ୍‌ଯାପିତ

ଆଧ୍ୟାତ୍ମିକ ଚେତନା ଦ୍ୱାରା ମଣିଷ ପରିବର୍ତ୍ତନ ହେବା ସହିତ ସମାଜକୁ ପରିବର୍ତ୍ତନ କରିଥାଏ। ବିଶେଷତ୍ୱ ହେଉଛି ଆଜିର ମଣିଷ କେବଳ ଅର୍ଥ, ଲୋଭ ପଛରେ ଦୌଡ଼ି ସମୟ ଅପଚୟ କରୁଥିବା ସମୟରେ ଭଗବାନଙ୍କ ସହିତ ଯୋଡ଼ିହୋଇ ରହିପାରୁ ନାହିଁ ବୋଲି ବାୟାକୁଦା ଲକ୍ଷ୍ମୀ ନାରାୟଣ ମଞ୍ଚ ପକ୍ଷରୁ ଆୟୋଜିତ ରାମଚରିତ ମାନସ କାର୍ଯ୍ୟକ୍ରମରେ ପ୍ରବଚକ ସନ୍ତୋଷ କୁମାର ସାହୁ ଶତାଧିକ ଶ୍ରଦ୍ଧାଳୁଙ୍କୁ ଏପରି ବାର୍ତ୍ତା ଦେଇଥିଲେ।

ଏହି ରାମଚରିତ ମାନସ କାର୍ଯ୍ୟକ୍ରମ ୬ରୁ ଆରମ୍ଭ ହୋଇଥିବା ବେଳେ ଏଥିରେ ରାମକଥା, ରାଧାକୃଷ୍ଣ ପ୍ରେମ, ବଳରାମ ଦାଶଙ୍କ ଲକ୍ଷ୍ମୀ ପୁରାଣ ସହିତ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ଉପରେ ଆଲୋଚନା ହୋଇଥିଲା। ଏହି ୧୧ ଦିନ ପ୍ରବଚନ ଶୁଣିବା ଲାଗି ଜିଲାର ବିଭିନ୍ନ ସ୍ଥାନରୁ ଜଗନ୍ନାଥପ୍ରେମୀମାନେ ଆସି ଯୋଗ ଦେଇଥିଲେ। ଲକ୍ଷ୍ମୀ ନାରାୟଣ ମଞ୍ଚର ଆବାହକ ଯୋଗେନ୍ଦ୍ର ସେନାପତି ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିଥିବା ବେଳେ ଏହି ଅବସରରେ ନାମଯଜ୍ଞ, ହୋମଯଜ୍ଞ ସହିତ ଭଜନ କୀର୍ତ୍ତନ ହୋଇଥିଲା। ବୁଧବାର ପୂର୍ବାହ୍ନରେ ପୂଜା ପାଉଥିବା ଲକ୍ଷ୍ମୀନାରାୟଣ ମୃଣ୍ମୟ ମୂର୍ତ୍ତିକୁ ବିରାଟ ଶୋଭାଯାତ୍ରାରେ ବିସର୍ଜନ କରାଯିବ ବୋଲି ଜଣାପଡ଼ିଛି।

# ବ୍ଲକସ୍ତରୀୟ ଲିଙ୍ଗଗତ ସମାନତା ପ୍ରଶିକ୍ଷଣ 'ବର୍ଣ୍ଣାଳୀ'



ପିପିଲି, ୧୭।୧୨(ଦୁର୍ଗାମାଧବ ମିଶ୍ର)

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ଙ୍କ ନିର୍ଦ୍ଦେଶକ୍ରମେ ପିପିଲି ବ୍ଲକରେ ୩ ଦିନିଆ ଲିଙ୍ଗଗତ ସମାନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ବର୍ଣ୍ଣାଳୀ' ପିପିଲି ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ରବୀନ୍ଦ୍ରନାଥ ନନ୍ଦ, ଏବିଇଓ ତଥା ବିଆର୍‌ସିସି ସାହେବ ପାତ୍ର, ପିପିଲି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୌଭାଗ୍ୟଲକ୍ଷ୍ମୀ ନାୟକ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ଏଥିରେ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଇଥିଲେ। ପ୍ରଶିକ୍ଷକ ଭାବେ ସଂଯୁକ୍ତା ମହାପାତ୍ର, ଲିଖିତା ବିଶ୍ୱାଳ, ସରୋଜ ଦେଓ, ଟିକିନା ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ମୁଖ୍ୟତଃ ଶିଶୁଲିଙ୍ଗ ଅନୁପାତରେ ହ୍ରାସ, ଯୌତୁକ ଭଳି ସାମାଜିକ ପ୍ରଥାର ନିରାକରଣ, ମହିଳା ବାଳିକା ଉପରେ ହିଂସା ଓ ଭେଦଭାବର ପ୍ରଭାବ, ଶିକ୍ଷାର୍ଥୀମାନେ ଲିଙ୍ଗଭିତ୍ତିକ ସମତା କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅସୁବିଧା, ପାଠ୍ୟକ୍ରମ ପ୍ରସ୍ତୁତି ରୂପରେଖ ଓ ବ୍ୟବହାର, ଶିକ୍ଷାଦାନ ପଦ୍ଧତି, ପିତୃକୈନ୍ଦ୍ରିକ ବ୍ୟବସ୍ଥା ଓ ବିଭିନ୍ନ ଲିଙ୍ଗ ଉପରେ ଏହାର ପ୍ରଭାବ ଆଦି ଆଲୋଚନା ହୋଇଥିଲା।

# ୬ଦିନ ପରେ ଖୋଲିଲା ହରଚଣ୍ଡୀପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

କଣାସ, ୧୭।୧୨
(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଦିବ୍ୟସିଂହପୁର ପଞ୍ଚାୟତର ବୀରକେଶରପୁର ଗ୍ରାମରେ ପ୍ରତିଷ୍ଠିତ ହରଚଣ୍ଡୀପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗ୍ରାମବାସୀମାନେ ଡାକ୍ତର ନିୟମିତ ଆସୁ ନ ଥିବା, ଡାକ୍ତରଖାନାକୁ ମାଗଣାରେ ବିତରଣ ପାଇଁ ଔଷଧ ଦିଆଯାଉ ନ ଥିବା, ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀମାନେ ମଦ ପାନୀୟ କରୁଥିବା ଏକ ଫଟୋ ଖବରକାଗଜରେ ଭାଇରାଲ୍ ହେବାରୁ ଗ୍ରାମବାସୀମାନେ ଗତ ୧୨ରୁ ଡାକ୍ତରଖାନା ଗେଟ୍‌ରେ ଚାବି ପକାଇ ଦେଇଥିଲେ। ଦୀର୍ଘ ୬ଦିନ ଧରି ସେହି ଅଞ୍ଚଳର ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାପରେ ଆଜି ପୁରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିରଜା ଶଙ୍କର ରଥ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି


ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ଆଲୋଚନା କରାଯାଉଛି ।

ଭାରପ୍ରାପ୍ତ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ବିଡିଓ ନାରାୟଣ ସାହୁ, ତହସିଲ୍‌ଦାର ହିମାଂଶୁ ଶେଖର ଗିରି, କଣାସ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ, ଗଡ଼ିଶାଗୋଦା ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର, ଦିବ୍ୟସିଂହପୁର ସରପଞ୍ଚ ଓ ସମିତି ସଭ୍ୟ ଏବଂ କେତେକ ଗ୍ରାମବାସୀ ଉପସ୍ଥିତ ରହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ତାଲା ପଡ଼ିବା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ମାଧ୍ୟମରେ ସମାଧାନ ହେବାପରେ ଡାକ୍ତରଖାନାର ଗେଟ୍ ଚାବି ଖୋଲାଯାଇ ରୋଗୀ ଚିକିତ୍ସା କରାଯାଇଥିଲା।

# ପ୍ରତିଭା ସମ୍ମାନ, ସମ୍ବର୍ଦ୍ଧନା ଉତ୍ସବ


ପ୍ରତିଭା ପ୍ରୋତ୍ସାହନ ଉତ୍ସବ ଅବସରରେ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

ପୁରୀ, ୧୭।୧୨(ଅଜିତ୍ କୁମାର ମହାନ୍ତି)

ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଇଣ୍ଟିଗ୍ରିଟି କ୍ଲବ ପକ୍ଷରୁ ବିଦ୍ୟାଳୟର ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଘୁନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ କ୍ଲବ୍ ଉପଦେଷ୍ଟା ଧ୍ରୁବଚରଣ କର ଅତିଥି ପରିଚୟ ପ୍ରଦାନ ସହ କ୍ଲବ ଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କ୍ଲବ ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭଶ୍ରୀ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଘୁନାଥ ଦାସ, ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ଦାସ, ଚନ୍ଦ୍ରଶେଖର ମିଶ୍ର ମଞ୍ଚାସୀନ ଥିଲେ। ପ୍ରାକ୍ତନ ଶିକ୍ଷକ ବାବାଜୀ ଚରଣ ମହାନ୍ତି, ପ୍ରାକ୍ତନ ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ଦାସ, ଶିକ୍ଷୟିତ୍ରୀ ପଦ୍ମିନୀ ଦାଶ, ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାୟଗୁରୁ, ସ୍ମିତା ବାନାର୍ଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ର ଅଭିଜ୍ଞାନ ଦଳେଇ ଓ ଛାତ୍ରୀ ତାନିୟା ପ୍ରିୟଦର୍ଶିନୀଙ୍କୁ ଏକ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ୍ ଦେଇଥିଲେ।

# ନୟାହାଟରେ ଅଙ୍ଗନୱାଡିକୁ ଅଣ୍ଡା ଚିନ୍ତା

ଯୋଗେଶ୍ୱରପୁର, ୧୭।୧୨
(ରଶ୍ମିରଞ୍ଜନ ସାହୁ)

ରାଜ୍ୟରେ କ୍ରମାଗତ ଭାବେ ଅଣ୍ଡା ଦର ବୃଦ୍ଧି ପାଉଥିବା ବେଳେ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ହେଉ କି ଅଙ୍ଗନୱାଡିରେ ଶିଶୁମାନଙ୍କୁ ଅଣ୍ଡା ଯୋଗାଣ ଉପରେ ପ୍ରଭାବ ପକାଇଛି।

ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଅଞ୍ଚଳର ୬ ପଞ୍ଚାୟତରେ ୭୪ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହି କେନ୍ଦ୍ରଗୁଡ଼ିକରେ ଗର୍ଭବତୀ ଓ ଶିଶୁଙ୍କ ପୋଷଣ ପାଇଁ ସରକାର ପକ୍ଷରୁ ଅଣ୍ଡା ଦିଆଯିବାର ବ୍ୟବସ୍ଥା ରହିଛି। ଏହି ଅଣ୍ଡା ଦର ଆକାଶ ଛୁଆଁ ଯୋଗୁ ଅଙ୍ଗନୱାଡି ଦିଦିଙ୍କ ଚିନ୍ତା ବଢ଼ାଇ ଦେଇଛି, କାରଣ ସରକାର ଗୋଟିଏ ଅଣ୍ଡାକୁ ୫ଟଙ୍କା ୫୦ପଇସା ହିସାବରେ ଅର୍ଥ ପ୍ରଦାନ କରୁଥିବା ବେଳେ ବଜାରରେ ଅଣ୍ଡା ଗୋଟାକୁ ୮ଟଙ୍କା ରହିଛି, ପ୍ରତି ଅଣ୍ଡାରେ ଅଙ୍ଗନୱାଡି କର୍ମୀମାନେ ୨ଟଙ୍କା ୫୦ ପଇସା କ୍ଷତି ସହୁଛନ୍ତି। ସରକାରଙ୍କ ପକ୍ଷରୁ ଶିଶୁମାନଙ୍କ ପାଇଁ ଟ୬.୪୦ ଖର୍ଚ୍ଚ ଧାର୍ଯ୍ୟ କରାଯାଇଥିବା ବେଳେ ମାସିକ ଗରମ ରନ୍ଧା ଖାଦ୍ୟରେ ୧୨ଟି ଅଣ୍ଡା ପାଇଁ ୬୬ ଟଙ୍କା ଦିଆଯାଉଛି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ କିଶୋରୀ ବାଳିକାଙ୍କ ପିଛା ୧୬ ଟଙ୍କା ଲେଖା ଅଣ୍ଡା ଦିଆଯିବା ପାଇଁ ବ୍ୟବସ୍ଥା ରହିଛି। ଏଥିପାଇଁ ସରକାର ୮୦ ଟଙ୍କା ପ୍ରଦାନ କରୁଛନ୍ତି। ସରକାର ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ଛତୁଆ, ମୁଢ଼ି, ଚଣା ଆଦି ଶୁଖିଲା ଖାଦ୍ୟ ଅଙ୍ଗନୱାଡି କେନ୍ଦ୍ରରେ ଯୋଗାଣ ପାଇଁ ଦାୟିତ୍ୱ ଦେଇଛନ୍ତି, ସେହିପରି ଅଣ୍ଡା ବଣ୍ଟନ ଦାୟିତ୍ୱ ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ଦିଆଯାଉ ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ ଆସୋସିଏଶନ ପକ୍ଷରୁ ଜିଲାପାଳ ଓ ସିଡିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଭାଗୀୟ ଅଧିକାରୀମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

# ତୁରନ୍ତ ପ୍ରସ୍ତୁତି ସାରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ପୁରୀ, ୧୭।୧୨(ଅଜିତ୍ କୁମାର ମହାନ୍ତି)

### ପୁରୀରେ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ

ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଆୟୋଜନ କରୁଛି ୧୮ତମ ପ୍ରବାସୀ ଭାରତୀୟ ଦିବସ। ପ୍ରବାସୀ ଭାରତୀୟମାନେ ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ଓ ଶୃଙ୍ଖଳିତ ଭାବେ ସେମାନଙ୍କ ଗସ୍ତ ସଫଳ ହେବ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ପୁରୀ ସର୍କିଟ ହାଉସରେ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ସହ ସେମାନଙ୍କ ସୁରକ୍ଷିତ ଗସ୍ତ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ, ଭାରତୀୟଙ୍କ ସମ୍ମିଳନୀ ଯଦିଓ ଭୁବନେଶ୍ୱରରେ ଆୟୋଜନ ହେଉଛି, କିନ୍ତୁ ସେମାନଙ୍କ ପାଇଁ ପୁରୀ ଆକର୍ଷଣର କେନ୍ଦ୍ର ହେବାକୁ ଯାଉଛି। ଅତିଥି ଦେବୋଭବଃର ପରମ୍ପରାକୁ ବଜାୟ ରଖି ଆମେ ସେମାନଙ୍କୁ ସ୍ୱାଗତ ସହ ଏକ ସୁଖଦ ଅନୁଭୂତି ପ୍ରଦାନ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ରାସ୍ତା ମରାମତି, ସହର ଓ ପର୍ଯ୍ୟଟନ ସ୍ଥଳ ପରିଷ୍କାର ପରିଚ୍ଛନ୍ନ, ଶୌଚାଳୟ ବ୍ୟବସ୍ଥା, ଗମନାଗମନ ଓ ପାର୍କିଂ ବ୍ୟବସ୍ଥା, ରାସ୍ତା ଅବରୋଧ କରୁଥିବା ଗୋରୁଙ୍କୁ ହଟାଇବା, ଶୃଙ୍ଖଳା ରକ୍ଷା, ଆଲୋକୀକରଣ ଇତ୍ୟାଦି ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ପାଇଁ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ। ପ୍ରବାସୀ ଭାରତୀୟ ଅତିଥିମାନଙ୍କୁ ଓଡ଼ିଆ ପରମ୍ପରା ଅନୁସାରେ ସ୍ୱାଗତ ସହ ସେମାନଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳ ପରିଭ୍ରମଣର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଭ୍ରମଣ ସମୟରେ ଶୃଙ୍ଖଳା ରକ୍ଷା, ଟ୍ରାଫିକ, ପାର୍କିଂ, ଶୌଚାଳୟ ବ୍ୟବସ୍ଥା, ସ୍ୱଚ୍ଛତା ଇତ୍ୟାଦିକୁ ତ୍ୱରାନ୍ୱିତ କରାଯାଇଛି ବୋଲି ଜିଲାପାଳ ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ସୂଚନା ଦେଇଥିଲେ। ଓଟିଡିସି ପକ୍ଷରୁ ସହାୟତା କେନ୍ଦ୍ର ସହ ନିୟନ୍ତ୍ରଣ କକ୍ଷ, ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଉଛି। ସେହି ସମୟରେ ବିଚ୍ ଫେଷ୍ଟିଭାଲ ଆୟୋଜନ କରାଯାଉଛି। ଏଥି ସହ ପଲ୍ଲିଶ୍ରୀ ମେଳା, ଫୁଡ୍ ଫେଷ୍ଟିଭାଲ, ବିଚ ସ୍ପୋର୍ଟ୍ସ, ମ୍ୟାଜିକ ସୋ, ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନକୁ ସାମିଲ କରାଯାଉଛି। ସେହିପରି ୫୧ଟି ହୋଟେଲରେ ସ୍ଲଟ ପ୍ରବାସୀ ଭାରତୀୟଙ୍କ ପାଇଁ ରଖାଯାଇଛି ବୋଲି ଜିଲାପାଳ କହିଛନ୍ତି। କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ଏମ୍‌ପିଙ୍କ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଡିଏଫ୍‌ଓ ବିବେକ କୁମାର, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ସରୋଜ କୁମାର ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ଉପ ଜିଲାପାଳ ରାଜକିଶୋର ଜେନା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଧର୍ମ-ସଂସ୍କୃତିର ପ୍ରଚାର ପାଇଁ ସାହିତ୍ୟିକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ'

## ଶିଶିର ଉତ୍ସବ ଉଦ୍‌ଯାପିତ

କଟକ,୧୭।୧୨ (କାର୍ତ୍ତିକ ସାହୁ)

ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶ୍ରୀରାମଚନ୍ଦ୍ର ଭବନରେ ଚାଲିଥିବା ୬୫ତମ ଶିଶିର ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଡ. ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାକୁ ସାଧୁଶ୍ରୀ ପଣ୍ଡିତ ରାମଦାସଜୀଉ ମହାରାଜା ଉଦ୍‌ଘାଟନ କରି ଧର୍ମ ଓ ସଂସ୍କୃତିର ପ୍ରଚାର ପାଇଁ ସାହିତ୍ୟିକମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥାର ଅଧ୍ୟକ୍ଷ ଡା. ଦୀନବନ୍ଧୁ ମହାରଣା, ମୁଖ୍ୟବକ୍ତା ଗୋକର୍ଣ୍ଣିକା ପତ୍ରିକାର ସମ୍ପାଦକ ରମାକାନ୍ତ ଜେନା, ସମ୍ମାନିତ ଅତିଥି ନାଟ୍ୟକାର ସଂଜିତ ପଟ୍ଟନାୟକ ଅନୁଷ୍ଠାନର ୬୫ ବର୍ଷର ଯାତ୍ରା ଏବଂ ପ୍ରତିଷ୍ଠାତା ରବିନାରାୟଣ ମହାପାତ୍ରଙ୍କ ସାହିତ୍ୟ ପ୍ରତି ଥିବା ନିଷ୍ଠା ଓ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ନକୁଳ ଚନ୍ଦ୍ର ସାହୁ, ପୁଷ୍ପିତା ଜେନା, ବିନୟ ମହାପାତ୍ର, ସୁରେନ୍ଦ୍ରନାଥ ତ୍ରିପାଠୀ, ସୁଧାଂଶୁ କୁମାର ଦାସଙ୍କୁ ସେମାନଙ୍କ ସାରସ୍ୱତ କୃତି ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଜିତ୍ କୁମାର ମହାପାତ୍ର, ମନୋରଞ୍ଜନ ମହାପାତ୍ର, ଅଶୋକ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ସୁରଜିତ ନାଥ ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶ୍ୱମିତ୍ରା ମିଶ୍ର, ସସ୍ମିତା ପଟ୍ଟନାୟକ, ଚିନ୍ମୟୀ ଆଚାର୍ଯ୍ୟ ଓ ନମିତା ମହାନ୍ତି ମାନପତ୍ର ପାଠ କରିଥିଲେ। ମାନସ ଦାଶ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

## ପୂର୍ବତନ ପ୍ରଫେସର ବୈଷ୍ଣବଙ୍କ ମୃତଦେହ ମହାନଦୀରୁ ଜବତ

କଟକ ଅଫିସ ,୧୭।୧୨(କାର୍ତ୍ତିକ ସାହୁ)



ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ବୈଷ୍ଣବ ଚରଣ ସିଂହ(୭୯)ଙ୍କ ମୃତଦେହ କଟକ ଯୋବ୍ରା ମହାନଦୀ ବ୍ୟାରେଜର ୯୩ ନମ୍ବର ଗେଟ୍‌ରୁ ମଙ୍ଗଳବାର ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ବୈଷ୍ଣବଙ୍କ ଜନ୍ମସ୍ଥାନ ପଟ୍ଟାମୁଣ୍ଡାଇ ଥାନା ସେକପୁର ଅଞ୍ଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱରସ୍ଥିତ ପଟିଆ ଅଞ୍ଚଳରେ ରହୁଥିଲେ। ସେ ୧୫ତାରିଖରେ ପଟିଆସ୍ଥିତ ବାସଭବନରୁ ବାହାରି ମୋ ବସ୍‌ରେ କଟକ ଶିଖରପୁରଠାରେ ଓହ୍ଲାଇ କେଉଁଆଡେ ଚାଲିଯାଇଥିବା ନେଇ ଥାନାରେ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ମଙ୍ଗଳବାର ସକାଳେ ବୈଷ୍ଣବଙ୍କ ମୃତଦେହ ମହାନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛନ୍ତି। ବୈଷ୍ଣବ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହା ଜଣାପଡ଼ିନାହିଁ।

## ଆଜିଠୁ ସର୍ଗିଫୁଲ ଉତ୍ସବ

ଭୁବନେଶ୍ୱର,୧୭।୧୨(ସୁଚିସ୍ମିତା ସାହୁ)

ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ ବୁଧବାରଠାରୁ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଆରମ୍ଭ ହେବ। ୩ଦିନ ଧରି ଏହା ଚାଲିବ। ଉତ୍ସବରେ ଦଶମ ବୋର୍ଡ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନ ସ୍କୁଲର ୧୦୦ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ବୋର୍ଡ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଥିବା ୫୦ଟି ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ସମ୍ମାନିତ କରାଯିବ। ଏଥିସହ ପତ୍ରିକା ସର୍ଗିଫୁଲ ଲୋକାର୍ପଣ କରାଯିବ।




ରୋଟାରୀ କ୍ଲବ ଅଫ୍ କଟକ ସେଣ୍ଟ୍ରାଲ ଏବଂ ଷ୍ଟିୱାର୍ଟ ସ୍କୁଲର ମିଳିତ ଆନୁକୂଲ୍ୟରେ ପରିବେଶ ସଚେତନତା ଓ ମୋବାଇଲ ଫୋନ୍ ବ୍ୟବହାର ଆସକ୍ତିକୁ ନେଇ ମଙ୍ଗଳବାର ଚଣ୍ଡୀଛକଠାରେ ପରିବେଷିତ ପଥପ୍ରାନ୍ତ ନାଟକ। (ଫଟୋ: ରାଜକିଶୋର ମହାନ୍ତି)

## ମହାନଗର ଶାନ୍ତି କମିଟି ନିର୍ବାଚନ ପାଇଁ ସ୍ୱତନ୍ତ୍ର କମିଟି

କଟକ,୧୭।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ଶାନ୍ତି କମିଟିର ନିର୍ବାଚନ ପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନେଇଥିବା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ବୈଠକ ହାଇକୋର୍ଟ ନିକଟସ୍ଥ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିର୍ବାଚନକୁ ନେଇ ଏକ କମିଟି ଗଠନ କରାଯିବା ସହ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ଆଶିଷ କୁମାର ସାହୁ ଓ ଆଇନଜୀବୀ ଜ୍ୟୋତିପ୍ରକାଶ ଘୋଷଙ୍କୁ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରିଥିବା ବେଳେ ସହନିର୍ବାଚନ ଅଧିକାରୀ ଭାବେ ବିଜୟ କୁମାର ବେହେରା, ପ୍ରକାଶ କୁମାର ବେଉରା, ସୁଧିରଞ୍ଜନ ମହାନ୍ତି, କାଳୀଚରଣ ପାଣିଗ୍ରାହୀ, ଅକ୍ଷୟ କୁମାର ଦାସ, ଜନ୍‌ସନ୍ ମହାପାତ୍ର, ସେକ୍ ରିୟାଦୁଲ୍ଲା, ଜୟଦେବ ଛାଟୋଇ, ସୌଭାଗ୍ୟ ଦତ୍ତ, କୁମାର ରାୟ ଓ ସୁକାନ୍ତ ବେହେରାଙ୍କୁ ମନୋନୀତ କରାଯାଇଛି। ଶାନ୍ତି କମିଟି ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ସଭାପତି, ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ନିମନ୍ତେ ସାଧାରଣ ଅଧିବେଶନରେ ମତ ସଂଗ୍ରହ କରାଯାଇ ପଦ ପୂରଣ ହୋଇଥାଏ। ଉପସଭାପତି, ସମ୍ପାଦକ ଓ ସଙ୍ଗଠନ ସମ୍ପାଦକ ପଦଗୁଡ଼ିକ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହଯୋଗରେ ପରବର୍ତ୍ତୀ ସମୟରେ ମନୋନୟନ ସୂତ୍ରରେ ପୂରଣ କରାଯାଇ କମିଟି ଗଠନ କରାଯାଏ। ଆସନ୍ତା ଡିସେମ୍ବର ୨୨ ତାରିଖ ପୂର୍ବାହ୍ନ ୧୧ଟାରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍‌ଠାରେ ପ୍ରସ୍ତାବିତ ସାଧାରଣ ଅଧିବେଶନ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସର୍ବେଶ୍ୱର ବେହେରା ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ସୂଚନା ଦେଇଛନ୍ତି। ଅନ୍ୟପଟେ ମାଛୁଆବଜାର ପଞ୍ଚାୟତ କମିଟି ଓ ବକ୍ସିବଜାର ମାର୍କେଟ୍ ବଣିକ ସଂଘର ସଭାପତି କ୍ଷୀରୋଦ କୁମାର ସାହୁ ଶାନ୍ତି କମିଟି ସଭାପତି ପଦ ପାଇଁ ନିର୍ବାଚନରେ ଅବତୀର୍ଣ୍ଣ ହେବେ ବୋଲି ମଙ୍ଗଳବାର ସନ୍ଧ୍ୟାରେ ମାଛୁଆବଜାରସ୍ଥିତ ଶଶିକଳା ପ୍ୟାଲେସରେ ଆୟୋଜିତ ଏକ ବୈଠକରେ ଘୋଷଣା କରିବା ସହ ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀ ପ୍ରସ୍ତୁତ ଥିବା ନେଇ ସେ ଲିଖିତ ଭାବେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପ୍ରଭାତ ତ୍ରିପାଠୀଙ୍କୁ ପଚାରିବାରୁ କହିଛନ୍ତି, ନିର୍ବାଚନ ନେଇ ସମସ୍ତ କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଥିଲା। କର୍ମକର୍ତ୍ତାମାନେ ସହମତି ଦେବା ପରେ ନିର୍ବାଚନ କରାଯିବାକୁ ସ୍ଥିର କରାଯାଇଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀ ରହିବା ସ୍ୱାଭାବିକ। କୌଣସି ବ୍ୟକ୍ତି ନିର୍ବାଚନ ଲଢ଼ିପାରିବେ, ସେଥିରେ କୌଣସି ଆପତ୍ତି ନାହିଁ ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି।

## ଗୋଚର ଜମିରେ ଅବୈଧ ନିର୍ମାଣ ଉପରେ ଲାଗିଲା ଅଙ୍କୁଶ

କଟକ ସଦର,୧୭।୧୨(ସୁଶାନ୍ତ କୁମାର ଜେନା)

### ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଚେତିଲା ତହସିଲ ପ୍ରଶାସନ

କଟକ ସଦର ବ୍ଲକ ପ୍ରଶାସନ ପକ୍ଷରୁ ରାଜସ୍ୱ ବିଭାଗର ବିନା ଅନୁମତିରେ ଗୋଚର ଜମିରେ ବେପରୁଆ ଭାବେ ସ୍ଥାୟୀ ନିର୍ମାଣ କରାଯାଉଥିଲା। ମାତ୍ର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ କିଶନନଗର ତହସିଲ ପ୍ରଶାସନ ୬ ମାସ ପରେ ଚେତିଛି। ସ୍ଥାନୀୟ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସ ଗୋଚର, ଗ୍ରାମ୍ୟ ଜଙ୍ଗଲ, ଶ୍ମଶାନ, ଜଳ ଉତ୍ସ ପ୍ରଭୃତି ସ୍ଥାନ ଭଳି ରାଜସ୍ୱ ବିଭାଗ ଜାଗାରେ ମନଇଚ୍ଛା କୌଣସି ନିର୍ମାଣ କାର୍ଯ୍ୟ ସ୍ଥାୟୀ ଭାବେ କରାଯାଇପାରିବ ନାହିଁ ବୋଲି ଅଙ୍କୁଶ ଲଗାଯାଇଛି। ଏନେଇ ପତ୍ରସଂଖ୍ୟା ୩୨୬୮/୬।୧୧।୨୦୨୪ରେ କଟକ ସଦର, ନିଶ୍ଚିନ୍ତକୋଇଲି ଓ ସାଲେପୁର ବିଡିଓ, ପୂର୍ତ୍ତ ବିଭାଗ, କଟକସ୍ଥିତ ଗ୍ରାମ୍ୟ ଉନ୍ନୟନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। ବିନା ଅନୁମତିରେ କୌଣସି ନିର୍ମାଣ କଲେ ତାହା ଅବୈଧ ବୋଲି ପରିଗଣିତ କରାଯିବ। ସେହିପରି କଟକସ୍ଥିତ ମହାନଦୀ ସାଉଥ୍ ଜଳସେଚନ ଡିଭିଜନ ପକ୍ଷରୁ ମଧ୍ୟ ଅନୁରୂପ ନିର୍ଦ୍ଦେଶନାମା ପତ୍ରସଂଖ୍ୟା ୯୯୯୭/୯।୧୨।୨୦୨୪ରେ ଜାରି କରାଯାଇଛି। ୨୦୨୪ ଜୁନ ୧୮ରେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମାମଲାର ୪ନଂ. ପକ୍ଷ ଭାବେ କିଶନନଗର ତହସିଲଦାର ଏହି ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡ଼ିଛି।

## କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ

କଟକ,୧୭।୧୨(କାର୍ତ୍ତିକ ସାହୁ)

କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ମାରୁତି ମଣ୍ଡପ ପକ୍ଷରୁ ଧନୁ ସଂକ୍ରାନ୍ତି ଉତ୍ସବ ବିଡ଼ାନାସୀସ୍ଥିତ ଚହଟେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୀଣାପାଣି ରାମଲୀଳା ନାଟ୍ୟସଂଘ, ବିଡ଼ାନାସୀ ଦୁର୍ଗାପୂଜା କମିଟି ଅନୁରୋଧ କ୍ରମେ ଆୟୋଜିତ ଉତ୍ସବରେ ସ୍ଥାନୀୟ ମୁରବୀ ବିଜୟ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକ ସଭା ପରିଚାଳନା କରିବା ସହିତ ପଥହୁଡ଼ା ଯୁବପିଢ଼ିଙ୍କୁ ଉଚିତ ମାର୍ଗକୁ ଆଣିବା ପାଇଁ ରାମ ନାମକୁ ଘରେ ଘରେ ପହଞ୍ଚାଇବା ଜରୁରୀ ହୋଇ ପଡ଼ିଛି ବୋଲି କହିଥିଲେ। ଅତିଥି ଭାବେ ବିଧାୟକ ସୋଫିଆ ଫିର୍ଦ୍ଦୌସ, ଡା. ରବି ରଞ୍ଜନ ସାହୁ, ପଣ୍ଡିତ ନୀଳକଣ୍ଠ ରାଉତ, ସୁରେନ୍ଦ୍ର ନାଥ ପଣ୍ଡା ଯୋଗ ଦେଇଥିଲେ। ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ସ୍ୱାଇଁ ଗ୍ରାମସଭାକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ତଥା ପ୍ରବଚକ ପ୍ରଦୀପ୍ତ କୁମାର ମହାପାତ୍ର ରାମ କଥା ଶୁଣାଇଥିଲେ। ଅନ୍ୟତମ କାର୍ଯ୍ୟକାରୀ ସଭାପତି ଅଶୋକ ଦାଶ, ଲୋକସମ୍ପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା, ବିଜୟ କୁମାର ସାହୁ, ସନ୍ତୋଷ କୁମାର ମଲ୍ଲିକ, ନଳିନ କୁମାର ସେନାପତି, ଶିବେନ୍ଦ୍ର ବେହେରା, ରମେଶ ଚନ୍ଦ୍ର ବେହେରା, ଉମେଶ ଚନ୍ଦ୍ର ବେହେରା, ଅଜୟ କୁମାର ସେନାପତି ଯୋଗଦେଇଥିଲେ। ବିଜୟ କୁମାର ପାଇଟାଲ ରାମଧୁନ ଗାନ କରିଥିଲେ।

## ସତ୍‌ସଙ୍ଗ ବିହାର ସଭାପତି ବୈକୁଣ୍ଠନାଥ ମିଶ୍ରଙ୍କ ପରଲୋକ

କଟକ,୧୭।୧୨(କାର୍ତ୍ତିକ ସାହୁ)

କଟକ ସତ୍‌ସଙ୍ଗ ବିହାରର ସଭାପତି ତଥା ବର୍ଷିୟାନ୍ ଋତ୍ୱିକ ବୈକୁଣ୍ଠନାଥ ମିଶ୍ର(୯୧)ଙ୍କର ମଧୁସୂଦନ ନଗରସ୍ଥିତ ବାସଭବନରେ ସୋମବାର ଅପରାହ୍ନ ପ୍ରାୟ ୨ଟା ୧୦ରେ ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। କନିଷ୍ଠ ପୁତ୍ର ଶୀତିକଣ୍ଠ ମିଶ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମିଶ୍ର ଓଡ଼ିଶା ଫାଇନାନ୍ସ ସର୍ଭିସ କମିଶନର ପଦରୁ ଅବସର ଗ୍ରହଣ କରିବା ପରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗର ଜଣେ ଆଗଧାଡ଼ିର ଋତ୍ୱିକ ଭାବେ ରହିଆସିଥିଲେ। କଟକ ସତ୍‌ସଙ୍ଗ ବିହାରର ଆଜୀବନ ସଭାପତି ଥିଲେ। ସେ ଏକାଧାରରେ ଜଣେ କବି, ଲେଖକ, ସୁବକ୍ତା ଓ ସାଧନସିଦ୍ଧ ମଣିଷ ଥିଲେ। ତାଙ୍କର ତିନି ପୁଅ-ବୋହୂ ଓ ଗୋଟିଏ କନ୍ୟା ଅଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ସଦର,୧୭।୧୨(ସୁଶାନ୍ତ କୁମାର ଜେନା)

### ସରକାରୀସ୍ତରରେ ଜୟନ୍ତୀ ପାଳନ ଦାବି

ଓଡ଼ିଶାର ପ୍ରଥମ ରାଜବନ୍ଦୀ ତଥା ସାଧୀନତା ସଂଗ୍ରାମୀ ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ୧୨୪ତମ ଜୟନ୍ତୀ ମଙ୍ଗଳବାର କଟକ ସଦର ବ୍ଲକ ଅଧୀନ କିଶୋର ନଗରଠାରେ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ବିଶିଷ୍ଟ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମୁଖ୍ୟବକ୍ତା ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଓ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖ ଯୋଗଦେଇଥିଲେ। ମନ୍ତ୍ରୀ ଜେନା ଭାଷଣରେ ଓଡ଼ିଶାର ମହାନ୍ ସୁପୁତ୍ର ସ୍ୱର୍ଗତ ବୋଷଙ୍କ କୃଷି କ୍ଷେତ୍ରରେ ଅବଦାନ ଅତୁଳନୀୟ ଥିଲା ବୋଲି କହିଥିଲେ। ବୋଷ ରାଜ୍ୟର ଜଳସେଚନ କ୍ଷେତ୍ରରେ କ୍ରାନ୍ତି ଆଣି ପୁରୀ କେନାଲ, ନରାଜ ଆନିକଟ ଓ ବୋଷ କେନାଲ ଖୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତେଣୁ ରାଜ୍ୟ ସରକାର ତାଙ୍କର ଜୟନ୍ତୀକୁ ସରକାରୀ ଭାବେ ପାଳନ କରିବା ସହ ଭୁବନେଶ୍ୱରଠାରେ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ବିଧାୟକ ସେଠୀ, ପଞ୍ଚାୟତିରାଜ ମନ୍ତ୍ରୀ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରଘୁନାଥ ଚୌଧୁରୀ ଉତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଧରଣୀଧର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗୀତକାର ଓ କଣ୍ଠଶିଳ୍ପୀ ଦେବେନ୍ଦ୍ର ନାଥ ବାରିକ୍ ଓ ଅନ୍ୟ କଣ୍ଠଶିଳ୍ପୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

## ଦାତବ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର



ଚୌଦ୍ୱାର,୧୭।୧୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡସ୍ଥିତ ନୂଆସାହି ଲକ୍ଷ୍ମୀ ନାରାୟଣ ପୂଜା ମଣ୍ଡପଠାରେ ଏକ ଦାତବ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଓ ଔଷଧ ବିତରଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସେବକ ସମାଜ ଓ ନୂଆସାହି ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଚକ୍ଷୁ, ରକ୍ତଚାପ, ମଧୁମେହ, ଟିବି, ଜ୍ୱର, ଥଣ୍ଡା ଆଦି ରୋଗ ଚିହ୍ନଟ କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଡା. ସରୋଜକାନ୍ତ ବେଉରା, ଡା. ଦେବେନ୍ଦ୍ର ନାଥ ସେଠୀ, ଡା. ଆଶୁତୋଷ ପଣ୍ଡା, ମନୋଜକାନ୍ତ ମଙ୍ଗରାଜ, ବିନାୟକ ବେହେରା, ଭାରତୀ ମୁଦୁଲି, ସମ୍ବିତ କୁମାର ଦାଶ ଓ ଅନୋୟା ଅଭିନବ ପ୍ରମୁଖ ଯୋଗଦେଇ ୧୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିଥିଲେ। ୱାର୍ଡ ସଭାପତି ଭାସ୍କର ପ୍ରଧାନ, ପ୍ରଦୀପ ଗୋଚ୍ଛାୟତ, ଅଜୟ କୁମାର ରାଉତରାୟ, ଜଗବନ୍ଧୁ ସାହୁ, ବିଭୁ କଲ୍ୟାଣ ମହାନ୍ତିଙ୍କ ସମେତ କମିଟି କର୍ମକର୍ତ୍ତା ଶିବିର ପରିଚାଳନା କରିଥିଲେ।

## ରାହାଙ୍ଗୁଳ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଖୁଣ୍ଟୁଣୀ,୧୭।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅଧୀନ ରାହାଙ୍ଗୁଳଠାରେ ଜନଜାତି ବିଭାଗ ପକ୍ଷରୁ ପ୍ରତିଷ୍ଠିତ ରାହାଙ୍ଗୁଳ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ହେମନ୍ତ କୁମାର ଜେନା କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ରାଧାକୃଷ୍ଣପୁର ସରପଞ୍ଚ କାହ୍ନୁଚରଣ ମହାନ୍ତି ଯୋଗଦେଇ କ୍ରୀଡ଼ା ସ୍ତମ୍ଭରେ ଅଗ୍ନି ସଂଯୋଗ କରି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସସ୍ମିତା ପ୍ରଧାନ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ଆଶ୍ରମ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ-ଶିକ୍ଷକ, କର୍ମଚାରୀ ଓ କ୍ରୀଡ଼ା କାର୍ଯ୍ୟରେ ସହଯୋଗ କରୁଥିବା ସହଯୋଗୀଙ୍କୁ କ୍ରୀଡ଼ା ଟୋପି ଓ ବ୍ୟାଚ ପିନ୍ଧାଇ ସମ୍ମାନିତ କରିଥିଲେ। ଏହାପରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବରିଷ୍ଠ ଶିକ୍ଷକ ନୃସିଂହ ଚରଣ ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଅଖାଡିଆଁ, ଶଟପୁଟ, ଜାଭେଲିନ, ଦଉଡି ଡିଆଁ ଆଦି ବିଭିନ୍ନ ବିଭାଗରେ ମୋଟ ୩୦୮ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

## 'ଶିକ୍ଷାଦାନ ପରମ୍ପରା ଓଡ଼ିଶା ପାଇଁ ନୂତନ ଦିଗ୍‌ଦର୍ଶନ'

କଟକ,୧୭।୧୨(କାର୍ତ୍ତିକ ସାହୁ)

### ଖ୍ରୀଷ୍ଟ କଲେଜର ବାର୍ଷିକ ଉତ୍ସବ

ଖ୍ରୀଷ୍ଟ କଲେଜରେ ବାର୍ଷିକ ଉତ୍ସବ କଲେଜ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ କହିଲେ, ଖ୍ରୀଷ୍ଟ କଲେଜର ଶିକ୍ଷାଦାନ ପରମ୍ପରା ଓଡ଼ିଶା ପାଇଁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଆସିଛି। ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗ ସାହିତ୍ୟିକ ଜ୍ଞାନ ହୋତା ଯୋଗଦେଇ ସାଂପ୍ରତିକ ସମାଜ ବ୍ୟବସ୍ଥାର ବିଭିନ୍ନ ଚିତ୍ର ଓ ଚରିତ୍ର ବ୍ୟଙ୍ଗାତ୍ମକ ଶୈଳୀରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି କଲେଜ ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର, ସମ୍ପାଦକ ଶୁଭାଶୀଷ ସାହୁ ଓ ସଦସ୍ୟ ସୌମେନ୍ଦ୍ର ଦାସ କଲେଜର ଗୌରବମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜର ବିଭିନ୍ନ ବିଭାଗ, ଶିକ୍ଷକ ଓ ଅଣଶିକ୍ଷକମାନଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ଆଧାରରେ ପରିଚାଳନା ସମିତିତରଫରୁ ପୁରସ୍କାରସ୍ୱରୂପ ମାନପତ୍ର, ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଛି। ସେହିପରି ଶିକ୍ଷାକ୍ଷେତ୍ରରେ ବିଶେଷ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କୁ ସ୍ୱର୍ଣ୍ଣପଦକ, ମାନପତ୍ର, ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ୪ଦିନ ଧରି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ର ସଭାପତିତ୍ୱ କରିବା ସହ ବାର୍ଷିକ ବିବରଣୀ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧ୍ୟାପକ ଡ. ଦୈତ୍ୟାରୀ ଶୁକ୍ଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଧନ୍ୟବାଦ ଦେଇଥିଲେ। ବିଦ୍ୟାର୍ଥୀମାନେ ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ ଓ ବାଦ୍ୟଯନ୍ତ୍ର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପିକା ଡ. ଜିତା ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ଶୋଭନ ପଣ୍ଡା, ଅଧ୍ୟାପିକା ମଧୁସ୍ମିତା ଯାଚକ, ଡ. ସାରଦା ପ୍ରସାଦ କର, ଡ. ଦିଲ୍ଲୀପ ବରାଳ, ଡ. ଅଶୋକ କୁମାର ସାହୁ, ଡ. ମୌସୁମୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ଦେଶୀମଦ ଜବତ, ଦମ୍ପତିଙ୍କ ସହ ଅନ୍ୟ ଜଣେ ଗିରଫ



ବେଗୁନିଆ/ବୋଲଗଡ଼,୧୭।୧୨ (ସନ୍ଧ୍ୟାରାଣୀ ମିଶ୍ର/ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ସଦର ରେଞ୍ଜ ଅବକାରୀ ବିଭାଗ ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ କର୍ମଚାରୀମାନେ ରାସୋଳ ଗ୍ରାମରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ଠାରୁ ପୋଲିସ ଗୋଟିଏ ବନ୍ଧୁକ, ୬୬୦ ଲିଟର ଦେଶୀ ମଦ, ନଗଦ ୫୩ ହଜାର ୧୫୦ ଟଙ୍କା ଜବତ କରିଥିଲେ। ସୂଚନାଯୋଗ୍ୟ, ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତ ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ ଓ ପତ୍ନୀ ମିନତୀ ପାଇକରାୟ ଦୀର୍ଘ ବର୍ଷ ଧରି ଦେଶୀ ମଦ ପ୍ରସ୍ତୁତ କରି ବିଭିନ୍ନ ଅଞ୍ଚଳରେ ବ୍ୟବସାୟ ଜାରି ରଖିଥିଲେ। ମଙ୍ଗଳବାର ଅତର୍କିତ ଚଢ଼ାଉ କରି ପୋଲିସ ସେମାନଙ୍କୁ ଗିରଫ କରିଥିଲା। ସେହିପରି ସାନପଦର ଗ୍ରାମର ମଦବେପାରୀ ସଞ୍ଜୟ କୁମାର ଭଞ୍ଜଙ୍କୁ ମଧ୍ୟ ଗିରଫ କରି କୋର୍ଟଚାଲାଣ କରିଛି।

### ୨୦ରେ ଆୟୁଷ ଚିକିତ୍ସକ ମହାସଂଘର ଧାରଣା

**ଭୁବନେଶ୍ୱର, ୧୭।୧୨ (ବନ୍ଦନା ସେଠୀ):** ଦୀର୍ଘ ୨୫ବର୍ଷ ହେବ ରାଜ୍ୟରେ ମାତ୍ର ୫୬୨ଟି ହୋମିଓପ୍ୟାଥିକ ମେଡ଼ିକାଲ ଅଫିସର ଏବଂ ୬୧୯ଟି ଆୟୁର୍ବେଦ ମେଡ଼ିକାଲ ଅଫିସର ପଦବୀ ସ୍ଥାୟୀ ଭାବେ ରହିଛି। ୨୩ ବର୍ଷ ହେବ ରାଜ୍ୟ ସରକାର ପଦବୀ ସଂଖ୍ୟା ବୃଦ୍ଧି ନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଅନ୍ୟ ବିଭାଗଗୁଡ଼ିକରେ ନୂତନ ପଦବୀ ସୃଷ୍ଟି କରାଯାଉଥିଲେ ମଧ୍ୟ ଆୟୁଷ ବିଭାଗରେ ଡିସ୍‌ପେନସାରି ଓ ମେଡ଼ିକାଲ ଅଫିସର ପଦବୀ ବୃଦ୍ଧି ପାଉନାହିଁ ବୋଲି ଆୟୁଷ ଚିକିତ୍ସକ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏହିକ୍ରମରେ ମହାସଂଘ ପକ୍ଷରୁ ଡିସେମ୍ବର ୨୦ରେ ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏଥିରେ ରାଜ୍ୟରେ କାର୍ଯ୍ୟରତ ଆୟୁଷ, ଆର୍‌ବିଏସ୍‌କେ, ମୋବାଇଲ ହେଲ୍‌ଥରେ କାର୍ଯ୍ୟରତ ଡାକ୍ତରମାନେ ଯୋଗଦେବେ। ସେହିପରି ଆଗାମୀ ଦିନରେ ରାଜ୍ୟର ସମସ୍ତ ପିଏସ୍‌ସି ଓ ସିଏସ୍‌ସିରେ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅପରପକ୍ଷେ ରାଜ୍ୟ ସରକାର ନୂତନ ପଦବୀ ସୃଷ୍ଟି କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଓଡ଼ିଶା ଆୟୁଷ ବିକାଶ ପରିଷଦ, ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ମିଶନ ଯୁଗ୍ମସଚିବ ଏଲରା ଜେନାଙ୍କ ସହିତ ଆଲୋଚନା କରାଯାଇଥିଲେ ହେଁ ତାହା ବିଫଳ ହୋଇଥିବା ଆୟୁଷ ବିକାଶ ପରିଷଦ ସମ୍ପାଦକ ଡା. ତ୍ରୈଲୋକ୍ୟ ନାଥ ମହାରଣା ସୂଚନା ଦେଇଛନ୍ତି।

### ଧନ୍ୟବାଦ ଜଣାଇଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ପୁରୀ,୧୭।୧୨(ଅଜିତ୍ କୁମାର ମହାନ୍ତି):** ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଏଏସ୍‌ଆଇ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ବ୍ୟବସ୍ଥା ଏବଂ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଆରମ୍ଭ ହୋଇଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ, ଶୃଙ୍ଖଳିତ ନୀତିକାନ୍ତି ଓ ସମସ୍ତଙ୍କ ସହଯୋଗରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ଧାର୍ଯ୍ୟ ନୀତିକାନ୍ତି ଅନୁସାରେ, ମଙ୍ଗଳବାର ସକାଳୁ ସମସ୍ତ ନୀତି ସମ୍ପାଦିତ ହୋଇଥିଲା। ପରେ ପଥସ୍ତୁତି ସହ ଏଏସ୍‌ଆଇ ବୈଷୟିକ ଦଳ ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ କରିଛନ୍ତି। ସହଯୋଗ ସକାଶେ ସମସ୍ତ ସେବାୟତ ନିଯୋଗ, ପାଳିଆ ସେବକ, ଏଏସ୍‌ଆଇ ଟିମ୍, ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନର କର୍ମଚାରୀଙ୍କ ସମେତ ଭକ୍ତ ଓ ଗଣମାଧ୍ୟମ ବନ୍ଧୁମାନଙ୍କୁ ମୁଖ୍ୟ ପ୍ରଶାସକ ପାଢୀ ଆନ୍ତରିକ କୃତଜ୍ଞତା ଜ୍ଞାପନ ସହ ଧନ୍ୟବାଦ ଜଣାଇଛନ୍ତି ।

# ମାଙ୍କଡ଼ା ପଥର ଖନନ, ମୋରମ ଚାଲାଣ ବନ୍ଦ ଦାବି

ଖୋର୍ଦ୍ଧା,୧୭।୧୨(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ବଢ଼ିଚାଲିଛି। ଫଳରେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଏହିକ୍ରମରେ କୁମାରବସ୍ତ ମୌଜାରେ ବେଆଇନଭାବେ ଚାଲିଥିବା ମାଙ୍କଡ଼ା ପଥର ଖନନ ଏବଂ ମୋରମ ଚୋରାଚାଲାଣ ବନ୍ଦ ଦାବିରେ କେତେଜଣ ଗ୍ରାମବାସୀ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ମୁତାବକ, ଖୋର୍ଦ୍ଧା ତହସିଲ ଅଧୀନ କୁମାରବସ୍ତ ମୋଜାରେ ଥିବା ମା'ଭୂଆସୁଣୀ ମନ୍ଦିର ନିକଟରେ ଥିବା ଶହ ଶହ ଏକର ଗୋଚର ଏବଂ ଜଙ୍ଗଲ କିସମ ଜମିରୁ ବେଆଇନଭାବେ ମାଙ୍କଡା ପଥର ଏବଂ ମୋରମ ଚାଲାଣ ହେଉଛି। ଉକ୍ତ ଖଣିକୁ ଲାଗି ରହିଥିବା ଚାଷଜମିକୁ ପାଣି ନ ଯିବାରୁ ଏହା ପଡିଆ ପଡିଲାଣି। ଦିବାରାତ୍ର ପଥର, ମୋରମ ଗାଡି ଯାତାୟାତ ଯୋଗୁ ମଧୁପୁର ଏବଂ ମହୁଲକୁ ଯାଇଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ବର୍ଷାଦିନେ ଉକ୍ତ ଖଣିରେ ପାଣି ଜମିରହିବାରୁ ଗୋରୁ ଏବଂ ଅନ୍ୟଜୀବଜନ୍ତୁ ପଡ଼ି ମୃତ୍ୟୁବରଣ କରୁଛନ୍ତି। ଏପରିକି କୁମାରବସ୍ତ ମୌଜାକୁ ଲାଗି ରହିଥିବା ରତନପୁର ଏବଂ ମଧୁପୁର ସଂରକ୍ଷଣ ଜଙ୍ଗଲରେ ଥିବା ଗଛଗୁଡିକୁ ଦୁର୍ବୃତ୍ତମାନେ କାଟିବା ସହିତ ଜେସିବି ସାହାଯ୍ୟରେ ଜଙ୍ଗଲ ଜମିକୁ ସଫା କରି ମାଙ୍କଡା ପଥର ଖନନ, ମୋରମ ଉତ୍ତୋଳନ କରୁଛନ୍ତି। ଚୋରାଚାଲାଣକୁ ନେଇ ଗ୍ରାମରେ ପୂର୍ବରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ତେବେ ବେଆଇନ ଖଣି ଖନନକୁ ବନ୍ଦ କରିବା ସହିତ ଗୋଚର ଓ ଜଙ୍ଗଲ ଜମିକୁ ସୁରକ୍ଷା ପ୍ରଦାନ ନିମନ୍ତେ ଦାବି କରିଛନ୍ତି।

# ସରପାରୀ-ଛଣଗିରି ରାସ୍ତାରେ ହାତୀ



ଟାଙ୍ଗୀ,୧୭।୧୨(ରଘୁନାଥ ସାହୁ)

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ରେଞ୍ଜ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। କିଛିଦିନ ହେବ ଏହି ରେଞ୍ଜ ଅଧୀନ ସରପାରୀ-ଟାଙ୍କୋଳ ଜଙ୍ଗଲରେ ୧୭ଟିକିଆ ହାତୀପଲ ଜଙ୍ଗଲରୁ ବାହାରି ସରପାରୀ ଗାଁ ନିକଟରେ ଆତଙ୍କ ଖେଳାଇଛନ୍ତି। ଫଳରେ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ରହିଛନ୍ତି। ମଙ୍ଗଳବାର ସକାଳେ ଏହି ହାତୀପଲ ସରପାରୀ-ଛଣଗିରି ମଧ୍ୟବର୍ତ୍ତୀ ରାସ୍ତାରେ ବହୁ ସମୟ ଧରି ଛଡ଼ା ହୋଇ ରହିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପରେ ହାତୀପଲ ନିକଟ ଜଙ୍ଗଲ ଅଭିମୁଖେ ପଳାଇଥିଲେ। ଏଥିସହ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ବନ ବିଭାଗ ହାତୀପଲକୁ ପଚିଆ ଜଙ୍ଗଲକୁ ଘଉଡ଼ାଇବା ପାଇଁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି।

### ସାପ ଧରାଳିଙ୍କ ଟ୍ରେନିଂ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

ଭୁବନେଶ୍ୱର, ୧୭।୧୨(ବନ୍ଦନା ସେଠୀ)

ଜନବସତି ଅଞ୍ଚଳରେ ସାପଙ୍କ ଉଦ୍ଧାର ଓ ଥଇଥାନକୁ ନେଇ ସାପ ଧରାଳିମାନଙ୍କ ସର୍କଲସ୍ତରୀୟ ଟ୍ରେନିଂ ତଥା କର୍ମଶାଳାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଏନେଇ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ସମସ୍ତ କ୍ଷେତ୍ରୀୟ ମୁଖ୍ୟ ବନ ସଂରକ୍ଷକଙ୍କୁ ଚିଠି କରାଯାଇଛି। ସାପଙ୍କ ଉଦ୍ଧାର ଓ ପୁନର୍ବାସ ସମ୍ପର୍କିତ ଏହି ଟ୍ରେନିଂ ଚଳିତ ଡିସେମ୍ବର ୧୬ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଏହି ଗାଇଡ୍‌ଲାଇନ୍‌ରେ ବ୍ୟାପକ ତ୍ରୁଟି ଥିବା ଦର୍ଶାଇ ସ୍ନେକ୍ ହେଲ୍ପ ଲାଇନ୍‌ର ସମ୍ପାଦକ ଡିସେମ୍ବର ୬ରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ମନ୍ତ୍ରୀ, ବନ୍ୟପ୍ରାଣୀ ପିସିସିଏଫ୍ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଚିଠି ଲେଖିଥିଲେ। ସାପ କାମୁଡ଼ାଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ କରିବା ଲକ୍ଷ୍ୟରେ ୨୦୨୩ ଅଗଷ୍ଟ ୯ରେ ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସାପ ଉଦ୍ଧାର ଓ ଥଇଥାନ ନିମନ୍ତେ ଏକ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା। ତେବେ ଏଥିରେ ବ୍ୟାପକ ତ୍ରୁଟି ରହିଥିବା ଅଭିଯୋଗ ହୋଇଥିଲା।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ବାଣପୁର,୧୭।୧୨(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଲଙ୍ଗ୍‌ଜମ୍ପ, ଦୌଡ଼, ସଟ୍‌ପୁଟ, ଡିସ୍‌କସ, ଜାଭେଲିନ୍, ହାଇଜମ୍ପ, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ ଏବଂ ଅନ୍ତର୍ଜାତୀୟ ଭଲିବଲ ଖେଳାଳି ଶିବାନୀ ପ୍ରିୟଦର୍ଶିନୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ଉପସଭାପତି ଅଧ୍ୟାପିକା କଲ୍ୟାଣୀ ବୈରୀଗଞ୍ଜନ ଏବଂ କ୍ରୀଡ଼ା ଶିକ୍ଷକ ବିଭୁଦେନ୍ଦୁ ମାନସିଂହଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ମନୋଜ କୁମାର ମହାପାତ୍ର, ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, ସୁଚିତ୍ରା ଦାଶ, ରୋଜାଲିନ ଦାଶ, ସାଗରିକା ଦାଶ, କସ୍ତୁରୀ ପଟ୍ଟନାୟକ, ରବୀନ୍ଦ୍ର ମାର୍ଥା, ଅକ୍ରୁର ପ୍ରଧାନ, ସୁନୀଲ ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିବା ବେଳେ ଶେଷରେ ଅତିଥିମାନେ କ୍ରୀଡ଼ା ଧ୍ୱଜା ଅବତରଣ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଯାପନ କରିଥିଲେ।

# ଗେଡ଼ିଆପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ



କଳାପଥର,୧୭।୧୨(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡ଼ିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ସମ୍ମାନିତ ଅତିଥି ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଦିଲୀପ କୁମାର ପଣ୍ଡା, ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି କ୍ରୀଡ଼ା ଉତ୍ସବରେ ଦୌଡ଼, ସଟ୍‌ପୁଟ ଥ୍ରୋ, ଡିସ୍‌କସ୍ ଥ୍ରୋ, ଲଙ୍ଗ୍‌ଜମ୍ପ, ହାଇଜମ୍ପ, ସ୍ଲୋ ସାଇକେଲ, ମ୍ୟୁଜିକ ଚେୟାର, ଆଳୁ ଚାମଚ, ଗଣିତ ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା। ବସନ୍ତ କର, ସ୍ଥିତପ୍ରଜ୍ଞ ଯୁଝାରସିଂ, ଗୌତମ କିଶୋର ବେହେରା, ଇତିଶ୍ରୀ ପଣ୍ଡା, ସସ୍ମିତା ମହାପାତ୍ର, ରଶ୍ମିତା ସାହୁ, ରତ୍ନପ୍ରଭା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଅବଧି ଶେଷ: ସରୁନି ରାସ୍ତା କାମ

ବେଗୁନିଆ,୧୭।୧୨(ସନ୍ଧ୍ୟାରାଣୀ ମିଶ୍ର)



ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଅଧୀନ ସିମୋର-ବାଙ୍କୀ ରାସ୍ତା ନିର୍ମାଣ କାର୍ଯ୍ୟର ଅବଧି ଶେଷ ହୋଇଯାଇଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇ ନଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସିମୋର-ବାଙ୍କୀ ୧୦ କି.ମି. ରାସ୍ତା କାର୍ଯ୍ୟ ପ୍ରାୟ ୯ କୋଟି ଟଙ୍କାରେ ନିର୍ମାଣ କରାଯାଉଛି। କିନ୍ତୁ କାର୍ଯ୍ୟ ଠିକ୍ ଭାବରେ ହେଉ ନ ଥିବାବେଳେ ୨୦୨୩ ସେପ୍ଟେମ୍ବର ୧୭ରେ ସମ୍ପୃକ୍ତ କାର୍ଯ୍ୟର ଅବଧି ଶେଷ ହୋଇଯାଇଥିବା ଜଣାପଡ଼ିଛି। ରାସ୍ତା ଉପରେ ମେଟାଲଗୁଡ଼ିକ ଗଦା ହୋଇ ରହିଥିବା ଯୋଗୁ ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ରାସ୍ତା ଉପରେ ବଡ଼ ବଡ଼ ଗାତ ଥିବା ଯୋଗୁଁ ଗାଡିମୋଟରରେ ଯାଉଥିବା ଲୋକମାନେ ଖାଲରେ ପଡ଼ି ଖଣ୍ଡିଆ ଖାବରା ହେଉଥିବାବେଳେ ଗାଡ଼ିମୋଟର ମଧ୍ୟ ଭାଙ୍ଗୁଥିବାର ଦେଖିବାକୁ ମିଳୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ପାଇଁ ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ଅଜୟ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ସଦାଶିବ ବରିସଲ, ଶିକ୍ଷାବିତ୍ ଗୌର ଚରଣ ପ୍ରହରାଜ, ସୂର୍ଯ୍ୟ ନାରାୟଣ ମିଶ୍ର, ବାସୁଦେବ ବେହେରା, ହରିବନ୍ଧୁ ମହାରଣା ଏବଂ ବ୍ରଜବନ୍ଧୁ ଦାସଙ୍କ ସମେତ ଜନସାଧାରଣ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଫକୀରଚରଣ ବେହେରା କହିଛନ୍ତି, ୨ଦିନ ଭିତରେ କାର୍ଯ୍ୟ ଆରମ୍ଭ ହେବ।

# ଆଜିଠୁ ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ

ଭୁବନେଶ୍ୱର,୧୭।୧୨(ସୁଚିସ୍ମିତା ସାହୁ)

ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ ୨୦୨୪ ବୁଧବାରଠାରୁ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଆରମ୍ଭ ହେବ। ତିନିଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଉତ୍ସବରେ ଦଶମ ବୋର୍ଡ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନ ସ୍କୁଲର ୧୦୦ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ବୋର୍ଡ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଥିବା ୫୦ଟି ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ସମ୍ମାନିତ କରାଯିବ। ଚଳିତବର୍ଷ ଏହି

**ସମ୍ବର୍ଦ୍ଧିତ ହେବେ ୧୦୦ ବିଦ୍ୟାର୍ଥୀ**

ଉତ୍ସବରେ ୩୦ ଜିଲାରୁ ୩୫୧ ଛାତ୍ର, ୭୩୧ ଛାତ୍ରୀ, ୧୩୯ଜଣ କ୍ରୀଡ଼ା ଓ ମାର୍ଗଦର୍ଶୀ ଶିକ୍ଷକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ପତ୍ରିକା 'ସର୍ଗିଫୁଲ-୨୦୨୪' ଲୋକାର୍ପିତ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ଉଦ୍‌ଯାପନୀ ସମାରୋହରେ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ଏହି ରାଜ୍ୟସ୍ତରୀୟ ଉତ୍ସବରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରାୟ ୨୪ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଇଛି। ସାଧାରଣ ଜ୍ଞାନ, ସଙ୍ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ବାଦନ, ବିଜ୍ଞାନ ପ୍ରଦର୍ଶନୀ, ଶିଶୁ ସାମ୍ବାଦିକ, ବକ୍ତୃତା, ଅଭିନୟ, ସୃଜନଶୀଳ ଲେଖନ, ଚିତ୍ରାଙ୍କନ, ନାଟ୍ୟଶାଳା ଆଦି ପ୍ରତିଯୋଗିତା ଓ କର୍ମଶାଳା ଅନୁଷ୍ଠିତ ହେବା ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

# ସଂପୁର-ମଣ୍ଡନଗିରି ରାସ୍ତା ପୁନରୁଦ୍ଧାର ପାଇଁ ସମୀକ୍ଷା



ବୋଲଗଡ଼,୧୭।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁରଠାରୁ ଯୋଡ଼ାପଡ଼ା-ଗଡ଼ଦ୍ୱାର ବନ୍ଧଦେଇ ମଣ୍ଡନଗିରି ପର୍ଯ୍ୟଟନସ୍ଥଳୀକୁ ଯାଇଥିବା ପାହାଡ଼ିଆ କଚ୍ଚା ରାସ୍ତାକୁ ପକ୍କା ରାସ୍ତା ଭାବେ ନୂତନ ନିର୍ମାଣ କରିବା ଉଦ୍ଦେଶ୍ୟରେ ଅଞ୍ଚଳବାସୀଙ୍କ ଅନୁରୋଧକ୍ରମେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମଙ୍ଗଳବାର ଅପରାହ୍ନରେ ପହଞ୍ଚି ସମୀକ୍ଷା କରିଛନ୍ତି। ଆବହମାନ କାଳରୁ ଏହି ସଂପୁରଠାରୁ ଯୋଡ଼ାପଡ଼ା ସଂଯୋଗ ରାସ୍ତାଟି ଅତି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଗ୍ରାମବାସୀଙ୍କର ବହୁଦିନର ଦାବି ଥିଲେ ମଧ୍ୟ ନଜର ଆଢୁଆଳରେ ରହିଥିଲା। ଏହି ରାସ୍ତାରେ ଯୋଡ଼ାପଡ଼ା, ମାଳିସାହି, ଶାସନ, ହରିପୁର ଓ ଅନ୍ୟପଟେ ବ୍ଲକର ବଡ଼ଗ୍ରାମ ସଂପୁର ଗ୍ରାମବାସୀ ନିର୍ଭର କରିଥାନ୍ତି। ବର୍ଷାଦିନେ ସମ୍ପୃକ୍ତ ଅଞ୍ଚଳବାସୀ ପାଣିକାଦୁଅ ଯୋଗୁ ଯାତାୟାତରେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଟି ମଧ୍ୟ ନିର୍ମାଣାଧୀନ ମଣ୍ଡନଗିରି ପର୍ଯ୍ୟଟନସ୍ଥଳୀକୁ ଟି (T) ପରି ସଂଯୁକ୍ତ ହେବ। ଅଞ୍ଚଳବାସୀଙ୍କ ଅନୁରୋଧକ୍ରମେ ବିଧାୟକ ସାହୁ ଚାଲି ଚାଲି ପରିଦର୍ଶନ କରି ବିଭାଗୀୟ ଉଚ୍ଚଅଧିକାରୀଙ୍କୁ ତୁରନ୍ତ ଏହି ସଂଯୋଗ ରାସ୍ତା କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ସନ୍ନିକଟ ବହୁପୁରାତନ ଗଡ଼ଦାର ବନ୍ଧ ପୁନରୁଦ୍ଧାର ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ସରପଞ୍ଚ ଜଳଧର ମହାନ୍ତି, ପୂର୍ବତନ ସରପଞ୍ଚ ସୁବାସ ସ୍ୱାଇଁ, ସାମାଜିକ କର୍ମୀ ଶ୍ରୀଧର ଦତ୍ତ, ନିରଞ୍ଜନ ନାୟକ ଓ ବିଭାଗୀୟ ଅଧିକାରୀଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

# ପୋଖରୀ ଜବରଦଖଲ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଖୋର୍ଦ୍ଧା,୧୭।୧୨(ପ୍ରଭାତ ପାଣିଗ୍ରାହୀ)




ଖୋର୍ଦ୍ଧା ହାବେଳି ପଡ଼ିଆରେ ଏକ ଘରୋଇ ଅନୁଷ୍ଠାନ ପକ୍ଷରୁ ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଖୋର୍ଦ୍ଧା ମହୋତ୍ସବ ଆସନ୍ତା ୨୨ ତାରିଖରେ ଉଦ୍‌ଯାପିତ ହେବ। ତେବେ ମହୋତ୍ସବକୁ ନେଇ ବିବାଦ ଲାଗି ରହିଛି। ହାବେଳି ପଡ଼ିଆ ନିକଟ ପୋଖରୀରେ ମୋରମ ପକାଇ ପୋତିବାକୁ କେନ୍ଦ୍ରକରି ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ଏନେଇ ଆୟୋଜକ କମିଟି ଏବଂ କେତେଜଣ ବାସିନ୍ଦା ମୁହାଁମୁହିଁ ହୋଇଥିଲେ। ଏହି ପୋଖରୀରେ ରାମଦୋଳି, ମୀନାବଜାର, ଦୋକାନ ବଜାର ଖୋଲିବାକୁ କେନ୍ଦ୍ରକରି ସ୍ଥାନୀୟ କେତେଜଣ ବାସିନ୍ଦାଙ୍କ ପକ୍ଷରୁ ଉପଜିଲାପାଳଙ୍କ ନିକଟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍) ୧୫୨ ଲାଗୁ ପାଇଁ ଅଭିଯୋଗ ଦାଖଲ କରିଛନ୍ତି। ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଏହି ପୋଖରୀକୁ ପୋତି ସେଠାରେ ରାମଦୋଳି, ମୌତ କା କୁଆଁ ଏବଂ ଅନ୍ୟାନ୍ୟ ଦୋକାନ ବଜାର ପକାଇବାକୁ ନେଇ ଅଭିଯୋଗକାରୀ ଆୟୋଜକ କମିଟି ସମ୍ପାଦକଙ୍କ ବିରୋଧରେ ପିଟିଶନ ଦାଖଲ କରିଛନ୍ତି। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କାର୍ଯ୍ୟାଳୟ ଚିଠି ନମ୍ବର ୮୫୬୧/ତାରିଖ ୧୭.୧୨.୨୪ ପ୍ରକାରେ ଏହି ବିବାଦୀୟ ଜମିର ସ୍ୱତଃ ଯାଞ୍ଚ ସହିତ ମହୋତ୍ସବ କମିଟି ନାମରେ ଆସିଥିବା ଅଭିଯୋଗର ଅନୁସନ୍ଧାନ କରି ରିପୋର୍ଟ ଦାଖଲ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଜୁଝାରସିଂହ ମୌଜାର ୨୩୯୭, ୨୩୯୮ ଏବଂ ୨୬୮୯ ପ୍ଲଟ ହାବେଳି ପଡ଼ିଆରେ ମହୋତ୍ସବ ଆୟୋଜନ ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ତେବେ ଏହି ପଡ଼ିଆକୁ ଲାଗି ରହିଥିବା ପ୍ଲଟ ନଂ.୨୬୮୬ ଏକ ପୋଖରୀ ବୋଲି ଉଲ୍ଲେଖ ରହିଛି। ତେବେ ଏହାକୁ ମହୋତ୍ସବରେ ବ୍ୟବହାର ପାଇଁ ଅନୁମତି ନ ଥିବା ବେଳେ ଆୟୋଜକ କମିଟି ସେଠାରେ ବେଆଇନଭାବେ ମୋରମ ପକାଇ ପୋତି ସେଠାରେ ରାମଦୋଳି, ମୌତ କା କୁଆଁ, ମୀନାବଜାର, ଫୁଡ୍

**ହାବେଳି ପଡ଼ିଆ ନିକଟ ପୋଖରୀରେ ରାମଦୋଳି ପକାଇବା ପ୍ରସଙ୍ଗ**

ଷ୍ଟଲ ସମେତ ଅନ୍ୟାନ୍ୟ ଦୋକାନ ବଜାର ଖୋଲାଯାଇଛି। ଏହା ଉପରେ ବିହିତ ପଦକ୍ଷେପ ନେବା, ପୋଖରୀର ସୁରକ୍ଷା ଦୃଷ୍ଟିରୁ ଏଠାରେ ଚାଲିଥିବା ରାମଦୋଳି ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବନ୍ଦ ପାଇଁ ଅଭିଯୋଗକାରୀ ଦର୍ଶାଇଛନ୍ତି। ପ୍ରକାଶ ଯେ, ଗତବର୍ଷ ମଧ୍ୟ ଉକ୍ତ ପୋଖରୀକୁ ପୋତି ସେଠାରେ ସଭାମଞ୍ଚ ଆୟୋଜନ ନେଇ ଅଭିଯୋଗ ଉଠିଥିବା ବେଳେ ୨୦୨୨ ମସିହାରେ ଅଭିଯୋଗ ପରେ ତହସିଲଦାର ମୌତ କା କୁଆଁ ବନ୍ଦ କରିଥିଲେ। ଏ ସମ୍ପର୍କରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ଚଳିତବର୍ଷ ଆୟୋଜକ କମିଟି ପକ୍ଷରୁ ମହୋତ୍ସବ ରୌପ୍ୟ ଜୟନ୍ତୀ ଉତ୍ସବ ରହିଛି। ମହୋତ୍ସବ ଆୟୋଜନ ଲାଗି ଯାହା କିଛି ଆଇନ ଅନୁଯାୟୀ ରହିଥିବା ଗାଇଡ୍‌ଲାଇନ ଅନୁସାରେ କେବଳ ହାବେଳି ପଡିଆରେ ମହୋତ୍ସବ ଆୟୋଜନ ପାଇଁ ଅନୁମତି ଦିଆଯାଇଛି। ଉକ୍ତ ଅଭିଯୋଗ ଉପରେ ତହସିଲଦାରଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ଛତ୍ରପତି ଶିବାଜୀ କ୍ରିକେଟ ଟୁର୍ନାମେଣ୍ଟ : ବଡ଼ମ୍ବା ବିଜୟୀ

ତିଗିରିଆ, ୧୭।୧୨(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଛତ୍ରପତି ଶିବାଜୀ ଆସୋସିଏଶନ ପକ୍ଷରୁ ଆୟୋଜିତ ୩୩ତମ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟରT ମଙ୍ଗଳବାର ମ୍ୟାଚରେ ବଡ଼ମ୍ବା କ୍ରିକେଟ୍ କ୍ଲବ ବିଜୟୀ ହୋଇଛି। ଏହି ମ୍ୟାଚ ମହାବୀର କ୍ଲବ ନରସିଂହପୁର ଓ ବଡ଼ମ୍ବା କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ନରସିଂହପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୨୧୮ ରନ ସଂଗ୍ରହ କରିଥିଲ। ଦଳ ତରଫରୁ ସିପୁନ ବେହେରା ୩୦ ବଲ୍‌ରେ ୭୯ ରନ କରିଥିଲେ। ଜବାବରେ ବଡ଼ମ୍ବା ଟିମ୍ ୧୯.୩ ଓଭରରେ ୮ ଉଇକେଟ୍ ହରାଇ ୨୧୯ ରନ କରି ବିଜୟୀ ହୋଇଥିଲା। ଦଳ ତରଫରୁ ବାବା ସୁରଜ ୨୮ ବଲରେ ୬୩ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ମାଳଦ୍ୱୀପରେ ଆଇସିଜିଏସ୍ ବୈଭବ, ଅଭିରାଜ

## ସମ୍ପର୍କ ବୃଦ୍ଧି ସହ ସାମୁଦ୍ରିକ ସହଯୋଗକୁ ପ୍ରୋତ୍ସାହିତ କରିବ


ଭାରତୀୟ ତଟରକ୍ଷୀ ବାହିନୀ ଓ ମାଳଦ୍ୱୀପ ତଟରକ୍ଷୀ ବାହିନୀଙ୍କ ମଧ୍ୟରେ ଆଲୋଚନା।



ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)

ଭାରତୀୟ ତଟ ସୁରକ୍ଷା ବାହିନୀର ଅପତଟୀୟ ପାଟ୍ରୋଲ ଭେସେଲ୍ (ଓପିଭି) 'ଆଇସିଜିଏସ୍ ବୈଭବ' ଏବଂ ଫାଷ୍ଟ ପାଟ୍ରୋଲ ଭେସେଲ(ଏଫ୍‌ପିଭି) 'ଆଇସିଜିଏସ୍ ଅଭିରାଜ' ମାଳଦ୍ୱୀପ ବନ୍ଦରରେ ପହଞ୍ଚିଛି। ମିଶନ ଇଣ୍ଡିଆନ ଓସେନ ରିଜିଅନ (ଆଇଓଆର୍) ଅଧୀନରେ ଏହି ପରିଦର୍ଶନ ମାଳଦ୍ୱୀପ ସହିତ ସମ୍ପର୍କ ବୃଦ୍ଧି ଏବଂ ସାମୁଦ୍ରିକ ସହଯୋଗକୁ ପ୍ରୋତ୍ସାହିତ କରିବ। ଚାରିଦିନର ରହଣି ସମୟରେ ଆଇସିଜିଏସ୍ ବୈଭବ ଏବଂ ଆଇସିଜିଏସ ଅଭିରାଜର କ୍ରୁ ମେମ୍ବର ମାଳଦ୍ୱୀପ ନ୍ୟାଶନାଲ ଡିଫେନ୍ସ ଫୋର୍ସ କୋଷ୍ଟଗାର୍ଡ (ଏମ୍‌ଏନ୍‌ଡିଏଫସି) ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ସାମୁଦ୍ରିକ ପ୍ରଦୂଷଣ ପ୍ରତିକ୍ରିୟା (ଏମ୍‌ପିଆର୍), ସାମୁଦ୍ରିକ ସନ୍ଧାନ ଏବଂ ଉଦ୍ଧାର, ସାମୁଦ୍ରିକ ଆଇନ ଶୃଙ୍ଖଳା, କ୍ରସ୍ ଡେକ ତାଲିମ, ସହଯୋଗୀ ଆଲୋଚନା ଏବଂ ବନ୍ଧୁତ୍ୱପୂର୍ଣ୍ଣ କ୍ରୀଡା ଉତ୍ସବ ଆଦି ଏହି କାର୍ଯ୍ୟକ୍ରମର ଅଂଶ ରହିଛି। ଏଥିସହ ଆଇସିଜିଏସ୍ ବୈଭବରେ ଥିବା ନ୍ୟାଶନାଲ କ୍ୟାଡେଟ କର୍ପସ (ଏନ୍‌ସିସି) କର୍ମଚାରୀମାନେ ସ୍ଥାନୀୟ ଯୁବ ସଂଗଠନ ସହଯୋଗରେ ପରିବେଶ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ପଦକ୍ଷେପ ଭାରତ ସରକାରଙ୍କ 'ପୁନିତ ସାଗର ଅଭିଯାନ'ର ଏକ ଅଂଶ ହୋଇଥିବାବେଳେ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ସହ ସାମୁଦ୍ରିକ ଇକୋସିଷ୍ଟମର ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଏହି ଭେସେଲଗୁଡ଼ିକ କଲମ୍ବୋ ଏବଂ ଶ୍ରୀଲଙ୍କା ବନ୍ଦର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ମିଶନ ଆଇଓଆର୍ ଦେଶଗୁଡିକ ସହିତ ଆନ୍ତରିକ ସମ୍ପର୍କ ବୃଦ୍ଧି ଏବଂ ସାମୁଦ୍ରିକ ସହଯୋଗକୁ ପ୍ରୋତ୍ସାହିତ କରିବା ଦିଗରେ ଭାରତର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରୁଛି ବୋଲି କୁହାଯାଇଛି।

# ଇଲେକ୍ଟ୍ରିକାଲ, ପ୍ଲମ୍ବର ସଂଘର ବୈଠକ


ବୈଠକରେ ଯୋଗଦେଇଥିବା ସଦସ୍ୟ ଓ ଅନ୍ୟମାନେ।

ବାଙ୍କୀ,୧୭।୧୨ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ମା'ଚର୍ଚ୍ଚିକା ଇଲେକ୍ଟ୍ରିକାଲ ଏବଂ ପ୍ଲମ୍ବର ସଂଘର ଏକ ବୈଠକ ଡମପଡା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତ ଅଧୀନ ଭେଡାରାମଚନ୍ଦ୍ରପୁର ଗ୍ରାମ ମା'ଠାକୁରାଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଂଘ ସଭାପତି ସୁବ୍ରତ କୁମାର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସନ୍ତୋଷ କୁମାର ରାଉତ ବିବରଣୀ ପଠନ କରିଥିଲେ। ମୁଖ୍ୟ ଅତିଥିଭାବେ ଦୁର୍ଗାପୁର ସରପଞ୍ଚ ପ୍ରତିନିଧି ଲଳିତମୋହନ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ରାମଚନ୍ଦ୍ରପୁର କୃଷି ସେବାସମବାୟ ସମିତି ସଭାପତି ସମରେନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ ଶ୍ରୀକାନ୍ତ ଦାସ, ସାମାଜିକ କର୍ମୀ ନାରାୟଣ ଦାସ, ରମେଶ ସ୍ୱାଇଁ ଓ ରୋହିତ ସ୍ୱାଇଁ ପ୍ରମୁଖ ଯୋଗଦେଇ ସଂଘର ସଦସ୍ୟମାନଙ୍କୁ ଭଲ କାମ କରିବା ସହିତ ଆଗାମୀ ଦିନରେ ସେମାନଙ୍କର ବିଭିନ୍ନ ଦାବି ଉପରେ ବକ୍ତବ୍ୟ ରଖିଥିଲେ । ଉପସଭାପତି ପ୍ରଦୀପ କୁମାର ମହାନ୍ତି ସଂଘର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ଦାଶରଥି ପାତ୍ର ଆୟବ୍ୟୟ ଉପରେ ଆଲୋଚନା କରିଥିଲେ । ସହସମ୍ପାଦକ ଆଲୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ରାମ୍ୟ ରାସ୍ତା,ଡ୍ରେନ ସଫେଇ କାର୍ଯ୍ୟକ୍ରମ

ବାଙ୍କୀ,୧୭।୧୨ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର) ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଶ୍ରୀରାମ କମିଟି ସଭ୍ୟମାନଙ୍କ ଗ୍ରାମର ବଡ଼ସାହିରେ ଥିବା ଡ୍ରେନ ଓ ରାସ୍ତାଘାଟକୁ ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱରଞ୍ଜନ ସ୍ୱାଇଁ, ଚିନ୍ମୟୀ ଲେଙ୍କା, ତନ୍ମୟ ସ୍ୱାଇଁ, ବିଭୁପ୍ରସାଦ ଦାସ ଓ ସଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସେମିଫାଇନାଲରେ ଜଗା ୟୁନାଇଟେଡ୍, ଭୁବନେଶ୍ୱର


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ବଡ଼ମ୍ବା, ୧୭।୧୨(ମାୟାଧର ମଲ୍ଲିକ)

## ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ବଡ଼ମ୍ବା କଲେଜ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ବଡ଼ମ୍ବା କପ୍‌ର ମଙ୍ଗଳବାର ପଞ୍ଚମ ଦିବସରେ ଜଗା ୟୁନାଇଟେଡ୍, ଭୁବନେଶ୍ୱର ଓ ରେଡ୍ ୟୁନାଇଟେଡ୍ ଅଫ ଆର୍‌ଏସଏ, ରାଉରକେଲା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗା ୟୁନାଇଟେଡ୍ ବିଜୟୀ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଭୁବନେଶ୍ୱର ଦଳର ଖେଳାଳି ଗୁମନ ସିଂ ରାଉରକେଲା ବିପକ୍ଷରେ ଏକ ସୁନ୍ଦର ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇବା ସହ ସେମିଫାଇନାଲକୁ ଉତ୍ତୀର୍ଣ୍ଣ କରାଇଥିଲେ। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବଡମ୍ବା ଥାନା ଏସ୍‌ଆଇ ବନ୍ଦିତା ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପ୍ରାକ୍ତନ ଫୁଟବଲ ଖେଳାଳି ସରୋଜ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଆୟୋଜକ ଦଳର କର୍ମକର୍ତ୍ତା ମନୋଜ କୁମାର ପଟ୍ଟନାୟକ, ବୃନ୍ଦାବନ ପରିଡା, ଅଭିମନ୍ୟୁ ସାହୁ, ମହେନ୍ଦ୍ର ପଡ଼ିଆରୀ, ପ୍ରଦୀପ କୁମାର ମହାପାତ୍ର, ମନୋରଞ୍ଜନ ପାଳ, ସୁଜାଉଦ୍ଦିନ ଖାଁ ଓ ଘୋଷକ ମାନେନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ସମଲେଇ ଫୁଟ୍‌ବଲ ଏକାଡେମୀ, ସମ୍ବଲପୁର ଓ ଜଗା ୟୁନାଇଟେଡ୍, ଭୁବନେଶ୍ୱର ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ପୁରାତନ ଛାତ୍ର ସଂସଦ ବୈଠକ

ବାଙ୍କୀ,୧୭।୧୨ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀର ଶତାୟୁ ହାଇସ୍କୁଲ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ୧୯୮୪ ବ୍ୟାଚ ପୁରାତନ ଛାତ୍ରମାନଙ୍କ ଏକ ସମାବେଶ ଶିମିଳିପୁର ପଞ୍ଚାୟତସ୍ଥିତ ଏକ ଫାର୍ମ ହାଉସ ଉଦ୍ୟାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ଜଣ ଛାତ୍ର ଉପସ୍ଥିତ ରହି ସେମାନଙ୍କର ସ୍କୁଲ ଜୀବନର ସ୍ମୃତି ବଖାଣିବା ସହ ଏଥିଯୋଗୁ ସେମାନେ ଆଜି ବିଭିନ୍ନ ଉଚ୍ଚସ୍ଥାନରେ ପ୍ରତିଷ୍ଠିତ ହୋଇପାରିଛନ୍ତି ବୋଲି କହିଥିଲେ । ଏହି ଅବସରରେ ସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ବରେନ୍ଦ୍ର କୃଷ୍ଣ ଦାସ ଅଧିକାରୀ ଓ ଦିବଂଗତ ଶିକ୍ଷକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଚ୍ଚିଦାନନ୍ଦ ମନ୍ତ୍ରୀ, ରବୀନ୍ଦ୍ର କୁମାର ସାହୁ, ସନ୍ତୋଷ କୁମାର ମିଶ୍ର, ଦାଶରଥି ପଟ୍ଟନାୟକ, ପ୍ରସନ୍ନ କୁମାର ନାୟକ, କିଶୋର ଚନ୍ଦ୍ର ବେହେରା, ସୁରେଶ ଚନ୍ଦ୍ର ବଥୁଆଲ, ସୁନୀଲ କୁମାର ମଙ୍ଗରାଜ, ବାଙ୍କନିଧି ବେହେରା, ସୈନିକ ବିଭୂତି ରାୟ, ଭାଗ୍ୟଧର ନାଏକ, ଲକ୍ଷ୍ମଣ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

# ଶିଶୁମନ୍ଦିର ରାଷ୍ଟ୍ରୀୟ ଚେତନାର ପ୍ରୟୋଗଶାଳା

ନିଶ୍ଚିନ୍ତକୋଇଲି,୧୭।୧୨(ଅଶୋକ କୁମାର ମହାପାତ୍ର) :ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ ବଡ଼ଖିରସ୍ଥିତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଞ୍ଚାସୀନ ଅତିଥିମାନେ ଶିଶୁମନ୍ଦିର ରାଷ୍ଟ୍ରୀୟ ଚେତନାର ପ୍ରୟୋଗଶାଳା ବୋଲି ମତବ୍ୟକ୍ତ କରିଛନ୍ତି। ଆୟୋଜିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦୀପାଞ୍ଜଳୀ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ମୁଖ୍ୟ ବକ୍ତାଭାବେ ଶିକ୍ଷାବିକାଶ ସମିତିର ଉତ୍ତର-ପୂର୍ବ ସମ୍ଭାଗ ସଦସ୍ୟା ଶ୍ରୀମତୀ ଇନ୍ଦୁମତୀ ଦାଶ, ସମ୍ମାନିତ ଅତିଥିଭାବେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀ ଲକ୍ଷ୍ମୀହୀରା ଲାବଣ୍ୟବତୀ ବେହେରା ଯୋଗଦେଇ ବିଦ୍ୟାଳୟରେ ଶୈକ୍ଷିକ, ସାମ୍ପ୍ରତିକ ଘଟଣା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ତପନ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରାଣକୃଷ୍ଣ ମଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଅଶୋକ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ସୁବୋଧ କୁମାର ଷଡ଼ଙ୍ଗୀ, ସହ ସମ୍ପାଦିକା ବିଦ୍ୟୁଲତା ପଣ୍ଡା,ସଭ୍ୟ ତଡିତକୁମାର ମଲିକ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଶିଶୁ ଭାଇ ଓ ଭଉଣୀମାନଙ୍କ ଦ୍ୱାରା ସାମୁହିକ ସଙ୍ଗୀତ, ବ୍ୟକ୍ତିଗତ ସଙ୍ଗୀତ, ନୃତ୍ୟ କାର୍ଯ୍ୟକ୍ରମ କରାଯାଇଥିଲା।

# ଶିକ୍ଷାନୁଷ୍ଠାନ ଦକ୍ଷତା ବିକାଶର ଅନ୍ତୁଡ଼ିଶାଳ

## ମଣ୍ଡଳସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ ଉଦ୍‌ଯାପିତ


ଅତିଥିଙ୍କ ଗହଣରେ ଶିଶୁ ପ୍ରତିଯୋଗୀମାନେ।

ରଘୁନାଥପୁର, ୧୭।୧୨(ରାଜେନ୍ଦ୍ର ନାରାୟଣ ସିଂ)

ରଘୁନାଥପୁର ବ୍ଲକ ଅନ୍ତର୍ଗତ ବର୍ତ୍ତି ପାଟେଣିଗାଁ ସ୍ଥିତ ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ୪୦ତମ ଓଷ୍ଟା ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରା ସଭାପତିତ୍ୱ କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବାରିକ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରି ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ଶିକ୍ଷାନୁଷ୍ଠାନ ଦକ୍ଷତା ବିକାଶର ଅନ୍ତୁଡ଼ିଶାଳ ବୋଲି ସେ ମତବ୍ୟକ୍ତ କରିଥିଲେ। ଓଷ୍ଟାର ଜିଲ୍ଲା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ କଳା, କ୍ରୀଡା ଓ ସାଧାରଣ ଜ୍ଞାନ ପ୍ରତି ରୁଚି ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସିଆର୍‌ସିସି ସୋନା ମହାନ୍ତି ଓ ପରିଚାଳନା କମିଟି ସଭାପତି ଟୁକୁନା ସେଠୀ ବକ୍ତବ୍ୟ ରଖିଥିଲେ। ଆୟୋଜିତ ଉତ୍ସବରେ ବ୍ଲକର ୨୩ ବିଦ୍ୟାଳୟର ୧୬୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଅବସରରେ ସେମାନଙ୍କ ମଧ୍ୟରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ ଓ କୁଇଜକୁ ନେଇ ମୋଟ ୧୦ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୦ ଜଣ ପ୍ରତିଯୋଗୀ ଜିଲାସ୍ତରକୁ ଉନ୍ନୀତ ହୋଇଥିଲେ। ଏଥିରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ ଆୟୋଜିତ ଉତ୍ସବକୁ ଗୁଆଳିପୁର ସରପଞ୍ଚ ମନଜିନୀ ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ କମଳାକାନ୍ତ ପରିଡ଼ା, ଓଷ୍ଟା ବ୍ଲକ ସଭାପତି ଶରତ ଚନ୍ଦ୍ର ପଣ୍ଡା, ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାମଲ, ପ୍ରତାପ ମହାପାତ୍ର, ବିଜୟ ମହାନ୍ତି ଓ ସୁଦର୍ଶନ ପରିଡା ଉପସ୍ଥିତ ଥିଲେ। ଓଷ୍ଟାର ବ୍ଲକ ସମ୍ପାଦକ ରଞ୍ଜନ କୁମାର ମିଶ୍ର ବିବରଣୀ ପଠନ ସହ ସଭା ସଞ୍ଚାଳନ ଏବଂ ରାଜକିଶୋର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୀଷା ମିଶ୍ର, ସ୍ମିତାରାଣୀ କୁଣ୍ଟୁ, ନିରୁପମା ରାଉତ, ଗାୟତ୍ରୀ ରାଉତ, ଲିପିମା ଚୌଧୁରୀ, ସସ୍ମିତା ଭୋଇ, ମିତାଲି ସଂଘମିତ୍ରା ପ୍ରମୁଖ ସହଯୋଗ କରିଥିଲେ।

# ସମାଜ ପାଇଁ ଅନେକ ତ୍ୟାଗ କରିଥିଲେ ବୈରାଗୀ ମିଶ୍ର

ମାହାଙ୍ଗା, ୧୭।୧୨ (ଯଯାତି ସିଂହ ) :



ବୈରାଗୀ ମିଶ୍ରଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳ ପଶୁଲୁଣ୍ଡାସ୍ଥିତ ପ୍ରତିଭା ଭବନ ସମ୍ମିଳନୀ ଗୃହରେ ମଙ୍ଗଳବାର ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ସର୍ବଭାରତୀୟ ଶିକ୍ଷା ସମାଜ ସଭାପତି ପ୍ରଫେସର ଡ. ଯୁଧିଷ୍ଠିର ଖଟୁଆଙ୍କ ଅଧ୍ୟକ୍ଷତାରେ ସାମାଜିକ ସଂସ୍କାରକ ବୈରାଗୀ ମିଶ୍ରଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିକାଶ ପରିଷଦ ଅଧ୍ୟକ୍ଷ ତଥା ମାହାଙ୍ଗାର ଯୁବ ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ବୈରାଗୀ ମିଶ୍ର ସମାଜ ପାଇଁ ଅନେକ ତ୍ୟାଗ କରିଥିଲେ। ତାଙ୍କ ସେବା ପାଇଁ ଆମେ ସମସ୍ତେ ଋଣୀ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କୁମାର ବର୍ ଦାସ ଯୋଗ ଦେଇ ବୈରାଗୀ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଖବରଦାତା ଅଖିଳେଶପଦ ମହାନ୍ତି ସଭା ସଞ୍ଚାଳନ ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ, ଖବରଦାତା ତଥା ସାହିତ୍ୟିକ ଅକ୍ଷୟ କୁମାର ଦାଶ, ସାମାଜିକ କର୍ମୀ ଭକ୍ତ ଚରଣ ସ୍ୱାଇଁ, ପନଙ୍ଗଭୂଷଣ ଦାଶ, ଆଇନଜୀବୀ ଉମେଶ ଚନ୍ଦ୍ର ଭଞ୍ଜ, ଅଜୟ ନାୟକ, ତାରାକାନ୍ତ ମହାପାତ୍ର, ଯାଜ୍ଞସେନୀ ଜେନା, ଲବଙ୍ଗଲତା ରାଉତ, ମନୋରଞ୍ଜନ ବିଶ୍ୱାଳ, ହରେକୃଷ୍ଣ ସାହୁ, ଅରୁଣ କୁମାର ସେଠୀ, ଅଶୋକ ବିଶ୍ୱାଳ, ପ୍ରଭାତ କୁମାର ନାୟକ, ମନୋଜ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡ. ଅଶୋକ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜ୍ଞାନ ମେଳା, ୫୭ ପ୍ରକଳ୍ପ ପ୍ରଦର୍ଶିତ

ବାଙ୍କୀ,୧୭।୧୨ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଶ୍ରୀ ବିଦ୍ୟାବାଟିକା ତାଳବସ୍ତ ଠାରେ କୁନି ପିଲାମାନଙ୍କ ଦ୍ୱାରା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୭ଜଣ ଛାତ୍ରୀଛାତ୍ର ଭାଗନେଇ ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଦ୍ୟାଧରପୁର ନୋଡାଲ ସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ଗୋଚ୍ଛି ଓ ଶିକ୍ଷୟିତ୍ରୀ ଚିନ୍ମୟୀ ବେହେରା ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଡମପଡ଼ା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସରପଞ୍ଚ ମିଶ୍ର ଓ ଜ୍ୟୋତିର୍ମୟୀ ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଶ୍ରୀ ବିଦ୍ୟାବାଟିକାର ଚେୟାରମ୍ୟାନ ରଞ୍ଜନ କୁମାର ରାଉତ ଉପସ୍ଥିତ ରହି କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଶିବାନୀ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



# ଗୋରେଖନାଥ ପୀଠ: ସରୁନି ନିର୍ମାଣ କାର୍ଯ୍ୟ

ରଘୁନାଥପୁର,୧୭।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

- ଧାର୍ଯ୍ୟ ସମୟ ପରେ ୮ ମାସ ବିତିଲାଣି
- ଅନେକ କାର୍ଯ୍ୟ ଆରମ୍ଭ ହୋଇନି
- ଦେଢ଼କୋଟି ଟଙ୍କା ଅନୁଦାନ ମିଳିଛି



ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ରାଜ୍ୟର ଏକ ଧାର୍ମିକସ୍ଥଳ ଭାବେ ଗୌରବ ମଣ୍ଡିତ କରେ। ଦୈନନ୍ଦିନ ଏଠାକୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ସେମାନଙ୍କ ସମାଗମକୁ ଦୃଷ୍ଟିରେ ରଖି ପୀଠର ଉନ୍ନତୀକରଣ ପାଇଁ ତତ୍କାଳୀନ ସରକାର ଦେଢକୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ଆରଆଣ୍ଡବି ବିଭାଗ ଅଧୀନରେ ଗତ ନଭେମ୍ବର ୨୦୨୩ଠାରୁ ଠିକାଦାର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଏହା ମଧ୍ୟରେ ଭୋଗ, ଦୀପ ଓ ଫୁଲ ଦୋକାନ ଗୃହ ନିର୍ମାଣ କାର୍ଯ୍ୟ କେବଳ ଶେଷ ହୋଇଛି। ଚଟାଣରେ ଟାଇଲ ପକା କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସେଥିମଧ୍ୟରୁ ଅନେକ ସ୍ଥାନରେ ଟାଇଲ ଭାଙ୍ଗିରୁଜି ଗଲାଣି। ପୀଠକୁ ଆସୁଥିବା ଯାତ୍ରୀମାନେ ଯାତାୟାତ ସମୟରେ ଭଗ୍ନ ଟାଇଲରେ ଝୁଣ୍ଟି କ୍ଷତାକ୍ତ ହେଉଥିବା ଦେଖାଯାଇଛି। ପୀଠ ମଧ୍ୟରେ ଡ୍ରେନେଜ, ଜାଆଁବାଳ ଗୃହ, ଜୋତାଷ୍ଟାଣ୍ଡ ନିର୍ମାଣ ଆଦି କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ବେଳେ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ ୧୨ ବଖରା ଘର ଦୀର୍ଘଦିନ ହେଲା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ବିବାହ ଋତୁ ଚାଲିଥିବାବେଳେ ପୀଠକୁ ବାହାଘର ପାଇଁ ଆସୁଥିବା ଲୋକେ ଘରଟିଏ ପାଇ ନ ପାରି ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା ପ୍ରଭୁଙ୍କ ଆୟରେ ମଧ୍ୟ କ୍ଷତି ଘଟୁଛି। ସେହିପରି ଗୁରୁଗାଦି ବାଉଣ୍ଡାରି ଓ ଗଣେଶ ମଣ୍ଡପ କାର୍ଯ୍ୟ ଅଧାରେ ଅଟକିଛି। ଉକ୍ତ କାର୍ଯ୍ୟଗୁଡ଼ିକ ମାର୍ଚ୍ଚ ୨୦୨୪ ମଧ୍ୟରେ ଶେଷହେବା ପାଇଁ ଚୁକ୍ତି ହୋଇଛି। ଏହା ମଧ୍ୟରେ ୮ ମାସ ବିତିଯାଇଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷହେବା ତ ଦୂରର କଥା ଅଦ୍ୟାବଧି ଅନେକ କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇନାହିଁ। ଫଳରେ ସମ୍ପୃକ୍ତ ବିଭାଗର ପାରିବାପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜଇପୁର ସେକ୍ସନ ଯନ୍ତ୍ରୀ ବିନୟ କୁମାର ସାହୁ ଓ ଦାୟିତ୍ୱରେ ଥିବା ଫକୀରପଡା ଏସ୍‌ଡିଓ ରାଧାକାନ୍ତ ଭୂୟାଁ ନିଜର ଅସହାୟତା ପ୍ରକାଶ କରିଛନ୍ତି। ବାରମ୍ବାର କହିବା ସହ ପତ୍ର ଯୋଗେ ଅବଗତ କରିବା ସତ୍ତ୍ୱେ ଠିକାଦାର କଥା ଶୁଣୁ ନ ଥିବା ସେମାନେ କହିଛନ୍ତି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଠିକାଦାର ଏସବୁ କାର୍ଯ୍ୟ ଆରମ୍ଭ ନ କଲେ ତାଙ୍କ କାର୍ଯ୍ୟକୁ ସେଇଠି ସମାପ୍ତ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଭୂୟାଁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ହୋଇଥିବା କାର୍ଯ୍ୟର ବିଲ୍ ମିଳି ନ ଥିବାରୁ କାର୍ଯ୍ୟକୁ ଆଗକୁ ନେଇ ପାରୁ ନ ଥିବା ଠିକାଦାର ଭ୍ରମରବର ବେହେରା କହିଛନ୍ତି। ଏସବୁ ଭିତରେ ପୀଠର ନିର୍ମାଣ କାର୍ଯ୍ୟରେ ଅବହେଳା କରାଯିବା ନେଇ ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳ, ବିଭାଗୀୟ ସଚିବ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୧୨।୨୦୨୪

| ୬,୦୭,୮୫୬ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୮୮.୧୦୦ ଗ୍ରାମ୍ |

# ବଜାରକୁ ଆସିବ ଓମ୍‌ଫେଡ୍ ପାଣି, ଚକୋଲେଟ୍

### ସ୍ୱତନ୍ତ୍ର ଟିମ୍ ସହ ଗୁଜରାଟ ଗସ୍ତରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

### ଓମ୍‌ଫେଡ୍ ସହ ଏନ୍‌ଡିଡିବିର ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୧୭।୧୨ (ଅନୁରାଧା ମହାରଣା)

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଗୁଜରାଟର ଆନନ୍ଦଠାରେ ଥିବା ଭାରତ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ନ୍ୟାଶନାଲ ଡେଏରୀ ଡେଭଲପ୍‌ମେଣ୍ଟ ବୋର୍ଡ (ଏନ୍‌ଡିଡିବି) ପରିଦର୍ଶନରେ ଯାଇଛନ୍ତି। ଏହି ଅବସରରେ ପରିଚାଳକଙ୍କ ତାଲିମ, କ୍ରୟ, ବିକ୍ରୟ ଏବଂ ପ୍ରକ୍ରିୟାକରଣ ସହିତ ଓମ୍‌ଫେଡ୍‌ର ସାମଗ୍ରିକ ବିକାଶ ପାଇଁ ଏନ୍‌ଡିଡିବି ସହ ଓମ୍‌ଫେଡର ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ମନ୍ତ୍ରୀ ଗୋପାଳନକୁ ଗୁରୁତ୍ୱ ଦେବା ସହ ଓମ୍‌ଫେଡ୍ କିପରି ନୂଆ ନୂଆ ଉତ୍ପାଦ ବଜାରକୁ ଆଣିବ ସେଥିପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଉତ୍ପାଦନ ବୃଦ୍ଧି କରିବା ସହ ତା'ର ବିକ୍ରି ପାଇଁ ମାର୍କେଟ ସୃଷ୍ଟି କରିବାକୁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଆଗାମୀ ଦିନରେ



ନ୍ୟାଶନାଲ ଡେଏରୀ ଡେଭଲପ୍‌ମେଣ୍ଟ ବୋର୍ଡରେ ଟିମ୍ ସହ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

ଓମ୍‌ଫେଡ୍ ପାଣି, ଚକୋଲେଟ ଆଦି ନୂଆ ଉତ୍ପାଦ ବଜାରକୁ ଆଣିବାକୁ ଯାଉଛି ବୋଲି ସୂଚନା ଦିଆଯାଇଛି। ଏବେ ରାଜ୍ୟର ବିଭିନ୍ନ ପଞ୍ଚାୟତରେ କ୍ଷୀରଧାରା କେନ୍ଦ୍ର ଖୋଲିଛି। ଏଠାରେ କ୍ଷୀର ସଂଗ୍ରହ ହେବା ସହ ଓମଫେଡ୍ ଉତ୍ପାଦ ଯଥା କ୍ଷୀର, ଖଟା ଓ ମିଠା ଦହି, ରାବିଡ଼ି, ଛେନାପୋଡ଼, ଗୁଆ ଘିଅ, ଓମ୍‌ଫେଡ୍ କ୍ଷୀର ପାଉଡର, ଫେଭର ମିଲ୍କ, ଲସି ଇତ୍ୟାଦି ବିକ୍ରି କରିବାର ବ୍ୟବସ୍ଥା କରାଯାଉଥିବା ସୂଚନା ଦିଆଯାଇଛି।

ଏହି ଟିମ୍‌ରେ ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଓମ୍‌ଫେଡ୍ ଓ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ବରିଷ୍ଠ ଅଧିକାରୀମାନେ ରହିଛନ୍ତି। ଏ ସମ୍ପର୍କରେ କୁଲାଙ୍ଗେ କହିଛନ୍ତି, ଓମ୍‌ଫେଡ୍ ଉତ୍ପାଦର ଗୁଣବତ୍ତାରେ କୌଣସି ସାଲିସ୍ କରାଯିବ ନାହିଁ। ଓମ୍‌ଫେଡ୍‌ର ଉତ୍ପାଦନ ଓ ବିକ୍ରି ବୃଦ୍ଧି ପାଇଲେ ହିଁ ରାଜ୍ୟର ଆର୍ଥିକ ବିକାଶରେ ଏକ ପ୍ରମୁଖ ଯୋଗଦାନ ହେବ। ଏହାସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି।

# ଦମ୍ପତିଙ୍କୁ ଫସାଇ ୮୯ ଲକ୍ଷ ଋଣ ଠକେଇ, ୨ ଗିରଫ

ଭୁବନେଶ୍ୱର,୧୭।୧୨ (ସତ୍ୟଜିତ୍ ରାଉତ)

ଏକ ଦମ୍ପତିଙ୍କୁ ଫସାଇ ୮୯ ଲକ୍ଷ ଋଣ ଠକେଇ କରିବା ମାମଲାରେ ଲକ୍ଷ୍ମୀସାଗର ଥାନା ପୋଲିସ ମଙ୍ଗଳବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଭୀମଟାଙ୍ଗି ଅଞ୍ଚଳରେ ରହୁଥିବା ଆଶୁତୋଷ ଆଚାର୍ଯ୍ୟ (୪୭) ଓ ଲିଙ୍ଗିପୁର ଅଞ୍ଚଳରେ ରହୁଥିବା ବିଭୂତି ଭୂଷଣ ପ୍ରଧାନ(୩୬)। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟ ଜେଲ ଯାଇଛନ୍ତି। ମାମଲା ଅନୁଯାୟୀ, ୨୦୧୯ରେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ଆର୍ଥିକ ସମସ୍ୟା ଥିବାରୁ ୧୦ ଲକ୍ଷ ଟଙ୍କା ଦରକାର ଥିଲା। ଏଥିପାଇଁ ସେ ବିଭୁଙ୍କ ସହ ଯୋଗାଯୋଗରେ ଆସିଥିଲେ। ଏହାପରେ ବିଭୁ ତାଙ୍କୁ ଆଶୁତୋଷଙ୍କ ସହ ପରିଚୟ କରାଇଥିଲେ। ଆଶୁତୋଷଙ୍କ ବହୁ ଅଫିସର ଓ ବ୍ୟାଙ୍କ ମ୍ୟାନେଜରଙ୍କ ସହ ଭଲ ସମ୍ପର୍କ ଥିବାବେଳେ କେତେକ ଲୋକଙ୍କୁ ଲୋନ କରାଇଦେବାରେ ସାହାଯ୍ୟ କରୁଥିବା କହିଥିଲେ। ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କ ସହ ଆଶୁତୋଷଙ୍କ ଘରକୁ ଯାଇଥିଲେ। ଉଭୟ ଅଭିଯୁକ୍ତଙ୍କୁ ଦମ୍ପତି ବିଶ୍ୱାସ କରି ଘରଜମିର ଦଲିଲ ଦେଇଥିଲେ। ଏପରିକି ଅଭିଯୁକ୍ତମାନେ ପୂର୍ବରୁ ଯୋଜନା କରି ରଖିଥିବା ଦସ୍ତାବିଜ୍‌ରେ ସେମାନେ ଦସ୍ତଖତ ମଧ୍ୟ କରିଥିଲେ। କିଛିଦିନ ପରେ ଆଶୁତୋଷ ଅଭିଯୋଗକାରିଣୀଙ୍କୁ ସିଆର୍‌ପିସ୍ଥିତ ଏକ ବ୍ୟାଙ୍କକୁ ନେଇ ଲୋନ କରାଇ ଦେବା ପାଇଁ ଡାକିଥିଲେ। ସେପଟେ ଅଭିଯୁକ୍ତମାନେ ଉକ୍ତ ବ୍ୟାଙ୍କରେ ଘରର ଜମି ପଟ୍ଟାକୁ ବନ୍ଧକ ରଖି ୮୯ ଲକ୍ଷ ଟଙ୍କାର ଋଣ କରିଦେଇଥିଲେ। ଆଶୁତୋଷ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କ ନାମରେ ୧୦ଲକ୍ଷ ଟଙ୍କାର ଋଣ ହୋଇଥିବା କହି ଏକ ଚେକ୍ ଦେଇଥିଲେ। ପରେ ବ୍ୟାଙ୍କରୁ ବୁଝିବା ପରେ ଦମ୍ପତିଦ୍ୱୟ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏତଲାକ୍ରମେ ଗତ ଜୁନ୍ ୫ରେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ମାମଲା (ନଂ.୩୧୩/୨୦୨୪) ରୁଜୁ କରିଥିଲା।

# ୨୨ ଯାଏ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୭।୧୨ (ଅନୁରାଧା ମହାରଣା)

ବଙ୍ଗୋପସାଗରରେ ଏବେ ଲଘୁଚାପ ସକ୍ରିୟ ରହିଥିବାବେଳେ ଏହାର ପ୍ରଭାବ ଓଡ଼ିଶା ଉପରେ କିଛି ମାତ୍ରାରେ ପଡିବାକୁ ଯାଉଛି। ରାଜ୍ୟକୁ ବଙ୍ଗୋପସାଗରରୁ ବାୟୁ ପ୍ରବେଶ କରିବା ଫଳରେ ଯଥେଷ୍ଟ ପରିମାଣର ଜଳୀୟ ବାଷ୍ପ ଆସିବ, ଯାହା କୋହଲା ପାଗ ସାଙ୍ଗକୁ ବର୍ଷା କରାଇବାରେ ସହାୟକ ହେବ। ରାଜ୍ୟରେ କୋହଲା ପାଗ ସହ ଧୀରେ ଧୀରେ ବର୍ଷାର ପରିମାଣ ବଢ଼ିବ। ବୁଧବାର ରାଜ୍ୟର କିଛି ଜିଲାରେ ହାଲୁକା ବର୍ଷା ଓ ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଗଜପତି, ଗଞ୍ଜାମ ସହ ଦକ୍ଷିଣ ଓଡ଼ିଶାର କିଛି ଜିଲାରେ ହାଲୁକା ବର୍ଷା ହେବ। ସେହିଭଳି ୧୯ ତାରିଖରେ ବର୍ଷାର ବିସ୍ତୃତି ବଢ଼ିବ। ଉପକୂଳ ସହ ଦକ୍ଷିଣ ଓଡ଼ିଶାରେ ହେବ ବର୍ଷା। ସେହିଭଳି ୨୦ ତାରିଖରେ ସାରା ରାଜ୍ୟରେ ବର୍ଷା ହେବ ଓ ୨୨ ତାରିଖ ଯାଏ ବର୍ଷା ଲାଗିରହିବାକୁ ଥିବାରୁ ଚାଷୀଙ୍କ ପାଇଁ ସତର୍କ ସୂଚନା ଜାରି କରିଛି ଭାରତୀୟ ପାଣିପାଗ ବିଭାଗ। ଅମଳକ୍ଷମ ଫସଲକୁ କାଟି ନେଇ ସୁରକ୍ଷିତ ସ୍ଥାନରେ ରଖିବା ସହ ବର୍ଷାରୁ କିଭଳି ଶୀତ ଦିନିଆ ପନିପରିବାକୁ ବଞ୍ଚାଇ ହେବ ସେଥିପ୍ରତି ଯତ୍ନବାନ୍ ହେବାକୁ ପରାମର୍ଶ ଦିଆଯାଇଛି।



ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ, ବିଧବା, କଳାକାର ଓ ଅସହାୟଙ୍କ ମାସିକ ଭତ୍ତା ୩୫୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଦାବିକରି ଓଡ଼ିଶା ଭତ୍ତା ପ୍ରଦାନ ସଂଘର୍ଷ ସମିତି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ବିକ୍ଷୋଭ କରାଯାଉଛି।

# ସାପ ଧରାଳିଙ୍କ ଟ୍ରେନିଂ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

ଭୁବନେଶ୍ୱର, ୧୭।୧୨(ବନ୍ଦନା ସେଠୀ)

ଜନବସତି ଅଞ୍ଚଳରେ ସାପଙ୍କ ଉଦ୍ଧାର ଓ ଥଇଥାନକୁ ନେଇ ସାପ ଧରାଳିମାନଙ୍କ ସର୍କଲସ୍ତରୀୟ ଟ୍ରେନିଂ ତଥା କର୍ମଶାଳାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଏନେଇ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ସମସ୍ତ କ୍ଷେତ୍ରୀୟ ମୁଖ୍ୟ ବନ ସଂରକ୍ଷକଙ୍କୁ ଚିଠି କରାଯାଇଛି। ସାପଙ୍କ ଉଦ୍ଧାର ଓ ପୁନର୍ବାସ ସମ୍ପର୍କିତ ଏହି ଟ୍ରେନିଂ ଚଳିତ ଡିସେମ୍ବର ୧୬ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଏହି ଗାଇଡ୍‌ଲାଇନ୍‌ରେ ବ୍ୟାପକ ତ୍ରୁଟି ଥିବା ଦର୍ଶାଇ ସ୍ନେକ୍ ହେଲ୍ପ ଲାଇନ୍‌ର ସମ୍ପାଦକ ଡିସେମ୍ବର ୬ରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ମନ୍ତ୍ରୀ, ବନ୍ୟପ୍ରାଣୀ ପିସିସିଏଫ୍ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଚିଠି ଲେଖିଥିଲେ। ସାପ କାମୁଡ଼ାଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ କରିବା ଲକ୍ଷ୍ୟରେ ୨୦୨୩ ଅଗଷ୍ଟ ୯ରେ ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସାପ ଉଦ୍ଧାର ଓ ଥଇଥାନ ନିମନ୍ତେ ଏକ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା। ତେବେ ଏଥିରେ ବ୍ୟାପକ ତ୍ରୁଟି ରହିଥିବା ଅଭିଯୋଗ ହୋଇଥିଲା।

# ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ




ଭୁବନେଶ୍ୱର,୧୭।୧୨(ସୁଚିସ୍ମିତା ସାହୁ)

ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଞ୍ଜର ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ୧୫୪ତମ ଜୟନ୍ତୀ ଅବସରରେ ମଙ୍ଗଳବାର ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ପରିଚାଳନା କରିଥିଲେ। ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର, ପ୍ରବୀର ମହାନ୍ତି ଓ ଶୀତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ବରପୁତ୍ରଙ୍କ ଉପରେ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ବିଶ୍ୱାଳ, ବିଜୟ ପରିଡା, ପ୍ରକାଶ ସାମଲ, ରାମଚନ୍ଦ୍ର ସାମଲ, ମନୋରଞ୍ଜନ ମହାନ୍ତି, ରମେଶ ଚନ୍ଦ୍ର ପାତାଳ ସିଂ ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନିଖୋଜର ୨୪ ଦିନ ବିତିଲା: ମୂକ ବଧିର ମହିଳାଙ୍କ ପତ୍ତା ମିଳୁନି

ଭୁବନେଶ୍ୱର,୧୭।୧୨ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରୁ ଜଣେ ବିବାହିତ ମୂକ ବଧିର ମହିଳା ନିଖୋଜ ହେବାର ଇତିମଧ୍ୟରେ ୨୪ ଦିନ ବିତିଗଲାଣି। ହେଲେ ଅଦ୍ୟାବଧି ତାଙ୍କ ପତ୍ତା ପାଇପାରିନାହିଁ ପୋଲିସ। ସମ୍ପୃକ୍ତ ନିଖୋଜ ମହିଳା ହେଲେ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳର ଆଶା ପଣ୍ଡା (୩୪)। ସୂଚନାନୁଯାୟୀ, ଗତ ନଭେମ୍ବର ୨୧ରେ ଆଶା ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇପାରିବାରୁ ନଭେମ୍ବର ୨୬ରେ ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲେ ମଧ୍ୟ ଏଯାବତ୍ କୌଣସି ସନ୍ଧାନ ପାଇନାହିଁ। ଆଶା କଥା କହିପାରୁନଥିବା ସହ ଶୁଣି ପାରୁନଥିବାରୁ ପରିବାର ଲୋକେ ବ୍ୟସ୍ତ ବିବ୍ରତ ଅବସ୍ଥାରେ ଥିବା ଜଣାପଡ଼ିଛି।

# ମାଳଦ୍ୱୀପରେ ଆଇସିଜିଏସ୍ ବୈଭବ, ଅଭିରାଜ

### ସମ୍ପର୍କ ବୃଦ୍ଧି ସହ ସାମୁଦ୍ରିକ ସହଯୋଗକୁ ପ୍ରୋତ୍ସାହିତ କରିବ



ଭାରତୀୟ ତଟରକ୍ଷୀ ବାହିନୀ ଓ ମାଳଦ୍ୱୀପ ତଟରକ୍ଷୀ ବାହିନୀଙ୍କ ମଧ୍ୟରେ ଆଲୋଚନା।

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)

ଭାରତୀୟ ତଟ ସୁରକ୍ଷା ବାହିନୀର ଅପତଟୀୟ ପାଟ୍ରୋଲ ଭେସେଲ୍ (ଓପିଭି) 'ଆଇସିଜିଏସ୍ ବୈଭବ' ଏବଂ ଫାଷ୍ଟ ପାଟ୍ରୋଲ ଭେସେଲ(ଏଫ୍‌ପିଭି) 'ଆଇସିଜିଏସ୍ ଅଭିରାଜ' ମାଳଦ୍ୱୀପ ବନ୍ଦରରେ ପହଞ୍ଚିଛି। ମିଶନ ଇଣ୍ଡିଆନ ଓସେନ ରିଜିଅନ (ଆଇଓଆର୍) ଅଧୀନରେ ଏହି ପରିଦର୍ଶନ ମାଳଦ୍ୱୀପ ସହିତ ସମ୍ପର୍କ ବୃଦ୍ଧି ଏବଂ ସାମୁଦ୍ରିକ ସହଯୋଗକୁ ପ୍ରୋତ୍ସାହିତ କରିବ। ଚାରିଦିନର ରହଣି ସମୟରେ ଆଇସିଜିଏସ୍ ବୈଭବ ଏବଂ ଆଇସିଜିଏସ ଅଭିରାଜର କ୍ରୁ ମେମ୍ବର ମାଳଦ୍ୱୀପ ନ୍ୟାଶନାଲ ଡିଫେନ୍ସ ଫୋର୍ସ କୋଷ୍ଟଗାର୍ଡ (ଏମ୍‌ଏନ୍‌ଡିଏଫସି) ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା



କରିବେ। ସାମୁଦ୍ରିକ ପ୍ରଦୂଷଣ ପ୍ରତିକ୍ରିୟା (ଏମ୍‌ପିଆର୍), ସାମୁଦ୍ରିକ ସନ୍ଧାନ ଏବଂ ଉଦ୍ଧାର, ସାମୁଦ୍ରିକ ଆଇନ ଶୃଙ୍ଖଳା, କ୍ରସ୍ ଡେକ ତାଲିମ, ସହଯୋଗୀ ଆଲୋଚନା ଏବଂ ବନ୍ଧୁତ୍ୱପୂର୍ଣ୍ଣ କ୍ରୀଡ଼ା ଉତ୍ସବ ଆଦି ଏହି କାର୍ଯ୍ୟକ୍ରମର ଅଂଶ ରହିଛି। ଏଥିସହ ଆଇସିଜିଏସ୍ ବୈଭବରେ ଥିବା ନ୍ୟାଶନାଲ କ୍ୟାଡେଟ କର୍ପସ (ଏନ୍‌ସିସି) କର୍ମଚାରୀମାନେ ସ୍ଥାନୀୟ ଯୁବ ସଂଗଠନ ସହଯୋଗରେ ପରିବେଶ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ପଦକ୍ଷେପ ଭାରତ ସରକାରଙ୍କ 'ପୁନିତ ସାଗର ଅଭିଯାନ'ର ଏକ ଅଂଶ ହୋଇଥିବାବେଳେ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ସହ ସାମୁଦ୍ରିକ ଇକୋସିଷ୍ଟମର ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଏହି ଭେସେଲଗୁଡ଼ିକ କଲମ୍ବୋ ଏବଂ ଶ୍ରୀଲଙ୍କା ବନ୍ଦର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ମିଶନ ଆଇଓଆର୍ ଦେଶଗୁଡ଼ିକ ସହିତ ଆନ୍ତରିକ ସମ୍ପର୍କ ବୃଦ୍ଧି ଏବଂ ସାମୁଦ୍ରିକ ସହଯୋଗକୁ ପ୍ରୋତ୍ସାହିତ କରିବା ଦିଗରେ ଭାରତର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରୁଛି ବୋଲି କୁହାଯାଇଛି।

# ୫ ରେଲ୍‌ୱେ କର୍ମଚାରୀ ପୁରସ୍କୃତ



ଜଟଣୀ,୧୭।୧୨(ରବୀନ୍ଦ୍ରନାଥ ମହାକୁଡ଼)

କର୍ମକ୍ଷେତ୍ରରେ ସଜାଗ ଏବଂ ସତର୍କତା ସହ ଜରୁରିକାଳୀନ ପରିସ୍ଥିତିରେ ମୁକାବିଲା ଉପରେ ପ୍ରଗାଢ଼ ଜ୍ଞାନ ଥିବା ପାଞ୍ଚ ଜଣ ରେଲ୍‌ୱେ କର୍ମଚାରୀଙ୍କୁ ସୋମବାର ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା ପୁରସ୍କୃତ କରିଛନ୍ତି। ପୁରସ୍କୃତ ରେଲ୍‌ୱେ କର୍ମଚାରୀମାନେ ହେଲେ କଟକର ଗେଟ୍‌ମ୍ୟାନ ସୁଧାଂଶୁ ଶେଖର ପ୍ରଧାନ ଏବଂ ବିଦ୍ୟୁତ୍ ବିଭାଗ ଜୁନିୟର ଇଞ୍ଜିନିୟର ସନାତନ ବେହେରା, ହରିଚନ୍ଦନପୁରର ଟ୍ରାକ୍ ମେଣ୍ଟେନର ମଧୁସୂଦନ ଧୀବର, ଭଦ୍ରକ ୱେଲ୍ଡର ସ୍ମୃତିରଞ୍ଜନ ଦାସ ଏବଂ ଟେକ୍ନିସିଆନ ବୀରେନ୍ଦ୍ର ସିଂ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋ ନାରାୟଣ ମୀନା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



କଳିଙ୍ଗାୟନ ତୂର୍ଯ୍ୟତ୍ରିକମ୍ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ 'ଭରତ ମୁନି ମହୋତ୍ସବ'ରେ ଡ. ଅଜୟ କୁମାର କୁଚିପୁଡି ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ବିକାଶ ନାୟକ)

# ବିକାଶ ନାମରେ ପ୍ରକୃତିକୁ ଲୁଟ୍ ଚାଲିଛି

### ପ୍ରତିବର୍ଷ ପୃଥିବୀରୁ ୨୭ହଜାର ଜୀବଜନ୍ତୁ ଲୋପପାଉଛନ୍ତି

ଭୁବନେଶ୍ୱର, ୧୭।୧୨ (ବନ୍ଦନା ସେଠୀ)

ପୃଥିବୀରେ ଜଳବାୟୁ ପରିବର୍ତ୍ତନ ପ୍ରାକୃତିକ ଭାବରେ ପ୍ରତି ୧ ଲକ୍ଷ ବର୍ଷରେ ହୋଇଥାଏ। ମାତ୍ର ଗତ ଶହେ କୋଡ଼ିଏ ବର୍ଷ ଭିତରେ ଏହା ସମ୍ପୂର୍ଣ୍ଣ ଭାବରେ ବଦଳିବାରେ ଲାଗିଛି। ଆଇପିସିସି ରିପୋର୍ଟ ଅନୁସାରେ, ଏବେ ପ୍ରତିବର୍ଷ ପୃଥିବୀରୁ ୨୭ ହଜାର ଜୀବଜନ୍ତୁ ଲୋପପାଉଛନ୍ତି। ଏହି ଧାରା ଜାରି ରହିଥିଲେ ଆଗାମୀ ୪୦ରୁ ୬୦ବର୍ଷ ମଧ୍ୟରେ ୧୦ ଲକ୍ଷ ଜୀବଜନ୍ତୁ ପୃଥିବୀ ପୃଷ୍ଠରୁ ଲୋପପାଇଯିବେ। ସରକାର ତଥା କର୍ପୋରେଟମାନେ ବିକାଶ ନାଁରେ ଜଙ୍ଗଲ, ଜମି, ନଦୀ, ସମୁଦ୍ରକୁ ଯେଭଳି ଲୁଣ୍ଠନ କରୁଛନ୍ତି, ସେଥିରେ ମଣିଷ ମଧ୍ୟ ବଞ୍ଚିବା ସମ୍ଭବପର ହେବନାହିଁ ବୋଲି ଗ୍ରୀନ୍ ପିସ୍ ଏନ୍‌ଭାଇରନ୍‌ମେଣ୍ଟ ଟ୍ରଷ୍ଟ ଅଧ୍ୟକ୍ଷ ସୌମ୍ୟ ଦତ୍ତ କହିଛନ୍ତି। ମଙ୍ଗଳବାର ଲୋହିଆ ଏକାଡେମୀଠାରେ ଏନ୍‌ଏପିଏମ୍‌ର ଇକୋଲୋଜିକାଲ ଫୋରମ, ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ୍ ଓ ଲୋହିଆ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଜଳବାୟୁ ଓ ପରିବେଶ ନ୍ୟାୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।




ଜଳବାୟୁ ଓ ପରିବେଶ ନ୍ୟାୟ ସମ୍ମିଳନୀରେ ଗ୍ରୀନ୍ ପିସ୍ ଏନ୍‌ଭାଇରନ୍‌ମେଣ୍ଟ ଟ୍ରଷ୍ଟ ଅଧ୍ୟକ୍ଷ ସୌମ୍ୟ ଦତ୍ତଙ୍କ ସହ ଅନ୍ୟ ଅତିଥି।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୌମ୍ୟ କହିଲେ, ଜାତିସଂଘର ଜଳବାୟୁ ପରିବର୍ତ୍ତନ ଡେସ୍କ ଅନୁଯାୟୀ ୨୦୩୦ ସୁଦ୍ଧା କାର୍ବନ ଉତ୍ସର୍ଜନ ୪୫% ନ କମିଲେ ଆଗାମୀ ଦିନରେ ହେବାକୁ ଥିବା ବଡ଼ ବିଧ୍ୱଂସକୁ ରୋକିପାରିବ ନାହିଁ। ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ପ୍ରଫେସର ସୁଧୀର ରାଉତ, ପ୍ରଫେସର ସୁନ୍ଦର ନାରାୟଣ ପାତ୍ର, ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଦେଶରେ ଚାଲିଥିବା ଅବାରିତ ଖଣି ଖନନ ଓ ପରିବେଶ ପ୍ରଦୂଷଣ ବିଷୟରେ ଆଲୋକପାତ କରିଥିଲେ। ଏହାକୁ ନ ରୋକିଲେ ମାନବ ସଭ୍ୟତା ତିଷ୍ଠି ରହିପାରିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିବାବେଳେ ଲୋହିଆ ଏକାଡେମୀ ସମ୍ପାଦକ ଦେବପ୍ରସାଦ ରାୟ ସ୍ୱାଗତ ଭାଷଣ ଏବଂ ମାନସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ 'ଓଡ଼ିଶାର ପ୍ରାକୃତିକ ସଂସାଧନର ସଂରକ୍ଷଣ ଓ ସମ୍ବର୍ଦ୍ଧନ' ଶୀର୍ଷକ ଆଲୋଚନାଚକ୍ର ଏବଂ ଶେଷ ଅଧିବେଶନରେ 'ଜଳ ପରିବେଶ ଓ ସଂରକ୍ଷଣ' ଉପରେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ଖବରଦାତା ଗୁରୁତର

ଡେଲାଙ୍ଗ,୧୭।୧୨(ରଶ୍ମିରଞ୍ଜନ ପ୍ରଧାନ)

ଖବରକାଗଜ 'ଧରିତ୍ରୀ'ର ଡେଲାଙ୍ଗ ପ୍ରତିନିଧି ରଶ୍ମିରଞ୍ଜନ ପ୍ରଧାନ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ପ୍ରଧାନଙ୍କୁ ସ୍ଥାନୀୟ ଲୋକେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଡାହାଣ ଗୋଡ଼ ଓ ହାତର ହାଡ଼ ଭାଙ୍ଗି ଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି। ସବୁଦିନ ପରି ମଙ୍ଗଳବାର ସକାଳେ ରଶ୍ମିରଞ୍ଜନ ଡେଲାଙ୍ଗ ବାଇଆ ବଜାରରେ ଖବରକାଗଜ ବିତରଣ କରି କଲ୍ୟାଣପୁର ଫେରିବାକୁ ବାଇକ୍ ଷ୍ଟାର୍ଟ କରୁଥିବା ବେଳେ ଜଣେ ସ୍କୁଟି ଆରୋହୀ ରଶ୍ମିରଞ୍ଜନଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ସେ ଗୁରୁତର ହୋଇଛନ୍ତି।

### ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ: ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୧୭।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଏଏସ୍‌ଆଇ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ବ୍ୟବସ୍ଥା ଏବଂ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଆରମ୍ଭ ହୋଇଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ, ଶୃଙ୍ଖଳିତ ନୀତିକାନ୍ତି ଓ ସମସ୍ତଙ୍କ ସହଯୋଗରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ଧାର୍ଯ୍ୟ ନୀତିକାନ୍ତି ଅନୁସାରେ, ମଙ୍ଗଳବାର ସକାଳୁ ସମସ୍ତ ନୀତି ସମ୍ପାଦିତ ହୋଇଥିଲା। ପରେ ପଥପ୍ରସ୍ତୁତି ସହ ଏଏସ୍‌ଆଇ ବୈଷୟିକ ଦଳ ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ କରିଛନ୍ତି। ସହଯୋଗ ସକାଶେ ସମସ୍ତ ସେବାୟତ ନିଯୋଗ, ପାଳିଆ ସେବକ, ଏଏସ୍‌ଆଇ ଟିମ୍, ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନର କର୍ମଚାରୀଙ୍କ ସମେତ ଭକ୍ତ ଓ ଗଣମାଧ୍ୟମ ବନ୍ଧୁମାନଙ୍କୁ ମୁଖ୍ୟ ପ୍ରଶାସକ ପାଢୀ ଆନ୍ତରିକ କୃତଜ୍ଞତା ଜ୍ଞାପନ ସହ ଧନ୍ୟବାଦ ଜଣାଇଛନ୍ତି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଶକ୍ତି କ୍ଲବର ପୁରସ୍କାର ବିତରଣ ଉତ୍ସବ

ପିପିଲି,୧୭।୧୨(ଦୁର୍ଗାମାଧବ ମିଶ୍ର)

ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ପରିସରରେ ମଙ୍ଗଳବାର ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରଚାର ପତ୍ର, ପ୍ରବନ୍ଧ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିସହ ବିଦ୍ୟାଳୟର ଶକ୍ତି କ୍ଲବ ପକ୍ଷରୁ ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ସହିତ ଏକ ଶୋଭାଯାତ୍ରା କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଶେଷରେ ଶକ୍ତି କ୍ଲବ ମୁଖ୍ୟ ଶିକ୍ଷୟିତ୍ରୀ ଶୁଭଶ୍ରୀ ଶତପଥୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ସତ୍ୟବାଦୀର ଦିବ୍ୟାଙ୍ଗ ଛାତ୍ରୀ ଜ୍ୟୋତିଶ୍ରୀଙ୍କ କୃତିତ୍ୱ

ସାକ୍ଷୀଗୋପାଳ,୧୭।୧୨(ଭରତ ରାଉତ)

ପୁରୀ ଜିଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅବସରରେ ଆୟୋଜିତ କଳାକୃତି ପ୍ରତିଯୋଗିତାରେ ସତ୍ୟବାଦୀ ବ୍ଲକ ଅଧୀନ ସରକାରୀ ମଧ୍ୟ ଇଂଲିଶ୍ ବିଦ୍ୟାଳୟ ଅଲଗୁମର ଦିବ୍ୟାଙ୍ଗ ଛାତ୍ରୀ ଜ୍ୟୋତିଶ୍ରୀ ଜେନା କଳାକୃତି ପ୍ରତିଯୋଗିତାରେ ଉଚ୍ଚକୋଟୀର ପ୍ରଦର୍ଶନ କରି କୃତିତ୍ୱ ହାସଲ କରିଛନ୍ତି। ସେ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଜ୍ୟୋତିଶ୍ରୀ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ଶିକ୍ଷା, ଚିତ୍ରକଳା, ନୃତ୍ୟ ଓ ସୃଜନଶୀଳ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଜିଲା ତଥା ରାଜ୍ୟସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ସଦର ବିଧାୟକ ସୁନୀଲ ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ ପ୍ରମୁଖ ଉପସ୍ଥିତ ରହି ଜ୍ୟୋତିଶ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

# ଚନ୍ଦ୍ରଭାଗା ଉନ୍ନୟନ କାର୍ଯ୍ୟ ବନ୍ଦ କଲା ଇଡିସି

- ଗଛ ନ କାଟି ଫେରିଲେ ୨୦ ଶ୍ରମିକ
- କଟାଯିବାକୁ ଥିବା ଗଛ ବଦଳରେ ଲାଗିବ ୩ଗୁଣ ଗଛ

କୋଣାର୍କ,୧୭।୧୨(ଜ୍ୟୋତିରାଜ ମହାନ୍ତି)



ବନବିଭାଗ ଅଧିକାରୀଙ୍କ ସହ ଇଡିସିର ମୁଖ୍ୟ ଆଲୋଚନା କରୁଛନ୍ତି ।

ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଛି। ଚନ୍ଦ୍ରଭାଗା ବେଳାଭୂମି ଉନ୍ନୟନ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ବେଳାଭୂମିରେ ଗଛକଟାକୁ ନେଇ ବିରୋଧ କରିଛି କରମଙ୍ଗା-ଶ୍ରୀକଣ୍ଠପୁର ଇଡିସି। ମଙ୍ଗଳବାର ଓଏଫ୍‌ଡିସିର କର୍ମକର୍ତ୍ତା ୨୦ ଶ୍ରମିକଙ୍କୁ ନେଇ ବେଳାଭୂମିରେ ପହଞ୍ଚି ଗଛକଟା ଆରମ୍ଭ କରିଥିଲେ। କରମଙ୍ଗା-ଶ୍ରୀକଣ୍ଠପୁର ଇଡିସି ସଭାପତି ଭାଗୀରଥି ସ୍ୱାଇଁଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ପହଞ୍ଚି ଏହି କାର୍ଯ୍ୟ ବନ୍ଦ କରିଛନ୍ତି। ଫଳରେ ୨୦ଜଣ ଶ୍ରମିକ ଫେରି ଯାଇଥିଲେ। ଘଟଣାସ୍ଥଳରେ ମେରାଇନ ଥାନା ଆଇଆଇସି ପ୍ରତିମା ସାହୁ, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, ସହକାରୀ ଯନ୍ତ୍ରୀ ଦିଲୀପ ବିଶ୍ୱାଳ ଓ ଓଏଫ୍‌ଡିସିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରଭାଗା ବେଳାଭୂମି ଉନ୍ନୟନ ପାଇଁ ୪୬କୋଟି ବ୍ୟୟ ଅଟକଳ ରହିଛି।

ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ପାଦଚଲା ରାସ୍ତା, ସିଟିଂ ବେଞ୍ଚ, ଖେଳକୁଦ, ଲନ୍, ଆଲୋକ ବ୍ୟବସ୍ଥା ଆଦି ସୁବିଧା ଉପଲବ୍ଧ ହେବ। ସମୁଦ୍ର କୂଳରେ ୨ରୁ ଅଧିକ ଜେଟି ନିର୍ମାଣ କରାଯିବ। ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଯାନବାହାନ ପାର୍କିଂ ଓ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ସହ ସନ୍ଧ୍ୟା ସମୟରେ ବେଳାଭୂମିରେ ପର୍ଯ୍ୟଟକମାନେ କିପରି ଅଧିକ ସମୟ ବିତାଇବେ ସେଥିପ୍ରତି ଦୃଷ୍ଟି ଦିଆଯିବ। ଚନ୍ଦ୍ରଭାଗା ସମୁଦ୍ର କୂଳରେ ଥିବା ୭୦ଟି ଅସ୍ଥାୟୀ ହସ୍ତଶିଳ୍ପ ବ୍ୟବସାୟ ଦୋକାନ ଓ ୨୪ଟି ସ୍ଥାୟୀ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇ ଜୟଦେବ ବାଟିକା ନିକଟରେ ଥଇଥାନ କରାଯିବ ବୋଲି ଜଣାପଡ଼ିଛି।

ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ ପାଇଁ ତୀର୍ଥ ପୁଷ୍କରିଣୀ ନିକଟରୁ ମେରାଇନ ଥାନା ସମ୍ମୁଖ ପର୍ଯ୍ୟନ୍ତ ୧ କି.ମି. ବେଳାଭୂମିରେ ପ୍ରାୟ ୮୭୫ ଗଛ କଟାଯାଇ ସେଠାରେ ୧୭୦୦ ତାଳ, ନଡ଼ିଆ ଓ ଝାଉଁ ଗଛ ଲଗାଯିବ ବୋଲି କୋଣାର୍କ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଦିଲୀପ ବିଶ୍ୱାଳ କହିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ନୂତନ ଗଛ ଲଗାଯିବା ପରେ ଗଛ କଟାଯାଇ ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉ ବୋଲି ଇଡିସି ସଭାପତି ଭାଗୀରଥି ସ୍ୱାଇଁ କହିଛନ୍ତି। ଗତ ଅକ୍ଟୋବରରେ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ସମର୍ଥ ବର୍ମା ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହି ଘଟଣା ସମ୍ପର୍କରେ ପୁରୀ ଜିଲା ବନ ଅଧିକାରୀ ବିବେକ କୁମାର କହିଛନ୍ତି, ଚନ୍ଦ୍ରଭାଗା ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ପାଇଁ ଯେତିକି ଗଛ କଟାଯିବ, ତାହାର ୩ଗୁଣ ନୂତନ ଗଛ ଲଗାଯାଇ ବାଲୁଖଣ୍ଡ ଅଭୟାରଣ୍ୟରେ ସବୁଜିମା ସୃଷ୍ଟି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପୁରୀ ଜିଲା ବନଖଣ୍ଡ ଅଧିକାରୀ କୁମାର ମତବ୍ୟକ୍ତ କରିଛନ୍ତି।




ଅଯୋଧ୍ୟାରେ ହେବାକୁ ଥିବା ୧୭ ବର୍ଷରୁ କମ୍ ବିଦ୍ୟାଳୟ ସ୍ତରୀୟ ଜାତୀୟ ଖୋଖୋ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପୁରୀରୁ ବାହାରିଥିବା ମହିଳା ଓ ପୁରୁଷ ଦଳ ।

## ସହନଶୀଳତା ଆଦର୍ଶ କ୍ରୀଡ଼ାବିତ୍‌ର ଲକ୍ଷଣ

ପୁରୀ,୧୭।୧୨(ଅଜିତ୍ କୁମାର ମହାନ୍ତି)




କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥି ।

ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ ସାଇ ସ୍ମାର୍ଟ ସ୍କୁଲର ୨ ଦିନିଆ ୩ୟ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ସରିତା ଦେବୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କର ଯୋଗଦେଇ ପିଲାଙ୍କ ଶୈଶବ ଅବସ୍ଥାରୁ ଲୁକ୍କାୟିତ ପ୍ରତିଭାର ଉନ୍ମୋଚନ କରି ଦେଶ ବିଦେଶରେ ନିଜର ନାମ ପରିପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସଲିଳ କୁମାର ଦାଶ, ଫାର୍ମାସୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅମିୟକାନ୍ତ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନିମା ଦାଶ, ସମ୍ପାଦିକା ସୁଶ୍ରୀ ପ୍ରିୟଦର୍ଶିନୀ ପାଣି, ପେଣ୍ଠକଟା ସାମୁଦ୍ରିକ ଥାନା ଅଧିକାରୀ ବବିତା ଦଳେଇ ଯୋଗଦେଇ ସହନଶୀଳତା ହେଉଛି ଆଦର୍ଶ କ୍ରୀଡ଼ାବିତ୍‌ର ଲକ୍ଷଣ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବକୁ ଶିକ୍ଷୟିତ୍ରୀ ସିପ୍ରା ଚାଟାର୍ଜୀ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ନମ୍ରତା ରଥ, ସ୍ୱପ୍ନା ଦାଶ, ମଧୁସ୍ମିତା ଓଝା, ଲୋପାମୁଦ୍ରା ମହାପାତ୍ର, ସୁଲେଖା ତ୍ରିପାଠୀ, ସୁଲିପ୍ତା ମହାପାତ୍ର, ଇଂ. ଆଶିଷ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଲୋପାମୁଦ୍ରା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଅସହାୟଙ୍କୁ ବାଣ୍ଟିଲେ କମ୍ବଳ, ମଶାରି

ଅସ୍ତରଙ୍ଗ,୧୭।୧୨(ମମତା ଜେନା)

କାକଟପୁର ବ୍ଲକ୍ ନାସିକେଶ୍ୱର ଶାସନ ଗ୍ରାମର ଝିଅମାନେ ଏକାଠି ହୋଇ ହରିଜନ ସାହିର ଗରିବ ଓ ଅସହାୟମାନଙ୍କୁ କମ୍ବଳ ଓ ମଶାରି ବଣ୍ଟନ କରିଛନ୍ତି। ଆଗକୁ ଅଧିକ ଜନକଲ୍ୟାଣ କାର୍ଯ୍ୟ କରାଯିବାକୁ ସ୍ଥିର ହୋଇଥିବା ସଂଗଠନର ମୁଖ୍ୟ କ୍ଷେତ୍ରବାସିନୀ ତ୍ରିପାଠୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବନି, କାଞ୍ଚି, ସବିତା, କୁନି, ବେବି, ଟିକି, ପ୍ରତିମା, ମନି, ଗୁନି, କଲି, ପପିନା, ଟିଟି, ସାଉଲି, ମାମି, ରୀନା, ମନି, ରଞ୍ଜୁ, ଅନୁ, ଝୁନୁ, କଞ୍ଚି, ଟିକି ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଝିଅ ସାମିଲ ହୋଇଥିଲେ। ଆଗକୁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇ ଗରିବ, ଅସହାୟ, ବୃଦ୍ଧାବୃଦ୍ଧଙ୍କର ଚିକିତ୍ସା କରାଯାଇ ମାଗଣା ଔଷଧ ବଣ୍ଟନ କରାଯିବ ବୋଲି ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି।

## ଶିକ୍ଷକ ନିଯୁକ୍ତି ଦାବି

### ଗେଟ୍‌ରେ ତାଲା ପକାଇ ଧାରଣା ଦେଲେ ଛାତ୍ର, ଅଭିଭାବକ

କଣାସ,୧୭।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରେ ସ୍ଥାପିତ ବହୁପୁରାତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ଗ୍ରାମବାସୀ ବାରମ୍ବାର ଶିକ୍ଷକ ନିଯୁକ୍ତି ପାଇଁ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିକରି ନିରାଶ ହେବାପରେ ମଙ୍ଗଳବାର ଛାତ୍ର ଏବଂ ଅଭିଭାବକମାନେ ତ୍ରିଲୋଚନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗେଟ୍‌ରେ ତାଲାପକାଇ ବସି ରହିଥିଲେ। ଖବରପାଇ କଣାସ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ନାରାୟଣ ପ୍ରଧାନ ପହଞ୍ଚି ଧାରଣାରେ ବସିଥିବା ଅଭିଭାବକଙ୍କ ସହ ଆଲୋଚନା କରି ଶୀଘ୍ର ଶିକ୍ଷକ ନିଯୁକ୍ତି କରିବାପାଇଁ ପ୍ରତିଶ୍ରୁତି ଦେବାରୁ ଛାତ୍ର, ଅଭିଭାବକମାନେ ଧାରଣାରୁ ଉଠିଥିଲେ।

### 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

କଣାସ,୧୭।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ସଭାଗୃହରେ ମଙ୍ଗଳବାର ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଣାସ ବିଡିଓ ନାରାୟଣ ସାହୁ, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, କଣାସ ତହସିଲଦାର ହିମାଂଶୁ ଶେଖର ଗିରି, ସିଡିପିଓ ସ୍ମିତା ମହାନ୍ତି ଯୋଗଦେଇ ଶିଶୁମାନଙ୍କ ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବା ଦରକାର, ବାଲ୍ୟ ବିବାହ ରୋକିବା ପାଇଁ ସମସ୍ତ ଜନପ୍ରତିନିଧି, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ସଚେତନ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଗାଁ ଗହଳିରେ ଲୋକ ପ୍ରତିନିଧି କିମ୍ବା ଅଙ୍ଗନୱାଡି କର୍ମୀ, ଆଶାକର୍ମୀ କୌଣସି ବାଲ୍ୟବିବାହ ସମ୍ପର୍କରେ ଏବଂ କୌଣସିଠାରେ ଶିଶୁଟିଏ ଅବହେଳିତ ଅବସ୍ଥାରେ ଖବର ପାଆନ୍ତି ତୁରନ୍ତ ବିଡିଓ, ଥାନା, ସିଡିପିଓ, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟକୁ ଜଣାଇବା ପାଇଁ ଅତିଥିମାନେ ସୂଚନା ଦେଇଥିଲେ।

## ଯୁବପିଢ଼ି ହିଁ ବୌଦ୍ଧ ଦର୍ଶନର ବାର୍ତ୍ତାବହ

ପୁରୀ,୧୭।୧୨(ଅଜିତ୍ କୁମାର ମହାନ୍ତି)

ବୋଧିଚକ୍ର, ପୁରୀ ଆନୁକୂଲ୍ୟରେ ଭାରତ ଯୋଗକେନ୍ଦ୍ର ବଳିଆପଣ୍ଡାଠାରେ ମାର୍ଗଶିର ପୂର୍ଣ୍ଣିମା ଅବସରରେ ସଭାପତି ଇଞ୍ଜିନିୟର ଗିରିଜା ଶଙ୍କର ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଡ. ବଳରାମ ଦାଶ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ବାସୁଦେବ ସାହୁ, ରମେଶ ଚନ୍ଦ୍ର ସାହୁ, ଅଜୟ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶୃଙ୍ଖଳିତ ଜୀବନଚର୍ଯ୍ୟା, ସମୟାନୁବର୍ତ୍ତିତା, ସମାଜସେବା, ସଂସ୍କାରବୋଧ, ସତ୍ ଚିନ୍ତନ, ସତ୍‌କର୍ମ, ଧର୍ମ ସଂଘ, କର୍ମରେ ବିଶ୍ୱାସ, କର୍ତ୍ତବ୍ୟବୋଧ ଓ ସର୍ବୋପରି ଭଲ ମଣିଷ ହୋଇ କଠୋର ପରିଶ୍ରମ କରିବାକୁ ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ବିପାସନାଭ ପଦ୍ଧତିରେ ସମବେତ ଧ୍ୟାନ ଓ ବୁଦ୍ଧ ବନ୍ଦନା ଗାନ କରାଯାଇଥିଲା। ଧର୍ମପଦ ଅନ୍ତର୍ଗତ ସହସ୍ର ବର୍ଗରୁ କେତୋଟି ଗାଥାର ବ୍ୟାଖ୍ୟା କରାଯାଇଥିଲା। ସମ୍ପାଦକ ରାମବଲ୍ଲଭ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ନ୍ୟାୟ ଦାବି କରି ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

ପୁରୀ,୧୭।୧୨(ଅଜିତ୍ କୁମାର ମହାନ୍ତି)

ଚାଷଜମିରେ ଜବରଦସ୍ତ ବାଦାମ ମଞ୍ଜି ପକାଇବା ଓ ମରଣାନ୍ତକ ଆକ୍ରମଣ କରିଥିବା ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନ୍ୟାୟ ଦାବି କରି କଣାସ ଥାନା ଅଧୀନ ହଳଦିଆପଡ଼ାର ପ୍ରଭାତୀ ବଡ଼ଜେନା ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବଡ଼ଜେନା ଅଭିଯୋଗରେ ଦର୍ଶାଇଛନ୍ତି, ଗତ ନଭେମ୍ବର ୧୯ରେ କେତେଜଣ ବ୍ୟକ୍ତି ତାଙ୍କ ଗଡ଼ସାନପୁଟ ମୌଜା, ହଳଦିଆପଡ଼ାସ୍ଥିତ ଲବଣିହିଡ଼ ଚାଷଜମିରେ ବାଦାମ ମଞ୍ଜି ପକାଉଛନ୍ତି। ଖବରପାଇ ତାଙ୍କ ଶ୍ୱଶୁର କାହ୍ନୁଚରଣ ବଡ଼ଜେନା, ଦାଦା ଶ୍ୱଶୁର ଜନାର୍ଦ୍ଦନ ବଡ଼ଜେନା, ସ୍ୱାମୀ ସୁକାନ୍ତ ବଡ଼ଜେନା ଓ ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ରମେଶ ବଡ଼ଜେନା, ରାଜୁ ବଡ଼ଜେନା, ଭୁଜୁ ବଡ଼ଜେନା, ବାଳକୃଷ୍ଣ ବଡ଼ଜେନା, ନବକିଶୋର ବଡ଼ଜେନା, ଅଭିରାମ ବଡ଼ଜେନା, ବୁଦ୍ଧିବାମନ ବଡ଼ଜେନା, ବାସନ୍ତି ବଡ଼ଜେନା, ବବିତା ବଡ଼ଜେନା ପ୍ରମୁଖ ତାଙ୍କ ଜମିରେ ବାଦାମ ମଞ୍ଜି ପକାଉଛନ୍ତି। ଏହାକୁ ପ୍ରଭାତୀ ଓ ତାଙ୍କ ପରିବାର ଲୋକେ ବାରଣ କରିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରି ସେମାନଙ୍କ ପାଖରୁ ଅଳଙ୍କାର ଛଡାଇ ନେଇଥିଲେ। ଏନେଇ ସ୍ଥାନୀୟ ଥାନରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି ଗୁରୁତର ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠା ଗ୍ରହଣ କରାଯାଉ ବୋଲି ବଡ଼ଜେନା ଦାବିପତ୍ରରେ ଅନୁରୋଧ କରିଛନ୍ତି।

## ପିପିଲି କଲେଜରେ ବିଜୟ ଦିବସ




ପିପିଲି,୧୭।୧୨(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଭାରତ ସରକାରଙ୍କ ନେହେରୁ ଯୁବକେନ୍ଦ୍ର, ପୁରୀ ଏବଂ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ମିଳିତ ଆନୁକୂଲ୍ୟରେ ପିପିଲି କଲେଜ ପରିସରରେ ସୋମବାର ବିଜୟ ଦିବସ ପାଳିତ ହୋଇଯାଇଛି। ଜାଗୃତି ସଂଗଠନ ମୁଖ୍ୟ ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଡ଼ିଶା ବାଟାଲିୟନ ହାବିଲଦାର ମଣି ଥାପା ଓ ଗୋପାଳ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଷ୍ଟ୍ରଭକ୍ତିର ବାର୍ତ୍ତାରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ୧୯୭୧ ମସିହା ଡିସେମ୍ବର ୧୬ର ଭାରତ-ପାକ୍ ୧୩ ଦିବସୀୟ ଯୁଦ୍ଧରେ ଭାରତର ବିଜୟଲାଭ ସହିତ ଭାରତୀୟ ସୈନିକଙ୍କ ରାଷ୍ଟ୍ର ପାଇଁ ଅତୁଳନୀୟ ଅବଦାନ ସମ୍ପର୍କରେ ଅତିଥି ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏନ୍‌ସିସି କ୍ୟାପ୍‌ଟେନ୍ ଆଦିତ୍ୟ ପ୍ରସାଦ ରଥ, ଅଧ୍ୟାପକ ଡ. ସଚ୍ଚିକାନ୍ତ ନାୟକ, ଅଧ୍ୟାପକ ଜ୍ୟୋତି ସିଂଗ୍ରାୟନ ଯୋଗଦେଇ ରାଷ୍ଟ୍ରର ଗୌରବମୟ ଓ ସେନାବାହିନୀର ବୀରତ୍ୱ ତଥା ବଳିଦାନ ସମ୍ପର୍କରେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାନ୍ ତବଲା ବାଦକ ଗୁରୁ ଜାକିର ହୁସେନଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ପରେ ରାଷ୍ଟ୍ରଭକ୍ତି ସଙ୍ଗୀତ ଗାନ ମାଧ୍ୟମରେ ଯୁବ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂକଳ୍ପ ନିଆଯାଇଥିଲା। ଜାଗୃତି କଳାକାରମାନେ ମାତୃଭୂମି ଭାରତ ଉଦ୍ଦେଶ୍ୟରେ ପ୍ରକୃତି ବନ୍ଦନା ଲୋକ ସଙ୍ଗୀତରେ ଲୋକନୃତ୍ୟ, ବିହୁ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଜାଗୃତି ମିଡିଆ ଆବାହକ ମନୋରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପିପିଲି କଲେଜ ଅଧ୍ୟକ୍ଷ ତପନ ଦାଶଙ୍କ ପ୍ରତ୍ୟକ୍ଷ ଦିଗ୍‌ଦର୍ଶନରେ ଏହି ରାଷ୍ଟ୍ରୀୟ ବିଜୟ ଦିବସ ପାଳନରେ ଜାଗୃତି ସଂଗଠନର ସ୍ୱେଚ୍ଛାସେବୀ ତଥା ସଦସ୍ୟଙ୍କ ସହ ପିପିଲି କଲେଜର ଏନ୍‌ସିସି କ୍ୟାଡର ଏବଂ ଏନ୍‌ଏସ୍‌ଏସ୍‌ର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ଥିଲେ।

## ଆଦର୍ଶ ବିଦ୍ୟାଳୟ ବାଳକ ଛାତ୍ରାବାସ ଭୂମିପୂଜା

ଡେଲାଙ୍ଗ,୧୭।୧୨(ରଶ୍ମିରଞ୍ଜନ ପ୍ରଧାନ)

ଦୀର୍ଘ ୩ ବର୍ଷ ପରେ ଡେଲାଙ୍ଗ ବ୍ଲକ୍ ବେରବୋଇ କନକା ଦଣ୍ଡାରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାଳକ ଛାତ୍ରାବାସ ଗୃହର ଭୂମିପୂଜା ମଙ୍ଗଳବାର ଶେଷ ହୋଇଛି। ବାଳକ ଛାତ୍ରାବାସ ନିର୍ମାଣ ପାଇଁ ଛାତ୍ରୀଛାତ୍ର ଅଭିଭାବକ ସଂଘ ପକ୍ଷରୁ ପୁରୀ ଜିଲାପାଳଙ୍କ ସମେତ ସମ୍ପୃକ୍ତ ସମସ୍ତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ନିବେଦନ ଓ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରାୟ ୩ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବାଳକ ଛାତ୍ରାବାସ ଗୃହର ଭୂମିପୂଜନ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଛି। ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁ, ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ବେହେରା, ଭାଜପା ବେରବୋଇ ମଣ୍ଡଳ ସଭାପତି ସୁଧାଂଶୁ ପରିଡ଼ା, ରେଞ୍ଚ ସରପଞ୍ଚ ହରିହର ସ୍ୱାଇଁ, ପୁରୀ ଜିଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ପ୍ରମୁଖ ନଡ଼ିଆ ଭାଙ୍ଗି ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରିଥିଲେ।

## ତ୍ରିଲୋଚନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂତନ ପରିଚାଳନା କମିଟି ଗଠିତ

କଣାସ,୧୭।୧୨(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂତନ ପରିଚାଳନା କମିଟି ମଙ୍ଗଳବାର ଗଠିତ ହୋଇଯାଇଛି। ପୂର୍ବତନ ସମ୍ପାଦିକା ସୌଦାମିନୀ ତ୍ରିପାଠୀଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ଶିକ୍ଷା ବିକାଶ ସମିତି ଓଡ଼ିଶା ସଂଭାଗର ସମ୍ପାଦକ ଗିରୀଶ କୁମାର ହାତୀ ଯୋଗଦେଇ ସର୍ବସମ୍ମତ ଭାବେ ମନୋନୀତ ପରିଚାଳନା କମିଟିର ୯ଜଣିଆ ସଭ୍ୟାସଭ୍ୟଙ୍କ ମଧ୍ୟରୁ ସଭାପତି ଭାବେ ମାଧବାନନ୍ଦ ରଣସିଂହ, ଉପସଭାପତି ମୃତ୍ୟୁଞ୍ଜୟ ଦାଶ, ସମ୍ପାଦକ ପ୍ରଦୀପ କୁମାର ଦାସ, ସହସମ୍ପାଦକ ବିଚ୍ଛନ୍ଦ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଭାବେ ରମେଶ କୁମାର ରଥ, ସଭ୍ୟ ଭାବେ ରାଧାରାଣୀ ମଙ୍ଗରାଜ, ସୁଜାତା ସେଠୀ, ପ୍ରଧାନଆଚାର୍ଯ୍ୟ ମଧୁସୂଦନ ପାଣି ଓ ଆଚାର୍ଯ୍ୟ ହରିହର ଜେନା ମନୋନୀତ ହୋଇଥିଲେ। ନବ ମନୋନୀତ ପରିଚାଳନା କମିଟିକୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସଂସ୍କୃତି ସମ୍ପନ୍ନ ଭଲ ମଣିଷ ଗଢ଼ିବା ପାଇଁ ବିଦ୍ୟାଳୟ ରୂପକ ଏହି ମନ୍ଦିରରେ ସମସ୍ତେ ସମ୍ମିଳିତ ପ୍ରଚେଷ୍ଟା କରିବାର ଶପଥ ନେଇଥିଲେ।



## ପ୍ରଦର୍ଶନ ହେଲା ୧୩୫୦ ବିଦ୍ୟାଳୟର ୧୬୩୮ ପ୍ରକଳ୍ପ

### ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ପୁରୀ,୧୭।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପୁରୀ ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ପାଇଁ ଏନ୍‌ସିଇଆର୍‌ଟି ପକ୍ଷରୁ ମୁଖ୍ୟ ବିଷୟବସ୍ତୁ ଭାବେ 'ପୋଷଣୀୟ ଭବିଷ୍ୟତ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା' ଏବଂ ୭ଟି ଉପବିଷୟବସ୍ତୁ ଯଥା- ଖାଦ୍ୟ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପରିବହନ ଓ ଯୋଗାଯୋଗ, ପ୍ରାକୃତିକ କୃଷି ପ୍ରଣାଳୀ, ବିପର୍ଯ୍ୟୟ ପରିଚାଳନା, ଗାଣିତିକ ମଡେଲିଂ ଓ ଗଣନାକାରୀ ଚିନ୍ତାଧାରା, ବର୍ଜ୍ୟବସ୍ତୁ ପରିଚାଳନା ଓ ସମ୍ବଳ ପରିଚାଳନା ଇତ୍ୟାଦି ବିଷୟରେ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ବିଭିନ୍ନ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଆୟୋଜନ କରାଯାଇ ଅଂଶଗ୍ରହଣ କରିଥିବା ୧୩୫୦ଟି ବିଦ୍ୟାଳୟରୁ ସମୁଦାୟ ୧୬୩୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତନ୍ମଧ୍ୟରୁ ଏହି ୭ଟି ଉପବିଷୟବସ୍ତୁକୁ ଆଧାର କରି ପ୍ରତ୍ୟେକ ବ୍ଲକରୁ ୭ଟି କରି ପୁରୀର ୧୧ଟି ବ୍ଲକରୁ ସମୁଦାୟ ୭୭ଟି ପ୍ରକଳ୍ପ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ନିଜ ଚେଷ୍ଟା ଜାରି ରଖିଲେ ଭବିଷ୍ୟତରେ ସଫଳ ବୈଜ୍ଞାନିକ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ସମ୍ମାନିତ ଅତିଥି ରୂପେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ପୁରୀ ସଦର ବିଇଓ ପ୍ରମୋଦ କୁମାର କର ଏବଂ ପୋଲିସ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର ଉପସ୍ଥିତ ଥିଲେ। ଶିକ୍ଷକ ପ୍ରତାପ କୁମାର ରାଉତ ଓ ପ୍ରଦୀପ୍ତ କୁମାର ସ୍ୱାଇଁ ବିଜ୍ଞାନ କୁଇଜ୍ ପରିଚାଳନା କରିଥିଲେ। ସୋମବାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡା, ଗୋପ ବିଇଓ ସୁଶିଲ କୁମାର ବ୍ରହ୍ମା, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସନ୍ତୋଷ କୁମାର ଚୌଧୁରୀ ପାଠ କରିଥିଲେ। ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଉଭୟ ଅଧିବେଶନରେ ସଭାପତିତ୍ୱ କରିଥିଲେ। ଜିଲାର ୫୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଦର୍ଶନୀରେ 'ଭାଗବତ ତୁଙ୍ଗି' ପ୍ରଦର୍ଶନ କରି ଅତିବଡ଼ି ଜଗନ୍ନାଥ ଦାସ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୭୭ ପ୍ରକଳ୍ପ ମଧ୍ୟରୁ ୭ଟି ଉପବିଭାଗରୁ ପୁରୀ ଜିଲା ସ୍କୁଲ୍, ଘୋରଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟ, ଓଏଭି ନିମାପଡ଼ା, ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାଙ୍ଗୁରିଗାଁ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଓ ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲା। ଶିକ୍ଷୟିତ୍ରୀ ଅଳକାନନ୍ଦା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିବରାମ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ଉତ୍ସବ

ଟାଙ୍ଗୀ, ୧୭।୧୨ (ରଘୁନାଥ ସାହୁ)

କାଲୁପଡ଼ା ଘାଟସ୍ଥିତ ଭାରତୀୟ ବିଦ୍ୟା ନିକେତନର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷା ଜିଲା ଅଧିକାରୀ ଲକ୍ଷ୍ମୀଧର ବେହେରା ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ପ୍ରଫୁଲ୍ଲ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ବନଶ୍ରୀ ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ତବଲା ଉସ୍ତାଦ ଜାକିର ହୁସେନଙ୍କୁ ଶ୍ରଦ୍ଧାଞ୍ଜଳି

ଜଟଣୀ, ୧୭।୧୨ (ରବୀନ୍ଦ୍ରନାଥ ମହାକୁଡ଼)

ଖ୍ୟାତନାମା ତବଲା ଉସ୍ତାଦ ଜାକିର ହୁସେନ୍‌ଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରାଙ୍କ ପୌରୋହିତ୍ୟରେ ଉକ୍ତ ସଭାରେ ବିଶ୍ୱବିଦ୍ୟାଳୟର ସମସ୍ତ ଗୁରୁ ଏବଂ ବିଦ୍ୟାର୍ଥୀମାନେ ପ୍ରଥମେ ଜାକିରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଡ. ଅଜୟ କୁମାର ବିଶ୍ୱାଳ, ସନ୍ଦୀପ ରାଉତ ପ୍ରମୁଖ ଜାକିରଙ୍କ ତବଲାବାଦନ ଶୈଳୀ ଉପରେ ଆଲୋଚନା କରିଥିଲେ। ସେହିପରି ଧୀରଜ ମହାପାତ୍ର, ଜବାହର ମିଶ୍ର, ଡ. ସାରଦା ପ୍ରସନ୍ନ ଦାସ, କରୁଣାକର ନାୟକ, ଡ. ଇତିଶ୍ରୀ ସାହୁ, ଆଶା ମୁକୁନ୍ଦ ବାରିକ, ଦୁଷ୍ମନ୍ତ ପରିଡ଼ା, ସ୍ନେହାଶିଷ ପଟ୍ଟନାୟକ ପ୍ରମୁଖ ଜାକିରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ତବଲା ବିଭାଗର ବିଦ୍ୟାର୍ଥୀମାନେ ଜାକିର ହୁସେନଙ୍କ ଏକ କମ୍ପୋଜିଶନ ପ୍ରସ୍ତୁତ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ଆଇଆର୍‌ସି ଭିଲେଜ ସୁଧାନଗର ସେମିରେ

ବେଗୁନିଆ, ୧୭।୧୨ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପତନିବର ଗ୍ରାମରେ ରେନ୍‌ବୋ କ୍ରିକେଟ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ୩୦ତମ ବାର୍ଷିକ ଟୁର୍ନାମେଣ୍ଟର ତୃତୀୟ ଲିଗ୍ ମ୍ୟାଚ ଭୁବନେଶ୍ୱର ଆଇଆର୍‌ସି ଭିଲେଜର ସୁଧାନଗର ଏବଂ ଏଲ୍‌ସିସି ଡମଣଗାଡ଼ିଆ ମଧ୍ୟରେ ମ୍ୟାଚ ହୋଇଥିଲା। ଟସ୍ ଜିତି ସୁଧାନଗର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୨୪୮ ରନ ସଂଗ୍ରହ କରିଥିଲା। ଜବାବରେ ଡମଣଗାଡିଆ ଟିମ୍ ୧୮ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୯୧ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ସୁଧାନଗର ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସୁଧାନଗର ଟିମ୍‌ର ସତ୍ୟବ୍ରତ ସାହୁ ୬୩ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କୃତ ହୋଇଥିଲେ। ସୁଧୀର ସାମନ୍ତରାୟ ଓ ଏମ୍‌ଡି ସୁଲେମାନ ମ୍ୟାଚ ପରିଚାଳନା କରିଥିଲେ। ଖୁକୁ ପାଇକରାୟ ଏବଂ ସୌମ୍ୟଜିତ ରାଉତରାୟ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# କଳା, ସଂସ୍କୃତି ସମ୍ପର୍କ ଯୋଡ଼ିଥାଏ

**ଖୋର୍ଦ୍ଧା ମହୋତ୍ସବର ୩ୟ ସନ୍ଧ୍ୟା**


ଖୋର୍ଦ୍ଧା ମହୋତ୍ସବର ୩ୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ଖୋର୍ଦ୍ଧା, ୧୭।୧୨ (ପ୍ରଭାତ ପାଣିଗ୍ରାହୀ)

ସାମାଜିକ ଅନୁଷ୍ଠାନ ନିୟୁ ଥିଙ୍କିଂ ଫୋରମ୍ ପକ୍ଷରୁ ହାବେଳି ପଡ଼ିଆରେ ଆୟୋଜିତ ଖୋର୍ଦ୍ଧା ମହୋତ୍ସବ ରୌପ୍ୟ ଜୟନ୍ତୀ ସମାରୋହର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, କଳା, ସଂସ୍କୃତି ଜିଲାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ। ଖୋର୍ଦ୍ଧାର ଏକ ଗୌରବମୟ ଇତିହାସ ରହିଛି। ଏହି ଜିଲା କଳା ସଂସ୍କୃତିରେ ପରିପୂର୍ଣ୍ଣ। ପାଇକ ବିଦ୍ରୋହ ବୀରତ୍ୱ ଗାଥାକୁ ଯୁବସମାଜ ଜାଣନ୍ତୁ। ଇତିହାସକୁ ଜାଣିଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି କହିଥିଲେ। ଆୟୋଜକ କମିଟି ସଭାପତି ଡ. ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ତୃତୀୟ ସନ୍ଧ୍ୟାରେ ଗୌରୀଶଙ୍କର ତ୍ରିପାଠୀ, ମୁଖ୍ୟ ସଂଯୋଜକ ନିକୁଞ୍ଜ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକାରୀ ସଭାପତି ଡ.ସଞ୍ଜୟ ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ଭୂମିକା ଏବଂ ପାଇକ ବିଦ୍ରୋହର ସ୍ମୃତିକୁ ମନେପକାଇ ଦେଶଭକ୍ତିର ବାର୍ତ୍ତା ଦେଇଥିଲେ। ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଉପସ୍ଥିତ ଥିଲେ। ଶୀତୁଆ ସନ୍ଧ୍ୟାରେ କଳାକାରଙ୍କ ଚିତ୍ତାକର୍ଷକ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ନୃତ୍ୟାୟନ, ବ୍ଲାକ ସ୍ୱାଇଡର ଡ୍ୟାନ୍ସ ଗ୍ରୁପ, ଡିଭାଇନ ଡ୍ୟାନ୍ସ ଗ୍ରୁପ, ଷ୍ଟାର ସ୍କୁଲ, ଶ୍ରୀହରି ନୃତ୍ୟ ମନ୍ଦିର, ଆଦିଶକ୍ତି ଡ୍ୟାନ୍ସ ଏକାଡେମୀ, ବନଦୁର୍ଗା ଡ୍ୟାନ୍ସ ଗ୍ରୁପଙ୍କ ସମେତ ଅନ୍ୟ ନୃତ୍ୟ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ଲୋକନୃତ୍ୟ ପରିବେଷଣ କରିଥିଲେ। ପ୍ଲାବନ ପଟ୍ଟନାୟକ, ପ୍ରଫୁଲ୍ଲ ସାମନ୍ତରାୟ, ବିମଳ ସାମନ୍ତରାୟ, ରଞ୍ଜନ ସେଠୀ, ପବିତ୍ର ନାୟକ, ଗୀତାଞ୍ଜଳି ସାହୁ ପ୍ରମୁଖ ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ। ସଞ୍ଜ ନଇଁଲେ ମହୋତ୍ସବ ପଡିଆ ଲୋକାରଣ୍ୟ ହୋଇପଡୁଛି। ମୀନାବଜାର, ରାମଦୋଳିର ମଜା ନେବା ସହ ଫୁଡଷ୍ଟଲରେ ଗ୍ରାହକଙ୍କ ଭିଡ଼ ଜମୁଛି। ପିଲାମାନେ ଡ୍ରାଗନ, ଏରୋପ୍ଲେନ ଗାଡ଼ିରେ ବସି ମଜା ନେଉଛନ୍ତି। ସେପଟେ ଘରକରଣା ସାମଗ୍ରୀ ଦୋକାନ ଆଗରେ ମହିଳାଙ୍କ ଭିଡ ଜମୁଛି। ଶୀତ ବଢ଼ିବା ସହ ଲୋକଙ୍କ ସମାଗମ ମହୋତ୍ସବର ଶୋଭାକୁ ଦ୍ୱିଗଣିତ କରୁଛି।


ଖୋର୍ଦ୍ଧା ମହୋତ୍ସବର ୩ୟ ସନ୍ଧ୍ୟାରେ କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ସତର୍କ, ସଚେତନ ହେଲେ ଡିଜିଟାଲ ଠକେଇ ରୋକିହେବ

ବେଗୁନିଆ, ୧୭।୧୨ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ମଙ୍ଗଳବାର ଡିଜିଟାଲ ଠକେଇ ସମ୍ପର୍କିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ଆଭିମୁଖ୍ୟକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ବେଗୁନିଆ ଆକ୍ସିସ ବ୍ୟାଙ୍କ ଶାଖା ପକ୍ଷରୁ ଏହି ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜକ ବ୍ୟାଙ୍କ ଶାଖା ପରିଚାଳକ ପରିଜାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଡିଓ ଲକ୍ଷ୍ମୀଧର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଫାଇନାନ୍ସ ଅଫିସର ସୂର୍ଯ୍ୟ ନାରାୟଣ ଗୌଡ଼ ଏବଂ ବିଭିନ୍ନ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ବ୍ଲକ ଅଞ୍ଚଳର ବ୍ୟାଙ୍କମିତ୍ର, ମହିଳା ଏବଂ ସାମାଜିକ କର୍ମୀମାନେ ସଭାରେ ଉପସ୍ଥିତ ରହି ଡିଜିଟାଲ ଠକେଇ ସମ୍ପର୍କରେ ସଚେତନ ହୋଇଥିଲେ। ଅନ୍‌ଲାଇନ କିମ୍ବା ଡିଜିଟାଲ ପେମେଣ୍ଟ ଦ୍ୱାରା ଅନେକ ଲୋକ ଠକାମିର ଶିକାର ହେଉଛନ୍ତି। ଦେଶରେ ବ୍ୟାଙ୍କ ଠକେଇ ବଢୁଥିବା ଯୋଗୁ ଭାରତ ସରକାର ନିଜର ଡିଜିଟାଲ କରେନ୍ସି ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଆର୍‌ବିଆଇ ମଧ୍ୟ ଡିଜିଟାଲ କରେନ୍ସିର ବ୍ୟବହାର ଏବଂ ଏହାର ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛି। ଏହା ଦ୍ୱାରା ବ୍ୟାଙ୍କ ଠକେଇ ଏବଂ ଋଣ ଦେବା ପ୍ରକ୍ରିୟାରେ ବ୍ୟାପକ ସ୍ୱଚ୍ଛତା ଆସିବ। ସେହିପରି ଟ୍ରାଞ୍ଜାକ୍ସନ, ୟୁପିଆଇ, ଗୁପ୍ତ ପିନ୍ ନମ୍ବର, ଓଟିପି ବ୍ୟବସ୍ଥା ଉପରେ ଉପଭୋକ୍ତା ଏବଂ ବ୍ୟବସାୟୀମାନେ ସତର୍କ ରହିବା ଜରୁରୀ ବୋଲି ଅତିଥି ସାହୁ ମତବ୍ୟକ୍ତ କରିଥିଲେ।


ସଚେତନତା ସଭାରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# ଖଣ୍ଡିଆବନ୍ଧ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ

**୩୦ ଏକରରୁ ଉର୍ଦ୍ଧ୍ୱ ଜମି ଜଳସେଚିତ ହେବ**

ବେଗୁନିଆ, ୧୭।୧୨ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରେଣା ଗ୍ରାମରେ ଥିବା ଖଣ୍ଡିଆବନ୍ଧ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଚାଷୀମାନେ ଦୀର୍ଘ ୩୦ବର୍ଷ ହେବ ଦାବି କରିଆସୁଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ତେବେ ସ୍ଥାନୀୟ ଅଣୁ ଜଳ ବିଭାଜିକା କମିଟି ଏବଂ ଗ୍ରାମବାସୀଙ୍କ ପ୍ରସ୍ତାବ ଅନୁଯାୟୀ ଚାଷୀଙ୍କ ଉନ୍ନତି ପାଇଁ ସରକାର ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା (ପିଏମ୍‌କେଏସ୍‌ୱାଇ)ରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଏହି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିଛନ୍ତି। ଫଳରେ ଚାଷୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବର୍ତ୍ତମାନ ପରିସ୍ଥିତିରେ ଭୂତଳ ଜଳର ବ୍ୟାପକ ବ୍ୟବହାର ଏବଂ ବର୍ଷାର ଅନିୟମିତତା ଯୋଗୁ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ତେଣୁ ବୋହି ଯାଉଥିବା ବର୍ଷାଜଳକୁ ଆଡ଼ିବନ୍ଧ ଦ୍ୱାରା ସଂରକ୍ଷଣ କରାଯାଇ ଭୂତଳ ଜଳସ୍ତର ବୃଦ୍ଧି କରିବା ଏବଂ ବର୍ଷା ଦ୍ୱାରା ଧୋଇ ହୋଇ ଯାଉଥିବା ଉର୍ବର ମୃତ୍ତିକାକୁ ଏହି ପ୍ରକଳ୍ପ ମାଧ୍ୟମରେ ସଂରକ୍ଷଣ କରାଯାଇପାରିବ ବୋଲି ଚାଷୀମାନେ କହିଛନ୍ତି। ଏହି ପ୍ରକଳ୍ପର ବ୍ୟୟ ଅଟକଳ ୧୨,୨୭,୫୫୦ ଟଙ୍କା ଥିବାବେଳେ ବଡ଼ବେରେଣା ଏବଂ ସିମୋର ପଞ୍ଚାୟତର କଣ୍ଟାମଲିମ ଗ୍ରାମର ୭୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ପ୍ରାୟ ୩୦ ଏକରରୁ ଉର୍ଦ୍ଧ୍ୱ ଜମି ଜଳସେଚିତ ହେବା ସହିତ ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବ ବୋଲି ସରପଞ୍ଚ ଅସିତ କୁମାର ତ୍ରିପାଠୀ କହିଛନ୍ତି।

# ଏ୧ଗ୍ରେଡ୍ ଆଶାୟୀଙ୍କ ସଫଳତା ପାଇଁ ସ୍ୱତନ୍ତ୍ର ଶିକ୍ଷାଦାନ

ବୋଲଗଡ଼, ୧୭।୧୨ (ଦେବବ୍ରତ ହୋତା)

ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କ ପ୍ରସ୍ତାବ ଅନୁଯାୟୀ ବ୍ଲକ ଅନ୍ତର୍ଗତ ୨୮ଟି ମାଧ୍ୟମିକ ବିଦ୍ୟାଳୟକୁ ବୋଲଗଡ଼, ବାଙ୍କୋଇ ଏବଂ ପିତୁକୁଳି ଜୋନରେ ବିଭକ୍ତ କରାଯିବା ସହ ଏଥି ଅନ୍ତର୍ଗତ ଏ୧ ଆଶାୟୀ ବିଦ୍ୟାର୍ଥୀଙ୍କୁ ରିସୋର୍ସ ଟିଚରଙ୍କ ଦ୍ୱାରା ସ୍ୱତନ୍ତ୍ର ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ସେହି କ୍ରମରେ ମଙ୍ଗଳବାର ଆସନ୍ତା ମାଟ୍ରିକ୍ ପରୀକ୍ଷାରେ ଏ୧ ଗ୍ରେଡ ପାଇଁ ଆଶାୟୀ ବିଦ୍ୟାର୍ଥୀଙ୍କୁ ପ୍ରଥମ ଦୁଇଟି ଜୋନର ପିଲାଙ୍କୁ ଯଥାକ୍ରମେ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ବାଙ୍କୋଇରେ ପ୍ରଧାନ ଶିକ୍ଷକ ବଦ୍ଧୁଲ ହାସନ ଖାଁଙ୍କ ତତ୍ତ୍ୱାବଧାନରେ ରିସୋର୍ସ ପର୍ସନଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥିଲା। ବୋଲଗଡ଼ ଜୋନର ୩୮ ପିଲାଙ୍କୁ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ ଟାଙ୍ଗୀସାହି ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ସାହିତ୍ୟ, ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଇଂଲିଶ୍ ଏବଂ ପୀତବାସ ଲେଙ୍କା ଗଣିତ ଶିକ୍ଷାଦାନ କରିଥିଲେ। ବାଙ୍କୋଇ ଜୋନର ୪୪ ଜଣ ବିଦ୍ୟାର୍ଥୀଙ୍କୁ ସରକାରୀ ଉଚ୍ଚ ବିଦ୍ୟାଳୟ ବାଙ୍କୋଇର ଶିକ୍ଷୟିତ୍ରୀ ନୀଳିମାରାଣୀ ସେଠୀ ସାହିତ୍ୟ, ଶିକ୍ଷକ ଶୁଭେନ୍ଦୁ କୁମାର ସ୍ୱାଇଁ ଗଣିତ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଗରଗୁଆଁର ଶିକ୍ଷକ ରସାନନ୍ଦ ପାତ୍ର ଇଂଲିଶ୍ ପଢ଼ାଇଥିଲେ।

# ୫ ରେଲ୍‌ୱେ କର୍ମଚାରୀ ପୁରସ୍କୃତ

ଜଟଣୀ, ୧୭।୧୨ (ରବୀନ୍ଦ୍ରନାଥ ମହାକୁଡ଼)



କର୍ମକ୍ଷେତ୍ରରେ ସଜାଗ ଏବଂ ସତର୍କତା ସହ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ଉପରେ ପ୍ରଗାଢ଼ ଜ୍ଞାନ ଥିବା ପାଞ୍ଚ ଜଣ ରେଲ୍‌ୱେ କର୍ମଚାରୀଙ୍କୁ ସୋମବାର ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା ପୁରସ୍କୃତ କରିଛନ୍ତି। ପୁରସ୍କୃତ ରେଲ୍‌ୱେ କର୍ମଚାରୀମାନେ ହେଲେ କଟକର ଗେଟ୍‌ମ୍ୟାନ ସୁଧାଂଶୁ ଶେଖର ପ୍ରଧାନ ଏବଂ ବିଦ୍ୟୁତ୍ ବିଭାଗ ଜୁନିୟର ଇଞ୍ଜିନିୟର ସନାତନ ବେହେରା, ହରିଚନ୍ଦନପୁରର ଟ୍ରାକ୍ ମେଣ୍ଟେନର ମଧୁସୂଦନ ଧୀବର, ଭଦ୍ରକ ୱେଲ୍ଡର ସ୍ମୃତିରଞ୍ଜନ ଦାସ ଏବଂ ଟେକ୍ନିସିଆନ ବୀରେନ୍ଦ୍ର ସିଂ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋ ନାରାୟଣ ମୀନା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଅନ୍ତର୍ନିହିତ ପ୍ରତିଭା ବିକାଶ କରେ ପ୍ରତିଯୋଗିତା


ବ୍ଲକସ୍ତରୀୟ ଶିଶୁ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ, ୧୭।୧୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋପୀନାଥ ଦେବ ବିଦ୍ୟାପୀଠ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ କୃଷ୍ଣପ୍ରସାଦ ଜୋନ୍ ପକ୍ଷରୁ ୪୧ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଦୀପକ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଓଷ୍ଟା ଜୋନ୍ ସଭାପତି କାଶୀନାଥ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତାଭାବେ ସର୍ବଭାରତୀୟ ଶିକ୍ଷକ ସଂଘ କୋଷାଧ୍ୟକ୍ଷ ପ୍ରକାଶ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ରାଜ୍ୟ ଓଷ୍ଟା ଉପସଭାପତି ପବିତ୍ର କୁମାର ଦାସ, ପୂର୍ବତନ ସରପଞ୍ଚ ନବୀନ କୁମାର ଜେନା, ଦାମୋଦର ଜେନା, ପ୍ରଧାନଶିକ୍ଷକ ସୀମାଞ୍ଚଳ ସାହୁ, ଜିଲା କାର୍ଯ୍ୟକାରୀ ସଦସ୍ୟ ବିଭୁ ନାରାୟଣ ଜେନା, କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ପ୍ରମୋଦ କୁମାର ସାହୁ, ବ୍ଲକ ଓଷ୍ଟା ଜୋନ ସମ୍ପାଦକ ତଥା ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସନାତନ ତରେଇ, କୋଷାଧ୍ୟକ୍ଷ ଶଙ୍କର୍ଷଣ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଧୁ ଚରଣ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜିତ ଉତ୍ସବରେ ୪୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ଅକ୍ଷୟ କୁମାର ସାମନ୍ତସିଂହାର ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତି ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ଟିଆରଡବ୍ଲ୍ୟୁ ବିଦ୍ୟାଳୟ କୋଣାର୍କଠାରେ ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ଉତ୍ସବରେ ଭାଗନେବେ ବୋଲି କୃଷ୍ଣପ୍ରସାଦ ଓଷ୍ଟା ଜୋନ ସଭାପତି କାଶୀନାଥ ଜେନା କହିଛନ୍ତି। ଶେଷରେ ପ୍ରଧାନଶିକ୍ଷକ ରଞ୍ଜନ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଭାଜପା ପକ୍ଷରୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର


ଦାବିପତ୍ର ଦେବାକୁ ଆସିଥିବା ଜଟଣୀ ନଗର ଭାଜପା କର୍ମକର୍ତ୍ତା।

ଜଟଣୀ, ୧୭।୧୨ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ନଗର ଭାଜପା ପକ୍ଷରୁ ମଙ୍ଗଳବାର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜଟଣୀ ସହରରେ ସହରବାସୀଙ୍କ ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଉଦ୍ୟାନ, ପାଠାଗାର, ଭେଣ୍ଡିଂଜୋନ୍, ପୋଖରୀ ଏବଂ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉକ୍ତ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇ ରହିଥିବାରୁ ଲୋକେ ବ୍ୟବହାର କରିପାରୁ ନ ଥିବା ଭାଜପା ସଦସ୍ୟ ରବୀନ୍ଦ୍ର ବେହେରା କହିଥିବା ବେଳେ ଉକ୍ତ ପ୍ରକଳ୍ପଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବା ପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ପରେଶ କୁମାର ପଟ୍ଟନାୟକ, ବିବେକ ପଟ୍ଟନାୟକ, ରଙ୍କନିଧି ମୁଦୁଲି, ରାଜେନ୍ଦ୍ର ମୁଦୁଲି, ଯୋଗେନ୍ଦ୍ର ନାୟକ, ରବୀନ୍ଦ୍ର କୁଣ୍ଡୁ, ଆର୍.କେ. ରଣସିଂ, ସାବିତ୍ରୀ ଦାସ, ନିରୁପମା କର, କନକ ମଞ୍ଜରୀ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ପଣ୍ଡୁସର କ୍ରିକେଟ୍ କ୍ଲବ ବିଜୟୀ



ବୋଲଗଡ଼, ୧୭।୧୨ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆରେ ଅନୁଷ୍ଠିତ ଚତୁର୍ଦ୍ଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ଲିଗ୍ ମ୍ୟାଚ୍ ମଙ୍ଗଳବାର ପଣ୍ଡୁସର କ୍ରିକେଟ କ୍ଲବ ଏବଂ ବ୍ରଜରାଜପୁର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ପଣ୍ଡୁସର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୩ରନ ସଂଗ୍ରହ କରିଥିଲା। ଜବାବରେ ବ୍ରଜରାଜପୁର ଟିମ୍ ୭.୩ ଓଭରରେ ୪ ଉଇକେଟ ବିନିମୟରେ ଆବଶ୍ୟକ ୫୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଲକ୍ଷ୍ମୀଧର ପ୍ରଧାନ ଏବଂ ଦିଲୀପ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସ୍ଥାନୀୟ ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ ସଭାପତି ନିରଞ୍ଜନ ନାୟକଙ୍କ ସମେତ ସଦସ୍ୟ ବିଜୁ, ଆକୁଳ, କୁନୁ, ତ୍ରିନାଥ, ଲିଙ୍କୁନ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ଖଣ୍ଡପଡ଼ା ଏବଂ ବାଘେଇ ଗ୍ରାମ୍ୟ ଦଳ ମଧ୍ୟରେ ମ୍ୟାଚ୍ ହେବ ବୋଲି ମୁଖ୍ୟ ପରିଚାଳକ ଶାନ୍ତନୁ ଛୋଟରାୟ କହିଛନ୍ତି।

# ତରାପିକୁ ହରାଇ ପାଇକତିଗିରିଆ ଚାମ୍ପିୟନ

**ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଟାଙ୍ଗୀ, ୧୭।୧୨ (ରଘୁନାଥ ସାହୁ)

ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ବେଲେଶ୍ୱର ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ତରାପି ଫୁଟ୍‌ବଲ କ୍ଲବକୁ ୩-୦ ଗୋଲରେ ହରାଇ ପାଇକ ତିଗିରିଆ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଶରତ ଛୋଟରାୟ, ବିପିନ ସାମନ୍ତରାୟ ଏବଂ ସୁକାନ୍ତ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ କୈବର୍ତ୍ତ ମହାସଂଘର ସାଧାରଣ ସମ୍ପାଦକ ଦିଲୀପ କୁମାର ବେହେରା, ସାମାଜିକ କର୍ମୀ ଜୟକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ବଉଳାବନ୍ଧ ବେଲେଶ୍ୱର ଫୁଟ୍‌ବଲ ଆସୋସିଏଶନ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# ଫାଇନାଲରେ ଫ୍ରେଣ୍ଡ୍‌ସ ପାରାଡାଇଜ୍



ଯାଁଳା, ୧୭।୧୨ (ବୁଲା ବାରିକ)

ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଫ୍ରେଣ୍ଡ୍‌ସ ପାରାଡାଇଜ୍ ଜଟଣୀ ଟିମ୍ ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ରାଧାଚରଣପୁର ଖେଳପଡ଼ିଆରେ ମଙ୍ଗଳବାର ଉତ୍କଳ ସ୍ପୋର୍ଟିଂ ଏବଂ ଫ୍ରେଣ୍ଡ୍‌ସ ପାରାଡାଇଜ୍ ଜଟଣୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧର ୨୦ ମିନିଟରେ ଉତ୍କଳ ସ୍ପୋର୍ଟିଂ ଟିମ୍‌ର ସୁଧାଂଶୁ ଶେଖର ରାୟ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୫୧ ମିନିଟରେ ଫ୍ରେଣ୍ଡ୍‌ସ ପାରାଡାଇଜ୍ ଟିମ୍‌ର ସୁନୀଲ ମୁର୍ମୁ ପେନାଲ୍‌ଟିରେ ଏକ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାକୁ ଆଉ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୭-୬ ଗୋଲରେ ଫ୍ରେଣ୍ଡ୍‌ସ ପାରାଡାଇଜ୍ ଟିମ୍ ବିଜୟୀ ହୋଇଥିଲା। ରାଜୁ ମହାନ୍ତି, ବିଦେଶୀ ନାୟକ, ଗିରିଶ ଜାନି ଏବଂ ଆନନ୍ଦ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ସଂଘର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜକ ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘ ଏବଂ ପପୁଲାର କ୍ଲବ ଢେଙ୍କାନାଳ ଟିମ୍ ମଧ୍ୟରେ ମ୍ୟାଚ୍ ହେବ।



**ବିଦାୟ ନେଉଛି ବର୍ଷ ୨୦୨୪। ବାର ମାସରେ ବିଶ୍ୱ ଦେଖିଥିଲା ବହୁ ବୈଚିତ୍ର୍ୟମୟ ଘଟଣା। ଭାରତକୁ ମିଳିଥିଲା ପ୍ରଥମ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଚାଳିତ ମା'। ବୟସ ଆଗରେ ହାର୍ ନ ମାନି ଦୁଇ ମଡେଲ ଚୋଇ ସୁନ୍-ହ୍ୱା ଓ ଆଲେଜାଣ୍ଡ୍ରା ଯଥାକ୍ରମେ ମିସ୍ ୟୁନିଭର୍ସ କୋରିଆ ଓ ମିସ୍ ୟୁନିଭର୍ସ ବୁଏନ୍ସ ଏୟାର୍ସ ପ୍ରତିଯୋଗିତାରେ ଉତ୍କର୍ଷ ଦେଖାଇ ସମସ୍ତଙ୍କୁ ବିସ୍ମିତ କରିଥିଲେ। ସମୁଦ୍ରର ଗଭୀର ଜଳରାଶି ତଳେ ସାଉଦି ପ୍ରେମୀଯୁଗଳ ବିବାହ କରି ଦାମ୍ପତ୍ୟ ଜୀବନର ଶୁଭାରମ୍ଭ କରିଥିଲେ। ସୁଇଡେନ ମନ୍ତ୍ରୀ ପୌଲିନା ବ୍ରାଣ୍ଡବର୍ଗଙ୍କ ବିଚିତ୍ର କଦଳୀ ଫୋବିଆ ମଧ କୌତୂହଳ ସୃଷ୍ଟି କରିଥିଲା। ସେହିପରି ଲେସନ୍ ଅଲବାଟ୍ରସ୍ ଜାତୀୟ ୱିଜ୍‌ଡମ ପକ୍ଷୀ ୭୪ ବର୍ଷ ବୟସରେ ଅଣ୍ଡା ଦେଇ ପରିବେଶବିତ ଓ ବନ୍ୟପ୍ରାଣୀ ଗବେଷକଙ୍କୁ ଚକିତ କରିଥିଲା । ଗୁଜରାଟର କୋଟିପତି ଭଣ୍ଡାରୀ ଦମ୍ପତି ନିଜ ବିଳାସପୂର୍ଣ୍ଣ ଜୀବନଶୈଳୀରୁ ଦୂରେଇ ଆଧାତ୍ମିକ ପନ୍ଥା ଆପଣାଇବା ଓ ଦିଲ୍ଲୀରେ ଗ୍ୟାଙ୍ଗଷ୍ଟର-ଲେଡି ଡନ୍ ବିବାହ ମଧ୍ୟ ଏହି ବିଦାୟୀ ବର୍ଷର ଖବର ଶିରୋନାମାରେ ରହି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।**

# ଭାରତର ପ୍ରଥମ ଏଆଇ ମା'

ବିଦାୟୀ ବର୍ଷରେ ଭାରତର ପ୍ରଥମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଚାଳିତ ମା' କାବ୍ୟା ମେହେରାଙ୍କୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଥିଲା। ଭର୍ଚୁଆଲ ଇନ୍‌ଫ୍ଲୁଏନ୍ସର ଭାବେ କାବ୍ୟା ଇନ୍‌ଷ୍ଟାଗ୍ରାମରେ ଭିଡିଓ ପୋଷ୍ଟ କରି ବେଶ୍ ଭାଇରାଲ ହୋଇଥିଲେ। କାବ୍ୟାଙ୍କୁ ବିକଶିତ କରିଥିବା ସେଲିବ୍ରିଟି ମ୍ୟାନେଜମେଣ୍ଟ ସଂସ୍ଥା 'କଲେକ୍ଟିଭ୍ ଆର୍ଟିଷ୍ଟ ନେଟ୍‌ୱର୍କ' ତାଙ୍କୁ ଦେଶର ପ୍ରଥମ ଏଆଇ ଚାଳିତ ମା'ବୋଲି ଦାବି କରିଥିଲା। ଏକ ଭିଡିଓର କ୍ୟାପ୍‌ଶନ୍‌ରେ କାବ୍ୟା ଲେଖିଥିଲେ ପିଲାଙ୍କ ପାଇଁ ରଣନୀତି ପ୍ରସ୍ତୁତ କରିବାଠାରୁ ଆରମ୍ଭକରି ଭୋଜନ ପାଇଁ ଯୋଜନା କରିବା ପର୍ଯ୍ୟନ୍ତ ସବୁଥିରେ ସେ ପାରଙ୍ଗମ। 'କଲେକ୍ଟିଭ୍ ଆର୍ଟିଷ୍ଟ ନେଟ୍‌ୱର୍କ'ର କହିବା ଅନୁଯାୟୀ, କାବ୍ୟାଙ୍କର ବ୍ୟକ୍ତିତ୍ୱ ବାସ୍ତବ ଜୀବନରେ ପ୍ରକୃତ ମା'ମାନଙ୍କର ରହିଥିବା ଅନୁଭୂତି ଉପରେ ନିର୍ମିତ। କାବ୍ୟା ଇନ୍‌ଷ୍ଟାଗ୍ରାମରେ ତାଙ୍କ ଫଲୋଅର୍ସମାନଙ୍କ ସହ ମାତୃତ୍ୱକୁ ନେଇ ନିଜର ଆଧୁନିକ ଦୃଷ୍ଟିକୋଣକୁ ବାଣ୍ଟିଥାନ୍ତି। ସେହିପରି ସେ ରୋଷେଇ, ପେଣ୍ଟିଂ, ସ୍କିନ୍ କେୟାର ଭଳି ବିଭିନ୍ନ କାର୍ଯ୍ୟରେ ନିପୁଣ ଥିବା ନେଇ ନିଜ ଫଲୋଅର୍ସମାନଙ୍କୁ କହିଛନ୍ତି। କାବ୍ୟା କୁହନ୍ତି, ମା'ମାନେ ସର୍ବଦା ଭାବପ୍ରବଣ ହୋଇ ପିଲାଙ୍କ ପାଇଁ ଠିଆ ହୋଇଥାଆନ୍ତି। ଏହାଦ୍ୱାରା ମା'ଙ୍କ ସହ ରହି ପିଲାମାନେ ସବୁଠୁ ସୁରକ୍ଷିତ ସ୍ଥାନରେ ଥିବା ପରି ଅନୁଭବ କରନ୍ତି।

## ସମୁଦ୍ରରେ ବିବାହ

ଅକ୍ଟୋବରରେ ହାସନ୍ ଅବୁ ଅଲ୍-ଓଲା ଏବଂ ତାଙ୍କ ପ୍ରେମିକା ୟାସ୍ମିନ ଦପ୍ତରଦାର ସାଉଦି ଆରବର ଜେଦ୍ଦାହ ନିକଟସ୍ଥ ଲୋହିତ ସାଗରର ଅତଳ ଜଳରେ ବାହା ହୋଇ ଇତିହାସ ରଚିଥିଲେ। ସାଉଦି ଉପକୂଳସ୍ଥିତ ଲୋହିତ ସାଗର ମଧ୍ୟରେ କୌଣସି ପ୍ରେମୀ ଯୁଗଳ ବିବାହ କରିବାରେ ଏହା ପ୍ରଥମ ଘଟଣା ଥିଲା। ଉଭୟେ ହାସନ୍



ଓ ୟାସ୍ମିନ ପ୍ରଫେସ୍‌ନାଲ ଡାଇଭର ହୋଇଥିବାବେଳେ ସେମାନେ କ୍ୟାପଟେନ ଫୈସଲ ଫ୍ଲେମ୍ବନଙ୍କ ନେତୃତ୍ୱରେ ଡାଇଭିଙ୍ଗ ଗ୍ରୁପ 'ସାଉଦି ଡାଇଭର୍ସ' ସହାୟତାରେ ଭୂପୃଷ୍ଠ ପରିବର୍ତ୍ତେ ପାଣି ଭିତରେ ପରସ୍ପରକୁ ଜୀବନସାଥୀ କରିବାର ସ୍ୱପ୍ନ ପୂରଣ କରିଥିଲେ। ଏହି ବିବାହ ପାଇଁ 'ସାଉଦି ଡାଇଭର୍ସ' ଗ୍ରୁପ ପକ୍ଷରୁ ନବ ଦମ୍ପତିଙ୍କୁ ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଥିଲା।



## ୭ ହଜାର ଫୁଟ ଉଚ୍ଚରୁ ଡେଇଁ ଜନ୍ମଦିନ ପାଳିଲେ ୧୦୨ ବର୍ଷୀୟା

ସେପ୍ଟେମ୍ବରରେ ବ୍ରିଟେନ୍‌ର ମାନେଟ୍ ବେଲି ୧୦୨ତମ ଜନ୍ମ ଦିବସକୁ ଏକ ସ୍ୱତନ୍ତ୍ର ଉପାୟରେ ପାଳନ କରିଥିଲେ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ମାନେଟ୍ ୭ ହଜାର ଫୁଟ ଉଚ୍ଚରୁ ସ୍କାଏ ଡାଇଭ୍ କରିବା ସହ ନିଜ ଜନ୍ମଦିନ ପାଳନ କରିଥିଲେ । ଏପରି କରି ସେ ବ୍ରିଟେନର ସବୁଠାରୁ ବୟସ୍କା ସ୍କାଏ ଡାଇଭର ହୋଇପାରିଥିଲେ। ସେ ଅନାୟାସରେ ସ୍କାଏ ଡାଇଭିଂ କରି ଏହି ଆହ୍ୱାନପୂର୍ଣ୍ଣ କାର୍ଯ୍ୟକୁ ଉପଭୋଗ କରୁଥିଲେ। ମାନେଟ୍ ଏହି ଅନୁଭୂତିକୁ ବଖାଣି କହିଥିଲେ, ସ୍କାଏ ଡାଇଭ୍ କରିବା ସମୟରେ ତାଙ୍କୁ ସବୁକିଛି ଅସ୍ପଷ୍ଟ ଦେଖା ଯାଉଥିଲା। ତେଣୁ ସେ ଆଖିକୁ ବନ୍ଦ କରି ଉକ୍ତ ମୁହୂର୍ତ୍ତକୁ କେବଳ ଅନୁଭବ କରିଥିଲେ।

## ୨୦୦ କୋଟିର ସମ୍ପତ୍ତି ଦାନ କରି ସନ୍ନ୍ୟାସୀ

ଏପ୍ରିଲରେ ଗୁଜରାଟର ସାବରକାଣ୍ଠା ଜିଲା ହିମ୍ମତ ନଗର ଅଞ୍ଚଳର କୋଟିପତି ବ୍ୟବସାୟୀ ଭବେଶ ଭଣ୍ଡାରୀ ଓ ତାଙ୍କ ସ୍ତ୍ରୀ ଜିନଲ ସମସ୍ତ ସାଂସାରିକ ମୋହକୁ ତ୍ୟାଗକରି ୨୦୦ କୋଟି ଟଙ୍କାର ସମ୍ପତ୍ତି ଦାନ କରିଥିଲେ। ଏହାସହ ଭବେଶ ଓ ଜିନଲ ଜୈନ ଧର୍ମର ସନ୍ନ୍ୟାସୀ ଦୀକ୍ଷା ଗ୍ରହଣ କରିଥିଲେ। ୨ ବର୍ଷ ତଳେ ଏହି କୋଟିପତି ଦମ୍ପତିଙ୍କର ଝିଅ(୧୯) ଓ ପୁଅ(୧୬) ମଧ ସନ୍ନ୍ୟାସୀ ଦୀକ୍ଷା ନେଇଥିଲେ। ତେଣୁ ଭବେଶ ଓ ଜିନଲଙ୍କର ମଧ ସାଂସାରିକ ଜୀବନରୁ ମୋହ ଭଙ୍ଗ ଘଟିଥିଲା। ସେମାନେ ସନ୍ନ୍ୟାସୀ ଭାବେ ସରଳ ଓ ସଂଯମତାର ସହ ନିଜର ପରବର୍ତ୍ତୀ ଜୀବନ ଅତିବାହିତ କରିବାକୁ ନିଷ୍ପତ୍ତି ନେଇଥିଲେ।



## ୬୦ ବର୍ଷ ବୟସରେ ମିସ୍ ୟୁନିଭର୍ସ

ଆର୍ଜେଣ୍ଟିନାର ୬୦ ବର୍ଷୀୟା ଆଲେଜାଣ୍ଡ୍ରା ମାରିଶା ରୋଡ୍ରିଗ୍ୟୁଜ୍ ଏପ୍ରିଲରେ ମିସ୍ ୟୁନିଭର୍ସ ବୁଏନ୍ସ ଏୟାର୍ସ ଟାଇଟଲ ଜିତି ଇତିହାସ ରଚିଥିଲେ। ଫାଇନାଲରେ ୩୪ ଜଣ ପ୍ରତିଯୋଗୀଙ୍କୁ ପରାସ୍ତ କରି ସେ ମିସ୍ ୟୁନିଭର୍ସ ବୁଏନ୍ସ ଏୟାର୍ସର କ୍ରାଉନ ପିନ୍ଧିଥିଲେ। ଏତେ ବୟସ୍କ କୌଣସି ମହିଳା ପୂର୍ବରୁ ଏହି କୃତିତ୍ୱ ହାସଲ କରି ନ ଥିବାରୁ ଆଲେଜାଣ୍ଡ୍ରାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଥିଲା।




## ଗ୍ୟାଙ୍ଗଷ୍ଟର-ଲେଡି ଡନ୍ ବିବାହ

ଗ୍ୟାଙ୍ଗଷ୍ଟର କାଲା ଜାଠେଡ଼ି ଓରଫ ସନ୍ଦୀପ ତାଙ୍କ ଦୀର୍ଘଦିନର ବାନ୍ଧବୀ ଅନୁରାଧା ଚୌଧୁରୀଙ୍କୁ ଦିଲ୍ଲୀର ଦ୍ୱାରକା ସେକ୍ଟର-୩ ନିକଟସ୍ଥ ସନ୍ତୋଷ ଗାର୍ଡେନଠାରେ ମାର୍ଚ୍ଚ ୧୧ରେ ବିବାହ କରିଥିଲେ। 'ଲେଡିଡନ୍ ମାଡାମ' ଭାବେ ପରିଚିତ ଅନୁରାଧାଙ୍କୁ ଜୀବନସାଥୀ କରିବା ପାଇଁ ଆୟୋଜିତ ଏହି ବିବାହ ଉତ୍ସବରେ ଯୋଗ ଦେବା ଲାଗି ସନ୍ଦୀପଙ୍କୁ ଦିଲ୍ଲୀର ସ୍ୱତନ୍ତ୍ର କୋର୍ଟ ୬ ଘଣ୍ଟିଆ ପାରୋଲର ଅନୁମତି ଦେଇଥିଲେ। ଏହି ବିବାହ ପାଇଁ କାର୍ଯ୍ୟକ୍ରମସ୍ଥଳରେ ୪ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



## ସ୍ୱିଡେନ୍ ମନ୍ତ୍ରୀଙ୍କ କଦଳୀ ଫୋବିଆ



ସ୍ୱିଡେନ୍‌ର ଜେଣ୍ଡର ଇକ୍ୱାଲିଟି ମନ୍ତ୍ରୀ ପୌଲିନା ବ୍ରାଣ୍ଡବର୍ଗ ଏକ ବିଚିତ୍ର କଦଳୀ ଫୋବିଆକୁ ନେଇ ବେଶ୍ ଚର୍ଚ୍ଚା ସାଉଣ୍ଟିଥିଲେ। କଦଳୀକୁ ଦେଖି ପୌଲିନା ଭୟରେ ଥରି ଉଠିଥାନ୍ତି ବୋଲି ନଭେମ୍ବରରେ ବିଭିନ୍ନ ସ୍ଥାନୀୟ ଗଣମାଧ୍ୟମ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଥିଲା। ଉକ୍ତ ରିପୋର୍ଟଗୁଡ଼ିକୁ ପୌଲିନା ସ୍ୱୀକାର କରିବା ସହ ନିଜ ଭିତରେ ଥିବା କଦଳୀ ଫୋବିଆକୁ ଦୂର କରିବା ପାଇଁ ଡାକ୍ତରୀ ସାହାଯ୍ୟ ନେଉଥିବା କହିଥିଲେ।

## କେନ୍‌ଜା ଲେଲି 'ମିସ୍ ଏଆଇ'

ମରକ୍କୋର ଲାଇଫ୍‌ଷ୍ଟାଇଲ ଇନ୍‌ଫ୍ଲୁଏନ୍ସର ତଥା ଏଆଇ ଜେନେରେଟେଡ ମଡେଲ କେନ୍‌ଜା ଲେଲି ଜୁଲାଇରେ ବିଶ୍ୱର ପ୍ରଥମ 'ମିସ୍ ଏଆଇ' ମୁକୁଟ ପନ୍ଧିଥିଲେ। ସେ ୧,୫୦୦ରୁ ଅଧିକ କମ୍ପ୍ୟୁଟରାଇଜ୍‌ଡ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ବିରଳ ଟାଇଟଲର ଅଧିକାରିଣୀ ହୋଇପାରିଥିଲେ। ପ୍ରଥମ 'ମିସ୍ ଏଆଇ' ମୁକୁଟ ପିନ୍ଧିଥିବାରୁ ତାଙ୍କ କ୍ରିଏଟର ମେରିୟମ ବେସାଙ୍କୁ ୨୦ ହଜାର ଡଲାରର ପୁରସ୍କାର ରାଶି ମିଳିଥିଲା। ଏହି ପ୍ରତିଯୋଗିତାରେ ଫ୍ରାନ୍ସର ଏଆଇ ମଡେଲ ଲାଲିନା ଭାଲିନା ଓ ପର୍ତ୍ତୁଗାଲର ଓଲିଭିଆ ସି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ଭାରତର ଏଆଇ ଜେନେରେଟେଡ୍ ମଡେଲ ଜରା ଶତାୱରି ଏହି ପ୍ରତିଯୋଗିତାର ଶୀର୍ଷ ୧୦ ଫାଇନାଲିଷ୍ଟଙ୍କ ମଧ୍ୟରେ ସ୍ଥାନ ପାଇଥିଲେ।




## ୮୧ ବର୍ଷରେ ବିୟୁଟି କୁଇନ୍

ବୟସ କେବଳ ଏକ ସଂଖ୍ୟା। ଏହା ମଣିଷର ସଫଳତାରେ ବାଧା ଉପୁଯାଇପାରେ ନାହିଁ। ୮୧ ବର୍ଷୀୟା କୋରିଆନ୍ ମଡେଲ୍ ଚୋଇ ସୁନ୍-ହ୍ୱା ୨୦୨୪ ସେପ୍ଟେମ୍ବରରେ ଏହା ପ୍ରମାଣ କରି ଦେଖାଇଥିଲେ। ସେ ସବୁଠାରୁ ବୟଷ୍କା ମହିଳା ଭାବେ ମିସ୍ ୟୁନିଭର୍ସ କୋରିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ଏହାର ଫାଇନାଲରେ ପ୍ରବେଶ କରି ରେକର୍ଡ ସୃଷ୍ଟି କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଚୋଇ ଜନ୍ମ ହେବାବେଳକୁ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଆରମ୍ଭ ହୋଇ ନ ଥିଲା। ମିସ୍ ୟୁନିଭର୍ସ କୋରିଆ ପ୍ରତିଯୋଗିତାର ଫାଇନାଲରେ ଚୋଇ ଟାଇଟଲ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ ବି ଫାଇନାଲରେ 'ଶ୍ରେଷ୍ଠ ଡ୍ରେସର' ପୁରସ୍କାର ହାତେଇ ଦର୍ଶକଙ୍କର ମନ ଜିଣିପାରିଥିଲେ।




## ଅଣ୍ଡାଦେଲା ସବୁଠୁ ବୟସ୍କ ପକ୍ଷୀ



ଲେସନ୍ ଅଲବାଟ୍ରସ୍ ଜାତୀୟ ପକ୍ଷୀ ସାଧାରଣତଃ ୧୨ରୁ ୪୦ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିଥାନ୍ତି। କିନ୍ତୁ ଡିସେମ୍ବରରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା, ଯେତେବେଳେ ଏହି ଜାତୀୟ ୱିଜ୍‌ଡମ ପକ୍ଷୀ ୭୪ ବର୍ଷ ବୟସରେ ଅଣ୍ଡା ଦେଇଥିଲା। ପୂର୍ବରୁ ବିଶ୍ୱର କୌଣସି ବଣୁଆ ପକ୍ଷୀ ଏତେ ବୟସରେ ଅଣ୍ଡା ଦେଇ ନ ଥିଲେ। ଆମେରିକାର ହାୱାଇ ଦ୍ୱୀପପୁଞ୍ଜ ଉତ୍ତର ଦିଗରେ ଅବସ୍ଥିତ ମିଡ୍‌ୱେ ଏଟୋଲ ନ୍ୟାଶନାଲ ୱାଇଲ୍ଡ ଲାଇଫ୍ ଆଶ୍ରୟସ୍ଥଳରେ ୱିଜ୍‌ଡମ ପକ୍ଷୀ ଅଣ୍ଡା ଦେବା ପରେ ଏହାର ଯତ୍ନ ନେଉଥିବା ନେଇ 'ଆମେରିକା ମତ୍ସ୍ୟ ଏବଂ ବନ୍ୟପ୍ରାଣୀ ସେବା (ୟୁଏସ୍‌ଏଫ୍‌ଡବ୍ଲ୍ୟୁଏସ୍)-ପ୍ରଶାନ୍ତ ମହାସାଗର ଅଞ୍ଚଳ' ପକ୍ଷରୁ ସୂଚନା ଦିଆଯାଇଥିଲା। ୱିଜ୍‌ଡମ ଏତେ ଦିନ ଧରି ବଞ୍ଚିବା ସହ ବୟସ୍କ ଅବସ୍ଥାରେ ଅଣ୍ଡା ଦେବା ସମସ୍ତଙ୍କୁ ବିସ୍ମିତ କରିଥିବା ୟୁଏସ୍‌ଏଫ୍‌ଡବ୍ଲ୍ୟୁଏସ୍ କହିଛି।

# ପ୍ରତି ଧାନମଣ୍ଡିରେ ନିଯୁକ୍ତ ହୋଇଛନ୍ତି ନୋଡାଲ ଅଫିସର

**ଭୁବନେଶ୍ୱର, ୧୭।୧୨ (ସୁନିତ୍ ମିଶ୍ର)**

ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି। ଧାନ କିଣା ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ପ୍ରତ୍ୟେକ ମଣ୍ଡି ଉପରେ କଡ଼ା ନଜର ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ମର୍ମରେ ସମ୍ପୃକ୍ତ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କୌଣସି ଯୋଗ୍ୟ ଚାଷୀ ଧାନ କିଣା ବେଳେ ଯେପରି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉଛି। ମଣ୍ଡିରେ ଚାଷୀମାନଙ୍କ ନିମନ୍ତେ ସୁବିଧା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି। ବର୍ତ୍ତମାନ ୧୧ ଜିଲା ବରଗଡ଼, ସମ୍ବଲପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, କୋରାପୁଟ, ଝାରସୁଗୁଡ଼ା, ମାଲକାନଗିରି, ନବରଙ୍ଗପୁର ଓ କେନ୍ଦୁଝରରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ଚାଷୀଙ୍କ ସହାୟତା ପାଇଁ ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀମାନେ ନିଯୁକ୍ତ ହେବା ସହ ୨ରୁ ୩ଟି ମଣ୍ଡି ଦାୟିତ୍ୱରେ ଜଣେ ସୁପରଭାଇଜରଙ୍କୁ ନିଯୁକ୍ତ ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଅଧିକ ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଉଛି। ୧୧ ଜିଲାରେ ବର୍ତ୍ତମାନ ସୁଦ୍ଧା ୩୨୩ ଜଣ ସୁପରଭାଇଜର ଓ ୧୨୮୨ ଜଣ ନୋଡାଲ ଅଫିସର ନିଯୁକ୍ତ ଅଛନ୍ତି। ଏହି ଅଧିକାରୀମାନେ ମଣ୍ଡିକୁ ଆସୁଥିବା ପ୍ରତ୍ୟେକ ଚାଷୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟର ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନ କିଣାଯିବା ସହ କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ବାବଦକୁ ୨୩ ଶହ ଟଙ୍କା ଓ ଇନ୍‌ପୁଟ ସହାୟତା ରାଶି ଭାବେ ୮ ଶହ ଟଙ୍କା ପ୍ରଦାନ କରାଯାଉଛି।

# ରଥକାଠ ଅନୁକୂଳ ପାଇଁ ମା'ବଡ଼ରାଉଳଙ୍କ ପୀଠରେ ପୂଜାର୍ଚ୍ଚନା



ମା'ବଡ଼ରାଉଳଙ୍କ ପୀଠରେ ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଉଛି।

## ୨୦୨୫ ପୁରୀ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ

**ଗଣିଆ, ୧୭।୧୨ (ସନ୍ତୋଷ କୁମାର ପ୍ରଧାନ)**

ଆରମ୍ଭ ହୋଇଛି ୨୦୨୫ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଦ୍ୟପର୍ବ। ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବଡ଼ମୂଳ ଖଳଖଳା ସେତୁ ନିକଟସ୍ଥ ମା'ବଡ଼ରାଉଳଙ୍କ ପୀଠରେ ମଙ୍ଗଳବାର ରଥସଂହିତା ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ରଥକାଠ ବରଣ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଶ୍ରୀମନ୍ଦିରର ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର , ଭୋଇ ସର୍ଦ୍ଦାର ରବି ଭୋଇ ଓ ଶ୍ରୀମନ୍ଦିର ପ୍ରଶାସନ କର୍ମଚାରୀ ରାକେଶ ରାୟ ମଙ୍ଗଳବାର ମଧ୍ୟାହ୍ନରେ ବଡରାଉଳ ପୀଠରେ ପହଞ୍ଚିଥିଲେ। ପ୍ରଥମେ ବେଠିଆସାହିସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ଏହି ୪ ଜଣିଆ ଟିମ୍ ମହାପ୍ରଭୁଙ୍କ ଆଜ୍ଞାମାଳ,ଖଣ୍ଡୁଆ,ମହାପ୍ରସାଦ,ପାଟପତନୀ ଓ ମହାର୍ଦ୍ଦ ଧରି ନୟାଗଡ଼ ବନବିଭାଗ ସହଯୋଗରେ ମା'ବଡରାଉଳ ଦେବୀଙ୍କ ପୀଠରେ ପହଞ୍ଚିବା ପରେ ବିଶ୍ୱ ହିନ୍ଦୁ ପରିଷଦ, ଗଣିଆ ମଣ୍ଡଳର କର୍ମକର୍ତ୍ତା ତଥା ବୌଦ୍ଧ ଅଞ୍ଚଳରୁ ଆସିଥିବା ନାମ ସଂକୀର୍ତ୍ତନ ମଣ୍ଡଳୀ ସେମାନଙ୍କୁ ମା'ଙ୍କ ପୀଠକୁ ପାଛୋଟି ନେଇଥିଲେ। ପରେ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ, ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନୀ ସାରଥୀ ମଲିକ ଓ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଥିଲା। ପାରମ୍ପରିକ ଢୋଲ ଓ ତୁରୀ ବାଦ୍ୟ ସହ ପାରମ୍ପରିକ ରୀତିନୀତି ଅନୁଯାୟୀ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ପରେ ଆଜ୍ଞାମାଳ ନିଆଯାଇ ରଥ ନିର୍ମାଣ ନିର୍ମିତ ଅସନ,ଧଉରା ,ଫାଶି ଓ ଶିମିଳି କାଠ ବୁଧବାରଠାରୁ ଛେଦନ କାର୍ଯ୍ୟ ଆରମ୍ଭ ହେବ ବୋଲି ବନବିଭାଗରୁ ସୂଚନା ମିଳିଛି।

ଚଳିତ ବର୍ଷ ୩ରଥ ନିର୍ମାଣ ପାଇଁ ସମୁଦାୟ ୮୬୫ ଖଣ୍ଡ କାଠ ଆବଶ୍ୟକ ରହିଛି। ସେଥିମଧ୍ୟରୁ ୫୧ଖଣ୍ଡ କାଠ ରଥଖଳାରେ ଗଚ୍ଛିତ ରହିଛି। ଅବଶିଷ୍ଟ ୮୧୪ଖଣ୍ଡ କାଠ ନୟାଗଡ଼, ବୌଦ୍ଧ ବନଖଣ୍ଡ ତରଫରୁ ଯୋଗାଇଦେବା ପାଇଁ ଚଳିତ ବର୍ଷ ବ୍ୟବସ୍ଥା ରହିଛି। ୮୧୪ଖଣ୍ଡ କାଠ ମଧ୍ୟରୁ ୩୧୯ଖଣ୍ଡ ଅସନ, ୪୨୦ଖଣ୍ଡ ଧଉରା, ୭୨ଖଣ୍ଡ ଫାଶି ଓ ୩ ଖଣ୍ଡ ଶିମିଳି କାଠ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୩୯୬ ଖଣ୍ଡ କାଠ ରଥଖଳାକୁ ଓ ୪୧୮ଖଣ୍ଡ କଟକସ୍ଥିତ ଖପୁରିଆ କରତକଳକୁ ଚିରଟ ପାଇଁ ଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି। ଏହାପରେ ଅପରାହ୍ନରେ ମା'ବଡରାଉଳଙ୍କ ଗୁପ୍ତପୂଜା ନୀତି ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ତତ୍କାଳୀନ ଦଶପଲ୍ଲା ଗଡଜାତର ରାଜା ଚକ୍ରଧର ଭଞ୍ଜ ୧୬୫୩ ମସିହାରୁ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଦଶପଲ୍ଲା ଅଞ୍ଚଳରୁ ଶ୍ରୀମନ୍ଦିର ରଥଖଳାକୁ ରଥକାଠ ଯୋଗାଇଦେବାର ବିଧି ଆରମ୍ଭ କରିଥିଲେ।

# ଓଏଚ୍‌ଆର୍‌ସିଙ୍କ ଜବାବ ଦାଖଲ ନିର୍ଦ୍ଦେଶ

## ବାଘମାଂସଖିଆଙ୍କୁ ପୂର୍ବତନ ପିସିସିଏଫ୍‌ଙ୍କ ସାମାଜିକ ବାସନ୍ଦ ଅପିଲ୍ ପ୍ରସଙ୍ଗ

**ଭୁବନେଶ୍ୱର, ୧୭।୧୨ (ସତ୍ୟଜିତ୍ ରାଉତ)**

ନୂଆପଡ଼ା ଜିଲା ସୁନାବେଡ଼ା ଅଭୟାରଣ୍ୟ କୋମନା ରେଞ୍ଜ ଅଧୀନ ଦେଓଦର୍ହା ଗାଁରେ କିଛି ଲୋକ ଗତ ନଭେମ୍ବର ତୃତୀୟ ସପ୍ତାହରେ ବାଘ ଶିକାର କରି ମାଂସ ଖାଇଦେଇଥିଲେ। ବାଘମାଂସ ଖିଆଙ୍କୁ ସାମାଜିକ ବାସନ୍ଦ କରିବାକୁ ତତ୍କାଳୀନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ସୁଶାନ୍ତ ନନ୍ଦ ଗଣମାଧ୍ୟମରେ ଅପିଲ୍ କରିଥିଲେ। ତେବେ ଏହି ପ୍ରସଙ୍ଗରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ହୋଇଥିବା ଆବେଦନର ମଙ୍ଗଳବାର ଶୁଣାଣି ହୋଇଛି। ଗୃହ ବିଭାଗ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ, ପୋଲିସ ଡିଜି ଓ ସମ୍ପୃକ୍ତ ଜଙ୍ଗଲ ଅଧିକାରୀଙ୍କୁ କମିଶନଙ୍କ ନିକଟରେ ଜବାବ ଦାଖଲ ପାଇଁ ନୋଟିସ୍ ହୋଇଛି। ଆସନ୍ତା ଫେବୃଆରୀ ୨୧ ସୁଦ୍ଧା ଏହାର ଉତ୍ତର ରଖିବାକୁ କମିଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରକାଶ ଯେ, ଗତ ନଭେମ୍ବର ୧୫ରେ ଦେଓଦର୍ହା ଗାଁ ନିକଟରେ ଗାଁର କେତେକ ଲୋକ ବାର୍‌ହା ଶିକାର ପାଇଁ ଫାଶ ଲଗାଇ ବିଦ୍ୟୁତ ସଂଯୋଗ କରିଥିଲେ। ଏଥିରେ ଏକ କଲରାପତରିଆ ବାଘ ଫସି ପ୍ରାଣ ହରାଇଥିଲା। ଏହାର ପରଦିନ ସକାଳେ ଶିକାରୀମାନେ ମୃତବାଘକୁ ଇନ୍ଦ୍ରାନଦୀ ପଠାକୁ ନେଇ ଏହାର ମାଂସ ରାନ୍ଧି ଖାଇ ଦେଇଥିଲେ। ନଭେମ୍ବର ୧୮ରାତିରେ ବନବିଭାଗ ଟିମ୍ ଗାଁରେ ଚଢ଼ାଉ କରି ଦୁଇ ଶିକାରୀଙ୍କୁ ଗିରଫ କରିବା ସହ ବାଘ କଟାମୁଣ୍ଡ, ଛାଲ, ବଳକା ମାଂସ ଓ ମାରଣାସ୍ତ୍ର ଜବତ କରିଥିଲା। ତେବେ ତତ୍କାଳୀନ ପିସିସିଏଫ୍ ନନ୍ଦ ଏହି ଘଟଣାକୁ ଦୁଃଖଦପୂର୍ଣ୍ଣ ଦର୍ଶାଇବା ସହ ସଭ୍ୟ ସମାଜରେ ସମ୍ପୃକ୍ତ ବାଘମାଂସଖିଆମାନଙ୍କୁ ସାମାଜିକ ବାସନ୍ଦ କରିବାକୁ ଅପିଲ୍ କରିଥିଲେ। ଏହି ମନ୍ତବ୍ୟକୁ ବିରୋଧ କରି ମାନବାଧିକାର କର୍ମୀ ତଥା ଆଇନଜୀବୀ ବିଶ୍ୱପ୍ରିୟ କାନୁନଗୋ, ବିଜୟ କୁମାର ପଣ୍ଡା, ଶୁଭାଶିଷ ପଣ୍ଡା, ଗୋଲକ ପ୍ରସାଦ ନାୟକ ଗତ ୪ତାରିଖରେ ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। ସାମାଜିକ ବାସନ୍ଦ ଏକ ଅପରାଧ ଓ ଏହା କରାଯିବା ଫଳରେ ଲୋକଙ୍କ ମାନବିକ ଅଧିକାର କ୍ଷୁଣ୍ଣ ହେବ। ବିଭିନ୍ନ ସ୍ଥାନରେ ହେଉଥିବା ଏଭଳି ଘଟଣାରେ ପୂର୍ବରୁ ଓଏଚ୍‌ଆର୍‌ସି ଓ ହାଇକୋର୍ଟ ହସ୍ତକ୍ଷେପ କରି ଗୁରୁତ୍ୱର ସହ ନେଇ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ପରିସ୍ଥିତିରେ ଜଣେ ବରିଷ୍ଠ ଆଇଏଫ୍‌ଏସ୍ ଅଫିସର ସର୍ବସାଧାରଣରେ ଏଭଳି ଆହ୍ୱାନ ଦେଇଥିବାରୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଆବେଦନରେ ଦର୍ଶାଇଥିଲେ। ଏଥିସହ ସର୍ଭିସ୍ ରୁଲ୍‌ରେ ଏଭଳି ମନ୍ତବ୍ୟ ଏକ ମିସ୍ କଣ୍ଡକ୍ଟ ଭାବେ ଗଣାଯାଉ ବୋଲି ଅଭିଯୋଗକାରୀମାନେ ପ୍ରାର୍ଥନା କରିଥିଲେ।

# କଳାହାଣ୍ଡି ଜିଲାରେ ମୃଦୁ ଭୂକମ୍ପ

**ଭବାନୀପାଟଣା, ୧୭।୧୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟା ୭ଟା ୩ ମିନିଟରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ଜିଲାର ଭବାନୀପାଟଣା, ଧର୍ମଗଡ଼, ଜୁନାଗଡ଼, କୋକସରା, ଜୟପାଟଣା, ଗୋଲାମୁଣ୍ଡା ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି। ତେବେ ଏହାଦ୍ୱାରା ଜନସାଧାରଣ କେତେ ପ୍ରଭାବିତ ହୋଇଛନ୍ତି, କ୍ଷୟକ୍ଷତି ହୋଇଛି କି ନାହିଁ ସେ ସମ୍ପର୍କରେ କୌଣସି ସୂଚନା ମିଳି ନାହିଁ।

# ତାମିଲନାଡୁରେ ୨ ଓଡ଼ିଆ ଯୁବକଙ୍କୁ ହତ୍ୟା

**ଚେନ୍ନାଇ, ୧୭।୧୨**

ତାମିଲନାଡୁର ବେଲ୍ଲାଦାଇ ଜିଲାରେ ମଙ୍ଗଳବାର ୨ ଜଣ ଓଡ଼ିଆ ଯୁବକଙ୍କୁ କେତେଜଣ ଅଚିହ୍ନା ବ୍ୟକ୍ତି ନିର୍ମମ ଭାବେ ହତ୍ୟା କରିଛନ୍ତି। ରାସ୍ତାକଡ଼ରେ ୨ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବାର ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଉଭୟଙ୍କ ମୁଣ୍ଡରେ ଗଭୀର କ୍ଷତ ରହିଥିଲା। ଉଭୟ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ୨ ମୃତକ ଓଡ଼ିଶାର ମୁନ୍ନା ଓ ଧ୍ରୁବଲିଶ୍ ହୋଇଥିବା ପୋଲିସ କହିଛି। ଫିଙ୍ଗର ପ୍ରିଣ୍ଟ ବିଶେଷଜ୍ଞ ଓ ସନ୍ଧାନୀ କୁକୁରର ସାହାଯ୍ୟ ନେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଗୁପ୍ତଚର ଅଭିଯୋଗକୁ ଖଣ୍ଡନ କଲେ ଚାଇନା ବ୍ୟବସାୟୀ



ୟାଙ୍ଗ୍ ଟାଙ୍ଗବୋ

**ଲଣ୍ଡନ, ୧୭।୧୨**

ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କ ସହ ଘନିଷ୍ଠ ଭାବେ ସମ୍ପୃକ୍ତ ଚାଇନା ବ୍ୟବସାୟୀ ୟାଙ୍ଗ୍ ଟାଙ୍ଗବୋ ଗୁପ୍ତଚର ବୃତ୍ତି ସହ ଜଡ଼ିତ ଥିବା ଅଭିଯୋଗ ହୋଇଛି। ସେ ଜଣେ ଚାଇନା ଏଜେଣ୍ଟ ବୋଲି ବ୍ରିଟିଶ କର୍ତ୍ତୃପକ୍ଷ ସନ୍ଦେହ ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ସେ ଗୁପ୍ତଚର ନୁହଁନ୍ତି ଏବଂ କୌଣସି ଭୁଲ୍ କାମ କରି ନ ଥିବା ୟାଙ୍ଗ୍ ସୋମବାର କହିଛନ୍ତି। ୫୦ ବର୍ଷୀୟ ୟାଙ୍ଗ୍ ଚାଇନା କମ୍ୟୁନିଷ୍ଟ ପାର୍ଟିର ଏକ ଶାଖା ୟୁନାଇଟେଡ୍ ଫ୍ରଣ୍ଟ ୱାର୍କ ଡିପାର୍ଟମେଣ୍ଟ (ୟୁଏଫ୍‌ଡବ୍ଲ୍ୟୁଡି) ପାଇଁ କାର୍ଯ୍ୟ କରୁଥିବା ବ୍ରିଟେନ୍ ଗୃହ ବିଭାଗ ଅଭିଯୋଗ କରିଥିଲା। ସେ ବିଶ୍ୱର ବିଭିନ୍ନ ପ୍ରଭାବଶାଳୀ ଲୋକଙ୍କ ସହ ସମ୍ପର୍କରେ ରହିଥିଲେ। ୟୁଏଫ୍‌ଡବ୍ଲ୍ୟୁଡି ତରଫରୁ ସେ ଗୁପ୍ତ ଏବଂ ବିଭ୍ରାନ୍ତିକର କାର୍ଯ୍ୟରେ ଜଡ଼ିତ ଥିଲେ, ଯାହା ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିଲା। ବ୍ରିଟେନ୍‌ର ବିଚାରପତିମାନେ ଗୋଇନ୍ଦା ବିଭାଗର ଅଭିଯୋଗକୁ ଗ୍ରହଣ କରିବା ସହ ୟାଙ୍ଗ୍‌ଙ୍କ ଅପିଲ୍‌କୁ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷରେ ବ୍ରିଟେନ୍ ଗୁପ୍ତଚର ବିବାଦ ନେଇ ଅସୁବିଧା ସୃଷ୍ଟି କରୁଥିବା ବେଜିଂ ଅଭିଯୋଗ କରିବା ସହ ଏଭଳି ଚାଇନା ବିରୋଧୀ ରାଜନୈତିକ କୌଶଳ ବନ୍ଦ କରିବାକୁ କହିଛି।

**ଜାତୀୟ/ଅନ୍ତର୍ଜାତୀୟ**

# ପରିବେଶବିତ୍ ତୁଲସୀ ଗୌଡ଼ାଙ୍କ ପରଲୋକ



**ବେଙ୍ଗାଲୁରୁ, ୧୭।୧୨**

ବିଶିଷ୍ଟ ପରିବେଶବିତ୍ ତଥା ପଦ୍ମଶ୍ରୀ ପୁରସ୍କାର ବିଜେତା ତୁଲସୀ ଗୌଡ଼ାଙ୍କର ସୋମବାର ବିଳମ୍ବିତ ରାତିରେ ୮୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଉତ୍ତର କନ୍ନଡ଼ ଜିଲା ଅଙ୍କୋଲା ବ୍ଲକ୍ ହୋନ୍ନାଲି ଗ୍ରାମସ୍ଥିତ ନିଜ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। କର୍ଣ୍ଣାଟକର ହାଲାକ୍କୀ ଜନଜାତିର ତୁଲସୀ ଗତ ୬ ଦଶନ୍ଧିରୁ ଅଧିକ ସମୟ ଧରି ପରିବେଶ ପାଇଁ କାର୍ଯ୍ୟ କରି ଆସୁଥିଲେ। ସେ ୩୦ ହଜାରରୁ ଅଧିକ ଚାରା ରୋପଣ କରିଛନ୍ତି। ପରିବେଶ ସୁରକ୍ଷା ନିମନ୍ତେ ତୁଲସୀଙ୍କୁ ୨୦୨୧ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରକାର ଉଦ୍ଭିଦ ଓ ଔଷଧୀୟ ବୃକ୍ଷକୁ ନେଇ ବ୍ୟାପକ ଜ୍ଞାନ ହେତୁ ସେ 'ଏନ୍‌ସାଇକ୍ଲୋପିଡିଆ ଅଫ୍ ଫରେଷ୍ଟ' ନାମରେ ମଧ୍ୟ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ପରିବେଶ ସଂରକ୍ଷଣ ପାଇଁ ତୁଲସୀ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ପିଢ଼ି ପରେ ପିଢ଼ି ଲୋକଙ୍କୁ ପ୍ରେରଣା ଯୋଗାଇବ ବୋଲି ମୋଦି କହିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ମଧ୍ୟ ତୁଲସୀଙ୍କ ମୃତ୍ୟୁରେ ଶୋକ ପ୍ରକଟ କରିଛନ୍ତି।

# ନେତାନ୍ୟାହୁଙ୍କ ମେଣ୍ଟରେ ଫାଟ



**ଜେରୁଜେଲମ୍, ୧୭।୧୨**

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମେଣ୍ଟ ସରକାରରେ ଫାଟ ଦେଖାଯାଇଛି। ମେଣ୍ଟର ଅନ୍ୟତମ ସହଯୋଗୀ ଦଳର ବିରୋଧ ସତ୍ତ୍ୱେ ୨୦୨୫ ବର୍ଷ ପାଇଁ ବଜେଟ ପାର୍ଲାମେଣ୍ଟରେ ଅଳ୍ପ ବ୍ୟବଧାନରେ ଗୃହୀତ ହୋଇଛି। ବଜେଟ ସପକ୍ଷରେ ୫୯ ସଦସ୍ୟ ଏବଂ ବିରୋଧରେ ୫୭ ଜଣ ଭୋଟ ଦେଇଥିଲେ। ସୁରକ୍ଷା ମନ୍ତ୍ରୀ ଇତାମାର ବେନ୍-ଗଭିର ଓ ତାଙ୍କ ଅଲ୍‌ଟ୍ରାନ୍ୟାଶନାଲିଷ୍ଟ ଓଟ୍‌ଜମା ୟେହୁଦିତ୍ ପାର୍ଟି ବଜେଟ ବିରୋଧରେ ଭୋଟ ଦେଇଛି। ବଜେଟ ଆଲୋଚନା ବେଳେ ଅର୍ଥମନ୍ତ୍ରୀ ଭେଜାଲେଲ୍ ସ୍ମୋଟ୍ରିଚ୍‌ଙ୍କ ସହ ଇତାମାରଙ୍କର ଜୋର୍‌ଦାର ବାକ୍‌ଯୁଦ୍ଧ ହୋଇଥିଲା। ଆର୍ଟର୍ନି ଜେନେରାଲ ଗଲି ବହରଭ-ମିଆରାଙ୍କୁ ବହିଷ୍କାର ପାଇଁ ଇତାମାର ଦାବି କରିଆସୁଛନ୍ତି।

# ଜବରଦସ୍ତ ହେଉଛି ଅସ୍ତ୍ରୋପଚାର, ଅତ୍ୟାଚାର

## ସଙ୍ଗଠନର ମୁଖା ଖୋଲିଲେ ମାଓବାଦୀ ଦୀପକ

**ମାଲକାନଗିରି, ୧୭।୧୨ (ଦୁର୍ଯ୍ୟୋଧନ ପାତ୍ର)**

ମାଓବାଦୀ ଗଡ଼ ବିରୋଧରେ ଅଭିଯୋଗ ଆଣିଛନ୍ତି ଜଣେ ପୂର୍ବତନ ମାଓବାଦୀ ଦୀପକ। ନିଜ ଉପରେ ହୋଇଥିବା ଅନ୍ୟାୟ ଓ ଅତ୍ୟାଚାରକୁ ନେଇ ମଙ୍ଗଳବାର ଛତିଶଗଡ଼ ଅନ୍ତଗଡ଼ରେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି । ଛତିଶଗଡ଼ ମାଓବାଦୀ ଦଳରେ ଦୀର୍ଘ ବର୍ଷଧରି କାର୍ଯ୍ୟ କରିଥିଲେ ଦୀପକ। ଅନ୍ୟାୟ ଅତ୍ୟାଚାର ବିରୋଧରେ ଲଢ଼େଇକରି ଗରିବ ଓ ନିଷ୍ପେଷିତଙ୍କୁ ନ୍ୟାୟଦେବା ପାଇଁ ସାମିଲ ହୋଇଥିବା ବେଳେ ଧୀରେ ଧୀରେ ସଙ୍ଗଠନର ଅସଲ ରହସ୍ୟକୁ ସାମ୍ନା କରିଥିଲେ। ସେ ସଂଗଠନ ସଦସ୍ୟ ହେବାପରେ ତାଙ୍କ ସହ ଅନ୍ୟ ମାନଙ୍କୁ ଜବରଦସ୍ତ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିଲା। ଫଳରେ ସେ ସଙ୍ଗଠନରୁ ମୁହଁ ଫେରାଇ ଆତ୍ମସମର୍ପଣ କରିଥିଲେ। ସଙ୍ଗଠନରେ ତାଙ୍କର ଦୁଇ ଦୁଇଥର ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିବା ବେଳେ ସେ ଆତ୍ମସମର୍ପଣ ପରେ ପୋଲିସ ସହାୟତାରେ ପୁନଃ ଅସ୍ତ୍ରୋପଚାର କରାଇ ବର୍ତ୍ତମାନ ବାପା ହୋଇ ପୋଲିସକୁ ଧନ୍ୟବାଦ ଦେଇଛନ୍ତି। ସଙ୍ଗଠନ ନିଜର ପୂର୍ବ ନୀତି ଆଦର୍ଶ ହରାଇ ନିରୀହ ଲୋକଙ୍କୁ ହତ୍ୟା ସହ ଲୁଟ୍‌ତରାଜ କରୁଥିବା ଦେଖି ସେ ଭାଙ୍ଗି ପଡ଼ିଥିବା କହିଛନ୍ତି।


**OFFICE OF THE DIVISIONAL FOREST OFFICER KEONJHAR DIVISION**
Ph.06766-254315, e-mail:dfo.keonjhar@odisha.gov.in
Notice No.497, Dt.13.12.2024
**CORRIGENDUM NOTICE TO**
**Regional Kalinga Herbal Fair 2024-25 Notice No.482, Dt.05.12.2024**
**No.MM-343:** In pursuance to notice issued vide No: 482, Dt.5.12.2024 for "Tender Call Notice for Organise the Regional Kalinga Herbal Fair 2024-25", it is to inform to all concerned that the submission of tender paper relating to the said tender call is extended to 19.12.2024 till 4.00 PM and tender shall be opened at 4.30 PM on the same date.
Sd./- Divisional Forest Officer
Keonjhar Division
OIPR-08042/11/0026/2425



ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର ବନଖଣ୍ଡ
**OFFICE OF THE DIVISIONAL FOREST OFFICER, RAIRANGPUR DIVISION**
Tel.No.:- (06794)-222036 (O) 222008 (R) Fax No.:-(06794)-222836, e-mail-dforrp@gmail.com
Notice No.164/DFO, RRP-1F/2024-25 Dt.13.12.2024
**CORRIGENDUM**
**No.MM-341:** The bid closing date in connection to the Bid Identification No.162/ DFO, RRP-1F/2024-25 Dt.03.12.2024 hereby extended due to insufficient bidder participation as per the table given below.

| Sl. No. | List of Key Event | Critical date Published earlier | Critical date further extended |
|---|---|---|---|
| 7. | Date & Time of availability of tender document | 11 hours of 09.12.2024 to 17.30 hours of 15.12.2024 | 17.30 hours of 20.12.2024 |
| 8. | Receipt of bid documents | on or before 16.12.2024 by 11.00 AM. | before 21.12.2024 by 11.30 A.M. |
| 10. | Date & Time of opening of technical bid | Dt.16.12.2024 at 15.30 hours onwards | Dt.21.12.2024 from 15.30 hours onwards |

All other terms and conditions of the Tender will remain unaltered.
Sd./- Divisional Forest Officer
Rairangpur Division
OIPR-08055/11/0006/2425



**CORRIGENDUM**
No. MM-340: "Instruction to Bidders: (Tender Notice No. 6311/1F/2024 Dt.06.12.2024) has been changed to as Notice No. 6324/1F/2024 Dt.07.12.2024 for the Construction of Staff Barrack at Kiakata under Madhapur Range of Athmallik Forest Division and Notice No. 6322/1F/2024 Dt.07.12.2024 for the Construction of Staff Barrack at Charkhaman under Handapa Range of Athmallik Forest Division. The corresponding documents have been uploaded in the **www.odishaforest.in** website. The last date for tender submission remains the same.
Sd./- Divisional Forest Officer
Athmallik Division
OIPR-08125/11/0011/2425



**ନୋଟିସ୍**
S J Charitable Trust, Apex Landmark, Pahala, Bhubaneswar, Khorda ତରଫରୁ ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଉଅଛୁ କି ଯେ ଆମ୍ଭ ଟ୍ରଷ୍ଟର ପୂର୍ବତନ ଚେୟାରମେନ ଶ୍ରୀଯୁକ୍ତ ସଂଗ୍ରାମ ମୁଦାଲିଙ୍କ ଦେହାନ୍ତ ପରେ ଆମ୍ଭ ଟ୍ରଷ୍ଟରେ କୌଣସି ବାହାର ବ୍ୟକ୍ତି ବା ବ୍ୟକ୍ତିବିଶେଷଙ୍କୁ ଟ୍ରଷ୍ଟି ରୂପେ ଗ୍ରହଣ କରାଯାଇନାହିଁ ଏବଂ ଏଥିନିମନ୍ତେ ଟ୍ରଷ୍ଟ ମିଟିଂରେ କୌଣସି ନିଷ୍ପତ୍ତି ମଧ୍ୟ ଗ୍ରହଣ କରାଯାଇନାହିଁ । ମାତ୍ର ଦୁଃଖ ଓ ପରିତାପର ବିଷୟ ଏହିକିଯେ କିଛି ଅସାଧୁ ବ୍ୟକ୍ତି ଆମ୍ଭ ଟ୍ରଷ୍ଟରେ ବାହାର ବ୍ୟକ୍ତି ବିଶେଷମାନଙ୍କୁ ଗ୍ରହଣ କରିଥିବା ଗୁଜବ ପ୍ରଚାର କରିଅଛନ୍ତି । ଏହି ଗୁଜବ ପ୍ରତି ଟ୍ରଷ୍ଟ ସହିତ ସଂଶ୍ଳିଷ୍ଟ ଥିବା ସମସ୍ତ ବ୍ୟକ୍ତିବିଶେଷ, କର୍ମଚାରୀ ଓ ଅନୁଷ୍ଠାନଗୁଡ଼ିକୁ ବିଶ୍ୱାସ ନ କରିବା ଓ ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ ଗୁଜବ ଅଟେ ବୋଲି ଦର୍ଶାଉଅଛୁ ଏବଂ ଭବିଷ୍ୟତରେ ଏହି ଗୁଜବକୁ ଆଧାର କରି କୌଣସି ଫଳାଫଳ ପାଇଁ ଆମ୍ଭ ଟ୍ରଷ୍ଟ ଓ ଟ୍ରଷ୍ଟିମାନେ ଉତ୍ତରଦାୟୀ ରହିବୁ ନାହିଁ ।
ସୁବ୍ରତ ଦାସ
ଟ୍ରଷ୍ଟି S J Charitable Trust



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ: https://oshb.org
ପତ୍ର ସଂଖ୍ୟା: ୨୨୦ ତା:୧୦।୧୨।୨୦୨୪
**ବିଜ୍ଞାପନ**
No. CAD-1925: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ (ଫ୍ଲାଟ) ନଂ. ଏଲ୍.ଆଇ.ଜି.–୩୫/୨ (LIG-35/2), ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ବିନୋଦ କୁମାର ସାହୁ, ପିତା: ଜନାର୍ଦ୍ଦନ ସାହୁ, ଗ୍ରା/ପୋ.: ନିହଲ ପ୍ରସାଦ, ଥାନା: ଗଁଦିଆ, ଜିଲ୍ଲା: ଢେଙ୍କାନାଳଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବିନୋଦ କୁମାର ସାହୁ ଉକ୍ତ ଗୃହଟିକୁ (ଫ୍ଲାଟ) ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଜ୍ୟୋତ୍ସ୍ନା ମଞ୍ଜରୀ ଦାସ, ସ୍ୱାମୀ: ନାରାୟଣ ବେହେରା, ଗ୍ରା/ପୋ: ତେଇସିପୁର, ଥାନା: ପିପିଲି, ଜିଲ୍ଲା: ପୁରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।
ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0368/2425



ORERA
ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
**ODISHA REAL ESTATE REGULATORY AUTHORITY**
Block-A1, 3rd Floor, Toshali Bhawan, Satya Nagar, Bhubaneswar- 751007
Telephone No.-0674-2571977, Email:reraodisha@gmail.com
**PUBLIC NOTICE**
**No.CAD-1923:** ORERA intends to Go-Live with its ORERA 2.0 version w.e.f. **20.12.2024**.
All the Real Estate Promoters/ Agents applying for registration and parties intending to file complaint case U/s 31 of RE(R&D) Act, 2016 can now log-in to ORERA version **2.0** in the following website:- **https://rera.odisha.gov.in** with effect from 20.12.2024.
Sd./- Secretary
Odisha RERA
OIPR-13223/11/0004/2425



Government of Odisha "e" Procurement Notice No.MM-
**OFFICE OF THE CONSERVATOR OF FORESTS & STATE SILVICULTURIST, BHUBANESWAR**
Bid Identification No.-C.F. & SILVA-BBSR-03 of 2024-2025

| | | |
|---|---|---|
| 1. Nature of the Work | : | Construction of Office Annexe at Khandagiri Research Station |
| 2. No. of Works | : | 01 No. |
| 3. Estimate Cost | : | As mentioned in Column No.3 |
| 4. Period of Completion | : | 90 days |
| 5. Date & Time of availability of the Bid documents in the portal | : | 11.00 AM of 18.12.2024 to 5.00 PM of 01.01.2025 |
| 6. Last date/time of receipt of the bid in portal | : | 01.01.2025 upto 5.00 PM |
| 7. Date of Opening | : | 02.01.2025 at 11.00 A.M. in the Conference Hall, Office of the Conservator of Forests & State Silviculturist, Bhubaneswar. |
| 8. Name and address of the | : | Office of the Conservator of Forests & State Silviculturist, Bhubaneswar |

Further details can be seen from the e-Procurement Portal "https://tendersorissa.gov.in.
Sd./-Conservator of Forests & State Silviculturist, Bhubaneswar
OIPR-08170/11/0001/2425



**WORKS DEPARTMENT**
**OFFICE OF THE SUPERINTENDING ENGINEER MAYURBHANJ (R&B) DIVISION, BARIPADA**
No. B-764 e-mail Id: bpd_eerb@rediffmail.com
**Government of Odisha "e" Procurement Notice**
Bid Identification No. S.E. 51/2024-25

| | | |
|---|---|---|
| 1. Number of Works | : | 01 (One) Number of Box Culvert Works |
| 2. Approximate Estimated Cost | : | 61.11 Lakh |
| 3. Period of Completion | : | 03 (Three) Calendar Months |
| 4. Date & Time of availability of bid documents in the portal | : | Dt.23.12.2024 to 06.01.2025 |
| 5. Last date/time of receipt of bid in the portal | : | Dt.06.01.2025 upto 05.00 P.M. |
| 6. Date of Opening of Bid | : | Dt.07.01.2025 at 11.00 A.M. |
| 7. Name & Address of the Office Inviting Bid | : | Superintending Engineer, Mayurbhanj (R&B) Division, Baripada |

Further details can be seen from the e-procurement portal http://www.tendersodisha.gov.in
Sd./- R.G. Ray
Superintending Engineer
Mayurbhanj (R&B) Division
OIPR-34025/11/0015/2425



**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com
Cancellation of Bid Identification No.S.E.E.C (R&B) 10/2024-25
No.3838 / Date 16.12.2024/
El-Estg-1042/2024
No.B-The tender for the following works invited vide Bid Identification No.S.E.E.C (R&B) 10/2024-25 & published vide Information & Public Relation Deptt. Advertisement No.34006 IPR, Dt.10.12.2024 is hereby cancelled.

| Sl.No. | Name of Work |
|---|---|
| 1 | S/R to Gynecology Department in SCBMCH, Cuttack for the year 2024-25. (Such as Construction of two numbers Lift room including SITC of 2 Nos. automatic 20 passenger Lifts for benefit of patients) |
| 2 | S/R to E.I. to HVAC System for 1st Floor, 2nd Floor, 3rd Floor & 4th Floor of Odisha Judicial Academy, Cuttack |
| 3 | Installing of Fire Fighting System at Judicial Court Building Athagarh in the district of Cuttack |
| 4 | Installing of Lan wiring & CCTV at Judicial Court Building Athagarh in the district of Cuttack |
| 5 | Fire Fighting and Alarm System at O&G Department, SCBMCH, Cuttack |

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0015/2425

# ମେଡିକାଲରେ ୨ ଝୁଲନ୍ତା ମୃତଦେହ

ଶରୀର ସୁସ୍ଥ ପାଇଁ ହସ୍ପିଟାଲ୍‌କୁ ଆସିଥିଲେ। ଭଲ ହୋଇ ଘରକୁ ଫେରିବେ ବୋଲି ପରିବାର ଲୋକେ ଆଶା କରିଥିଲେ। ମାତ୍ର ସେମାନଙ୍କ ମୃତଦେହ ହସ୍ପିଟାଲ ମଧ୍ୟରେ ଝୁଲନ୍ତା ଅବସ୍ଥାରେ ଠାବ କରାଗଲା। ରାଜ୍ୟର ୨ଟି ପ୍ରତିଷ୍ଠିତ ମେଡିକାଲରେ ଏଭଳି ୨ ଘଟଣା ମଙ୍ଗଳବାର ଦେଖିବାକୁ ମିଳିଛି। ଗୋଟିଏ ଭୁବନେଶ୍ୱର ଏମ୍‌ସରେ ଏବଂ ଅନ୍ୟଟି ବଲାଙ୍ଗୀରସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସରରେ ଘଟିଛି। ଉଭୟ ଘଟଣା ପରେ ହସ୍ପିଟାଲରେ ରୋଗୀ ସେବା ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା ନେଇ ଅଙ୍ଗୁଳି ଉଠିଛି।

## ଏମ୍‌ସରେ ଫ୍ୟାନ୍‌ରେ ଝୁଲିପଡ଼ିଲେ

ଭୁବନେଶ୍ୱର,୧୭।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ରେ ଅସ୍ଥିଶଲ୍ୟ ବିଭାଗ ଅଧୀନରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ଝୁଲନ୍ତା ମୃତ ଦେହ ସେ ଚିକିତ୍ସିତ ହେଉଥିବା ବେଡ୍ ଉପରେ ଥିବା ଫ୍ୟାନ୍‌ରୁ ଜବତ ହୋଇଛି। ମେଡିକାଲ୍ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମୃତକ ଜଣଙ୍କ ହେଲେ ଯାଜପୁର ଜିଲା ସାମନ୍ତରାପୁର ଅଞ୍ଚଳର ଦିଲ୍ଲୀପ ସାହୁ (୭୦)। ସୋମବାର ବିଳମ୍ବିତ ରାତିରେ ଦିଲ୍ଲୀପ ଡିଓ ୱାର୍ଡସ୍ଥିତ ଫ୍ୟାନ୍‌ରେ ଗାମୁଛା ଦ୍ୱାରା ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହକୁ ପୋଲିସ ଜବତ କରାଯାଇଛି। ଏନେଇ ମେଡିକୋ ଲିଗାଲ୍ କେସ୍ (ଏମ୍‌ଏଲ୍‌ସି) ଆଧାରରେ ଖଣ୍ଡଗିରି ଥାନା ପକ୍ଷରୁ ମଙ୍ଗଳବାର ଏକ ଅପମୃତ୍ୟୁ ମାମଲା (ନଂ.୩୨୯/୨୦୨୪) ରୁଜୁ କରାଯାଇ ତଦନ୍ତ ହେଉଛି। ତେବେ ଏମ୍‌ସରେ ବ୍ୟବଚ୍ଛେଦ ପରେ ପୋଲିସ ପକ୍ଷରୁ ଦିଲ୍ଲୀପଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଏମ୍‌ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଦିଲ୍ଲୀପ ତାଙ୍କ ଦୁଇଟି ଆଣ୍ଠୁର ଅସ୍ତ୍ରୋପଚାର ପାଇଁ ଗତ ୫ତାରିଖରେ ଏମ୍‌ସରେ ଭର୍ତ୍ତି ହୋଇଥିଲେ। ସମସ୍ତ ପରୀକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟ ପରେ ଡିସେମ୍ବର ୧୦ରେ ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ଆଣ୍ଠୁ ପ୍ରତିରୋପଣ କରାଯିବ ବୋଲି ଯୋଜନା ହୋଇଥିଲା। ହେଲେ ଡିସେମ୍ବର ୯ରେ ଦିଲ୍ଲୀପଙ୍କୁ ଅତ୍ୟଧିକ ଜ୍ୱର ହୋଇଯାଇଥିଲା। ଫଳରେ ତାଙ୍କୁ ମେଡିସିନ୍ ଡାକ୍ତର ଦେଖାଶୁଣା କରୁଥିଲେ। ତେବେ ଅନ୍ୟାନ୍ୟ ପରୀକ୍ଷା ପରେ ଦିଲ୍ଲୀପଙ୍କ କିଡ୍‌ନିଜନିତ ରୋଗ ଥିବା ଜଣାପଡ଼ିଥିଲା। ତାଙ୍କ ପରିସ୍ରାରେ ରକ୍ତ (ହେମାଟୁରିଆ) ପଡ଼ିବାରୁ ମୂତ୍ରରୋଗ ବିଶେଷଜ୍ଞ ଚିକିତ୍ସା କରୁଥିଲେ। ତେବେ ବିଭିନ୍ନ ରୋଗରେ ପଡ଼ି ବିଶେଷ ଅସୁବିଧା ଅନୁଭବ କରିବାରୁ ଦିଲ୍ଲୀପ ଭାଙ୍ଗି ପଡ଼ିଥିଲେ। ସେ ମାନସିକ ଅଶାନ୍ତିରେ ଗତି କରୁଥିଲେ। ଏପରିକି ହସ୍ପିଟାଲରେ ଦେଖାଶୁଣା କରୁଥିବା ଝିଅ ହରପ୍ରିୟାଙ୍କୁ



ସେ ଆତ୍ମହତ୍ୟା କରିଦେବେ ବୋଲି ମଧ୍ୟ କହିଥିଲେ। ତେବେ ହରପ୍ରିୟା ବାପାଙ୍କ ଦେଖାଶୁଣା କରିବା ସହ ବିଭିନ୍ନ ସମୟରେ ଏମ୍‌ସସ୍ଥିତ ଏକ ଆବାସରେ ରହିବାକୁ ଚାଲିଯାଉଥିଲେ। ସୋମବାର ରାତି ପ୍ରାୟ ୧୦ଟା ବେଳେ ହରପ୍ରିୟା ଉକ୍ତ ଆବାସକୁ ଯାଇଥିଲେ। ଏପଟେ କାର୍ଯ୍ୟରତ ଡାକ୍ତର ଓ ନର୍ସିଂ ଅଫିସର ଡିଓ ୱାର୍ଡକୁ ୧୨ଟା ୪୫ରେ ଯାଇଥିବାବେଳେ ଦିଲ୍ଲୀପ ବେଡ୍‌ରେ ଶୋଇଥିଲେ। ତେବେ ରାତି ପ୍ରାୟ ୧ଟାଏ ବେଳେ ନର୍ସିଂ ଅଫିସର ଓ

### ମାନସିକ ଚାପରେ ଭାଙ୍ଗି ପଡ଼ିଥିଲେ ଦିଲୀପ

ଅନ୍ୟ ଜଣେ ରୋଗୀଙ୍କ ସମ୍ପର୍କୀୟ ହାର୍ଡକୁ ଯାଇ ଦେଖିବାରୁ ଦିଲ୍ଲୀପ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ଦାୟିତ୍ୱରେ ଥିବା ନର୍ସ ଏହି ଘଟଣା ବିଷୟରେ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ। ପରେ ପୋଲିସକୁ ଖବର ଦିଆଯାଇଥିଲା। ତେବେ ହସ୍ପିଟାଲରେ ଦିଲ୍ଲୀପଙ୍କ ଆତ୍ମହତ୍ୟା ଘଟଣା ଉପରେ ଝିଅ ହରପ୍ରିୟା ପ୍ରଶ୍ନ ଉଠାଇଛନ୍ତି। ସେ ଗଣମାଧ୍ୟମରେ କହିଛନ୍ତି, ବାପା ଚାଲିପାରୁ ନାହାନ୍ତି, ଖଟ ଚଢ଼ି ଫ୍ୟାନ୍‌ରେ ଲାଗିଲେ କେମିତି ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଘଟଣା ସମୟରେ ସେହି ୱାର୍ଡ ଭିତରେ ୩୦ଜଣ ରୋଗୀ ଏବଂ ୧୦ଜଣ ଏମ୍‌ସ ଷ୍ଟାଫ୍ ଦାୟିତ୍ୱରେ ନିୟୋଜିତ ଥିବାବେଳେ ଏଭଳି ଏକ ଘଟଣା କିପରି ଘଟିଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର କାରଣ ଜାଣିବାକୁ ହସ୍ପିଟାଲ ପକ୍ଷରୁ ଗୁରୁତ୍ୱର ସହ ନିଆଯାଇଛି। ଏଥିପାଇଁ ଏକ ଯାଞ୍ଚ କମିଟି ଗଠନ କରାଯାଇଛି ବୋଲି ଏମ୍‌ସ ଲୋକ ସମ୍ପର୍କ ଅଧିକାରୀ ରାଜକିଶୋର ଦାସ କହିଛନ୍ତି।

## ଗଛରୁ ଝୁଲନ୍ତା ମୃତଦେହ ଜବତ

ବଲାଙ୍ଗୀର,୧୭।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପରିସରରେ ଜଣେ ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ହସ୍ପିଟାଲର ସିଟି ସ୍କାନ୍ ୟୁନିଟ୍ ପଛପଟେ ଥିବା ଏକ ଦେବଦାରୁ ଗଛରୁ ମଙ୍ଗଳବାର ତାଙ୍କର ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତଦେହ ଶାର୍ଟ ପକେଟ୍‌ରୁ ମିଳିଥିବା ହସ୍ପିଟାଲ ପଞ୍ଜୀକରଣ ଟିକେଟରେ ତାଙ୍କ ନାମ ଅଗସ୍ତି ଜାନି(୩୭) ବୋଲି ଉଲ୍ଲେଖ ରହିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ବଲାଙ୍ଗୀର ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଟିଟିଲାଗଡ଼ ଥାନା ଅଧୀନ ଅନ୍ତର୍ଲା ଗ୍ରାମର ଅଗସ୍ତି କୌଣସି କାମରେ ବରଗଡ଼ ଜିଲା ଅତାବିରା ଯାଇଥିଲେ। ସେଠାରୁ ସୋମବାର ଟ୍ରେନ୍ ଯୋଗେ ଫେରୁଥିବା ବେଳେ ଟ୍ରେନ୍ ଭିତରେ କୌଣସି କଥାକୁ କେନ୍ଦ୍ର କରି କେତେଜଣ ଯୁବକଙ୍କ ସହ ତାଙ୍କର ମାରପିଟ୍ ହୋଇଥିଲା। ଲୋଇସିଂହା ରେଳଷ୍ଟେଶନ ନିକଟରେ ସେ ଉକ୍ତ ଟ୍ରେନରୁ ଡେଇଁ ପଡିଥିଲେ। ଆହତ ଅବସ୍ଥାରେ ସେ ଲୋଇସିଂହା ରେଳଷ୍ଟେଶନ ମାଷ୍ଟରଙ୍କ ନିକଟକୁ ଯାଇ ଟ୍ରେନ ଭିତରେ ହୋଇଥିବା ଗଣ୍ଡଗୋଳ ସମ୍ପର୍କରେ ଜଣାଇଥିଲେ। ଏହାପରେ ଷ୍ଟେଶନମାଷ୍ଟର ତାଙ୍କୁ ହସ୍ପିଟାଲ ପଠାଇବା ବ୍ୟବସ୍ଥା କରିଥିଲେ। ହସ୍ପିଟାଲ ଗଲା ପରେ ସେଠାରେ ପ୍ରାଥମିକ ଚିକିତ୍ସା କରି ଡାକ୍ତର ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ଆମ୍ବୁଲାନ୍ସ ଯୋଗେ ସେ ଲୋଇସିଂହା ହସ୍ପିଟାଲରୁ ବଲାଙ୍ଗୀର ଆସି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଓପିଡିକୁ ଯାଇଥିଲେ। ସେଠାକାର ଡାକ୍ତର ତାଙ୍କୁ ସର୍ଜରୀ ୱାର୍ଡରେ ଭର୍ତ୍ତି ହେବାକୁ ପରାମର୍ଶ ଦେଇଥିଲେ। ତେବେ ଯୁବକ ଜଣକ ପରିବାର ଲୋକେ ଆସିଲା ପରେ ଯାଇ ହସ୍ପିଟାଲରେ ଭର୍ତ୍ତି ହେବେ କହି ସେହି ପରିସରରେ ବୁଲୁଥିଲେ। ସିସିଟିଭି ଫୁଟେଜ୍‌ରୁ ମଧ୍ୟ ସେ ହସ୍ପିଟାଲ ପରିସରରେ ବୁଲୁଥିବା ଦେଖାଯାଉଛି।

### ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପରିସରରେ ଅଘଟଣ

- ମୃତ୍ୟୁର କାରଣ ଅସ୍ପଷ୍ଟ
- ବିଳମ୍ବିତ ରାତିଯାଏ ହସ୍ପିଟାଲ ପରିସରରେ ବୁଲୁଥିଲେ
- ମୁଣ୍ଡରେ ବ୍ୟାଣ୍ଡେଜ୍, ହାତରେ ଭେନ୍‌ଫ୍ଲାମ୍ ଲାଗିଥିଲା

ତେବେ ବିଳମ୍ବିତ ରାତିରେ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଗଣମାଧ୍ୟମକୁ କହିଛନ୍ତି। ତେବେ ଏନେଇ ଅଧିକ ତଦନ୍ତ ଚାଲିଛି ଏବଂ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି। ଏସ୍‌ଡିପିଓ ସାହୁ କହିଛନ୍ତି, ବଲାଙ୍ଗୀର ହସ୍ପିଟାଲ ପରିସରରେ ବୁଲୁଥିବା ବେଳେ ଅଗସ୍ତି କିଛି ଲୋକଙ୍କ ସହ କଥାବାର୍ତ୍ତା କରିଥିଲେ ଓ ସେ ଭୟଭୀତ ଥିବା ଜଣାପଡୁଥିଲେ। ତେବେ ସେ କାହିଁକି ଭୟଭୀତ ଥିଲେ ତାହା ଏଯାଏ ଜଣାପଡ଼ିନାହିଁ। ଏନେଇ ତଦନ୍ତ ଚାଲିଛି। ଟ୍ରେନ୍‌ରୁ ଡିଆଁ ମାରିଥିବା ଯୁବକ ଜଣକ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିବା ପରେ କାହିଁକି ଆତ୍ମହତ୍ୟା କରିବେ ଏହା ସହଜରେ ଗ୍ରହଣଯୋଗ୍ୟ ହୋଇପାରୁନାହିଁ। ମୃତ ଅଗସ୍ତିଙ୍କ ହାତରେ ଭେନ୍‌ଫ୍ଲାମ୍ ଓ ମୁଣ୍ଡରେ ବ୍ୟାଣ୍ଡେଜ୍ ଲାଗିଥିବା ବେଳେ ଏକାକୀ ଦେବଦାରୁ ଗଛକୁ ଚଢ଼ି ଆତ୍ମହତ୍ୟା କରିବା କଥାକୁ ଲୋକେ ବିଶ୍ୱାସ କରିପାରୁନାହାନ୍ତି। ସନ୍ଦେହଜନକ ଭାବେ ତାଙ୍କର ମୃତ୍ୟୁ ଘଟିଥିବାରୁ ଏ ଦିଗରେ ଅଧିକ ତଦନ୍ତର ଆବଶ୍ୟକତା ରହିଛି। ବ୍ୟବଚ୍ଛେଦ ପରେ ମୃତଦେହ ଅଗସ୍ତିଙ୍କ ସ୍ତ୍ରୀ ଓ ଶାଳକଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି।

## ତତ୍କାଳୀନ ଆର୍‌ଆଇଙ୍କୁ ୩ ବର୍ଷ ଜେଲ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ୧୫ ବର୍ଷ ପରେ ରାୟ

ବ୍ରହ୍ମପୁର,୧୭।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ୧୫ ବର୍ଷ ପରେ ମଙ୍ଗଳବାର ରାୟ ପ୍ରକାଶ କରିଛନ୍ତି। ଜଣେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ଜଣକ ହେଲେ ଗୋଷାଣୀନୂଆଗାଁ ରେଭିନ୍ୟୁ ସର୍କଲର ତତ୍କାଳୀନ ଆରଆଇ ସୁଦର୍ଶନ ପଣ୍ଡା(୬୮)।

ସୁଦର୍ଶନ ଆର୍‌ଆଇ ଭାବେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ କଟକ ସେଲ ପକ୍ଷରୁ ୨୦୦୯ ସେପ୍ଟେମ୍ବର ୩୦ ତାରିଖରେ ଗୋଷାଣୀ ନୂଆଗାଁସ୍ଥିତ ତାଙ୍କ ସରକାରୀ କାର୍ଯ୍ୟାଳୟ ସମେତ ଗଞ୍ଜାମ ଜିଲା ଗୋବରା ନିକଟ ବାସୁଦେବପୁରଠାରେ ଥିବା ପୈତୃକ ବାସଭବନ ଓ ବ୍ରହ୍ମପୁର ନିକଟ ଲୋଚାପଡ଼ା ଶକ୍ତିନଗରସ୍ଥିତ ବାସଭବନରେ ଚଢ଼ାଉ କରାଯାଇଥିଲା। ସେତେବେଳେ ଆର୍‌ଆଇଙ୍କ ନିକଟରୁ ମୋଟ ୨୦ ଲକ୍ଷ ୧୬ ହଜାର ୧୯ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା। ହେଲେ ବିଚାର ବେଳେ ରାଜସ୍ୱ ନିରୀକ୍ଷକଙ୍କ ମୋଟ ଆୟ ବହିର୍ଭୂତ ସମ୍ପତ୍ତି ୧୫ ଲକ୍ଷ ୨୫ ହଜାର ୫୦୫ ଟଙ୍କା ବୋଲି କୋର୍ଟ ଧାର୍ଯ୍ୟ କରିଥିଲେ ।

ଭିଜିଲାନ୍ସର ତତ୍କାଳୀନ ଇନ୍ସପେକ୍ଟର ବସନ୍ତ କୁମାର ସିହ୍ନା କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ୩୯ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

## ଲାଞ୍ଚ ନେବାବେଳେ ସେକ୍ସନ ଅଫିସରଙ୍କୁ ଧରିଲା ଭିଜିଲାନ୍ସ

ପାପଡ଼ାହାଣ୍ଡି/ନବରଙ୍ଗପୁର, ୧୭।୧୨(ସ୍ୱପ୍ନଜିତ ପଟ୍ଟନାୟକ/ ସଦାଶିବ ପ୍ରହରାଜ)

୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟର ସେକ୍ସନ ଅଫିସର ରଞ୍ଜିତ କୁମାର ଷଡ଼ଙ୍ଗୀ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ପକ୍ଷରୁ ରଞ୍ଜିତଙ୍କ ନବରଙ୍ଗପୁର ସହର ରାଜୁସାହିସ୍ଥିତ ଘର ଯାଞ୍ଚ କରାଯାଇଛି। କୋରାପୁଟ ଭିଜିଲାନ୍ସ ବିଭାଗ କେସ୍ ନମ୍ବର ୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନାନୁଯାୟୀ ପାପଡ଼ାହାଣ୍ଡି ନିବାସୀ ରାମଚନ୍ଦ୍ର ସାହୁ ୨୦୧୧ରେ ମୁଣ୍ଡାଗୁଡ଼ା ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ତାଙ୍କର ଆଜି ପର୍ଯ୍ୟନ୍ତ ଫାଇନାଲ ପେନସନ୍ ହୋଇପାରୁ ନ ଥିଲା। ରାମଚନ୍ଦ୍ର ଫାଇନାଲ ପେନ୍‌ସନ ପାଇଁ ସେକ୍ସନ ଅଫିସର ଷଡ଼ଙ୍ଗୀଙ୍କ ସହ କଥା ହୋଇଥିଲେ। ସେ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ରାମଚନ୍ଦ୍ର ଏ ନେଇ ନବରଙ୍ଗପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ସେ ଟଙ୍କା



ନେଇ ରଞ୍ଜିତଙ୍କୁ ଦେବାବେଳେ ପୂର୍ବ ଯୋଜନା ମୁତାବକ ସେଠାରେ ଜଗି ରହିଥିବା ଭିଜିଲାନ୍ସ କର୍ମଚାରୀ ଟଙ୍କା ସହ ତାଙ୍କୁ ଗିରଫ କରିଥିଲେ। ଏହାପରେ ରାଜୁ ସାହିସ୍ଥିତ ତାଙ୍କ ଘରେ ଚଢ଼ାଉ କରାଯାଇଛି। ତେବେ ଘରେ ଚଢ଼ାଉ ବେଳେ କ'ଣ କାଗଜପତ୍ର ବାହାରିଲା ସେ ନେଇ ସୂଚନା ଦିଆଯାଇନାହିଁ। ଏହି ଚଢ଼ାଉରେ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅରୁଣ କୁମାର ନାୟକ, ଡିଏସ୍‌ପି ଜୟଶ୍ରୀ ପ୍ରଧାନ, ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ ଓ କର୍ମଚାରୀ ଭାଗ ନେଇଥିଲେ। ଅଭିଯୁକ୍ତଙ୍କୁ ଜୟପୁର ଅଫିସକୁ ସ୍ଥାନାନ୍ତର କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇଲେ ପିନ୍ଧିଲେ ବୁଢ଼ୀ ସୁନ୍ଦର**
**ଲିପିଲେ ପୋଛିଲେ ଘର ସୁନ୍ଦର ।**

ସୁଷମ ଖାଦ୍ୟ ଏବଂ ପରିଧାନ ବୟସର ସୌନ୍ଦର୍ଯ୍ୟକୁ ଅଭିବୃଦ୍ଧି କରିଥାଏ। ସେହିପରି ଘର ପରିଷ୍କାର ପରିଚ୍ଛନ୍ନ କରି ରଖିଲେ ତାହା ଆଖିକୁ ଆକୃଷ୍ଟ କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଖଇର ଚୋପି**
**ବେଳ ଉଣ୍ଡିକରି ଗଡ଼ିଲେ ଗୋପୀ।**

ଈପ୍ସିତ ଇଚ୍ଛା ପୂରଣ କରିବା ପାଇଁ ସ୍ୱାର୍ଥସନ୍ଧିସୁ ବ୍ୟକ୍ତି ବେଳ କାଳ ଉଣ୍ଡି ପହଞ୍ଚି ଯାଇଥାନ୍ତି। କେତେବେଳେ ଆସିଲେ ମନୋବାଞ୍ଛା ଅଚିରେ ପୂରଣ ହୋଇପାରିବ, ସେ ବିଦ୍ୟା ତାଙ୍କୁ ବେଶ୍ ଭଲଭାବେ ଜଣାଯାଇଥାଏ। ପରୋକ୍ଷରେ ନିଜ ମନର ମଣିଷ ସହ ଭେଟ କରିବାର ପ୍ରକୃଷ୍ଟ ସମୟ ପ୍ରେମୀ ପାଖେ ଅଛପା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡ୍ସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ମହିଳାଙ୍କୁ ବ୍ଲାକ୍‌ମେଲ କରି ଯୁବକ ଗିରଫ

ଚୌଦ୍ୱାର,୧୭।୧୨(ଆଶୁତୋଷ ଦାସ)

ଡିଜିଟାଲ ପ୍ଲାଟ୍‌ଫର୍ମରେ ଅଶ୍ଳୀଳ ଫଟୋ ଭାଇରାଲ କରିଦେବା ଭୟ ଦେଖାଇ ଜଣେ ମହିଳାଙ୍କୁ ବ୍ଲାକ୍‌ମେଲ କରିବା ଓ ତାଙ୍କଠାରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ମାହାଙ୍ଗା ଭଦ୍ରେଶ୍ୱର ଥାନା ଅଞ୍ଚଳର ଚିନ୍ମୟ ରାଉତ। ସୂଚନା ମୁତାବକ, ଚିନ୍ମୟ ଡିଜିଟାଲ ପ୍ଲାଟ୍‌ଫର୍ମ ମାଧ୍ୟମରେ ସମ୍ପୃକ୍ତା ମହିଳାଙ୍କ ମୋବାଇଲ ନମ୍ବର ଯୋଗାଡ଼ କରି ତାଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା କରିଥିଲେ। ପରେ ସେ ମହିଳାଙ୍କ କିଛି ଆପତ୍ତିଜନକ ଫଟୋ ଯୋଗାଡ଼ କରି ତାକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇ ତାଙ୍କ ନିକଟରୁ ବାରମ୍ବାର ଟଙ୍କା ଆଦାୟ କରୁଥିଲେ। ଚିନ୍ମୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ନେଇ ସମ୍ପୃକ୍ତା ମହିଳା ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୬୪୭/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି।

## ପୂର୍ବ ଶତ୍ରୁତାରୁ ବ୍ୟବସାୟୀଙ୍କ ଉପରକୁ ବୋମାମାଡ଼

- ଜଣେ ଗିରଫ, ଅନ୍ୟ ଜଣେ ଫେରାର
- ଝୋଟ, ପେପର ପିସ୍, ଗୋଡ଼ି ଓ କଟନ ସ୍ୱାପ ନମୁନା ସଂଗ୍ରହ

କାକଟପୁର/ ଅସ୍ତରଙ୍ଗ,୧୭।୧୨(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ ମମତା ଜେନା)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କାକଟପୁର ଥାନା ଅନ୍ତର୍ଗତ କଟକଣା ବଙ୍ଗଳା ନିକଟରେ ବ୍ୟବସାୟୀ ଏସ. କେ. ସୁଦାମଙ୍କ ଉପରକୁ ୨ଟି ବୋମା ମାଡ଼ ହୋଇଥିଲା। ପ୍ରଥମ ବୋମା ମାଡ଼ରେ ସୁଦାମ ଆହତ ହେବା ସହ ବାଇକ୍‌ର ଅନେକାଂଶ ଭାଙ୍ଗି ଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ସୋମବାର ବିଳମ୍ବିତ ରାତିରେ ସୁଦାମ ଚିକେନ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ଶେଖ୍



ଜୁନୋଦ ଓରଫ ଗୋରା ତାଙ୍କ ଉପରକୁ ବୋମାମାଡ଼ କରିଥିଲେ। ପ୍ରଥମ ବୋମାଟି ସୁଦାମ ଯାଉଥିବା ଗାଡ଼ିରେ ମାଡ଼ ହୋଇଥିବା ବେଳେ ଦ୍ୱିତୀୟ ବୋମାଟି ଘର କାନ୍ଥରେ ବାଜିଥିଲା। ବୋମା ବିସ୍ଫୋରଣ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଥିଲା। ଖବରପାଇ କାକଟପୁର ଥାନା ପୋଲିସ ପହଞ୍ଚି ଘଟଣା ସମ୍ପର୍କରେ ଆହତ ଯୁବକଙ୍କଠାରୁ ବୁଝିଥିଲା। ପରେ ପୋଲିସ ରାତିରେ ଅଭିଯୁକ୍ତ ଶେଖ ଜୁନୋଦଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ମଙ୍ଗଳବାର ଆହତ ସୁଦାମ କାକଟପୁର ଥାନାରେ ଅଭିଯୋଗ କରିବା ପରେ ପୁରୀ ସାଇଣ୍ଟିଫିକ୍ ଟିମ୍‌ର ୩ଜଣିଆ ଅଧିକାରୀ ସାଇଣ୍ଟିଫିକ ଅଫିସର ଆଦିତ୍ୟ ରଞ୍ଜନ ନାୟକ, ଲ୍ୟାବ୍ ଆଟେଣ୍ଡାଣ୍ଟ ବିଶ୍ୱଜିତ୍ ସାହୁ, କ୍ୟାମେରା ମ୍ୟାନ ଓ କାକଟପୁର ଥାନାଧିକାରୀ ଉମେଶ କୁମାର ସାହୁ, ଏଏସ୍‌ଆଇ ପ୍ରମୋଦ ସେଠୀ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ ତଦନ୍ତ କରିଛନ୍ତି। ଏଥିସହ ଘଟଣାସ୍ଥଳରୁ ସାଇଣ୍ଟିଫିକ ଟିମ୍ ଝୋଟ, ପେପର ପିସ୍, ଗୋଡ଼ି ଓ କଟନ ସ୍ୱାପ ନମୁନା ସଂଗ୍ରହ କରିଛି। ଏନେଇ କାକଟପୁର ଥାନାରେ କେସ୍ ନଂ.୨୪୮/୨୪ରେ ମାମଲା ରୁଜୁ କରି ମଙ୍ଗଳବାର ଅପରାହ୍ନରେ ଶେଖ୍ ଜୁନୋଦଙ୍କୁ କୋର୍ଟଚାଲାଣ କରାଯାଇଛି।

## ଚୋରି ରୋକିବାକୁ ଆଣ୍ଟି ବର୍ଗ୍ଲାରି ସ୍କ୍ୱାଡ୍

ଭୁବନେଶ୍ୱର,୧୭।୧୨(ସତ୍ୟଜିତ୍ ରାଉତ): ରାଜଧାନୀ ଭୁବନେଶ୍ୱରରେ ଆପାର୍ଟମେଣ୍ଟ ଓ କୋଠାଗୁଡ଼ିକରେ ଚୋରଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ସୁରକ୍ଷା ଅଭାବରୁ ଦୁର୍ବୃତ୍ତମାନେ ଘରେ ପଶି ସୁନା ଅଳଙ୍କାର, ଟଙ୍କା ଆଦି ମୂଲ୍ୟବାନ ସାମଗ୍ରୀ ଚୋରି କରିନେଉଛନ୍ତି। ତେବେ ଏଭଳି ସ୍ଥିତିରେ ଏହି ଚୋରି ରୋକିବାକୁ କମିଶନରେଟ୍ ପୋଲିସ ଆଣ୍ଟି ବର୍ଗ୍ଲାରି ସ୍କ୍ୱାଡ୍ ଗଠନ କରିଛି ବୋଲି ଭୁବନେଶ୍ୱର ଡିସିପି ପିନାକ ମିଶ୍ର ମଙ୍ଗଳବାର ସୂଚନା ଦେଇଛନ୍ତି। ଗତ ୮ଦିନ ହେବ ଏହି ଟିମ୍ ସହରରେ ଚୋରି ରୋକିବାକୁ କାମ କରୁଛି ବୋଲି ସେ କହିଛନ୍ତି। ଏହି ଟିମ୍‌ରେ ପ୍ରାୟ ୧୫୦ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀ ରହିଛନ୍ତି। ଏହି ଟିମ୍ ସହରର ରାତିବେଳା ପ୍ରବେଶ ଓ ପ୍ରସ୍ଥାନ ଆଦି ପଏଣ୍ଟରେ ବ୍ଲକିଂ ଚେକିଂ କଡ଼ାକଡ଼ି କରୁଛନ୍ତି ବୋଲି ଡିସିପି ମିଶ୍ର କହିଛନ୍ତି। ଚୋରି ମାମଲାରେ ସ୍ପେଶାଲ ସ୍କ୍ୱାଡ୍ ଓ ସମ୍ପୃକ୍ତ ଥାନା ପିଓପିଡି ଟିମ୍ କାମ କରୁଛନ୍ତି। ଏଥିପାଇଁ ପ୍ରତ୍ୟେକ ଥାନାରେ ହ୍ୱାଟ୍‌ସଆପ ଗ୍ରୁପ କରାଯାଇ ସୁରକ୍ଷା ସଚେତନ କରାଯାଉଛି ବୋଲି ଡିସିପି କହିଛନ୍ତି।

## ଠକାମିର ଶିକାର ହୋଇଥିବା ଆଉ ୮ ଏତଲା ଦେଲେ

### ଟଙ୍କା ନେଇ ଏସ୍‌ସିବିରେ ଚାକିରି ଦେବା ଘଟଣା

କଟକ,୧୭।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଚାକିରି କରାଇଦେବା ପାଇଁ ଟଙ୍କା ନେବା ଘଟଣାରେ ମଙ୍ଗଳବାର ଆଉ ୮ଜଣ ଏସ୍‌ସିବି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀଙ୍କୁ ସେମାନେ ଲିଖିତ ଅଭିଯୋଗପତ୍ର ଦେଇଛନ୍ତି। ଏନେଇ ଠକାମିର ଶିକାର ହୋଇଥିବା ଶୁଭମ ଗୁଣ୍ଡୁ କହିଛନ୍ତି, ଚାକିରି ପାଇଁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ଦେଖି ଯୋଗାଯୋଗ କରିଥିଲୁ। ଏସ୍‌ସିବିରେ ଆଟେଣ୍ଡାଣ୍ଟ ସୁପରଭାଇଜରରେ ନିଯୁକ୍ତି ପାଇଁ ୩୫ ହଜାର ଟଙ୍କା ଦେଇଛି। ଏଥିସହ ଅନ୍ୟ ୭ଜଣ ପ୍ରାୟ ୧ଲକ୍ଷ ୫୦ ହଜାରରୁ ଅଧିକ ଟଙ୍କା ଦେଇଥିଲେ। ଆମେ ସମସ୍ତେ ଠକାମିର ଶିକାର ହୋଇଥିବା ଜାଣିବା ପରେ ପୋଲିସର ଦ୍ୱାରସ୍ଥ ହୋଇଛୁ। ସେହିପରି ଫାଣ୍ଡି ଅଧିକାରୀ ମଣେଶ୍ୱର ପ୍ରଧାନ କହିଛନ୍ତି, ଉକ୍ତ ଘଟଣାରେ ୪ ଅଭିଯୁକ୍ତଙ୍କୁ ପୂର୍ବରୁ ଗିରଫ କରାଯାଇଛି। ମଙ୍ଗଳବାର ଏତଲା ଆଧାରରେ ପୃଥକ ମାମଲା ରୁଜୁ କରାଯାଇଥିବାବେଳେ ଏହାର ତଦନ୍ତ କରାଯିବ। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ପ୍ରଧାନ ସୂଚନା ଦେଇଛନ୍ତି।

ଅନ୍ୟପଟେ ଏସ୍‌ସିବି ମେଡିକାଲ କୁଳସଚିବ ଅବିନାଶ ରାଉତ କହିଛନ୍ତି, ଏସ୍‌ସିବିରେ ଆଟେଣ୍ଡାଣ୍ଟ, ସୁରକ୍ଷାକର୍ମୀ, ସଫେଇ କର୍ମୀ, ଲିଫ୍ଟ ଅପରେଟର, ଡାଟା ଏଣ୍ଟ୍ରି ଅପରେଟର, ଟେକ୍ନିସିଆନ ଇତ୍ୟାଦି ପଦବୀରେ ୨୨୦୦ କର୍ମଚାରୀଙ୍କୁ ଆଉଟସୋର୍ସିଂ ଜରିଆରେ ନିଯୁକ୍ତି କରାଯାଇଛି। ଯେଉଁଥିରେ ଏସ୍‌ସିବିର କୌଣସି ଭୂମିକା ନ ଥାଏ। କେବଳ କିଛି ପଦବୀ ପାଇଁ ମେଡିକାଲ ପକ୍ଷରୁ ଏକ ଟିମ୍ ଗଠନ ହୋଇ ଏହି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତାକୁ ଦୃଷ୍ଟି ଦିଆଯାଏ। କିନ୍ତୁ ବର୍ତ୍ତମାନ ଯେଉଁ ଦୁଇଟି ଆଉଟସୋର୍ସିଂ ସଂସ୍ଥା ଏସ୍‌ସିବିରେ ନିଯୁକ୍ତି ଠକେଇ ଘଟଣାରେ ସାମିଲ ଅଛନ୍ତି, ସେମାନଙ୍କୁ କାରଣ ଦର୍ଶାଅ ନୋଟସ ଜାରି କରାଯିବା ସହ ଆଗାମୀ ଦିନରେ ଯେପରି ଏଭଳି ଘଟଣା ନ ଘଟେ ସେଥିପ୍ରତି ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉ କି, ଏସ୍‌ସିବି ମେଡିକାଲରେ ଚାକିରି କରିବା ଲାଗି ଟଙ୍କା ଦେଇ ଠକାମିର ଶିକାର ହୋଇଥିବା ସୁନ୍ଦରଗଡ଼ ଜିଲାର ହୀରାମଣି ଆଢ଼ା ପ୍ରଥମେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଘଟଣାର ତଦନ୍ତ କରି ଗତ ୧୧ ତାରିଖରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।


ନାଗପୁରସ୍ଥିତ ମହାରାଷ୍ଟ୍ରର ବିଧାନ ଭବନରେ ମଙ୍ଗଳବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ସହ ଶିବସେନା(ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କରମର୍ଦ୍ଦନ କରୁଛନ୍ତି।

# ଫଡ଼ନବିସଙ୍କୁ ଭେଟିଲେ ଉଦ୍ଧବ

**ନାଗପୁର, ୧୭।୧୨**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଦଳର ଘୋର ବିପର୍ଯ୍ୟୟ ପରେ ଶିବସେନା (ୟୁବିଟି) ନେତା ଉଦ୍ଧବ ଠାକ୍‌ରେ ମଙ୍ଗଳବାର ନାଗପୁର ବିଧାନ ଭବନଠାରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କୁ ଭେଟିଛନ୍ତି। ନିର୍ବାଚନରେ ଭାଜପାର ବଡ଼ ବିଜୟ ହୋଇଥିବାରୁ ଉଦ୍ଧବ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଯାଇଥିବା ଜଣାପଡ଼ିଛି। ତାଙ୍କ ସହ ପୁଅ ତଥା ୱର୍ଲି ବିଧାୟକ ଆଦିତ୍ୟ ଠାକ୍‌ରେ, ବିଧାୟକ ଅନିଲ ପରବ ଓ ବରୁଣ ସରଦେଶାଇ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ମହାରାଷ୍ଟ୍ରର ସ୍ୱାର୍ଥ ପାଇଁ ଏକାଠି କାମ କରିବା ଉଦ୍ଦେଶ୍ୟରେ ଏପରି ଭେଟ୍‌ଘାଟ ହୋଇଥିବା ଆଦିତ୍ୟ କହିଛନ୍ତି। ଆଦିତ୍ୟ କହିଛନ୍ତି, ତାଙ୍କ ଦଳର ମୁଖିଆ ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ଫଡ଼ନବିସ ଓ ବିଧାନସଭା ବାଚସ୍ପତି ରାହୁଲ ନରୱେକରଙ୍କୁ ଭେଟି ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ବହୁ ବିଷୟ ଉପରେ ଆଲୋଚନା କରିଛନ୍ତି। ଆଦିତ୍ୟ କହିଛନ୍ତି, ଆମେ ସମସ୍ତେ ଲୋକଙ୍କ ପ୍ରତିନିଧି। ଶାସକ ଦଳ ମଧ୍ୟ ଆମକୁ ଶୁଣିବା ଉଚିତ। ଏହାଦ୍ୱାରା ଲୋକଙ୍କ ମଙ୍ଗଳ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏବେ ନାଗପୁରରେ ଶୀତ ଅଧିବେଶନ ଚାଲିଛି।

# ଫେବୃଆରୀରେ ଭାଜପାର ନୂଆ ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୧୭।୧୨ (ପି.ଟି.)**

ଭାଜପାର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଫେବୃଆରୀ ଶେଷ ସୁଦ୍ଧା ନିର୍ବାଚିତ ହୋଇପାରନ୍ତି ବୋଲି ଦଳର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି। ବର୍ତ୍ତମାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସ୍ଥାନରେ ନୂଆ ଅଧ୍ୟକ୍ଷ ଦାୟିତ୍ୱ ନେବେ। ଜାନୁଆରୀ ମଧ୍ୟଭାଗ ସୁଦ୍ଧା ଅର୍ଦ୍ଧାଧିକ ରାଜ୍ୟରେ ଭାଜପାର ସାଂଗଠନିକ ନିର୍ବାଚନ ଶେଷ ହୋଇଯିବ। ଏହା ପରେ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ବରିଷ୍ଠ ନେତାଙ୍କ କହିବା ଅନୁଯାୟୀ, ୬୦ ପ୍ରତିଶତ ଭାଜପା ରାଜ୍ୟ ସଭାପତିଙ୍କ କାର୍ଯ୍ୟକାଳ ପୂରଣ ହୋଇଥିବାରୁ ଆସନ୍ତା ମାସ ମଧ୍ୟଭାଗ ସୁଦ୍ଧା ସେମାନେ ବଦଳିବେ। ତେବେ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରୁ କେହି ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିବେ କି ବୋଲି ପ୍ରଶ୍ନ ହେବାରୁ କାର୍ଯ୍ୟକର୍ତ୍ତା ଜଣକ କହିଛନ୍ତି, ସରକାରରୁ କିମ୍ବା ସଂଗଠନରୁ ନୂଆ ଅଧ୍ୟକ୍ଷ ହୋଇପାରନ୍ତି। ଏପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇନାହିଁ। ୨୦୨୦ ଫେବୃଆରୀରୁ ଭାଜପା ଅଧ୍ୟକ୍ଷ ପଦରେ ଥିବା ନଡ୍ଡା ଏବେ କେନ୍ଦ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ ରହିଛନ୍ତି। ଦଳୀୟ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ୩ ବର୍ଷ ହୋଇଥିବାବେଳେ ୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ନଡ୍ଡାଙ୍କ କାର୍ଯ୍ୟକାଳ ବଢ଼ାଇଦିଆଯାଇଥିଲା।

# ନବୀନଙ୍କ ସହ ରହିଛୁ, ଶେଷଯାଏ ରହିବୁ

**ଭୁବନେଶ୍ୱର, ୧୭।୧୨ (ଅନିଲଦାସ)**

## ବିଜେଡି ରାଜ୍ୟ ସଭା ଏମପିଙ୍କ ଗୋଟିଏ ସ୍ୱର

ବିଜେଡି ନେତା ସୁଜିତ କୁମାର ଓ ମମତା ମହାନ୍ତ ଭାଜପାରେ ସାମିଲ ହେବା ପରେ ଦଳର ଆହୁରି କେତେକ ଏମ୍‌ପି ଦଳ ଛାଡ଼ିବା ନେଇ ବିଭିନ୍ନ ସମୟରେ ଭାଜପା ନେତାମାନେ ଗଣମାଧ୍ୟମରେ କହୁଛନ୍ତି। ଏହାକୁ ନେଇ ରାଜନୈତିକ ମହଲରେ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏଭଳି ଆଲୋଚନା ଭିତରେ ବିଜେଡିର ୭ ଜଣ ରାଜ୍ୟ ସଭା ସଦସ୍ୟ ମଙ୍ଗଳବାର ନୂଆଦିଲ୍ଲୀରେ ଖବରଦାତା ସମ୍ମିଳନୀ ଡାକି ଏଭଳି ଖବରକୁ କଡ଼ା ବିରୋଧ କରିଛନ୍ତି। ସେମାନେ କହିଛନ୍ତି, ବିଜେଡି ଓ ନବୀନ ପଟ୍ଟନାୟକଙ୍କ ସହ ଅଛନ୍ତି ଓ ଶେଷ ଯାଏ ରହିବେ। ଦଳ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ। କେତେକ ଗଣମାଧ୍ୟମରେ ଅପପ୍ରଚାର ହେଉଛି। ଉଦ୍ଦେଶ୍ୟମୂଳକ ଭାବେ ବିଜେଡି ଏମ୍‌ପିଙ୍କ ଚରିତ୍ର ସଂହାର କରାଯାଉଛି। ଏଭଳି ମନଗଢ଼ା ଖବର ପ୍ରସାରଣ ବନ୍ଦ ନ ହେଲେ ଆଇନର ଆଶ୍ରୟ ନିଆଯିବ ବୋଲି ବିଜେଡି ଏମ୍‌ପିମାନେ ଚେତାଇ ଦେଇଛନ୍ତି।

ବିଜେଡି ରାଜ୍ୟ ସଭା ସଦସ୍ୟ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଭେଟିବା ଘଟଣାକୁ ମିଛ ରାଜନୀତିର ରଙ୍ଗ ଦିଆଯାଉଛି। ମିଳିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଅଭିଯୋଗ କରିଛନ୍ତି ଯେ, କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ବିଜେଡିକୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ସବୁ ଦଳର ଏମ୍‌ପିମାନେ ଦୈନିକ ଭେଟି ରାଜ୍ୟ ସମସ୍ୟା କଥା କହିଥାନ୍ତି। ବିଜେଡି ଏମ୍‌ପିମାନେ ମଧ୍ୟ ସେହିଭଳି ରାଜ୍ୟର କିଛି ସମସ୍ୟାକୁ ନେଇ ତାଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଏହାକୁ ଏକ ଭିନ୍ନ ଢଙ୍ଗରେ ଚିତ୍ରଣ କରାଯାଉଛି। ଏଥିରେ ସମ୍ପୃକ୍ତ ଏମପିଙ୍କ ମତାମତ ମଧ୍ୟ ନିଆଯାଉ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସେହିଭଳି ଭୁଲ୍ ଖବର ପ୍ରସାରଣ ନ କରିବାକୁ ସାଂସଦ ଦେବାଶିଷ ସାମନ୍ତରାୟ ଓ ମୁନ୍ନା ଖାଁ ଦାବି କରିଛନ୍ତି। ବିଜେଡି ଏକ ଅଛି ଓ ରହିବ। ନବୀନ ପଟ୍ଟନାୟକଙ୍କ ସହ ସବୁ ଏମ୍‌ପି ଅଛନ୍ତି। ଏହାକୁ ନେଇ ଅପପ୍ରଚାର ନ କରିବାକୁ ସେ କହିଛନ୍ତି। ବିଜେଡି ଏମ୍‌ପି ସସ୍ମିତ ପାତ୍ର ଅଭିଯୋଗ କରିଛନ୍ତି ଯେ, କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ରାଜନୈତିକ ଉଦ୍ଦେଶ୍ୟ ରଖି ଭୁଲ୍ ଖବର ଦେଉଛନ୍ତି। ସେମାନେ ଚାହୁଁଛନ୍ତି ରାଜ୍ୟର ସ୍ୱାର୍ଥ କଥା ଦିଲ୍ଲୀରେ ନ ଉଠୁ।

ବିଜେଡି ଏମ୍‌ପିମାନେ କହିଛନ୍ତି, ଗତ ନିର୍ବାଚନରେ ଭାଜପା ସରକାର ଗଠନର ସଂଖ୍ୟା ଗଣତିରେ ଆଗୁଆ ଥିଲେ ବି ସାମଗ୍ରିକ ଭୋଟ ହାରରେ ବିଜେଡି ଆଗୁଆ ରହିଥିଲା। ସେହିପରି ଏବେ ବି ନବୀନଙ୍କ କ୍ରେଜ୍ କାହିଁରେ କ'ଣ। ତେଣୁ ଏମ୍‌ପିଙ୍କ ବିରୋଧରେ ମନଗଢ଼ା ଖବର ପ୍ରସାରଣ କରି ବିଜେଡିକୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରାଯାଉଛି।

# ଭବାନୀପାଟଣା ବ୍ଲକ୍‌ର ୨୦ ସରପଞ୍ଚ ଭାଜପାରେ ସାମିଲ

**ଭବାନୀପାଟଣା, ୧୭।୧୨ (ଉତ୍ତମ କୁମାର ଦାଶ)**

ରାଜ୍ୟରେ ଭାଜପା ସରକାର ଆସିବା ପରେ କଳାହାଣ୍ଡି ଜିଲାରେ ଦିନକୁ ଦିନ ଦଳର ଶକ୍ତି ବଢ଼ିବାରେ ଲାଗିଛି। ଏପରିସ୍ଥଳେ ମଙ୍ଗଳବାର ଭୁବନେଶ୍ୱର ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଭବାନୀପାଟଣା ବ୍ଲକର ୨୦ ଜଣ ସରପଞ୍ଚ ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଭାଜପା ପକ୍ଷରୁ ସେମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ କଳାହାଣ୍ଡି ଭାଜପା ଆହୁରି ଶକ୍ତିଶାଳୀ ହେବ ବୋଲି ଦଳୀୟ ନେତା ପ୍ରକାଶ କରିଛନ୍ତି। ଏହି ସମୟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ପୂର୍ବତନ ସଙ୍ଗଠନ ମନ୍ତ୍ରୀ ରଞ୍ଜନ ପୁଟେଲ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ସ୍ୱଚ୍ଛ ଭାରତ ଅଭିଯାନ ଭାଜପା କଳାହାଣ୍ଡି ଜିଲା ସଂଯୋଜକ


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ପଦ୍ମ ଧରିଥିବା ସରପଞ୍ଚମାନେ।

ଲୋକନାଥ ଦୁର୍ଗା, ବୋର୍ଡା ମଣ୍ଡଳ ସଭାପତି ବିଭୀଷଣ ସାହୁ, ଉପସଭାପତି ସଞ୍ଜୀବ ମିଶ୍ର, ସୁମନ ବେମାଲ, ବରିଷ୍ଠ ନେତା ଭଣ୍ଡେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭାଜପାରେ ସାମିଲ ହୋଇଥିବା ସରପଞ୍ଚମାନେ ହେଲେ ଭବାନୀପାଟଣା ବ୍ଲକ ଶଗଡା ସରପଞ୍ଚ ଗୋବିନ୍ଦ ନାଏକ, ଚାଞ୍ଚେରର ବିକାଶ ପ୍ରଧାନ, ତଳବେଲଗାଁର ଅଙ୍କିତା ବେହେରା, ଲକ୍ଷ୍ମୀପୁରର ରମେଶ ନାଏକ, ମେଦିନୀପୁରର ଗୌରୀ ମିଶ୍ର, ଉଦେପୁରର ପ୍ରମୋଦ ଯୋଷୀ, ଦେପୁରର ଉର୍ମିଳା ଜାନି, ଦାଦପୁରର ଗୀତାଞ୍ଜଳି ସାହୁ, କର୍ଲାଗୁଡାର ଆଦିତ୍ୟ କୁମାର ନାଏକ, ପାଲସିଝରଣର ପ୍ରୟାଙ୍କିନୀ ନାଏକ, ଛେଲିଆମାଲର ଲକ୍ଷ୍ମୀ ମାଝୀ, କର୍ଲାପଡାର ସୁଷମା ସେନାପତି, ଚହଗାଁର ତପସ୍ୱିନୀ ସାହୁ, ମାଲଗାଁର ବିଷ୍ଣୁପ୍ରିୟା ଦୁର୍ଗା, ରିଷଗାଁର ରବିନାରାୟଣ ବେହେରା, ଶ୍ରୀପୁରର ଯୁଧେଷ୍ଠି ନାଏକ, ଗଣ୍ଡବାରଝୋଲାର ମୁରଲୀ ପ୍ରଧାନ, ଅର୍ତ୍ତଲର ଦଶମତି ବେମାଲ, ମାଟିଆର ଜ୍ୟୋତିର୍ମୟୀ ମାଝୀ ଓ ମାଧିଗୁଡା ସରପଞ୍ଚ ମୀନା ସିନ୍ଦୂର।

## ଅନ୍ୟାନ୍ୟ ଖବର

# ଇଏସ୍‌ଆଇ ନିର୍ଦ୍ଦେଶାଳୟ ଅଧୀନରେ ୧୩ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ

**ଭୁବନେଶ୍ୱର, ୧୭।୧୨ (ଅନିଲ ଦାସ)**

## ଶ୍ରମ ଆୟୁକ୍ତଙ୍କୁ ଶ୍ରମ ମନ୍ତ୍ରୀଙ୍କ ପରାମର୍ଶ

### କଲ୍ୟାଣକାରୀ ଯୋଜନାର ସୁଫଳ ଶ୍ରମଜୀବୀଙ୍କ ପାଖରେ ପହଞ୍ଚାଅ

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଇଏସ୍‌ଆଇ ନିର୍ଦ୍ଦେଶାଳୟରେ ନୂତନ ଭାବେ ଯୋଗଦାନ କରିବାକୁ ଯାଉଥିବା ୧୩ ଜଣଙ୍କୁ ଲୋକ ସେବା ଭବନର ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ଆଜି ଯେଉଁମାନେ ଏହି ବିଭାଗ ଅଧୀନରେ ଥିବା ଇଏସ୍‌ଆଇ ନିର୍ଦ୍ଦେଶାଳୟରେ ନୂତନ ଭାବେ କନିଷ୍ଠ ସହାୟକ, ଟାଇପିଷ୍ଟ ଓ କ୍ଷିପ୍ରଲେଖକ ଭାବେ ଯୋଗଦାନ କରିବାକୁ ଯାଉଛନ୍ତି, ସେମାନେ ସମସ୍ତେ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଯୋଗ୍ୟ ବିବେଚିତ ହୋଇଛନ୍ତି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସମସ୍ତଙ୍କୁ ନିଷ୍ଠାପର ଭାବରେ ସାଧୁତାର ସହ କାମ କରିବାକୁ ହେବ। ଓଡ଼ିଶା ହେଉଛି ଏକ ଶ୍ରମିକବହୁଳ ରାଜ୍ୟ। ଓଡ଼ିଶାର ଅର୍ଥନୈତିକ ଓ ସାମଗ୍ରିକ ଉନ୍ନତି ଦିଗରେ ଶ୍ରମିକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶ୍ରମ ବିଭାଗ ଅଧୀନରେ ଯୋଗଦାନ କରି ସମସ୍ତେ ନିଶ୍ଚିତଭାବେ ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମଜୀବୀଙ୍କର ସାମଗ୍ରିକ ବିକାଶରେ ସହାୟକ ହେବେ ବୋଲି ମନ୍ତ୍ରୀ ଆଶାପୋଷଣ କରିଛନ୍ତି।

ଏହି ଅବସରରେ ଶ୍ରମ ଆୟୁକ୍ତମାନଙ୍କର କାର୍ଯ୍ୟାବଳୀ ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ବିଭିନ୍ନ ଶ୍ରମ କଲ୍ୟାଣ ଯୋଜନାର ସୁଫଳ ଅଧିକରୁ ଅଧିକ ଶ୍ରମଜୀବୀଙ୍କ ନିକଟରେ ପହଞ୍ଚାଇବାକୁ ମନ୍ତ୍ରୀ ଶ୍ରମ ଆୟୁକ୍ତମାନଙ୍କୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଓ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ଥିବା ଯୋଗ୍ୟ ହିତାଧିକାରୀମାନେ କିଭଳି ଠିକ୍ ସମୟରେ ଉଚିତ ସାହାଯ୍ୟ ପାଇପାରିବେ ସେ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେଇ କାର୍ଯ୍ୟ କରିବାକୁ ଉପସ୍ଥିତ ସମସ୍ତ ଶ୍ରମ ଆୟୁକ୍ତଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଶ୍ରମ ଆଇନର କାର୍ଯ୍ୟାନ୍ୱୟନ ଉପରେ ମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶ୍ରମ ଆଇନଗୁଡ଼ିକର ବିଭିନ୍ନ ଧାରା ଅନୁଯାୟୀ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟ କରୁଥିବା ଓଡ଼ିଆ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଓ କଲ୍ୟାଣକୁ ପ୍ରାଧାନ୍ୟ ଦେବା, ଶ୍ରମଜୀବୀ ପଞ୍ଜୀକରଣ ବଢ଼ାଇବା, ସମୟୋଚିତ ଭାବେ ବିଭିନ୍ନ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ କହିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ୪୪ ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଥିବା ସ୍ଥଳେ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ପ୍ରାୟତଃ ୪ଲକ୍ଷ ଅଣସଙ୍ଗଠିତ ଶ୍ରମିକ ପଞ୍ଜୀକୃତ ହୋଇ ବିଭିନ୍ନ ସୁବିଧା ଓ ସହାୟତା ରାଶି ପାଇପାରୁଛନ୍ତି। ଏହି ଦୁଇଗୋଟି ବୋର୍ଡ ଅଧୀନରେ କିପରି ଅଧିକରୁ ଅଧିକ ଯୋଗ୍ୟ ଶ୍ରମିକମାନେ ପଞ୍ଜୀକୃତ ହୋଇପାରିବେ ସେ ଦିଗରେ ଶ୍ରମ ଅଧିକାରୀମାନେ ଅଧିକ ଯତ୍ନଶୀଳ ହେବା ସହ ଶ୍ରମ ବିଭାଗ ଅଫିସକୁ ଆସୁଥିବା ଶ୍ରମିକମାନେ ହଇରାଣହରକତ ନ ହୋଇ ଯେପରି ବିନା ବାଧାବିଘ୍ନରେ ସୁବିଧା ପାଇପାରିବେ, ସେ ଦିଗରେ ଦୃଷ୍ଟି ଦେବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ନିତି ରନ୍ ସେନ୍, ଇଏସ୍‌ଆଇ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ରାଜେଶ ଅଗ୍ରୱାଲ୍ ଏବଂ ବରିଷ୍ଠ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମୋଦିଙ୍କ ନେତୃତ୍ୱରେ ଶିକ୍ଷା ଭିତ୍ତିଭୂମି ମଜଭୁତ ହୋଇଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୭।୧୨ (ସୁନିତ୍ ମିଶ୍ର)**

କେନ୍ଦ୍ର ସରକାର ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଅର୍ଥନୀତିରେ ପରିଣତ କରିବା ପାଇଁ ଜୋର୍‌ଦାର ପ୍ରୟାସ କରୁଛନ୍ତି। ଏହି ଦଶନ୍ଧି ଭାରତର ଶିକ୍ଷା କ୍ଷେତ୍ର ପାଇଁ ଏକ ପରିବର୍ତ୍ତନଶୀଳ ଯାତ୍ରା ଏବଂ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ ଏବଂ ଉନ୍ମୋଚନ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୦ ବର୍ଷରେ ସ୍କୁଲ ଭିତ୍ତିଭୂମି ମଜଭୁତ ହେବା ସହ ଛାତ୍ରୀଛାତ୍ରଙ୍କ ସୁବିଧାରେ ବ୍ୟାପକ ବୃଦ୍ଧି ପାଇଛି। ବିଦ୍ୟାଳୟ ଭିତ୍ତିଭୂମି ଏବଂ ଡିଜିଟାଲ ଅନ୍ତର୍ଭୁକ୍ତୀକରଣରେ ଉନ୍ନତି ଠାରୁ ଆରମ୍ଭକରି ନାରୀଶକ୍ତିର ସଶକ୍ତୀକରଣ ଏବଂ ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ଗୁଣାତ୍ମକ, ସର୍ବବ୍ୟାପୀ ଏବଂ ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ହୋଇଛି। ୨୦୧୩-୧୪ରେ ଦେଶର ୫୩% ସ୍କୁଲରେ ବିଜୁଳି ଥିବାବେଳେ ୨୦୨୩-୨୪ରେ ୯୧.୮% ସ୍କୁଲରେ ବିଜୁଳି ପହଞ୍ଚିଛି। କମ୍ପ୍ୟୁଟର, ପାଠାଗାର, ଖେଳ ପଡ଼ିଆ ଭଳି ମୌଳିକ ସୁବିଧାରେ ମଧ୍ୟ ଅଭୂତପୂର୍ବ ବୃଦ୍ଧି ଘଟିଛି। ୨୦୧୩-୧୪ରେ ମାତ୍ର ୭.୧% ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ ଥିବା ବେଳେ ୨୦୨୩-୨୪ରେ ୫୪% ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ କରାଯାଇଛି। ଏବେ ଶତ ପ୍ରତିଶତ ସ୍କୁଲରେ ବାଳିକା ଶୌଚାଳୟ ରହିଛି। ସ୍ୱଚ୍ଛତାର ମାନଦଣ୍ଡରେ ଆମେ ପ୍ରାୟ ୧୦୦% ଆଡ଼କୁ


କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଅଗ୍ରସର ହେଉଛୁ। ୨୦୧୩-୧୪ ତୁଳନାରେ ବିଶେଷ ଆବଶ୍ୟକତା ଥିବା ପିଲାଙ୍କ ପାଇଁ ଅଧିକ ପ୍ରତିଶତ ସ୍କୁଲ ରହିଛି। ୨୦୧୩-୧୪ରେ ଏହା ୫୬.୮% ଥିବାବେଳେ ୨୦୨୩-୨୪ରେ ଏହା ୭୭%କୁ ବୃଦ୍ଧି ପାଇଛି। ଶିକ୍ଷା କ୍ଷେତ୍ରରେ ପ୍ରତିବନ୍ଧକ ଦୂରକରିବା ଏବଂ ଭିନ୍ନକ୍ଷମ ପିଲାଙ୍କ ପାଇଁ ଶତ ପ୍ରତିଶତ ଉପଲବ୍ଧତା ଦିଗରେ କାର୍ଯ୍ୟ କରୁଛନ୍ତି। ଗତ ୧୦ ବର୍ଷରେ ଛାତ୍ରୀଛାତ୍ରଙ୍କ ମୁଣ୍ଡ ପିଛା ଖର୍ଚ୍ଚ ୧୩୦% ବୃଦ୍ଧି ପାଇଛି। ୨୦୧୩-୧୪ ବଜେଟରେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ଖର୍ଚ୍ଚର ପରିମାଣ ୧୦,୭୮୦ ଟଙ୍କା ଥିବାବେଳେ ୨୦୨୧-୨୨ ବଜେଟରେ ଏହା ୨୫,୦୪୩ ଟଙ୍କାକୁ ବୃଦ୍ଧି ପାଇଛି। ଭାରତର ସମସ୍ତ ଅନୁସୂଚିତ ଭାଷାରେ ୧ମ ଓ ୨ୟ ଶ୍ରେଣୀ ପାଇଁ ଡିଜିଟାଲ ବହି ଉପଲବ୍ଧ ହୋଇଛି। ଗତ ୧୦ ବର୍ଷରେ ସ୍କୁଲ ବୋର୍ଡରେ ଗୁଣାତ୍ମକ ଓ ମାତ୍ରାତ୍ମକ ଉନ୍ନତି ଘଟିଛି। ୨୦୧୩-୧୪ରେ ଦଶମ ଶ୍ରେଣୀର ପାସ୍ ହାର ୫୮% ଥିବାବେଳେ ବର୍ତ୍ତମାନ ତାହା ୯୫.୫%କୁ ବୃଦ୍ଧି ପାଇଛି। ଉଚ୍ଚଶିକ୍ଷାରେ ଛାତ୍ରୀଛାତ୍ରଙ୍କ ନାମଲେଖାରେ ୩୦% ବୃଦ୍ଧି ଘଟିଛି। ପୂର୍ବରୁ ୨୦୧୪-୧୫ରେ ଏହି ସଂଖ୍ୟା ୩.୪୨ କୋଟି ଥିବା ବେଳେ ୨୦୨୨-୨୩ରେ ଏହା ୪.୪୬ କୋଟିକୁ ବୃଦ୍ଧି ପାଇଛି। ଭାରତ ସରକାରଙ୍କ ଶିକ୍ଷାନୀତିରେ ଭାରତୀୟ ଭାଷା ଓ ମାତୃଭାଷାକୁ ପ୍ରାଥମିକତା ଦିଆଯାଇଛି। ବର୍ତ୍ତମାନ ପ୍ରବେଶିକା ପରୀକ୍ଷା ଅସମିଆ, ବଙ୍ଗଳା, ଗୁଜରାଟୀ, ହିନ୍ଦୀ, କନ୍ନଡ, ମାଲୟାଲମ, ମରାଠୀ, ପଞ୍ଜାବୀ, ଓଡ଼ିଆ, ତାମିଲ, ତେଲୁଗୁ, ଉର୍ଦ୍ଦୁ ଏବଂ ଇଂରାଜୀ ଭଳି ୧୩ଟି ଭାଷାରେ ଅନୁଷ୍ଠିତ ହେଉଛି। ଏକାଡେମିକ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍, ସ୍ୱୟମ, ସମର୍ଥ, ସାଥୀ, ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍ ଭଳି ପଦକ୍ଷେପର ଶୁଭାରମ୍ଭ ସହ ପୁସ୍ତକକୁ ପ୍ରୋତ୍ସାହନ ଓ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପନାରେ ସ୍ମାର୍ଟ ଇଣ୍ଡିଆ ହାକାଥନର ଶୁଭାରମ୍ଭ ହୋଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ସବୁଜ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ

## ଯୋଜନା ଓ ସଂଯୋଜନ ବିଭାଗ, ସିଇଇଡବ୍ଲ୍ୟୁ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୭।୧୨ (ଅନିଲ ଦାସ)**

ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଶକ୍ତି, ପରିବେଶ ଓ ଜଳ ପରିଷଦ (ସିଇଇଡବ୍ଲ୍ୟୁ) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। 'ଗ୍ରୀନ୍ ଓଡ଼ିଶା ଇନିସିଏଟିଭ୍' ଶୀର୍ଷକ ଏମ୍‌ଓୟୁ ରାଜ୍ୟର ସବୁଜ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ମଙ୍ଗଳବାର ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଇପିକଲ ଏବଂ ଇଡ୍‌କୋ, ଓଡ଼ିଶାର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆ ଏବଂ ସିଇଇଡବ୍ଲ୍ୟୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଡ. ଅରୁଣାଭ ଘୋଷ ଏଥିରେ ସ୍ୱାକ୍ଷର କରିଛନ୍ତି। ଏହି ପଦକ୍ଷେପ ବିଭିନ୍ନ ସବୁଜ ମୂଲ୍ୟ ଶୃଙ୍ଖଳା, ଉଦ୍ଭାବନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରି ଘରୋଇ ପୁଞ୍ଜିକୁ ଆକୃଷ୍ଟ କରିବା ଏବଂ ନାଗରିକ ସମାଜର ସମର୍ଥନ ହାସଲ କରି ସବୁଜ ଅର୍ଥନୀତିକୁ ବୃଦ୍ଧି କରିବା ଦିଗରେ ସହାୟକ ହେବ। ଏହି ସହଯୋଗ ମାଧ୍ୟମରେ ସିଇଇଡବ୍ଲ୍ୟୁ ଏକ ମୂଲ୍ୟବାନ ଜ୍ଞାନ ଅଂଶୀଦାର ଭାବରେ କାର୍ଯ୍ୟ କରିବ ଏବଂ 'ଗ୍ରୀନ୍ ଓଡ଼ିଶା ଇନିସିଏଟିଭ୍'ରେ ରାଜ୍ୟର ଦୃଷ୍ଟିକୋଣକୁ କାର୍ଯ୍ୟରେ ପରିଣତ କରିବାରେ ସହଯୋଗ କରିବ।

ଏନେଇ ଉନ୍ନୟନ କମିଶନର କହିଛନ୍ତି, ଓଡ଼ିଶାରେ ସବୁଜ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଆମର ମିଳିତ ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି। ଏହାର ୩ ସ୍ତମ୍ଭ ରହିଛି ଯଥା ଶକ୍ତି ପରିବର୍ତ୍ତନ, ସର୍କୁଲାର ଅର୍ଥନୀତି ଏବଂ ବାୟୋ-ଇକୋନୋମି, ଯେଉଁଥିରେ ନିଯୁକ୍ତି ସୃଷ୍ଟି ଏବଂ ସବୁଜ ଅଭିବୃଦ୍ଧି ଭଳି ୨ଟି ଉଦ୍ଦେଶ୍ୟ ନିହିତ ରହିଛି। ସିଇଇଡବ୍ଲ୍ୟୁର ସିଇଓ ଅରୁଣାଭ ଘୋଷ କହିଛନ୍ତି, ନିରନ୍ତର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ଅଗ୍ରଗତିଶୀଳ ଆଭିମୁଖ୍ୟ ଉପରେ ଧ୍ୟାନଦେଇ ଶକ୍ତି ପରିବର୍ତ୍ତନ, ଜୈବ ଅର୍ଥନୀତି, ପ୍ରକୃତିଭିତ୍ତିକ ସମାଧାନ ଏବଂ ସର୍କୁଲାର ଅର୍ଥନୀତି ସମେତ ବିଭିନ୍ନ ସବୁଜ ଅର୍ଥନୈତିକ କ୍ଷେତ୍ରକୁ ଏକାଠି କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଏହି କ୍ଷେତ୍ରଗୁଡ଼ିକ କେବଳ ସବୁଜ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବାର ପ୍ରଚୁର ସମ୍ଭାବନା ରଖିନାହିଁ ବରଂ ସୁଦୃଢ଼ ଏବଂ ଅନ୍ତର୍ଭୁକ୍ତୀକରଣ ଅର୍ଥନୈତିକ ସମୃଦ୍ଧିର ପ୍ରତିଶ୍ରୁତି ଦେଉଛି। ମୁଖ୍ୟ ଶାସନ ସଚିବ ରାଜ୍ୟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଓଡ଼ିଶାର ବିଭିନ୍ନ ବିଭାଗରୁ ସଂଗ୍ରହ କରାଯାଇଥିବା ଗବେଷଣା ଓ ତଥ୍ୟକୁ ଆଧାର କରି ସିଇଇଡବ୍ଲ୍ୟୁ ଏହାର ଅନନ୍ୟ ଓ କାର୍ଯ୍ୟାନୁଷ୍ଠାନ ଭିତ୍ତିକ କାର୍ଯ୍ୟକ୍ରମ ଆଧାରରେ ଆଗାମୀ ୩ ମାସ ମଧ୍ୟରେ ରାଜ୍ୟର ଅତି କମ୍‌ରେ ୬ଟି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦେଇଛନ୍ତି।

# ମୋବାଇଲ ଟାୱାର ଉପରୁ ଆତ୍ମହତ୍ୟା ଧମକ

**ତାଳଚେର, ୧୭।୧୨ (ମନୋଜ ନନ୍ଦ)/ ପବିତ୍ରନଗର (ନିରୋଜ ପ୍ରଧାନ)**

ମୋବାଇଲ ଟାୱାର ଉପରକୁ ଚଢ଼ିଯାଇଥିବା ଜଣେ ଯୁବକଙ୍କ ଆତ୍ମହତ୍ୟା ଧମକକୁ ନେଇ ନାକେଦମ ହୋଇଛି ପୋଲିସ ଓ ଅଗ୍ନିଶମ ବାହିନୀ। ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍‌ଟିପିସି ଥାନା ରଙ୍ଗବେଡ଼ା ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ରଙ୍ଗବେଡ଼ା ଗ୍ରାମରେ ଥିବା ଏକ ମୋବାଇଲ ଟାୱାର ଉପରକୁ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେହି ଗ୍ରାମର ଶ୍ରୀକାନ୍ତ ଦେହୁରୀ (୨୩) ଚଢ଼ିଯାଇଥିଲେ। ଟାୱାରର ଅତି ଶିଖରକୁ ଚଢ଼ିଯିବା ପରେ ଶ୍ରୀକାନ୍ତ ହଠାତ୍ ପାଟି କରି ସେଠାରୁ ତଳକୁ ଡେଇଁ ଆତ୍ମହତ୍ୟା କରିଦେବେ ବୋଲି କହିଥିଲେ। କିନ୍ତୁ କେଉଁ କାରଣରୁ ସେ ଏପରି ଆତ୍ମହତ୍ୟା ଧମକ ଦେଉଛନ୍ତି ସେ ନେଇ କିଛି ସ୍ପଷ୍ଟ କରି ନ ଥିଲେ। ଘଟଣା ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଶତାଧିକ ଲୋକଙ୍କ ଭିଡ଼ ହୋଇଥିଲା। ଖବରପାଇ ଏନ୍‌ଟିପିସି ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ। ପରିବାର



## ଯୁବକଙ୍କ ପାଇଁ ପୋଲିସ, ଅଗ୍ନିଶମ ବାହିନୀ ନାକେଦମ

ଲୋକେ ଓ ଗ୍ରାମବାସୀ ଯେତେ ଅନୁରୋଧ କଲେ ମଧ୍ୟ ଶ୍ରୀକାନ୍ତ ତଳକୁ ଓହ୍ଲାଇ ନ ଥିଲେ। ଏପରି କି ପୋଲିସ ଓ ଅଗ୍ନିଶମ କର୍ମଚାରୀଙ୍କ କୌଣସି କଥା ଶୁଣି ନ ଥିଲେ। ଦୀର୍ଘ ୩ ଘଣ୍ଟା ଧରି ନିଜ ଜିଦ୍‌ରେ ଅଟଳ ରହିବା ପରେ ଶେଷରେ ଅପରାହ୍ନ ୩ଟାରେ ସେ ତଳକୁ ଓହ୍ଲାଇବାକୁ ରାଜି ହୋଇଥିଲେ। ଶ୍ରୀକାନ୍ତ ତଳକୁ ଆସିବା ପରେ ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଧରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ମଧୁଛନ୍ଦା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ହରାଇଲେ ୨ ଲକ୍ଷ କୋଟି

**ମୁମ୍ବାଇ,୧୭।୧୨**



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂରାଜନୈତିକ ଘଟଣାବଳୀର ପ୍ରଭାବ ସିଧାସଳଖ ଭାରତୀୟ ଷ୍ଟକ୍ ମାର୍କେଟ କାରବାର ଉପରେ ପଡୁଛି। ଏପରିକି କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଫଳରେ ନିବେଶକ ଲକ୍ଷାଧିକ ଟଙ୍କାର ନିବେଶ ହରାଉଥିଲାବେଳେ ପୁଞ୍ଜିବଜାରର ପରିମାଣରେ ମଧ୍ୟ ହ୍ରାସ ଘଟୁଛି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସ ଆରମ୍ଭରୁ ବଜାର ତଳମୁହାଁ ହୋଇ ରହିଥିଲାବେଳେ କାର୍ଯ୍ୟଦିବସ ଶେଷ ସୁଦ୍ଧା ଉଭୟ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର କାରବାରରେ ବଡ଼ ଧରଣର ହ୍ରାସ ଘଟିଥିଲା। ଫଳରେ ଦିନକ ମଧ୍ୟରେ ଶେୟାର ବଜାରର ନିବେଶକମାନେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କା(୨.୩୩ ଲକ୍ଷ କୋଟି)ର ନିବେଶ ହରାଇଛନ୍ତି। ସେହିଭଳି ବିଏସ୍ଇ ସେନ୍ସେକ୍ସର କାରବାରେ ୧୦୬୪.୧୨ ପଏଣ୍ଟ ହାସ ଘଟି ୮୦,୬୮୪.୪୫ ଅଙ୍କରେ ଥିଲାବେଳେ ନିଫ୍ଟି ୧.୩୫% କମି ୨୪,୩୩୬ ଅଙ୍କରେ ପହଞ୍ଚିଛି। ଏପରିକି ବିଏସ୍ଇ ସେନ୍ସେକ୍ସର ମିଡ୍କ୍ୟାପ ଓ ସ୍ମଲ୍କ୍ୟାପ କାରବାରରେ ୦.୫% ହ୍ରାସ ଘଟିଛି। ଅପରପକ୍ଷରେ ନିଫ୍ଟି ମିଡ୍କ୍ୟାପର କାରବାର ୩୪୧.୧୫ ପଏଣ୍ଟ କମି ୫୯,୧୦୧.୯୦ ଅଙ୍କରେ ଥିଲାବେଳେ ନିଫ୍ଟି ସ୍ମଲକ୍ୟାପ ୦.୮୪% ହ୍ରାସ ଘଟି୧୨୯୯.୬୦ ଅଙ୍କରେ କାରବାର ବନ୍ଦ କରିଥିଲା। ଏପରିକି ନିଫ୍ଟି ବ୍ୟାଙ୍କ ୧.୩୯% ହ୍ରାସ ଘଟି ୫୨,୮୩୪.୮୦ ଅଙ୍କରେ ରହିଥିଲା।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୦୬୪.୧୨ ପଏଣ୍ଟ କମି ୮୦,୬୮୪,୪୫ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୩୨.୨୫ ପଏଣ୍ଟ ହ୍ରାସ ଘଟି ୨୪,୩୩୬.୦୦ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ଟିପିସିଓଡିଏଲ୍‌ର ଗୁଣବତ୍ତା ମାସ

**ଭୁବନେଶ୍ୱର,୧୭।୧୨(ଅଭୟ ଦାଶ)**

ଟି ପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଗୁଣବତ୍ତା ମାସ-୨୦୨୪' ନିକଟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ 'କ୍ୱାଲିଟି: ଫ୍ରମ୍ କମ୍ପ୍ଲାଏନ୍ସ ଟୁ ପରଫରମାନ୍ସ' ରହିଥିଲା। ଏପରିକି ମାସେ ବ୍ୟାପୀ ଚାଲିଥିବା ଏହି ଅଭିଯାନରେ ପ୍ରକ୍ରିୟା ଉତ୍କର୍ଷ, ନିରନ୍ତର ଉନ୍ନତି, ଉନ୍ନତ କର୍ମକ୍ଷେତ୍ର ପରିଚାଳନା ଓ ଦକ୍ଷତା ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କ୍ଷେତ୍ରରେ ପ୍ରମୁଖ ସଫଳତାଗୁଡ଼ିକ ମଧ୍ୟରେ ଦୈନିକ ପରିଚାଳନା ପାଇଁ ଟିକ୍ୟୁଏମ୍ ୱାର୍କବୁକ୍‌ର ଶୁଭାରମ୍ଭ, କ୍ୱାଲିଟି ସର୍କଲ ଗଠନ, ୫ଏସ୍ ମଡେଲ ଲୋକେଶନ (ସ୍ଥାନ) ଚିହ୍ନଟ ଓ ବାର୍ଷିକ କ୍ୟୁସିସି ଓ ପ୍ରୟାସ ପ୍ରତିଯୋଗିତାରେ ୭୨ପ୍ରୟାସ ଓ ୧୪କ୍ୟୁସିସି ଟିମ୍ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରରେ ମ୍ୟାନେଜମଣ୍ଟ ଡେଭଲପେମଣ୍ଟ ସେଣ୍ଟରର ଉଦ୍‌ଯାପନୀ ସମାରୋହ ନିକଟରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସିଇଓ ତଥା ଟିକ୍ୟୁଏମ୍ କୋର୍ କମିଟିର ଅଧ୍ୟକ୍ଷ ଅରଭିନ୍ଦ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଗୁଣବତ୍ତା ମାସ ଅଭିଯାନର ବିଜେତାମାନଙ୍କୁ ସମ୍ମାନିତ କରାଯିବା ସହ ଟିପିସିଓଡିଏଲ୍‌ର ଗୁଣବତ୍ତା ଯାତ୍ରାରେ ଅଂଶଗ୍ରହଣକାରୀଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା।


## ଡକ୍ଟରେଟ୍ ଲାଭ



**ଅଞ୍ଜନ କୁମାର ସାହୁ,** ଭୁବନେଶ୍ୱରସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗରୁ ସମ୍ମାନ ସୂଚକ ପିଏଚ୍.ଡି. ଉପାଧି ଲାଭ କରିଛନ୍ତି। ସେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ସୁଧାଂଶୁ କୁମାର ସାମଲଙ୍କ ତତ୍ତ୍ୱାବଧାନରେ କରିଥିବା ଗବେଷଣାର ସନ୍ଦର୍ଭ ଥିଲା "ADVANCED LSTM-ELM BASED ARTIFICIAL INTELLIGENCE TECHNIQUE FOR FAULT DETECTION, CLASSIFICATION AND LOCALIZATION IN MODERN ELECTRICAL POWER SYSTEM". ଶ୍ରୀ ସାହୁ କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ ସିନ୍ଧୁପୁର ଗ୍ରାମ ନିବାସୀ ସ୍ୱର୍ଗତ ଗୋଲଖ ଚନ୍ଦ୍ର ସାହୁ ଓ ସ୍ୱର୍ଗତା ଆଦରମଣି ସାହୁଙ୍କ ନାତି, ଶ୍ରୀ ଚନ୍ଦ୍ରମଣି ସାହୁ ଓ ସ୍ୱର୍ଗତା ଶଶୀରେଖା ସାହୁଙ୍କର ସୁପୁତ୍ର ତଥା ଭୁବନେଶ୍ୱରସ୍ଥିତ ସର୍ଭେ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଅଫିସର ଶ୍ରୀ ଶ୍ୟାମସୁନ୍ଦର ସେନାପତି ଓ ଶ୍ରୀମତୀ ବୀଣାପାଣି ସେନାପତିଙ୍କର ଜାମାତା ଅଟନ୍ତି। ସେ ତାଙ୍କର ଏହି ସମ୍ମାନ ଓ ସଫଳତାର ଶ୍ରେୟ ତାଙ୍କର ଜ୍ୟେଷ୍ଠ ଭ୍ରାତା ଡ. ରଞ୍ଜନ କୁମାର ସାହୁ, ପିତାମାତା, ଶ୍ୱଶୁର ଶାଶୁ, ଧର୍ମପତ୍ନୀ ସସ୍ମିତା ସେନାପତି, ସମସ୍ତ ପରିବାରବର୍ଗ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ବନ୍ଧୁମାନଙ୍କୁ ପ୍ରଦାନ କରିଛନ୍ତି।

ଧ-୨୨୯୬


# ଜୟଆଲୁକ୍କାସ୍‌ର ଏନ୍ଆର୍ଆଇ ସୁନା ଫେଷ୍ଟ

**ଭୁବନେଶ୍ୱର,୧୭।୧୨**

Joyalukkas
World's favourite jeweller
www.joyalukkas.com

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ୍ ଜୟଆଲୁକ୍କାସ ଜୁଏଲର୍ସର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏନ୍ଆର୍ଆଇ ସୁନା ଫେଷ୍ଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଫେଷ୍ଟ ୨୦୨୫ ଜାନୁଆରୀ ୫ ପର୍ଯ୍ୟନ୍ତ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଆକର୍ଷଣୀୟ ରିହାତି ଅଫର ସହ ପୁରୁଣା ସୁନା ଉପରେ ପ୍ରତି ଗ୍ରାମ ପିଛା ୫୦ ଟଙ୍କାର ଅତିରିକ୍ତ ସୁବିଧା ସହ ଅନକଟ ହୀରା ଏବଂ ମୂଲ୍ୟବାନ୍ ପଥରର ମେକିଂ ଚାର୍ଜ ଉପରେ ଫ୍ଲାଟ ୨୫% ରିହାତି ଏବଂ ସେମାନଙ୍କ ପଥର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ଏହି ଫେଷ୍ଟ ସମୟ ମଧ୍ୟରେ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଜୟ ଆଲୁକ୍କାସ କହିଛନ୍ତି, ଉତ୍ସବକାଳୀନ ସମୟଗୁଡ଼ିକରେ ନୂଆ ନୂଆ ସ୍ମୃତି ସୃଷ୍ଟି କରିବା ପାଇଁ ଆକର୍ଷଣୀୟ ରିହାତି ଅଫର ଗ୍ରାହକଙ୍କ ପାଇଁ ଉପଯୁକ୍ତ ହୋଇଥାଏ। ଏପରିକି ଏନ୍ଆର୍ଆଇ ଗୋଲ୍ଡ ଫେଷ୍ଟ ଅଫର ଜରିଆରେ ଆମେ ଆମର ଅସାଧାରଣ ଅଳଙ୍କାରର ମାଲିକାନା ପାଇଁ ଅଦ୍ୱିତୀୟ ସୁଯୋଗ ଗ୍ରାହକଙ୍କ ପାଇଁ ଆଣି ଦେଇଥାଉ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

# ଡ୍ରିମ୍‌ସ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)**

ଆସନ୍ତା ୨୭ ତାରିଖରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିବେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା (ସମନ୍ୱୟ) ଚିନ୍ମୟୀ ରଥ, ବୋର୍ଡଅଫ୍‌ଗଭର୍ଣ୍ଣର ସଦସ୍ୟ ବିଧାୟକ ଛବି ମଲ୍ଲିକ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଇଂ. ଡ. ପ୍ରଭାକର ସ୍ୱାଇଁ, ପ୍ରଫେସର ଡ. ବିଜୟାନନ୍ଦ ସିଂ, ଇଂ. ଅଶୋକ କୁମାର ବାସାଙ୍କ ସମେତ ବୋର୍ଡ ଅଫ୍ ମ୍ୟାନେଜମେଣ୍ଟ ଓ ଏକାଡେମିକ୍ କାଉନ୍‌ସିଲର ସମସ୍ତ ସଦସ୍ୟ ଯୋଗଦେବେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ମାର୍ଗଦର୍ଶନ ଓ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତାଙ୍କ ପୌରୋହିତ୍ୟରେ ବିଭିନ୍ନ କମିଟି ଗଠନ କରାଯାଇଛି। ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ସର୍ବୋଚ୍ଚ ନମ୍ବର ରଖିଥିବା ଶିକ୍ଷାର୍ଥୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ଏଥିପାଇଁ ଉଦ୍ଦିଷ୍ଟ ପୋର୍ଟାଲରେ ନାମ ପଞ୍ଜୀକରଣ ନିମନ୍ତେ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଅନୁରୋଧ କରିଛନ୍ତି।


# Classified Everyday

0674-2580101, 9692975378




**GROOM WANTED**

Beautiful Brahmin Girl, 26+, M.Sc./Ph.D./Govt. Lecturer / Bhubaneswar-9938199964. D-2299

**BRIDE WANTED**

ଚାକିରି କରି ଏକାକୀ ରହୁଥିବା 49 ବୟସ, ଖଣ୍ଡାୟତ (Divorcee) ପୁଅ ପାଇଁ ଯେ କୌଣସି ଜାତିର 30-45 yrs. ଝିଅ ଆବଶ୍ୟକ। Candidate: 9861141891. D-2266

HandsomeKaranBoy, 1995, 5'10", B.Tech., Serving Manager Nationalized Bank, Bhubaneswar. 'Sunasansar' - 9937512659. D-76226




**SALE**

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914. D-76223

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2226

50 ହଜାରରୁ 5 ଲକ୍ଷ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ପ୍ଲଟ୍, upto 1cr. Plots, Flats, 8917622925. D-2287

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି SC/ Gen. ପ୍ଲଟ୍ କିଣନ୍ତୁ। 9658562429. D-76224

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9937846404, 9437192512.** D-2294

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-2293

Scheduled Caste conversion boundary plot sale, Argul Station near IIT, 4000 sqft., 14,00,000/-. General 5000 sqft. plot, 30,00,000/-. Close to 40ft. pitchuroad- 9040074834. D-76225




**AIIMS- Shop for To-Let/ Lease/ Sale- Vipul Plaza Market Complex, AIIMS Main Gate, Bhubaneswar, Lift DG Security facility Commercial Shop on Rent/ Sale- 9861129574, 8586928386, 9818226704.** D-2295




**Full body massage experience, good looking therapist @999 (Bhubaneswar). 9078484455.** D-2144

Newly open health benefits spa special offer @799, Bapujinagar. 8018429809. D-76178

**AFFIDAVIT**

By virtue an affidavit No.- 7995, dtd.13.12.2024 before Executive Magistrate, Jajpur, I, Khatija Bibi, D/o- Late Sayed Jalil, Village- Sanakujhala, P.O.- Kujhala, P.S.- Jajpur Sadar, Dist.- Jajpur, Pin- 755017 hereby declare that in the Aadhaar Card my name has wrongly mentioned as Gataja Bibi instead of Khatija Bibi. That both the names belong to one and the same person. Henceforth, I will continue with the name Khatija Bibi for all future purpose. Khatija Bibi D-2302

I, Shaikh Nazir Mohamad, S/o Shaikh Mohi Mohamad, resident of At/P.O.- Madhupur, P.S.- Mahanga, Dist.- Cuttack, PIN- 754204, Odisha declare by this affidavit No. CA 1865, Dt.03.12.2024 that now onwards I shall be known as SK NAZIR MOHAMMED for all future purpose. D-2300

I, Mohammad Motihur Raheman, S/o Khalilura Raheman, resident of At/P.O.- Madhupur, P.S.- Mahanga, Dist.- Cuttack, Pin- 754204, Odisha declare by this affidavit No.-5791, Dtd. 03.12.2024 that now onwards I shall be known as MD MOTIHUR RAHEMAN for all future purposes. D-2301

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏସ୍‌ବିଆଇ ଲାଇଫ୍‌ର ନୂତନ ପ୍ଲାନ୍

**ନୂଆଦିଲ୍ଲୀ,୧୭।୧୨**

ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ପ୍ଲାନ୍ 'ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନା ସୁପ୍ରିମ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ନନ୍-ଲିଙ୍କଡ୍, ନନ୍-ପାର୍ଟିସିପେଟିଂ ଜୀବନ ବୀମା ପ୍ଲାନ୍ ହୋଇଥିଲାବେଳେ ଏହା ଉଭୟ ସୁରକ୍ଷା ଓ ଗ୍ୟାରେଣ୍ଟି ବୀମା ରାଶି ପ୍ରଦାନ କରିବ। ଆଜିର ଅନିଶ୍ଚିତତାର ଦୁନିଆରେ ଗ୍ରାହକମାନେ ନିଶ୍ଚିତତା ଚାହୁଁଛନ୍ତି। ସେଥିପାଇଁ ଭବିଷ୍ୟତରେ ଗ୍ୟାରେଣ୍ଟି ରିଟର୍ନ ପ୍ରଦାନ କରୁଥିବା ଆର୍ଥିକ ଉପକରଣର ଚାହିଦା ବଢ଼ିଛି। ସେହି ଆବଶ୍ୟକତାକୁ ପୂରଣ କରିବା ଲାଗି ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନା ସୁପ୍ରିମ୍ ଗ୍ରାହକମାନଙ୍କ ଚୟନ ଅନୁସାରେ ଗ୍ୟାରେଣ୍ଟି ଭବିଷ୍ୟତ ରିଟର୍ନ ପ୍ରଦାନ କରୁଛି। ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନା ସୁପ୍ରିମକୁ ବୟସ ବର୍ଗ ଏବଂ ଜନସଂଖ୍ୟାର ବିବିଧ ଆବଶ୍ୟକତାକୁ ଅନୁକୂଳ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ନିଶ୍ଚିତ ସଞ୍ଚୟ ଯୋଜନା ନିଶ୍ଚିତ ରିଟର୍ନ ଖୋଜୁଥିବା ବ୍ୟକ୍ତିମାନଙ୍କ ପାଇଁ ଏକ ସ୍ଥାୟୀ ସମାଧାନ ଭାବରେ କାର୍ଯ୍ୟ କରୁଛି ଏବଂ ନିଜ ଓ ସେମାନଙ୍କ ପ୍ରିୟଜନଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ଏକ ଦୃଢ଼ ଆର୍ଥିକ ନିରାପତ୍ତା ଜାଲ ନିର୍ମାଣ କରୁଛି। ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ୍‌ର ଏମ୍‌ଡି ତଥା ସିଇଓ ଅମିତ ଝିଙ୍ଗରଣ କହିଛନ୍ତି ,ଆଜିର ଚମତ୍କାର ଆର୍ଥିକ ପରିବେଶରେ ଲୋକମାନଙ୍କୁ ଏଭଳି ବୀମା ସମାଧାନ ଦରକାର ଯାହା ସୁରକ୍ଷା, ନମନିୟତା ଓ ସବୁଠୁ ଉପରେ ସେମାନଙ୍କ ଅଭିଳାଷ ପୂରଣ କରିବା ଲାଗି ଭବିଷ୍ୟତ ଆୟର ଗ୍ୟାରେଣ୍ଟି ପ୍ରଦାନ କରୁଥିବ।

# 'ରିଓନ୍'ର ନେଟ୍‌ୱର୍କ ସମ୍ପ୍ରସାରଣ

**ନୂଆଦିଲ୍ଲୀ,୧୭।୧୨**



ରୟାଲ ଏନ୍‌ଫିଲ୍ଡ (ଆର୍‌ଇ)ର ପ୍ରି-ଓନ୍‌ଡ ମୋଟରସାଇକେଲ ବ୍ୟବସାୟ 'ରିଓନ୍'ର ନେଟ୍‌ୱର୍କସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତର ୨୩୬ ସହରର ଗ୍ରାହକ ଓ ଆର୍‌ଇ ଉତ୍ସାହୀମାନେ ବର୍ତ୍ତମାନ ସହଜରେ ନିଜର ବିଦ୍ୟମାନ ମୋଟରସାଇକେଲଗୁଡ଼ିକୁ ବିକ୍ରି ଏବଂ ରୟାଲ ଏନ୍‌ଫିଲ୍ଡର ଉତ୍ସାହଜନକ ଶୃଙ୍ଖଳାରୁ ନୂଆ ରାଇଡ୍‌କୁ ମଧ୍ୟ କିଣିପାରିବେ। ପ୍ରି-ଓନ୍‌ଡ ରୟାଲ ଏନ୍‌ଫିଲ୍ଡ ଯାନଗୁଡ଼ିକୁ କ୍ରୟ ଓ ବିକ୍ରି କରିବା ପାଇଁ ଏକ ସ୍ୱଚ୍ଛ ପ୍ଲାଟ୍‌ଫର୍ମ ରିଓନ୍‌କୁ ୨୦୨୩ ରେ କିଛି ନିର୍ଦ୍ଦିଷ୍ଟ ସହରରେ ଶୁଭାରମ୍ଭ କରାଯାଇଥିଲା। ବର୍ତ୍ତମାନ ଗ୍ରାହକଙ୍କ ପାଇଁ ରିଓନ୍ ଭାରତର ୨୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୩୬ଟି ସହରରେ ରୟାଲ ଏନ୍‌ଫିଲ୍ଡର ୪୭୫ ଡିଲରଶିପ ମାଧ୍ୟମରେ ଉପଲବ୍ଧ। ନେଟ୍‌ୱର୍କ ସମ୍ପ୍ରସାରଣ ବ୍ୟତୀତ ରୟାଲ ଏନ୍‌ଫିଲ୍ଡ ରିଓନ୍‌ର ଆର୍‌ଇ-ଟୁ-ଆର୍‌ଇ-ଏକ୍ସଚେଞ୍ଜଗୁଡିକ ମାଧ୍ୟମରେ ଏକ ପ୍ରି-ଓନ୍‌ଡ ରୟାଲ ଏନ୍‌ଫିଲ୍ଡ ମୋଟରସାଇକେଲରୁ ଏକ ନୂଆ ମୋଟରସାଇକେଲକୁ ଅପ୍‌ଗ୍ରେଡ୍ ହେବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଏକ୍ସଚେଞ୍ଜ ଲାଭ ସହ ଏହାର ପ୍ରଥମ ଲୟାଲିଟ ପ୍ରୋଗ୍ରାମର ଶୁଭାରମ୍ଭ କରିଛି।

ଏ ସମ୍ପର୍କରେ ରୟାଲ ଏନ୍‌ଫିଲ୍ଡର ସିଓଓ ୟଦ୍‌ବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ଆମେ ରାଇଡିଂ ଉତ୍ସାହୀମାନଙ୍କୁ ଏକ ରୟାଲ ଏନ୍‌ଫିଲ୍ଡର ମାଲିକ ହେବାର ଆନନ୍ଦ ପ୍ରଦାନ କରିବା ପାଇଁ ନିରନ୍ତର ଭାବେ ଉଦ୍ଭାବନ କରୁଛୁ। କେବଳ କିଛି ନିର୍ଦ୍ଦିଷ୍ଟ ସହରରୁ ଆରମ୍ଭ ହୋଇଥିବା ଏହି ସେବା ୧ ବର୍ଷ ମଧ୍ୟରେ ଦେଶର ୨୩୬ଟି ସହରକୁ ରିଓନ୍‌ର ସମ୍ପ୍ରସାରଣ ହୋଇପାରିଛି। ଏପରିକି ପ୍ରଥମ ହେଉ କିମ୍ବା ଅପ୍‌ଗ୍ରେଡ୍ ଗ୍ରାହକମାନଙ୍କୁ ଏକ ରୟାଲ ଏନ୍‌ଫିଲ୍ଡ କ୍ରୟ କରିବାର ବାଧାହୀନ ଓ ସ୍ୱଚ୍ଛ ମାଧ୍ୟମ ପ୍ରଦାନ କରିବା ପାଇଁ ଆମର ପ୍ରତିଶ୍ରୁତିର ବିସ୍ତାର ହୋଇପାରିଛି।

ସେହିଭଳି ରିଓନ୍ ଉଭୟ ଇନ୍-ଷ୍ଟୋର ଓ ଅନ୍‌ଲାଇନ ବିକଳ୍ପ ପ୍ରଦାନ କରୁଛି, ଯାହା ଏହାକୁ ଗ୍ରାହକଙ୍କ ପାଇଁ ନିଜର ପୁରୁଣା ରୟାଲ ଏନ୍‌ଫିଲ୍ଡ ମୋଟରସାଇକେଲକୁ କ୍ରୟ, ବିକ୍ରୟ ଓ ଏକ୍ସଚେଞ୍ଜ କରିବା ସହଜ କରୁଛି। ଏପରିକି ସେଲରମାନେ ଏକ ଅନ୍‌ଲାଇନ ଫର୍ମ ପୂରଣକରି ଯେକୌଣସି ସ୍ଥାନରେ ନିଜର ମୋଟରସାଇକେଲ ପାଇଁ ଏକ ମାଗଣା ଯାଞ୍ଚ ସମୟ ଧାର୍ଯ୍ୟ କରିପାରିବେ। ରିଓନ୍ ନନ୍-ଆର୍‌ଇ ମୋଟରସାଇକେଲଗୁଡିକର ଏକ୍ସଚେଞ୍ଜକୁ ସୁଗମ କରିବା ପାଇଁ ଆଡ୍ରଏଟ ଅଟୋ, ଏସ୍‌ଏମ୍‌ଆଇଏଲ୍ ଓ ଇନ୍‌ଷ୍ଟାବିଡ୍ ସହ ସହଭାଗିତା କରିଛି।

ସେହିପରି ରିଓନ୍‌ରେ ତାଲିକାଭୁକ୍ତ ପ୍ରତ୍ୟେକ ମୋଟରସାଇକେଲ ରୟାଲ ଏନ୍‌ଫିଲ୍ଡ ଦ୍ୱାରା ସାର୍ଟିଫାଏଡ୍ ଏବଂ ଏହା ୨୦୦ରୁ ଅଧିକ ଟେକ୍ନିକାଲ ଓ ମେକାନିକାଲ ଯାଞ୍ଚର ସମ୍ମୁଖୀନ ହୋଇଥାଏ। ଏଥିସହ ଏଗୁଡ଼ିକୁ ଅଥୋରାଇଜ୍‌ଡ ରୟାଲ ଏନ୍‌ଫିଲ୍ଡ ସର୍ଭିସ ସେଣ୍ଟରଗୁଡିକରେ ଜେନୁଇନ ପାର୍ଟସର ବ୍ୟବହାରକରି ରିଫର୍ବିଶ କରାଯାଇଥାଏ। ଏହି ମୋଟରସାଇକେଲଗୁଡିକ ୧୨ମାସର ବ୍ରାଣ୍ଡ ୱାରେଣ୍ଟି ଏବଂ ଦୁଇଟି ମାଗଣା ସର୍ଭିସ୍ ସହ ଆସୁଛି।

# ଶିଳ୍ପ ପରିଦର୍ଶନରେ ବୈଷୟିକ ଛାତ୍ରୀଛାତ୍ର

**ଭୁବନେଶ୍ୱର,୧୭।୧୨**




ବେଦାନ୍ତ ଲିମିଟେଡ୍‌ର ପ୍ରମୁଖ କମ୍ପାନୀ ତଥା ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ ୟୁନିଟ୍‌କୁ (ଭାରତର ଅଗ୍ରଣୀ ସ୍ମେଲଟର ଗ୍ରେଡ୍‌ର ଆଲୁମିନିୟମ ନିର୍ମାତା ଓ ବେଦାନ୍ତ ଆଲୁମିନିୟମର ପ୍ରମୁଖ ଏକ ୟୁନିଟ୍) ନିକଟରେ ଭବାନୀପାଟଣା ସରକାରୀ ପଲିଟେକ୍‌ନିକର ଛାତ୍ରୀଛାତ୍ରମାନେ ଏକ ଶିଳ୍ପ ପରିଦର୍ଶନ କାର୍ଯ୍ୟକ୍ରମରେ ଆସିଥିଲେ। ଏହି ଗସ୍ତ ସମୟରେ ବୈଷୟିକ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଲାଞ୍ଜିଗଡ଼ ୟୁନିଟ୍‌ରେ ବେଦାନ୍ତର ବିଶ୍ୱସ୍ତରୀୟ ଆଲୁମିନା ରିଫାଇନେରିର ଏକ ବିସ୍ତୃତ ପ୍ଲାଣ୍ଟ ପରିଦର୍ଶନ କରିଥିଲେ, ଯାହା ଛାତ୍ରୀଛାତ୍ରଙ୍କୁ ଆଲୁମିନା ଉତ୍ପାଦନ ପ୍ରକ୍ରିୟା ଓ ଶିଳ୍ପ ସଂସ୍ଥା ଉପରେ ଆବଶ୍ୟକ ଜ୍ଞାନ ପ୍ରଦାନ କରିଥିଲା। ଏହି ପଦକ୍ଷେପ ତାତ୍ତ୍ୱିକ ଶିକ୍ଷା ଓ ବ୍ୟାବହାରିକ କୌଶଳ ମଧ୍ୟରେ ଏକ ସେତୁ ଭାବେ ଛାତ୍ରୀଛାତ୍ରମାନଙ୍କୁ ଅତ୍ୟାଧୁନିକ ଉତ୍ପାଦନ କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲା।

ସେହିଭଳି ଏହି ଶିଳ୍ପ ପରିଦର୍ଶନ ବେଦାନ୍ତ ଲାଞ୍ଜିଗଡ଼ର ସୁଦୂର ଅଞ୍ଚଳରେ ଦକ୍ଷତା ବିକାଶ ଓ ଶିଳ୍ପ ଏକାଡେମୀ ସହଯୋଗକୁ ବଢ଼ାଇବା ଲାଗି ଏକ ପ୍ରୟାସର ଅଂଶ ଥିଲା। ବେଦାନ୍ତ ନିୟମିତ ଭାବେ ଦକ୍ଷତା ଜ୍ଞାନକୌଶଳ, ତାଲିମ, ଇଣ୍ଟର୍ନଶିପ ଓ କର୍ମଶାଳା ମାଧ୍ୟମରେ କର୍ମକ୍ଷେତ୍ରର ଉନ୍ନତି ଲାଗି ଆବଶ୍ୟକ ଜ୍ଞାନକୌଶଳ ପ୍ରସାର କରିଥାଏ। ଏପରିକି ବୃତ୍ତିଧାରୀଙ୍କୁ ତାଙ୍କ କର୍ମପଥରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବା ଏହାର ମୂଳ ଲକ୍ଷ୍ୟ ରହିଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନା ବିଜ୍‌ନେସ୍) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମର ଦୃଷ୍ଟିକୋଣ ହେଉଛି ଆଜିର ଯୁବକମାନଙ୍କୁ ସ୍ଥାୟୀ କ୍ୟାରିୟର ସୁଯୋଗ ପ୍ରଦାନ କରିବା। ଏଥିପାଇଁ ଜ୍ଞାନକୌଶଳ ଓ ଏକ୍ସପୋଜର ଭିଜିଟ ସହ ସେମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟ ରହିଛି। ଏହି ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ପ୍ରଥମେ ଶିଳ୍ପ ସହ ଜଡ଼ିତ ହେବାର ସୁଯୋଗ ପ୍ରଦାନ କରି ଆମେ ସେମାନଙ୍କ ଭବିଷ୍ୟତ ପାଇଁ ଏକ ଦୃଢ ମୂଳଦୁଆ ନିର୍ମାଣ କରିବାକୁ ଆଶା କରିଛୁ।

ସେହିଭଳି ଭବାନୀପାଟଣା ସରକାରୀ ପଲିଟେକ୍‌ନିକର ଅଧ୍ୟାପକ ଶଶିକାନ୍ତ ବେହେରା କହିଛନ୍ତି, ଏହି ପରିଦର୍ଶନ ଆମ ଛାତ୍ରୀଛାତ୍ରମାନଙ୍କ ଲାଗି ଏକ ମୂଲ୍ୟବାନ୍ ଶିକ୍ଷଣ ଅଭିଜ୍ଞତା ପ୍ରଦାନ କରିବ। ଏପରିକି ଏହା କେବଳ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ନୁହେଁ ବରଂ ସେମାନଙ୍କୁ ଶିଳ୍ପ ଓ ଆଗାମୀ ସମ୍ଭାବ୍ୟ କ୍ୟାରିୟର ଚୟନ ପାଇଁ ଉତ୍ତମ ଜ୍ଞାନ ପ୍ରଦାନ ସହ ନିଜ କ୍ୟାରିୟର ମାର୍ଗ ବାଛିବାରେ ମଧ୍ୟ ଏହି ପ୍ରଦର୍ଶନ ସହାୟକ ହେବ।

# ଅଳ୍ପରେ...



## ସୂର୍ଯ୍ୟମୁଖୀ

ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

## କୋବି



କୋବି ଜାତୀୟ ଫସଲରେ ପତ୍ରବିନ୍ଧା ପୋକ, ଠିକିରିପିଠିଆ ପୋକ, କରଡିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତକରି ତଳି ପକାନ୍ତୁ। କିସମ – ସ୍ନୋବଲ୍, ସ୍ନୋବଲ୍-୧୬ ।

## ଆମ୍ବ



ଆମ୍ବବଉଳ ଆସିଥିଲେ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ ।

## ଶାଗ

ଶୀତଦିନଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗଚାଷ କରନ୍ତୁ ।

## ଚାଷୀଙ୍କ ପାଇଁ...



ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍ନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗର ଆଶଙ୍କା ଥିଲେ

## ଆଳୁରେ ପାଣି ଦେଉଥିଲେ...

ମାଟିର ଆବଶ୍ୟକତାକୁ ଚାହିଁ ୮–୧୦ ଦିନ ଅନ୍ତରରେ ଆଳୁରେ ପାଣି ମଡ଼ାନ୍ତୁ । ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଉଚିତ । ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ । ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୧.୫ କି.ଗ୍ରା. କାର୍ବେଣ୍ଡାଜିମ୍ ୧୨% ମାଙ୍କୋଜେବ୍ (୬୩%) ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ । ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍ସିଲ୍ + ମାନ୍‌କୋଜେବ୍ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ । ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ ।

# ସୋରିଷ ଚାଷରେ ରୋଗପୋକ ନିୟନ୍ତ୍ରଣ



ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କରଡିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଶୀତଦିନେ ପ୍ରାଣୀଙ୍କ ଯତ୍ନ

"ଗୋରୁ ଗୁହାଳ, ଛେଳି,ମେଣ୍ଢାଙ୍କ ଘର, କୁକୁଡ଼ାଘର ସର୍ବଦା ଶୁଖିଲା ଓ ସଫାସୁତୁରା ରହିବା ଆବଶ୍ୟକ । ଘରର ଲମ୍ବ ପୂର୍ବ-ପଶ୍ଚିମ ହୋଇ ରହିଲେ ଶୀତଦିନେ ଦକ୍ଷିଣା-ଉତ୍ତର ବାୟୁ ଚଳାଚଳ ଯୋଗୁ କୁକୁଡ଼ା ଘରର ଲିଟର ଓ ଗୋରୁଙ୍କ ଗୁହାଳ ଶୁଖିଲା ରହିବ । ଶୀତଦିନେ ଅଧିକ ଶୀତହେବା ଫଳରେ ଶ୍ୱାସନଳୀଜନିତ ସଂକ୍ରମଣ ଯୋଗୁ ଛେଳିମେଣ୍ଢାମାନେ ନିମୋନିଆ ରୋଗର ଶିକାର ହୁଅନ୍ତି । ତେଣୁ ଛେଳିମେଣ୍ଢା ରହୁଥିବା ଘରେ ରାତ୍ରରେ ଘରର ଉତ୍ତାପ ବଢ଼ାଇବା ପାଇଁ ରୁମ୍ ହିଟର ବ୍ୟବସ୍ଥା ରହିଲେ ଭଲ । ଛେଳିଙ୍କ ଗୁହାଳର ସମସ୍ତ ଝରକାକୁ ଶୀତ ପଡ଼ିଲେ ବନ୍ଦ ରଖିବା ଦରକାର । ଶୀତଦିନେ ଛେଳିମେଣ୍ଢାମାନଙ୍କୁ ଭାଡ଼ି ଉପରେ କିମ୍ବା ବାଲିଗୁହାଳେ ରଖିଲେ ଭଲ । କାରଣ ସେମାନଙ୍କଠାରୁ ନିର୍ଗତ ମଳମୂତ୍ର ଭାଡ଼ି ତଳକୁ ପଡ଼ିଯିବ ବା ବାଲିରେ ଶୋଷି ହୋଇଯିବ, ଫଳରେ ସେମାନେ ସର୍ବଦା ଶୁଖିଲା ଚଟାଣରେ ରହିପାରିବେ ।"



ଡା. ବୀରକିଶୋର ପରିଡ଼ା

ଶୀତଦିନେ ଜଳବାୟୁର ଉତ୍ତାପ କମିଯିବା ସହ ଆର୍ଦ୍ରତା ହ୍ରାସ ଯୋଗୁ ଉଭୟ ମନୁଷ୍ୟ ଓ ପଶୁପକ୍ଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଶୀତଦିନେ ବାୟୁମଣ୍ଡଳର ଆର୍ଦ୍ରତା କମିଯିବା ଯୋଗୁ ଧୂଳିକଣାଗୁଡ଼ିକ ହାଲୁକା ହେବା ସହ ଉତ୍ତର–ଦକ୍ଷିଣା ପବନରେ ସ୍ଥାନାନ୍ତରିତ ସହଜରେ ହୋଇଥାଏ । ଶୀତଦିନେ ଭୂତାଣୁଗୁଡ଼ିକ ବଞ୍ଚିରହିବା ସହ ସକ୍ରିୟ ହୋଇଉଠନ୍ତି ଏବଂ ଏହି ଧୂଳିକଣା ଓ ବାୟୁ ମାଧ୍ୟମରେ ପଶୁପକ୍ଷୀଙ୍କଠାରେ ବିଭିନ୍ନ ଶ୍ୱାସଜନିତ ରୋଗ ସୃଷ୍ଟି କରନ୍ତି । ସେହିଭଳି ଟିଙ୍କ ଓ ଉକୁଣିଙ୍କ ବଂଶ ବୃଦ୍ଧି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ଯୋଗୁ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ପ୍ରାଣୀଙ୍କୁ କାମୁଡ଼ି ରକ୍ତ ଶୋଷିବା ଦ୍ୱାରା ବିଭିନ୍ନ ଜୀବାଣୁ, ଭୂତାଣୁ ଓ ଏକକୋଷୀ ପ୍ରାଣୀଜନିତ ରୋଗ ସୃଷ୍ଟି କରିଥାନ୍ତି । ଏଥିସହ ପଶୁପକ୍ଷୀଙ୍କ ଖାଦ୍ୟ ଯଥା– ଦାନା, କୁଣ୍ଡା, ଚୋକଡ଼, ପିଡ଼ିଆ, ନଡ଼ା ଆଦିରେ ଆଗରୁ ବର୍ଷାଦିନେ ପାଣି ପଡ଼ି ଫିମ୍ପି ମାରିଥାଏ ବା ଗମୁରିଆ ହୋଇଯାଏ । ବେଳେବେଳେ କୁଣ୍ଡା ବା ଦାନା ଗମୁରିଆ ହେବା ଯୋଗୁ ଉକୁଣିଆ ପୋକ ମଧ୍ୟ ହୋଇଥାଏ । ଏହି ଫିମ୍ପି ମାରିଥିବା ଖାଦ୍ୟ ପଶୁପକ୍ଷୀ ଖାଇଲେ କବକଜନିତ କାରଣରୁ ଖାଦ୍ୟ ବିଷାକ୍ତ ଯୋଗୁ ଜୀବନହାନି ଘଟିଥାଏ । ଖାଲି ସେତିକି ନୁହେଁ, ଥଣ୍ଡାର ପ୍ରଭାବ ଯୋଗୁ ପ୍ରାଣୀଙ୍କ ଶରୀରରେ ଉଭୟ ଶାରୀରିକ ଓ ମାନସିକ ଚାପ ସୃଷ୍ଟି କରିଥାଏ । ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଯୋଗୁ ପ୍ରାଣୀମାନେ ବିଭିନ୍ନ ରୋଗର ଶିକାର ହୋଇଥାନ୍ତି । ଶୀତଦିନେ ଅତ୍ୟଧିକ ବୃଦ୍ଧି ଘଟିଥିବା କଅଁଳିଆ ବା ଛନଛନିଆ ଘାସ ଖାଇ ଗୋରୁ, ଛେଳି,ମେଣ୍ଢା ଓ ଅନ୍ୟ ପ୍ରାଣୀମାନେ ଧାତବଲବଣ ଅଭାବଜନିତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରନ୍ତି । ବାୟୁମଣ୍ଡଳର ଆର୍ଦ୍ରତା କମିଯିବା ଯୋଗୁ ଗାଈଙ୍କ ଶରୀରରେ ଜଳଶୁଷ୍କତା ସହ ଧାତବଲବଣ ଓ ଭିଟାମିନ୍ ଅଭାବଜନିତ କାରଣ ଯୋଗୁ ବାଛୁରୀ ପ୍ରସବ ପରେ ଫୁଲ ପଡ଼େ ନାହିଁ ବା ଦୁଃଖ ପ୍ରସବ ହୋଇଥାଏ ।

ତେଣୁ ଶୀତଦିନେ ପଶୁପକ୍ଷୀଙ୍କର ବାସଗୃହ, ଖାଦ୍ୟ, ପ୍ରଜନନ, ଲାଳନପାଳନରେ ଯତ୍ନ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେଲେ ସେମାନଙ୍କୁ ଶୀତଦିନେ ସୁରକ୍ଷା ଯୋଗାଇଦେବା ସହ ସେମାନଙ୍କଠାରୁ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧିକରି ଆମେ ବିଶେଷ ଲାଭବାନ ହୋଇପାରିବା ।

**ବାସଗୃହ :** ଗୋରୁ ଗୁହାଳ, ଛେଳି,ମେଣ୍ଢାଙ୍କ ଘର, କୁକୁଡ଼ାଘର ସର୍ବଦା ଶୁଖିଲା ଓ ସଫାସୁତୁରା ରହିବା ଆବଶ୍ୟକ । ଘରର ଲମ୍ବ ପୂର୍ବ–ପଶ୍ଚିମ ହୋଇ ରହିଲେ ଶୀତଦିନେ ଦକ୍ଷିଣା–ଉତ୍ତର ବାୟୁ ଚଳାଚଳ ଯୋଗୁ କୁକୁଡ଼ା ଘରର ଲିଟର ଓ ଗୋରୁଙ୍କ ଗୁହାଳ ଶୁଖିଲା ରହିବ । ଶୀତଦିନେ ଅଧିକ ଶୀତହେବା ଫଳରେ ଶ୍ୱାସନଳୀଜନିତ ସଂକ୍ରମଣ ଯୋଗୁ ଛେଳିମେଣ୍ଢାମାନେ ନିମୋନିଆ ରୋଗର ଶିକାର ହୁଅନ୍ତି । ତେଣୁ ଛେଳିମେଣ୍ଢା ରହୁଥିବା ଘରେ ରାତ୍ରରେ ଘରର ଉତ୍ତାପ ବଢ଼ାଇବା ପାଇଁ ରୁମ୍ ହିଟର ବ୍ୟବସ୍ଥା ରହିଲେ ଭଲ । ଛେଳିଙ୍କ ଗୁହାଳର ସମସ୍ତ ଝରକାକୁ ଶୀତ ପଡ଼ିଲେ ବନ୍ଦ ରଖିବା ଦରକାର । ଶୀତଦିନେ ଛେଳି,ମେଣ୍ଢାଙ୍କୁ ଭାଡ଼ି ଉପରେ କିମ୍ବା ବାଲିଗୁହାଳେ ରଖିଲେ ଭଲ । କାରଣ ସେମାନଙ୍କଠାରୁ ନିର୍ଗତ ମଳମୂତ୍ର ଭାଡ଼ି ତଳକୁ ପଡ଼ିଯିବ ବା ବାଲିରେ ଶୋଷି ହୋଇଯିବ, ଫଳରେ ସେମାନେ ସର୍ବଦା ଶୁଖିଲା ଚଟାଣରେ ରହିପାରିବେ। ସେହିପରି ଗୁହାଳର ସମସ୍ତ ଖୋଲା ସ୍ଥାନକୁ ଅଖା ବା ପଲିଥିନ୍ ଟାଙ୍ଗି ଭଲଭାବେ ନିବୁଜ କରିବା ଦରକାର ଏବଂ ଶୀତ କମିଗଲେ ଦିନବେଳେ ଏହାକୁ ଉପରକୁ ଟେକିଦେବା ଆବଶ୍ୟକ । ଗୋରୁ ଗୁହାଳ ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଗୁହାଳ ଘରେ ଅଳିଆ ଆବର୍ଜନା ରଖିଲେ ଟିଙ୍କ ଓ ଉକୁଣି ହେବା ଆଶଙ୍କା ଅଧିକ ଥାଏ । ଗୁହାଳେ ଆଲୋକ ଓ ବାୟୁ ଚଳାଚଳ ଠିକ୍ ରହିବା ଦରକାର ଏବଂ ଏହା ଅନ୍ଧାରିଆ ରହିବା ଉଚିତ ନୁହେଁ । ଗୁହାଳେ ଗୋରୁମାନଙ୍କୁ ଗହଳିରେ ନ ରଖି ଆବଶ୍ୟକ ସଂଖ୍ୟକ ରଖନ୍ତୁ। ନଚେତ୍ ଏହି ଗହଳି ଯୋଗୁ ଟିଙ୍କ, ଉକୁଣିଙ୍କ ସଂଖ୍ୟା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ବିଭିନ୍ନ ଏକକୋଷୀ ପ୍ରାଣୀ ରୋଗ ଯଥା–ଥେଇଲେରିଆ, ରକ୍ତ ପରିସ୍ରା, ସରା ଆଦି ରୋଗ ହେବା ସମ୍ଭାବନା ସହ ବିଭିନ୍ନ ଜୀବାଣୁଜନିତ ରୋଗ, ଯଥା– ସାହାଣା ରୋଗ, ଆନ୍ଥ୍ରାକ୍ସ ରୋଗ ; ଭୂତାଣୁଜନିତ ଅଢ଼େଇଆ ରୋଗ ଦେଖାଦେବା ଆଶଙ୍କା ରହିଥାଏ । ସେହିପରି ଗୁହାଳର ଚଟାଣ ଯଦି ଓଦା ବା ସନ୍ତସନ୍ତିଆ ସହ କଚ୍ଚା ରହେ, ଶୀତଦିନେ ଗାଈଙ୍କର ପହ୍ନା ସଂକ୍ରମଣ ଯୋଗୁ ଶୀତଦିନିଆ ପହ୍ନା ପ୍ରଦାହ ରୋଗ ସୃଷ୍ଟି ହୁଏ । ତେଣୁ ଅଧିକ ଉତ୍ପାଦନକ୍ଷମ ସଙ୍କର ଗାଈ ପାଇଁ ଗୁହାଳର ଚଟାଣ ସିମେଣ୍ଟ କଂକ୍ରିଟ ହେବା ସହ ଅଳ୍ପ ଢାଲୁ ଓ ଖଦଖଦଡ଼ିଆ ହେବା ଦରକାର । କୁକୁଡ଼ାଘର ଚଟାଣ ମଧ୍ୟ ସିମେଣ୍ଟରେ ନିର୍ମିତ ହେବା ଆବଶ୍ୟକ ।



**ଖାଦ୍ୟ :** ସାଧାରଣତଃ ଶୀତଦିନେ ବାହ୍ୟ ପରିବେଶର ଉତ୍ତାପ ପ୍ରାଣୀଙ୍କ ଶରୀରର ଉତ୍ତାପଠାରୁ ବହୁତ କମ୍ ରହୁଥିବାରୁ ତାହା ପ୍ରାଣୀଙ୍କ ଶରୀର ଉପରେ ଏକ ଚାପ ସୃଷ୍ଟି କରିବା ସହ ମାନସିକ ଉତ୍ତେଜନା ସୃଷ୍ଟିକରେ । ଶୀତ ପ୍ରକୋପର ପ୍ରଭାବ ସହିତ ଆର୍ଦ୍ରତା କମିଯିବା ଯୋଗୁ ପ୍ରାଣୀଙ୍କ ଶରୀର ଏହା ଗ୍ରହଣ କରିବାକୁ ସକ୍ଷମ ହୋଇ ନ ଥାଏ । ପ୍ରାଣୀଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଉତ୍ପନ୍ନରେ ବାଧାପ୍ରାପ୍ତ ହୁଏ ଓ ଏହା ପରିପ୍ରକାଶ ହୁଏନାହିଁ । ଏହା ଫଳରେ ବିଭିନ୍ନ ସଂକ୍ରାମକ ରୋଗ ପ୍ରାଣୀମାନଙ୍କୁ ଶୀତଦିନେ ସହଜରେ ଧରିଥାଏ । ତେଣୁ ଶୀତଦିନେ ନବଜାତ ବାଛୁରୀ, ସ୍ୱଳ୍ପ ବୟସ୍କ ବାଛୁରୀ, ରୋଗାକ୍ରାନ୍ତ ଦୁଗ୍ଧ ଦେଉଥିବା ଓ ବୟସ୍କ ଗାଈଙ୍କ ଯତ୍ନ ପ୍ରତି ଆମେ ବିଶେଷ ଧ୍ୟାନଦେବା ଦରକାର । ଶୀତଦିନେ ପ୍ରାତଃ ସକାଳେ କୁହୁଡ଼ି ସହ ଘାସପତ୍ରରେ ପଡ଼ିଥିବା କାକର ଗୋରୁଙ୍କ ପାଇଁ ବହୁରୋଗର କାରଣ ହୋଇଥାଏ। ସୂର୍ଯ୍ୟୋଦୟ ପୂର୍ବରୁ କୌଣସିମତେ ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଏଥିସହ ଶୀତଦିନେ ଅତ୍ୟଧିକ ଶୀତ ଯୋଗୁ ଗୋରୁ ଖାଦ୍ୟ ଖାଇବା କମାଇ ଦିଅନ୍ତି । ଏହାଦ୍ୱାରା ଗୋରୁଙ୍କଠାରେ ଖାଦ୍ୟାଭାବଜନିତ ଲକ୍ଷଣ ପ୍ରକାଶ ପାଇଥାଏ ଏବଂ ଏହି ଖାଦ୍ୟାଭାବରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଯୋଗୁ ବିଭିନ୍ନ ରୋଗ ଧରିବା ଆଶଙ୍କା ଥାଏ । ବାହ୍ୟ ଜଳବାୟୁର ଉତ୍ତାପ କମିଯିବାରୁ ପ୍ରାଣୀମାନେ ନିଜ ଶରୀରର ସାଧାରଣ ଉତ୍ତାପ ରକ୍ଷାକରିବା ପାଇଁ ଶରୀରରେ ଖାଦ୍ୟରୁ ଉତ୍ପନ୍ନ ହେଉଥିବା ଉତ୍ତାପ ପ୍ରାଣୀଙ୍କ ଶାରୀରିକ ଉତ୍ତାପର ଭାରସାମ୍ୟ ବଜାୟ ରଖିବାକୁ ଚେଷ୍ଟାକରେ। ତେଣୁ ଶୀତଦିନେ ଗୋରୁଙ୍କୁ ଉତ୍ତାପ ଶକ୍ତି ପ୍ରଦାୟକ ତନ୍ତୁଜାତୀୟ ଖାଦ୍ୟ ଯଥା– ଘାସ, ନଡ଼ା, ପାଳ, କୁଣ୍ଡା, ଚୋକଡ଼, ଡାଳପତ୍ର, ମକାଗଛ ପତ୍ର ଓ କାଣ୍ଡ ଇତ୍ୟାଦି ଖାଇବାକୁ ଦେବା ଉଚିତ। ବର୍ଷାଦିନରୁ ବର୍ଷାପାଣି ପଡ଼ି ଭିଜିଥିବା ଦାନା, କୁଣ୍ଡା, ପିଡ଼ିଆ ଇତ୍ୟାଦି ଶୀତଦିନ ପର୍ଯ୍ୟନ୍ତ ଗଚ୍ଛିତ ରହିଥିଲେ, ତାହା ପିଠା ପରି ଫଡ଼ାଫଡ଼ା ହୋଇଯାଏ ବା ଫିମ୍ପି ମାରିଯାଏ । ଏଥିରେ ଆସ୍‌ପରଜିଲସ୍ ନାମକ କବକ ବା ଫିମ୍ପିରୁ ନିର୍ଗତ ଆଫ୍‌ଲାଟକ୍ସିନ୍ ଉକ୍ତ ଖାଦ୍ୟରେ ବିଷ ସୃଷ୍ଟିକରେ । ସେହିପରି ପଚା ନଡ଼ା ବା ଫିମ୍ପିମରା ନଡ଼ା କ୍ଷେତ୍ରରେ ମଧ୍ୟ ସେହିପରି ଘଟେ । ତେଣୁ ଏସବୁ ଦାନା ବା ଖାଦ୍ୟକୁ ଖରାରେ ଭଲଭାବେ ଶୁଖାଇ ଖାଇବାକୁ ଦେବା ଉଚିତ । କାରଣ ସୂର୍ଯ୍ୟକିରଣ ଏକ ବିଶୋଧକ ବା ବିଷନାଶକ ଭାବେ କାର୍ଯ୍ୟକରେ । ସେହିଭଳି କୁକୁଡ଼ାଙ୍କୁ ଫିମ୍ପିମରା ବା ଗମୁ ମାରିଥିବା ପୁରୁଣା ଦାନା ନ ଦେଇ ସର୍ବଦା ସଦ୍ୟ ପ୍ରସ୍ତୁତ (୧୫ ଦିନ ମଧ୍ୟରେ ପ୍ରସ୍ତୁତ) ଦାନା ଖାଇବାକୁ ଦେବା ଉଚିତ । ଶୀତଦିନରେ ପ୍ରାଣୀଙ୍କ ଶରୀରକୁ ଅତ୍ୟଧିକ ଶୀତର ଷ୍ଟ୍ରେସ୍ ବା ଚାପ ପ୍ରଭାବରୁ ସୁରକ୍ଷା ଦେବା ପାଇଁ ହେଲେ ସେମାନଙ୍କୁ ଆଣ୍ଟିଷ୍ଟ୍ରେସ୍ ମେଡିସିନ୍ ଯଥା– ଭିଟାମିନ୍ ଏ, ସି, ଇ ସହ ମଲ୍ଟି ଭିଟାମିନ୍ ମିଶ୍ରିତ ଧାତବଲବଣ ଗୋରୁ ବା କୁକୁଡ଼ାଙ୍କ ଖାଦ୍ୟରେ ଖାଇବାକୁ ଦେବା ଉଚିତ। (କ୍ରମଶଃ..)

–ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ) ତଥା ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ,
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

# ଡାଲିଜାତୀୟ ଫସଲରେ ସାର ପ୍ରୟୋଗ



ଏକ କି.ଗ୍ରା. ଡାଲିଜାତୀୟ ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗକଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍–ପି–କେ (୧୯–୧୯–୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିଡଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ।

## ତରଭୁଜ ଲଗାଉଥିଲେ...



ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ । ତରଭୂଜର ଉନ୍ନତ କିସମ ମଧ୍ୟରେ ରହିଛି ସୁଗାରବେବି, ଆର୍କାମାଣିକ ଓ ଲାଲ୍‌ସେନା। ସଙ୍କର କିସମ – ମାଧୁରୀ, ମାୟା, ସୁଇଟ୍‌ରୁବି, ଆଣ୍ଡାମାନ୍।

## ଆଖୁ ଚାଷ କରୁଥିଲେ...

ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷ କରି ହୁଡ଼ା ଭାଙ୍ଗିଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆଖୁ ଗଛକୁ ଏକ ଧାରୁଆ କତୁରିରେ ଭୂମି ପତ୍ତନ ସହ ସମାନକରି କାଟିଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଆଖୁ କାଟିବା ଉଚିତ ।



ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୮/୨୦୨୪ Bhubaneswar, Wednesday, December 18/ 2024

# ଫଲୋଅନ୍ ଏଡାଇଲେ ବୁମ୍ରା-ଆକାଶ ଦୀପ୍

## ଡ୍ର ଅଭିମୁଖେ ତୃତୀୟ ଟେଷ୍ଟ

### ଜାଡେଜା, ରାହୁଲଙ୍କ ଅର୍ଦ୍ଧଶତକ

ବ୍ରିସବେନ୍,୧୭।୧୨(ପି.ଟି.)

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚର ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ଏହା ଡ୍ର ଆଡକୁ ଗତି କରୁଛି। ବର୍ଷା ବାଧାପ୍ରାପ୍ତ ଚତୁର୍ଥ ଦିନରେ ଭାରତ ପକ୍ଷରୁ ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜା ଲଢୁଆ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ଅନ୍ତିମ ଉଇକେଟରେ ଅବିଭାଜିତ ୩୯ ରନ୍ ଯୋଡିବା ସହ ଫଲୋଅନ୍ ଏଡାଇଥିଲେ ଆକାଶ ଦୀପ୍ ଓ ଯଶପ୍ରୀତ୍ ବୁମ୍ରା। ଖରାପ ଆଲୋକ କାରଣରୁ ଖେଳ ବନ୍ଦ ହେବା ଆଗରୁ ଭାରତ ୯ ଉଇକେଟ ହରାଇ ୨୫୨ ରନ୍ ସଂଗ୍ରହ କରିଛି। ଅନ୍ତିମ ଦିନର ଖେଳ ବାକି ରହିଥିବା ବେଳେ ମ୍ୟାଚ୍‌ଟି ବର୍ତ୍ତମାନ ଡ୍ର ଆଡକୁ ଗତି କରୁଛି। ଟପ୍ ଅର୍ଡର ଫେଲ ମାରିଥିବା ବେଳେ ତୃତୀୟ ଦିନ ଶେଷ ସୁଦ୍ଧା ଭାରତ ୪ ଉଇକେଟ ହରାଇ ୫୧ ରନ୍ ସଂଗ୍ରହ କରିଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିଲା ଭାରତ।



ଅନ୍ତିମ ଉଇକେଟ ପାର୍ଟନରଶିପ୍ ଅବସରରେ ଆକାଶଦୀପ ଓ ଯଶପ୍ରୀତ୍ ବୁମ୍ରା।

ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଲୋକେଶ ରାହୁଲ ଓ ରୋହିତ ଶର୍ମା ସତର୍କତାର ସହ ବ୍ୟାଟିଂ ଆରମ୍ଭ କରିଥିଲେ। ମଙ୍ଗଳବାର ୬ ଓଭର ଖେଳ ହୋଇଥିବା ବେଳେ ଉଇକେଟ କିପର ଆଲେକ୍ସ କେରୀଙ୍କୁ କ୍ୟାଚ୍ ଦେଇଥିଲେ ରୋହିତ ଶର୍ମା। ରୋହିତ ନିଜ ବିଫଳତାର ଧାରା ବଜାୟ ରଖି ମାତ୍ର ୧୦ ରନ୍ ସ୍କୋର କରିଥିଲେ। ୭୪ ରନ୍‌ରେ ପଞ୍ଚମ ଉଇକେଟର ପତନ ପରେ ରାହୁଲଙ୍କ ସହ କ୍ରିଜରେ ଯୋଗ ଦେଇଥିଲେ ରବୀନ୍ଦ୍ର ଜାଡେଜା। ଉଭୟ ଖେଳାଳି ଅର୍ଦ୍ଧଶତକ ପୂରଣ କରିଥିବା ବେଳେ ଭାରତୀୟ ସ୍କୋର ୧୪୧ରେ ପହଞ୍ଚାଇଥିଲେ। ୧୩୯ ବଲ୍ ଖେଳି ୮ ଚୌକା ସହିତ ଧୈର୍ଯ୍ୟପୂର୍ଣ୍ଣ ୮୪ ରନ୍ କରିଥିବା ରାହୁଲ ଆଉଟ ହୋଇଥିଲେ। ଚଳିତ ସିରିଜରେ ଭାରତର ସଫଳତମ ବ୍ୟାଟର ରହିଥିବା ନୀତୀଶ କୁମାର ରେଡ୍ଡୀ କ୍ରିଜରେ ଯୋଗ ଦେଇ ଜାଡେଜାଙ୍କ ସହିତ ୫୪ ରନ୍ ଯୋଡିଥିଲେ। ନୀତୀଶ ୧୬ ରନ୍ କରିଥିବା ବେଳେ ଭାରତୀୟ ଦଳ ଫଲୋଅନ୍ ସ୍କୋର ପାର କରିବାର ଆଶା ଜାଗ୍ରତ ହୋଇଥିଲା। ତେବେ ପ୍ୟାଟ୍ କମିନ୍ସ ତାଙ୍କୁ ବୋଲ୍ଡ କରିବା ପରେ ମ୍ୟାଚର ମଙ୍ଗ ଅଷ୍ଟ୍ରେଲିଆ ଆଡକୁ ପୁଣି ଥରେ ମୋଡି ହୋଇଥିଲା। ୧୯୪ ରନ୍‌ରେ ନୀତୀଶ ପ୍ୟାଭିଲିୟନ ଫେରିବା ପରେ ୧୯ ରନ୍ ମଧ୍ୟରେ ଭାରତ ସିରାଜ୍ ଓ ଜାଡେଜାଙ୍କ ଉଇକେଟ ହରାଇଥିଲା। ଜାଡେଜା ୭୭ ରନ୍ କରି ନବମ ବ୍ୟାଟର ଭାବରେ ଆଉଟ ହୋଇଥିଲେ। ୧୨୩ ବଲର ଇନିଂସରେ ୭ ଚୌକା ଓ ୧ ଛକା ସାମିଲ ଥିଲା। ଫଲୋଅନ ଏଡାଇବା ପାଇଁ ଆହୁରି ୨୨ ରନ୍ ଆବଶ୍ୟକ ରହିଥିଲା। ତେବେ ବୋଲିଂରେ ଭାରତର ଟ୍ରମ୍ପକାର୍ଡ ରହିଥିବା ଯଶପ୍ରୀତ ବୁମ୍ରା ଓ ଆକାଶ ଦୀପ୍ ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ଅବିଭାଜିତ ୩୯ ରନ୍ ଯୋଡିଥିଲେ। ଆକାଶଦୀପ ୨୭ ଓ ବୁମ୍ରା ୧୦ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଆକାଶ ଦୀପ୍ ୩୧ ବଲ୍ ଖେଳି ୨ ଚୌକା ଓ ୧ ଛକା ମାରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ପ୍ୟାଟ୍ କମିନ୍ସ ୪, ମିଚେଲ୍ ଷ୍ଟାର୍କ ୩, ନାଥାନ ଲିୟନ ଓ ଜୋଶ ହାଜେଲଉଡ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜୋଶ୍ ହାଜେଲଉଡଙ୍କ ଜଙ୍ଘ ମାଂସପେଶୀ ଟାଣି ହୋଇଥିବା କାରଣରୁ ସେ ଅବଶିଷ୍ଟ ସିରିଜରୁ ବାଦ ପଡିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୪୪୫/୧୦। ଭାରତ ପ୍ରଥମ ଇନିଂସ ୭୪.୫ ଓଭରରେ ୨୫୨/୯ (ଲୋକେଶ ରାହୁଲ-୮୪, ରବୀନ୍ଦ୍ର ଜାଡେଜା-୭୭, ଆକାଶ ଦୀପ୍-୨୭*, ପ୍ୟାଟ୍ କମିନ୍ସ-୪/୮୦, ମିଚେଲ ଷ୍ଟାର୍କ-୩/୮୩, ଜୋଶ ହାଜେଲଉଡ୍-୧/୨୨)।

# ୧୧ ଜଣ ମିଳିତ ଅଗ୍ରଣୀ

## ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର୍ସ ଚେସ୍




ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର୍ସ ଚେସ୍‌ର ତୃତୀୟ ଦିନର ଏକ ମ୍ୟାଚ୍।

ଭୁବନେଶ୍ୱର,୧୭।୧୨(ସରୋଜ ଜେନା)

ଓଡ଼ିଶାରେ ଗ୍ରାଣ୍ଡ ମାଷ୍ଟର୍ସ ଚେସ ମହୋତ୍ସବର ଦ୍ୱିତୀୟ ସଂସ୍କରଣର ତୃତୀୟ ଦିନର ଖେଳ ମଙ୍ଗଳବାର ଶେଷ ହୋଇଛି। ଡିସେମ୍ବରରୁ ୧୫ ରୁ ୨୨ ପର୍ଯ୍ୟନ୍ତ ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଏ ବର୍ଗର ତୃତୀୟ ରାଉଣ୍ଡ ମ୍ୟାଚ ସମାପ୍ତ ହୋଇଛି। ଏହି ବର୍ଗରେ ୧୯୦୦ରୁ ଉର୍ଦ୍ଧ୍ୱ ରେଟିଂ ହାସଲ କରିଥିବା ପ୍ରତିଯୋଗୀମାନେ ସ୍ଥାନ ପାଇଛନ୍ତି। ତୃତୀୟ ରାଉଣ୍ଡ ଶେଷ ହେବା ସୁଦ୍ଧା ୧୧ ଜଣ ଖେଳାଳି ମିଳିତ ଭାବରେ ଅଗ୍ରଣୀ ରହିଛନ୍ତି। ସାହିଲ ଦେ, ଶ୍ୟାମ ନିଖିଲ, ଏମ୍.ଆର. ଭେଙ୍କଟେଶ, ସିଦ୍ଧାନ୍ତ ଗୱାଇ, ଆୟୁଷ ଶର୍ମା, ଏନ୍‌ଗୁଏନ୍ କୁଓକ୍ ହି, ଫେଡୋରୋଭ ଆଲେକ୍ସେଇ, ଭେମୁଲା ବିଘ୍ନେଶ, ନୀଳାଶ ସାହା, ରାଜେଶ ନାୟକ, କୁଶାଗ୍ର ମୋହନ ପ୍ରତ୍ୟେକ ୩ ପଏଣ୍ଟ ଲେଖାଏ ଅର୍ଜନ କରି ମିଳିତ ଭାବରେ ଶୀର୍ଷରେ ରହିଛନ୍ତି।

ଏହି ଅନ୍ତର୍ଜାତୀୟ ଗ୍ରାଣ୍ଡ ମାଷ୍ଟର୍ସ ଚେସ ମହୋତ୍ସବରେ ସମୁଦାୟ ୨୦ଟି ଦେଶର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ଏହି ଅନ୍ତର୍ଜାତୀୟ ଗ୍ରାଣ୍ଡ ମାଷ୍ଟର୍ସ ଚେସ ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟିର ଅଧ୍ୟକ୍ଷ ଡଃ ଅବିନାଶ ସାମଲ, (ମ୍ୟାନେଜିଂ ଡାଇରେକ୍ଟର, ଏମ୍ପେରିଓ ଗ୍ରୁପ) ସର୍ବାଧିକ ପ୍ରୋତ୍ସାହନ ଯୋଗାଇଛନ୍ତି। ମହୋତ୍ସବ ତୃତୀୟ ଦିବସରେ ରାଜ୍ୟ ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, ସୋଆର କ୍ରୀଡ଼ାଅଧିକାରୀ ସୁନିତା ବର୍ମା ଓ ଡିନ ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

## ଜାତୀୟ ଭଲିବଲ ଚାମ୍ପିୟନଶିପ୍

# ଗଗନେନ୍ଦୁ ଓଡ଼ିଶା ଦଳର ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୧୭।୧୨ (ସରୋଜ ଜେନା)

ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ହେବ ଜାତୀୟ ଭଲିବଲ ଚାମ୍ପିୟନଶିପ। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳର ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି ଓଡ଼ିଶା ଭଲିବଲ୍ ଆସୋସିଏଶନ(ଓଭିଏ) ଅବୈତନିକ ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାସ। ଆଇନଗତ ମାମଲା କାରଣରୁ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ ପକ୍ଷରୁ ୨୦୨୪ରେ ଏକ ଆଡହକ୍ କମିଟି ଗଠନ କରାଯାଇଥିଲା। ଏହି କମିଟି ପକ୍ଷରୁ ଗଗନେନ୍ଦୁଙ୍କ ବ୍ୟତୀତ କୋଚ୍ ସୁଧାଂଶୁ ମିଶ୍ର ଓ ଅମ୍ରିତପାଲ ସିଂଙ୍କୁ ଚୟନକର୍ତ୍ତା ଦାୟିତ୍ୱ ପ୍ରଦାନ କରାଯାଇଛି। ଜାନୁଆରୀ ୭-୧୫ ମଧ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ପୁରୁଷ ଦଳର ଚୟନ ଟ୍ରାଏଲ୍ସ ଡିସେମ୍ବର ୨୬ ଓ ମହିଳା ଦଳର ଚୟନ ଟ୍ରାଏଲ୍ସ ଡିସେମ୍ବର ୨୭ରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମରେ ଉପଯୁକ୍ତ ଇନ୍‌ଡୋର ଷ୍ଟାଡିୟମ ନ ଥିବା କାରଣରୁ ଅଭ୍ୟାସ ସ୍ଥାନ ପରିବର୍ତ୍ତନ କରାଯିବାର ସମ୍ଭାବନା ରହିଛି।

# ଓଡ଼ିଶା, ଉତ୍ତର ପ୍ରଦେଶର ସହଜ ବିଜୟ




ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍ ଜିତିବା ପରେ ଓଡ଼ିଶା ଦଳ।

ଭୁବନେଶ୍ୱର, ୧୭।୧୨ (ବିଜୟ ରଣା)

ଦୃଷ୍ଟିବାଧିତ ଜାତୀୟ ପୁରୁଷ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ନାଗେଶ ଟ୍ରଫିରେ ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍ 'ସି' ମ୍ୟାଚରେ ଓଡ଼ିଶା ଓ ଉତ୍ତର ପ୍ରଦେଶ ସହଜ ବିଜୟ ହାସଲ କରିଛନ୍ତି। ସ୍ଥାନୀୟ କେ.ଟି. ଗ୍ଲୋବାଲ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ମଧ୍ୟପ୍ରଦେଶ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ୯୬ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଓଡ଼ିଶା ୧୨.୧ ଓଭରରେ ୨ ଉଇକେଟ ବିନିମୟରେ ୯୭ରନ କରି ୮ ଉଇକେଟରେ ବିଜୟ ଲାଭ କରିଥିଲା। ଓଡ଼ିଶାର ଜାଫର ଇକବାଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଉତ୍ତର ପ୍ରଦେଶ ୭୬ ରନ୍‌ରେ ତ୍ରିପୁରାକୁ ହରାଇ ଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତର ପ୍ରଦେଶ ନିର୍ଦ୍ଧାରିତ ୨୦ଓଭରରେ ୭ ଉଇକେଟ ବିନିମୟରେ ୨୧୬ ରନ କରିଥିଲା। ଜବାବରେ ତ୍ରିପୁରା ୧୯.୩ ଓଭରରେ ୧୪୦ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ବାଲମୁକୁନ୍ଦ ଚତୁର୍ବେଦୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୩୮ ବଲ୍‌ରୁ ୬୫ ରନ ସଂଗ୍ରହ କରିଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ଟୁର୍ନାମେଣ୍ଟରେ ମୋଟ ୨୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଲିଗ୍ ମ୍ୟାଚ୍‌ଗୁଡ଼ିକ ୬ଟି ଭେନ୍ୟୁରେ ଖେଳାଯାଉଛି। ଆସନ୍ତାବର୍ଷ ଫେବୃଆରୀରେ ପ୍ରତିଯୋଗିତାର ସୁପର-୮ ପର୍ଯ୍ୟାୟ ଖେଳାଯିବ।

# ବିପର୍ଯ୍ୟୟ ଘଟାଇଲା ଓଡ଼ିଶା

**ଭୁବନେଶ୍ୱର, ୧୭।୧୨ (ସରୋଜ ଜେନା):** ହାଇଦ୍ରାବାଦରେ ଅନୁଷ୍ଠିତ ୭୮ ତମ ସନ୍ତୋଷ ଟ୍ରଫି ଫୁଟବଲ ମ୍ୟାଚ୍‌ରେ ବିପର୍ଯ୍ୟୟ ଘଟାଇଛି ଓଡ଼ିଶା। ଟୁର୍ନାମେଣ୍ଟର ଅନ୍ୟତମ ଶକ୍ତିଶାଳୀ ଦଳ ତଥା ଗତ ସଂସ୍କରଣର ରନର ଅପ୍ ଗୋଆକୁ ୨-୦ରେ ହରାଇଛି ଓଡ଼ିଶା। ଓଡ଼ିଶା ପକ୍ଷରୁ ରାହୁଲ ମୁଖୀ(୬୦) ଓ କାର୍ତ୍ତିକ ହାନ୍ତାଳ(୬୫) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଉଭୟ ଗୋଲ ଦେଇଥିଲା। ରାହୁଲ ୬୦ ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଚମତ୍କାର ଫର୍ମରେ ରହିଥିବା କାର୍ତ୍ତିକ ହାନ୍ତାଳ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।

# କଳିଙ୍ଗ ୟୁଥ୍‌ର ବିପୁଳ ବିଜୟ

**ଭୁବନେଶ୍ୱର, ୧୭।୧୨ (ବିଜୟ ରଣା):** ଗତିକୃଷ୍ଣ ପଣ୍ଡା ମେମୋରିଆଲ ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚରେ କଳିଙ୍ଗ ୟୁଥ୍ ୧୦-୦ ଗୋଲ୍‌ରେ ଏସ୍.ଜି.ଓ ନୟାପଲ୍ଲୀକୁ ହରାଇ ବିପୁଳ ବିଜୟ ହାସଲ କରିଛି। ଏହି ମ୍ୟାଚରେ ମହେଶ କୁମାର ହନଗା ଓ ଅନନ୍ତ କିସ୍କୁ ୨ଟି ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ନନ୍ଦ ସିଂ, ମିଥୁନ ହାଁସ୍‌ଦା, ଦସମଥ ହାଁସ୍‌ଦା, ସୁରଜ କୁମାର ନନ୍ଦୀ, ଗୋପୀନାଥ ମୁର୍ମୁ ଓ ଶିବରାମ ମୁର୍ମୁ ପ୍ରମୁଖ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ମହେଶ କୁମାର ହନଗା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭୁବନେଶ୍ୱର ହକି ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ।

# କୋଲକାତା ଏକାଦଶ ଚାମ୍ପିୟନ

## ସର୍ବଭାରତୀୟ ମହିଳା ଫୁଟ୍‌ବଲ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ଟାଙ୍ଗୀ,୧୭।୧୨ (ରଘୁନାଥ ସାହୁ)

ଦେବୀଦୁର୍ଗା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନଶିପ୍‌ରେ କୋଲକାତା ଏକାଦଶ ଚାମ୍ପିୟନ ହୋଇଛି। ମଙ୍ଗଳବାର ଚିଲିକା ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ କୋଲକାତା ଏକାଦଶ ଏବଂ କ୍ୟାପିଟାଲ ଫୁଟ୍‌ବଲ ଏକାଡେମୀ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। କୋଲକାତା ଏକାଦଶ ଟିମ୍ ୪ଟି ଗୋଲ ଦେଇଥିବା ବେଳେ କ୍ୟାପିଟାଲ ଫୁଟ୍‌ବଲ ଏକାଡେମୀ ନିର୍ଦ୍ଧାରିତ ସମୟରେ କୌଣସି ଗୋଲଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ୪-୦ ଗୋଲରେ କୋଲକାତା ଏକାଦଶ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ରୀନା ତିର୍କି ମ୍ୟାଚ୍ ପରିଚାଳନା କରିଥିବା ବେଳେ ବୀଣାପାଣି ବିରୁଆ, ବାଳାମତି ଓରାମ ଏବଂ ଆରତି ମହାନ୍ତ ସହାୟତା କରିଥିଲେ। ଦୁର୍ଗା ମାଧବ ନାୟକ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟର କମିଟି ସଭାପତି ତପନ ମହାନ୍ତି, ସମ୍ପାଦକ ନିରଞ୍ଜନ ନାୟକ, ପ୍ରଦୀପ ମହାପାତ୍ର, ବିଶ୍ୱଜିତ୍ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୋଲକାତା ଏକାଦଶର ୧୦ନମ୍ବର ଖେଳାଳି ସିଙ୍ଗୁ ମୁର୍ମୁଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ସମ୍ମାନିତ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ କ୍ରୀଡ଼ାବିତ୍ ସ୍ୱପ୍ନାଳି ଶର୍ମା, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବିଡିଓ ରୁମାନା ଜାଫ୍ରି, ସାମାଜିକ କର୍ମୀ ବାଦଲ କୁମାର ଚମ୍ପତି, ଅଶ୍ୱିନୀ କୁମାର ପାତ୍ର, ମନୋଜ କୁମାର ପାତ୍ର, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୨୫ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଟିମ୍‌କୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ଲଟେରି ମାଧ୍ୟମରେ ଭାଗ୍ୟଶାଳୀ ଦର୍ଶକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଟାଇବ୍ରେକରରେ ସମଲେଶ୍ୱରୀ ସ୍ପୋର୍ଟିଂ ବିଜୟୀ

## ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ

ଢେଙ୍କାନାଳ,୧୭।୧୨(ରତନ ନାୟାର)

ଢେଙ୍କାନାଳ ଜିଲା କ୍ରୀଡା ସଂଘ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ ସମ୍ବଲପୁର ଟାଇବ୍ରେକର ଜରିଆରେ ବିଜୟୀ ହୋଇଛି। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ ଏମ୍‌କେଏସ୍‌ସି ବିହାର ଦଳକୁ ଟାଇବ୍ରେକରରେ ୫-୪ ଗୋଲରେ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧରେ ସମଲେଶ୍ୱରୀ ସ୍ପୋର୍ଟିଂ ପକ୍ଷରୁ ଆର୍ଫାତ୍ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଏମ୍‌କେଏସ୍‌ସି ବିହାରର ରିୱାଜ୍ ଗୋଟିଏ ଗୋଲ ଦେବାରୁ ନିର୍ଦ୍ଧାରିତ ସମୟରେ ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଏହାପରେ ଟାଇବ୍ରେକରରେ ସମଲେଶ୍ୱରୀ ଦଳ ବିଜୟୀ ହୋଇଥିଲା। ଦଳର ଗୋଲ କିପର ରିଜୁ ଚକ୍ରବର୍ତ୍ତୀ ଶ୍ରେଷ୍ଠ ଖେଳାଳି ଭାବେ ରାଜେନ୍ଦ୍ର ପାଣିଙ୍କଠାରୁ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚକୁ ରେଫରି ଆଶୀର୍ବାଦ କାନୁନଗୋ, ଶଶିକାନ୍ତ ଦାଶିଆ, ପ୍ରଦୀପ ନାୟକ, ବୋନସନ ବରାଳ ଓ ଅରୁଣ ନାୟକ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗ ଦେଇଥିଲେ। ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠିଙ୍କ ସମେତ ମନୋଜ ପଟ୍ଟନାୟକ, ସୁନୀଲ ପଣ୍ଡା, ବାବୁ ପାଢ଼ୀ, ଶ୍ୟାମ ସୁନ୍ଦର ମହାପାତ୍ର ପ୍ରମୁଖଙ୍କ ସମେତ ସଦସ୍ୟମାନେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସେଣ୍ଟ୍ରାଲ ରେଲୱେ ବମ୍ବେ ବୁଧବାର ପ୍ରଥମ କ୍ୱାର୍ଟର ଫାଇନାଲରେ ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱରକୁ ଭେଟିବ।




ସମଲେଶ୍ୱରୀ ସ୍ପୋର୍ଟିଂ ଓ ଏମ୍‌କେଏସ୍‌ସି ବିହାର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ହକି ଇଣ୍ଡିଆ ଲିଗ୍ ଟ୍ରଫି ଉନ୍ମୋଚିତ

## ଦର୍ଶକଙ୍କ ପାଇଁ ମାଗଣା ଟିକେଟ

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ୭ ବର୍ଷର ବ୍ୟବଧାନରେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ମଙ୍ଗଳବାର ଏହାର ଟ୍ରଫି ଉନ୍ମୋଚିତ ହୋଇଯାଇଛି। ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଓ ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ ସିଂ ମୁଣ୍ଡା ଆଷ୍ଟ୍ରୋ ଟର୍ଫ ହକି ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବ। ରାଉରକେଲାରେ ଡିସେମ୍ବର ୨୮ରୁ ଫେବୃଆରୀ ୧ ଓ ରାଞ୍ଚିରେ ଜାନୁଆରୀ ୧୨-୨୬ ଯାଏ ମ୍ୟାଚ୍ ଖେଳାଯିବ। ପ୍ରଥମ ଥର ପାଇଁ ମହିଳା ହକି ଇଣ୍ଡିଆ ଲିଗ୍ ଆରମ୍ଭ ହୋଇଥିବା ବେଳେ ପୁରୁଷ ଓ ମହିଳାଙ୍କ ମ୍ୟାଚ୍ ସମାନ ଭେନ୍ୟୁରେ ଅନୁଷ୍ଠିତ ହେବ।

ଏହା ସହିତ ଉଭୟ ଭେନ୍ୟୁର ସମସ୍ତ ମ୍ୟାଚ୍ ପାଇଁ ମାଗଣା ଟିକେଟ ବ୍ୟବସ୍ଥା କରାଯାଇଛି। ଅନ୍‌ଲାଇନରେ ଟିକେଟ କରିଥିବା ସମସ୍ତଙ୍କୁ ମାଗଣାରେ ଷ୍ଟାଡିୟମରେ ପ୍ରବେଶ କରିବାକୁ ସୁଯୋଗ ପ୍ରଦାନ କରାଯିବ। ଜଣେ ବ୍ୟକ୍ତି ଏକକାଳୀନ ୪ଟି ପାସ୍ ନେଇପାରିବେ। ସମସ୍ତ ଦର୍ଶକଙ୍କୁ ହକି ଖେଳ ଦେଖିବାର ସୁଯୋଗ ଦେବା ପାଇଁ ଟିକେଟ ମୂଲ୍ୟ ମାଗଣା ରଖାଯାଇଥିବା ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ ପାଇଛି। ଅଧିକରୁ ଅଧିକ ଦର୍ଶକ ଲାଇଭ ମ୍ୟାଚ ଦେଖିବାର ସୁଯୋଗ ପାଇଲେ ହକିର ଲୋକପ୍ରିୟତା ଶିଖର ଛୁଇଁବ ବୋଲି କୁହାଯାଇଛି। ହକି ଇଣ୍ଡିଆ ଲିଗର ପରିଚାଳନା କମିଟି ଚେୟାରମ୍ୟାନ୍ ତଥା ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମାଗଣା ଟିକେଟକୁ ସମର୍ଥନ କରିଛନ୍ତି। ରାଞ୍ଚି ଓ ରାଉରକେଲାରେ ହକିର ଏକ ଗଭୀର ଐତିହ୍ୟ ଥିବାରୁ ଫ୍ୟାନମାନଙ୍କ ମଧ୍ୟରେ ଉତ୍ସାହ ଭରିବାକୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ତିର୍କୀ। ହକି ଇଣ୍ଡିଆ ଲିଗ୍ କେବଳ ଏକ ଟୁର୍ନାମେଣ୍ଟ ନୁହେଁ ବରଂ ହକିର ଏକ ଉତ୍ସବ। ମାଗଣା କରିଦେବା ଦ୍ୱାରା ଲୋକଙ୍କୁ ଏହି ଖେଳର ଆହୁରି ନିକଟତର କରିବାରେ ଆମେ ସମର୍ଥ ହେବୁ। ହକି ଇଣ୍ଡିଆ ଲିଗରେ ପୁରୁଷ ବର୍ଗରେ ୮ ଓ ମହିଳା ବର୍ଗରେ ୪ଟି ଦଳ ଅଂଶଗ୍ରହଣ କରିବେ।



ଟ୍ରଫି ଉନ୍ମୋଚନ ଅବସରରେ ଦିଲୀପ ତିର୍କୀ ଓ ଭୋଳାନାଥ ସିଂ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ